# ଧରିତ୍ରୀ
DHARITRI

ଗୁରୁବାର, ମେ ୧୪/୨୦୨୦ (୧୯ ପୃଷ୍ଠା) | Thursday, May 14/2020

୪୬ଶ ଭାଗ ୧୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**୫ କୋଟି ଟଙ୍କା ଦାନକଲେ ଉର୍ବଶୀ**

ଅଭିନେତ୍ରୀ ଉର୍ବଶୀ ରୌତେଲା ୫ କୋଟି ଟଙ୍କାର କରୋନା ସହାୟତା କରିଛନ୍ତି। ସେ ଇନ୍‌ଷ୍ଟାଗ୍ରାମ୍‌ରେ ଅନ୍‌ଲାଇନ୍ ଡ୍ୟାନ୍ସ କ୍ଲାସ୍ ଆରମ୍ଭ କରି ଏହି ଅର୍ଥ ଆୟ କରିଥିଲେ। ୦୯

୧୧ **ଅନ୍ୟ ଉପରେ ନିଜ ଚିନ୍ତାଧାରା ଲଦିବା କୋହଲିଙ୍କ ସ୍ୱଭାବ**

ପ୍ରଭାବ ବିସ୍ତାର କରିବା ଓ ଅନ୍ୟ ଉପରେ ନିଜ ଚିନ୍ତାଧାରା ଲଦିବା ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ସ୍ୱଭାବ ବୋଲି କହିଛନ୍ତି ଇଂଲଣ୍ଡ ପୂର୍ବତନ ଅଧିନାୟକ ନାସିର ହୁସେନ୍।



# ଘନୀଭୂତ ହେଉଛି ‘ଅମ୍ଫାନ୍’

## ଓଡ଼ିଶା ଉପକୂଳ ଦେଇ ଗତି କରିବା ସମ୍ଭାବନା

- ଘଣ୍ଟାକୁ ବହିବ ୧୨୦ରୁ ୧୪୦ କି.ମି. ବେଗରେ ପବନ
- ୧୫ରୁ ଗଭୀର ସମୁଦ୍ରକୁ ଯିବା ମତ୍ସ୍ୟଜୀବୀଙ୍କୁ ମନା



**ଭୁବନେଶ୍ୱର, ୧୩।୫ (ବ୍ୟୁରୋ)**

ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଏବଂ ଆଣ୍ଡାମାନ ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବୁଧବାର ଲଘୁଚାପରେ ପରିଣତ ହୋଇଛି। ଗୁରୁବାର ଏହା ଅବପାତ (ଡିପ୍ରେଶନ)ରେ ପରିଣତ ହେବ । ଧୀରେ ଧୀରେ ଏହା ଘନୀଭୂତ ହୋଇ ୧୬ ତାରିଖ ସନ୍ଧ୍ୟା ସୁଦ୍ଧା ବାତ୍ୟା ରୂପ ନେବ। ବାତ୍ୟାର ନାଁ ‘ଅମ୍ଫାନ୍’ ରଖାଯାଇଛି। ଏହା ପ୍ରଥମେ ପଶ୍ଚିମ ଉତ୍ତର-ଉତ୍ତର- ପଶ୍ଚିମ ଦିଗ ଦେଇ ଗତି କରିବ। ପରେ ଦିଗ ବଦଳାଇ ଉତ୍ତର-ଉତ୍ତର ପୂର୍ବ ଦିଗକୁ ଗତି କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବାତ୍ୟା ଉତ୍ତର- ଉତ୍ତର ପୂର୍ବ ଦେଇ ଗତି କରୁଥିବାରୁ ଶ୍ରୀଲଙ୍କା, ତାମିଲନାଡୁ ଉପକୂଳ ଦେଇ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଆଡ଼କୁ ମୁହାଁଇବ। ଆସନ୍ତା ୧୮ ତାରିଖ ମଧ୍ୟାହ୍ନରୁ ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର ଜିଲାରେ ବର୍ଷା ଆରମ୍ଭ ହେବ। ମେ ୧୯ ତାରିଖ ମଧ୍ୟରାତ୍ର କିମ୍ବା ୨୦ ତାରିଖ ସକାଳେ ବାତ୍ୟା ଓଡ଼ିଶାର ପୁରୀରୁ ବାଲେଶ୍ୱର ମଧ୍ୟରେ କିମ୍ବା ପଶ୍ଚିମବଙ୍ଗ ଦେଇ ସ୍ଥଳଭାଗ ଅତିକ୍ରମ କରିବ ବୋଲି କେତେକ ପାଣିପାଗ ମଡେଲ ପକ୍ଷରୁ ଆକଳନ କରାଯାଇଛି। ବାତ୍ୟା ଉପକୂଳବର୍ତ୍ତୀ ଜିଲାରେ କିଛି ମାତ୍ରାରେ ତାଣ୍ଡବ ରଚାଇବା ଆଶଙ୍କାକୁ ଏଡ଼ାଯାଇ ନ ପାରେ। ବାତ୍ୟା ଅତିକ୍ରମ କରିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଘଣ୍ଟାକୁ ୧୨୦ରୁ ୧୪୦ କିମି ବେଗରେ ପବନ ବହିବ ବୋଲି ଅନୁମାନ କରାଯାଇଛି। ☞ପୃଷ୍ଠା-୪

# ଏମ୍‌ଏସ୍‌ଏମ୍‌ଇକୁ ଶକ୍ତି

## ବିନା ଗ୍ୟାରେଣ୍ଟିରେ ୩ ଲକ୍ଷ କୋଟିର ଋଣ

**ନୂଆଦିଲ୍ଲୀ, ୧୩।୫**

କୋଭିଡ୍-୧୯ ଦ୍ୱାରା କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ସହାୟତା କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ୨୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଘୋଷଣା ପରେ ଏହାକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୁଧବାର ବିସ୍ତୃତ ବିବୃତି ରଖିଛନ୍ତି। ଏହି ଅବସରରେ ସେ ସରକାରଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ର ଲାଗି ଗ୍ରହଣ କରାଯାଇଥିବା ନୂଆ ୧୫ ପଦକ୍ଷେପ ଘୋଷଣା କରିଛନ୍ତି। ଏହା ମଧ୍ୟରେ ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) ଲାଗି ୬ଟି ପଦକ୍ଷେପ ରହିଥିବା ବେଳେ କର୍ମଚାରୀ ଭବିଷ୍ୟନିଧି (ଇପିଏଫ୍) ଲାଗି ୨, ମାଇକ୍ରୋ ଫାଇନାନ୍ସ ଅନୁଷ୍ଠାନ(ଏମ୍‌ଏଫ୍‌ଆଇ)ଗୁଡ଼ିକ ଲାଗି ୨, ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଲାଗି ୧, ଠିକାଦାରଙ୍କ ଲାଗି ୧, ରିୟଲ ଇଷ୍ଟେଟ ପାଇଁ ୧ ଏବଂ ଟିକସ କ୍ଷେତ୍ରରେ ୩ଟି ପଦକ୍ଷେପ ସାମିଲ ରହିଛି।

ବିଭିନ୍ନ ଘୋଷଣାକରି ସୀତାରାମନ କହିଛନ୍ତି ଯେ, ସରକାର ଆଣିଥିବା ପ୍ୟାକେଜ ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଭାରତକୁ ଆତ୍ମନିର୍ଭର (ସେଲ୍ଫ ରେଲିଆଣ୍ଟ) କରାଇବା ଦିଗରେ ସହାୟକ ହେବ। ଆତ୍ମନିର୍ଭରଶୀଳତାର ଅର୍ଥ ସାରା ବିଶ୍ୱଠାରୁ ନିଜକୁ ଭିନ୍ନ କରି ରଖିବା ନୁହେଁ। ବିଶ୍ୱର ଅଭିବୃଦ୍ଧି କ୍ଷେତ୍ରରେ ଯୋଗଦାନ ରଖିବା। ପ୍ରଧାନମନ୍ତ୍ରୀ ବିସ୍ତୃତ ଲକ୍ଷ୍ୟ ଯୋଜନା ସହ ଅଗ୍ରସର ହେଉଛନ୍ତି। ଦେଶର ବିଭିନ୍ନ ବର୍ଗ ସହ ଆଲୋଚନା କରିବା ପରେ ବହୁ ଯୋଜନା ହାତକୁ ନିଆଯାଇଛି। ଆତ୍ମନିର୍ଭର ଭାରତ ଲାଗି ସେ ୫ ପିଲାର ବା ପ୍ରମୁଖ ମୂଳଦୁଆ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏହା ମଧ୍ୟରେ ଅର୍ଥନୀତି, ଭିତ୍ତିଭୂମି, ସିଷ୍ଟମ, ଲୋକସଂଖ୍ୟା ଏବଂ ଚାହିଦା ସାମିଲ ରହିଛି। ଲୋକାଲ ବ୍ରାଣ୍ଡକୁ ବିଶ୍ୱ ସ୍ତରକୁ ନେବା ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ସୀତାରାମନ ମତବ୍ୟକ୍ତ କରିଛନ୍ତି।

ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତିରେ ଦେଶର କ୍ଷୁଦ୍ରଶିଳ୍ପଗୁଡ଼ିକର ମନୋବଳ ବଢ଼ାଇବା ଲାଗି ସୀତାରାମନ ୩ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ଋଣ ବନ୍ଧକମୁକ୍ତ ଏବଂ ସିଧାସଳଖ ଭାବେ ପ୍ରଦାନ କରାଯିବ। ଉକ୍ତ ପଦକ୍ଷେପ ଦ୍ୱାରା ୪୫ ଲକ୍ଷ କ୍ଷୁଦ୍ର ବାଣିଜ୍ୟ ଉପକୃତ ହେବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ବର୍ଗରେ ଋଣର ଅବଧି ୪ ବର୍ଷ ଏବଂ ମୋରାଟୋରିୟମ ଅବଧି ୧୨ ମାସ ରହିବ। ଏହାବାଦ ରୁଗ୍‌ଣ ଏମ୍‌ଏସ୍‌ଏମ୍‌ଇ ଲାଗି ୨୦ ହଜାର କୋଟି ଟଙ୍କାର ଏକ ସବ୍‌ଅର୍ଡିନେଟ ଡେଟ୍ ପାଣ୍ଠି ବ୍ୟବସ୍ଥା କରାଯିବ। ☞ପୃଷ୍ଠା-୪

### ଆତ୍ମନିର୍ଭର ଭାରତ ପାଇଁ ରୋଡ୍‌ମ୍ୟାପ୍



- ମୋଟ୍ ୧୫ ପଦକ୍ଷେପ ଘୋଷଣା
- କ୍ଷୁଦ୍ରଶିଳ୍ପ, ଟିକସଦାତାଙ୍କୁ ଗୁରୁତ୍ୱ
- ଲୋକାଲ ବ୍ରାଣ୍ଡକୁ ବିଶ୍ୱ ସ୍ତରକୁ ନେବା ଯୋଜନା
- ଲାଭବାନ୍ ହେବେ ୪୫ ଲକ୍ଷ ଏମ୍‌ଏସ୍‌ଏମ୍‌ଇ
- ବଦଳିବ ଏମ୍‌ଏସ୍‌ଏମ୍‌ଇ ସଂଜ୍ଞା
- ଆଇଟି ରିଟର୍ନ ଅବଧି ନଭେମ୍ବର ଯାଏ ବଢ଼ିଲା
- ୧୮ ହଜାର କୋଟି ଟଙ୍କାର ରିଫଣ୍ଡ ଜାରି
- ନିଯୁକ୍ତିଦାତାଙ୍କ ଷ୍ଟାଟୁଟୋରି ପିଏଫ୍ ଯୋଗଦାନ ୧୦%କୁ ହ୍ରାସ
- ଇପିଏଫ୍ ଯୋଗଦାନ ପାଇଁ ସରକାର ଦେବେ ୨,୫୦୦ କୋଟି
- ଟିଡିଏସ୍‌ରେ ୨୫% ହ୍ରାସ
- ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଲାଗି ୯୦ ହଜାର କୋଟିର ପୁଞ୍ଜି ଯୋଗାଣ
- ଠିକାଦାର, ରିୟଲ ଇଷ୍ଟେଟ ପାଇଁ ସହାୟତା ପଦକ୍ଷେପ

# ବଦଳିଲେ ସ୍ୱାସ୍ଥ୍ୟ ସଚିବ

- ନିକୁଞ୍ଜଙ୍କୁ ଶକ୍ତି, ବିଷ୍ଣୁଙ୍କୁ ରାଜସ୍ୱ

**ଭୁବନେଶ୍ୱର, ୧୩।୫ (ବ୍ୟୁରୋ)**

ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳ ବଦଳ କରିଛନ୍ତି। ବୁଧବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଶକ୍ତି ସଚିବ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଶକ୍ତି ସଚିବ ଥିବା ବିଷ୍ଣୁପଦ ସେଠୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ଭାବେ ବଦଳି କରାଯାଇଛି। ସେହିପରି କେନ୍ଦ୍ରୀୟ ଡେପୁଟେଶନ ଶେଷ କରିଥିବା ସନ୍ତୋଷ ଷଡଙ୍ଗୀଙ୍କୁ ରାଜ୍ୟ ସରକାର ବିଜ୍ଞାନ ଓ ବୈଷୟିକ ବିଭାଗର ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। କିଛିଦିନ ତଳେ ସନ୍ତୋଷଙ୍କୁ ସାଧାରଣ ପ୍ରଶାସନ ବିଭାଗର ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଥିବାରୁ ନିକୁଞ୍ଜଙ୍କ ସ୍ଥାନରେ କାହାରିଙ୍କୁ ସରକାର ବର୍ତ୍ତମାନ ନିଯୁକ୍ତି ଦେଇନାହାନ୍ତି।




# ଗ୍ରୀନ୍ ଜୋନ୍‌ରେ ଚାଲିବ ସରକାରୀ ବସ୍

**ଭୁବନେଶ୍ୱର, ୧୩।୫ (ବ୍ୟୁରୋ)**

କରୋନା(କୋଭିଡ-୧୯) ସଂକ୍ରମଣ ଆଶଙ୍କା କରି ଦେଢ଼ମାସରୁ ଊର୍ଦ୍ଧ୍ୱ କାଳ ଯାନବାହନ ଚଳାଚଳ ବନ୍ଦ ରହିଛି। ଯେଉଁ ଅଞ୍ଚଳ କରୋନା ସଂକ୍ରମଣ ହୋଇନାହିଁ ଅର୍ଥାତ୍ ଗ୍ରୀନ୍ ଜୋନ୍‌ରେ ଅଛି, ସେଠାରେ ବସ୍ ଚଳାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା କରି ବସ୍‌ର କ୍ଷମତାଠାରୁ ଅଧା ଯାତ୍ରୀଙ୍କୁ ନେବା ଲାଗି ପରିବହନ ବିଭାଗ ଅନୁମତି ଦେଇଛି। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଗ୍ରହଣ କରିନାହିଁ। ଯାତ୍ରୀମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଗ୍ରୀନ୍ ଜୋନ୍‌ରେ ସରକାରୀ ବସ୍ ଚାଲିବ। ଯାତ୍ରୀମାନଙ୍କୁ ଏଥିପାଇଁ ଦୁଇଗୁଣା ଭଡ଼ା ଦେବାକୁ ପଡ଼ିବ। ବୁଧବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, ଗ୍ରୀନ୍ ଜୋନ୍‌ରେ ଘରୋଇ ବସ୍ ଚଳାଇବାକୁ ଅନୁରୋଧ କରାଯାଇଥିଲା। ହେଲେ ବସ୍ ମାଲିକ ସଂଘ ରାଜି ନ ହେବାରୁ ସରକାରୀ ବସ୍ ସେବା ଲୋକଙ୍କୁ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି।

ଗ୍ରୀନ୍ ଜୋନ୍‌ରେ ବସ୍ ଚଳାଇବା ନେଇ ପରିବହନ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିଲେ। ବସ୍‌ରେ କମ୍ ଯାତ୍ରୀ ଯିବା ଆସିବା ☞ପୃଷ୍ଠା-୪

### ରାଜି ହେଲେନି ଘରୋଇ ବସ୍ ମାଲିକ




- ଯାତ୍ରୀ ଦେବେ ଦୁଇଗୁଣା ଭଡ଼ା
- କଟକ-ଭୁବନେଶ୍ୱର ଚାଲିଲା ଓଏସ୍‌ଆର୍‌ଟିସି ବସ୍

# ନାବାଳିକାଙ୍କୁ ଗଣବଳାତ୍କାର, ୩ ଗିରଫ

**ବାରିପଦା ଅଫିସ, ୧୩।୫**

ବାରିପଦା ଟାଉନ ଥାନା ଅଧୀନ ମଧୁବନ ପଡ଼ିଆ ନିକଟସ୍ଥ ଏକ ଗ୍ୟାରେଜରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାରିପଦା ଷ୍ଟେଶନ ବଜାରର ଏସ୍.କେ ସାଫିକ, ମଧୁବନ ୱାର୍ଡ଼ ନଂ.୭ର ରବୀନ୍ଦ୍ର ଦାଶ ଓ ଶୂନଗାଡ଼ିଆ ୱାର୍ଡ଼ ନଂ. ୧୪ର ଏସ୍.କେ ନିଆଜୁ। ପୋଲିସ ସୂଚନା ଅନୁଯାୟୀ, ବାରିପଦା ସହରର ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୁକ୍ତ ସାଫିକ ପେଟ୍ରୋଲ ଆଣିବା ପାଇଁ କହି ଘରୁ ଡାକି ନେଇଥିଲେ। ଏହାପରେ ସେ ନାବାଳିକାଙ୍କୁ ଘରକୁ ନ ଆଣି ମଧୁବନପଡ଼ିଆ ନିକଟସ୍ଥ ଏକ ଗ୍ୟାରେଜକୁ ନେଇ ଯାଇଥିଲେ। ସେଠାରେ ଥିବା ଅନ୍ୟ ଦୁଇ ବନ୍ଧୁଙ୍କ ସହ ସେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ବୁଧବାର ଭୋର ସମୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ବୁଦ୍ଧିଆ ଗାଈ

# ୪ ଦଶନ୍ଧି ପରେ କମିଛି ଅଙ୍ଗାରକାମ୍ଳ ନିର୍ଗମନ

**ନୂଆଦିଲ୍ଲୀ, ୧୩।୫**

ଭାରତରେ ଗତ ମାର୍ଚ୍ଚ ୨୫ରୁ ବିଭିନ୍ନ ପର୍ଯ୍ୟାୟରେ ଲକ୍‌ଡାଉନ୍ ଜାରି ରହିଛି। ଫଳରେ କଳକାରଖାନା ବନ୍ଦ ହୋଇଯାଇଥିବାବେଳେ ପ୍ରାୟତଃ ଗାଡ଼ିମୋଟର ଚଳାଚଳ କରୁନାହିଁ। ଅର୍ଥନୀତି ଉପରେ ଏହାର ପ୍ରଭାବ ଗୁରୁତର ଭାବେ ପଡ଼ିଛି। କିନ୍ତୁ ଅନ୍ୟ ପ୍ରକାର ଫାଇଦା ଦେଶକୁ ମିଳିଛି। ତାହା ହେଉଛି ସ୍ୱଚ୍ଛ ବାୟୁମଣ୍ଡଳ। କାରଣ ଗତ ୪ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ବିଷାକ୍ତ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇଛି। ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର(ସିଆରଇଏ)ର ଲାଉରି ମିଲିଭର୍ଟା ଏବଂ ସୁନୀଲ ଡାହିଆଙ୍କ ଦ୍ୱାରା କରାଯାଇଥିବା ଅଧୁନାତନ ବିଶ୍ଳେଷଣରେ ଏହା ପ୍ରକାଶ ପାଇଛି।

ବିଶ୍ଳେଷଣ ଅନୁଯାୟୀ, ମାର୍ଚ୍ଚରେ ଦେଶରେ ଅଙ୍ଗାରକାମ୍ଳ ନିର୍ଗମନ ପ୍ରାୟ ୧୫% ହ୍ରାସ ପାଇଥିଲା ଏବଂ ଏପ୍ରିଲରେ ଏହା ୩୦% ହ୍ରାସ ପାଇଥିବା ଅନୁମାନ କରାଯାଉଛି। ଲକ୍‌ଡାଉନ୍ ସ୍ଥିତି ଆଗକୁ ଜାରି ରହିଲେ, ଏହି ବିଷାକ୍ତ ବାୟୁ ନିର୍ଗମନ ଆହୁରି ଯଥେଷ୍ଟ ହ୍ରାସ ପାଇବ ବୋଲି କୁହାଯାଉଛି। କୋଇଲା, ତୈଳ ଏବଂ ଗ୍ୟାସ୍ ବ୍ୟବହାରର ତଥ୍ୟକୁ ଆଧାର କରି ବିଶ୍ଳେଷକମାନେ କହିଛନ୍ତି ଯେ, ପୂର୍ବ ଆର୍ଥିକବର୍ଷ ତୁଳନାରେ ୨୦୧୯-୨୦ ଆର୍ଥିକବର୍ଷରେ ଅଙ୍ଗାରକାମ୍ଳ ନିର୍ଗମନ ୩୦ ନିୟୁତ ଟନ୍ ହ୍ରାସ ପାଇଛି। ଶକ୍ତି ଓ ପରିବହନ କ୍ଷେତ୍ର ହେଉଛି ଦେଶରେ ଅଙ୍ଗାରକାମ୍ଳ ବୃଦ୍ଧିର ପ୍ରମୁଖ କାରଣ। କୁହାଯାଉଛି ଯେ, ଥର୍ମାଲ ସେକ୍ଟର ଦ୍ୱାରା ବର୍ଷକୁ ପ୍ରାୟ ୯୨୯ ନିୟୁତ ଟନ୍ ଅଙ୍ଗାରକାମ୍ଳ ନିର୍ଗତ ହୁଏ। ବର୍ତ୍ତମାନ ଜୀବାଶ୍ମ ଇନ୍ଧନ ବ୍ୟବହାରରେ ହ୍ରାସ ଯୋଗୁ ଅଙ୍ଗାରକାମ୍ଳ ଉତ୍ପନ୍ନ ହେବା ମଧ୍ୟ କମିଛି ବୋଲି ଡାହିଆ କହିଛନ୍ତି।

ବିଭିନ୍ନ ମନ୍ତ୍ରଣାଳୟର ତଥ୍ୟକୁ ଆଧାରକରି ଏହି ବିଶ୍ଳେଷଣରେ ଦର୍ଶାଯାଇଛି ଯେ, ☞ପୃଷ୍ଠା-୪

### ବାୟୁରୁ ହଟୁଛି ବିଷ ମାତ୍ରା



- ମାର୍ଚ୍ଚରେ କମିଛି ୧୫%
- ଏପ୍ରିଲରେ ୩୦% ହ୍ରାସ ଅନୁମାନ

# ୨୪ ଘଣ୍ଟାରେ ୧୦୧ ସଂକ୍ରମିତ

- ଗଞ୍ଜାମରେ ପଜିଟିଭ୍ ସଂଖ୍ୟା ୨୧୦
- ଯାଜପୁରକୁ ଟପି ବାଲେଶ୍ୱର ହେଲା ଦ୍ୱିତୀୟ ସର୍ବାଧିକ ଆକ୍ରାନ୍ତ ଜିଲା

**ଭୁବନେଶ୍ୱର, ୧୩।୫ (ବ୍ୟୁରୋ)**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବହୁଗୁଣିତ ହେବାରେ ଲାଗିଛି। ପୂର୍ବରୁ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଦୁଇଅଙ୍କ ଭିତରେ ରହୁଥିବାବେଳେ ଏବେ ତିନିଅଙ୍କ ହୋଇଛି। ବୁଧବାର ପ୍ରକାଶିତ ରିପୋର୍ଟରେ ୨୪ ଘଣ୍ଟାରେ ଆଉ ୧୦୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୯୦ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିବାବେଳେ ୮ଜଣ କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ଓ ୩ଜଣ ବାହାରୁ ଚିହ୍ନଟ ହୋଇଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୩୮କୁ ବୃଦ୍ଧି ପାଇଛି। ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଏଯାବତ୍ ଗୋଷ୍ଠୀ ସଂକ୍ରମଣ ହୋଇନାହିଁ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ପ୍ରଦୀପ ଜେନା କହିଛନ୍ତି। ସେ କହିଛନ୍ତି ଯେ, ଅଧିକାଂଶ ଆକ୍ରାନ୍ତ କ୍ୱାରାଣ୍ଟାଇନ୍‌ରେ ଚିହ୍ନଟ ହୋଇଛନ୍ତି। ପ୍ରଭାବୀ କ୍ୱାରାଣ୍ଟାଇନ୍ ଯୋଗୁ ଗ୍ରାମାଞ୍ଚଳ ଓ ☞ପୃଷ୍ଠା-୪

## ବିମାନ, ରେଳଯାତ୍ରୀଙ୍କ ପଞ୍ଜୀକରଣ ବାଧ୍ୟତାମୂଳକ

**ଭୁବନେଶ୍ୱର, ୧୩।୫ (ବ୍ୟୁରୋ)**

ବହୁ ପ୍ରବାସୀ ଓଡ଼ିଆଙ୍କୁ ଆଣି ଆମେରିକା, ଦୁବାଇ ଏବଂ ମାଲେସିଆରୁ ବିମାନ ଆସିବ। ଆସନ୍ତା ୧୯ ତାରିଖରେ ଦୁବାଇ, ୨୦ ତାରିଖରେ ମାଲେସିଆ ଏବଂ ମେ ୩୦ ତାରିଖରେ ୟୁଏସରୁ ବିମାନ ଆସି ଭୁବନେଶ୍ୱରରେ ପହଞ୍ଚିବ। ଏଥିସହିତ ଭୁବନେଶ୍ୱରରୁ ଦିଲ୍ଲୀ ଦୈନିକ ଟ୍ରେନ ଯାତ୍ରାରମ୍ଭ କରିଛି। ବିମାନ ଓ ରେଳ ଯାତ୍ରୀଙ୍କ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଗାଇଡଲାଇନ ଜାରି କରିଛନ୍ତି। ରାଜ୍ୟକୁ ଫେରୁଥିବା ଲୋକମାନେ ସରକାରଙ୍କ ପୋର୍ଟାଲରେ ପଞ୍ଜୀକରଣ କରିବା ବାଧ୍ୟତାମୂଳକ। ଏହି ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା। ପୂର୍ବରୁ ପଞ୍ଜୀକୃତ ହୋଇଥିବା ଯାତ୍ରୀମାନଙ୍କର ଯାଞ୍ଚ କରାଯିବ। ଜିଲା ଆଧାରରେ ଯାତ୍ରୀମାନଙ୍କର ତାଲିକା ପ୍ରସ୍ତୁତ କରାଯିବ। ଯଦି ତଥ୍ୟ ଠିକ ନ ଥିବ ତେବେ ସମ୍ପୃକ୍ତ ଯାତ୍ରୀଙ୍କୁ ଟେଲିଫୋନ ଯୋଗେ ପଚରାଯିବ। ସେଗୁଡିକୁ ଜିଲା ଏବଂ ପଞ୍ଚାୟତକୁ ପ୍ରଦାନ କରାଯିବ। ସେହି ତାଲିକା ଆଧାରରେ ଜିଲାପାଳମାନେ ପ୍ରସ୍ତୁତି କରିବେ। ସରକାରଙ୍କ ଗାଇଡ ଲାଇନ ଅନୁଯାୟୀ ବିମାନ ପହଞ୍ଚିବା ପରେ ୨୦ ଜଣିଆ ଗ୍ରୁପ କରାଯିବ। ଟର୍ମିନାଲ ବାହାରେ ସେମାନଙ୍କର ସ୍କ୍ରିନିଂ କରାଯିବ। ସେମାନଙ୍କ ହାତରେ ଅଲିଭା କାଳିରେ ଷ୍ଟାମ୍ପିଂ କରାଯିବ। ଯଦି କୌଣସି ଯାତ୍ରୀଙ୍କ ଠାରେ କରୋନ ଲକ୍ଷଣ ପ୍ରକାଶ ପାଇବ ତେବେ ତାଙ୍କୁ କୋଭିଡ ହସ୍ପିଟାଲକୁ ନିଆଯିବ। ନଚେତ ଯାତ୍ରୀମାନେ ନିଜ ଗାଡିରେ ଘରକୁ ଯାଇ ପାରିବେ। କଟକ ଓ ଭୁବନେଶ୍ୱର ଯାତ୍ରୀମାନେ ଓଲାରେ ଯାଇ ପାରିବେ। ଏହାଛଡା ଦୁଇ ସହରେ ଚାଲୁଥିବା ମୋ ବସରେ ☞ପୃଷ୍ଠା-୪



- ପ୍ରବାସୀଙ୍କ ପାଇଁ ଜାରି ହେଲା ସ୍ୱତନ୍ତ୍ର ଗାଇଡ୍‌ଲାଇନ୍
- ଲକ୍ଷଣ ନ ଥିଲେ ଘରେ ୨୮ ଦିନିଆ କ୍ୱାରାଣ୍ଟାଇନ୍‌ରେ ରହିବେ
- ଘର ଆଗରେ ଲାଗିବ ଷ୍ଟିକର



ପ୍ରାଣଘାତୀ କରୋନା ଭାଇରସ୍ ସହ ଲଢ଼ି ଭାରତୀୟ ଡାକ୍ତର ପୂର୍ଣ୍ଣିମା ନାୟାର(୫୫) ବ୍ରିଟେନରେ ପ୍ରାଣ ହରାଇଛନ୍ତି। ସେ କେରଳର ମୂଳବାସିନ୍ଦା ହୋଇଥିବା ବେଳେ ବ୍ରିଟେନର ଅକ୍‌ଲାଣ୍ଡସ୍ଥିତ ଏକ ମେଡିକାଲରେ କାର୍ଯ୍ୟ କରୁଥିଲେ। ନର୍ଥ ଟିଜ୍ ହସ୍ପିଟାଲରେ ସେ କିଛିଦିନ ଭେଣ୍ଟିଲେଟରରେ ରହିଥିଲେ। ତାଙ୍କ ପରଲୋକରେ ହସ୍ପିଟାଲର କର୍ମଚାରୀମାନେ ମ୍ରିୟମାଣ ହୋଇପଡ଼ିବା ସହ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।



ରାଜସ୍ଥାନର ଦାଦନ ଶ୍ରମିକମାନେ ଘରକୁ ଟ୍ରେନ୍‌ରେ ଫେରିବା ପାଇଁ କେରଳର କୋଝିକୋଡ୍‌ରୁ ଷ୍ଟେଶନକୁ ବସ୍‌ରେ ଯାଉଛନ୍ତି।



ମଧ୍ୟପ୍ରଦେଶର ଜବଲପୁରରେ ଦାଦନ ଶ୍ରମିକମାନେ ଟ୍ରକ୍‌ରେ ଯାତ୍ରା କରୁଛନ୍ତି।

## ହସ୍ପିଟାଲକୁ ଆତଙ୍କବାଦୀଙ୍କ ଟାର୍ଗେଟ: ୧୬ ନିହତ

**କାବୁଲ, ୧୩।୫**

ଆଫଗାନିସ୍ତାନ ରାଜଧାନୀ କାବୁଲର ପଶ୍ଚିମପାର୍ଶ୍ୱରେ ଥିବା ଏକ ହସ୍ପିଟାଲ ଉପରେ ଆତଙ୍କବାଦୀ ଆକ୍ରମଣ କରିବାରୁ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଦୁଇଜଣ ନବଜାତ ଶିଶୁ, ସେମାନଙ୍କ ମାଆ ଓ କେତେଜଣ ନର୍ସ ଅଛନ୍ତି। ସୁରକ୍ଷା କର୍ମୀ ପହଞ୍ଚି ଉକ୍ତ ପ୍ରସୂତି ହସ୍ପିଟାଲରୁ ଶିଶୁ ଓ ମାଆମାନଙ୍କୁ ଅନ୍ୟତ୍ର ନେଇଯାଇଥିଲେ। କାବୁଲରେ ଏହି ହସ୍ପିଟାଲ ଡକ୍ଟର୍ସ ୱିଦାଉଟ୍ ବର୍ଡର ନାମକ ସହାୟତା ପ୍ରଦାନକାରୀ ସଂଗଠନ ଦ୍ୱାରା ଚାଲୁଥିଲା। ମଙ୍ଗଳବାର କାବୁଲ ବାହାରେ ଦୁଇଟି ବିସ୍ଫୋରଣ ଘଟିଛି। ନଙ୍ଗରହାର ପ୍ରଦେଶରେ ଏକ ଅନ୍ତ୍ୟେଷ୍ଟିକ୍ରିୟା ବେଳେ ଆତ୍ମଘାତୀ ବିସ୍ଫୋରଣ ହେବାରୁ ୨୪ ଜଣ ପ୍ରାଣ ହରାଇଥିବାବେଳେ ୬୮ ଆହତ ହୋଇଛନ୍ତି। ସେହିପରି ଖୋଷ୍ଟ ପ୍ରଦେଶରେ ଥିବା ଏକ ବଜାରରେ ବିସ୍ଫୋରଣ ଯୋଗୁ ଜଣେ ଶିଶୁର ମୃତ୍ୟୁ ହେବା ସହ ୧୦ ଜଣ ଆହତ ହୋଇଛନ୍ତି। କାବୁଲରେ ତାଲିବାନ ଏବଂ ଆଇଏସ୍ ବାରମ୍ବାର ସେନା ଓ ସୁରକ୍ଷା ବଳକୁ ଟାର୍ଗେଟ କରୁଥିଲେ ହେଁ ହସ୍ପିଟାଲ ଆକ୍ରମଣ ଘଟଣାରେ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି।

**ଅର୍ଥନୀତି ସଜାଡ଼ିବା ପାଇଁ ବଡ଼ ପ୍ୟାକେଜ**

# ଚ୍ୟାଲେଞ୍ଜ ବି ଛୋଟ ନୁହେଁ

**ନୂଆଦିଲ୍ଲୀ, ୧୩।୫–** କରୋନା ଭାଇରସ୍ ସାରା ବିଶ୍ୱର ଅର୍ଥନୀତିକୁ ଚରିଦେଇଛି। ଏହି ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଭାରତ ସମେତ ବିଭିନ୍ନ ଦେଶରେ ଲକ୍‌ଡାଉନ୍ ଭଳି କଟକଣା ଜାରି କରାଯାଇଛି। ଏଥିଯୋଗୁ ଆର୍ଥିକ ଗତିବିଧି ଏକପ୍ରକାର ଠପ୍ ହୋଇଯାଇଥିବାରୁ ଅର୍ଥନୀତି ଉପରେ କୋଭିଡ୍‌ର କୋରଡ଼ା ମାଡ଼ ପଡ଼ିଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବଡ଼ଧରଣର ରିଲିଫ୍ ପ୍ୟାକେଜ ଘୋଷଣା କରିଛନ୍ତି। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଘୋଷଣା କରାଯାଇଥିବା କେତେକ ପ୍ୟାକେଜ ସହ ଏହାକୁ ମିଶାଇଲେ ସମୁଦାୟ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କା (୨୬୬ ବିଲିୟନ୍ ଡଲାର) ହେବ, ଯାହାକି ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୧୦%। ଏହି ମେଗା ପ୍ୟାକେଜ କ୍ଷୁଦ୍ର ବ୍ୟବସାୟିକ ସଂସ୍ଥା ଓ ଘରୋଇ ମାନୁଫାକ୍‌ଚରିଂ କ୍ଷେତ୍ରକୁ ବଳ ପ୍ରଦାନ ପୂର୍ବକ ଦେଶକୁ ଆତ୍ମନିର୍ଭରଶୀଳ କରିବ। ଏହାସହ ଭାରତର ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇ ଆଣିବାରେ ସହାୟକ ହେବ ବୋଲି ମନେକରାଯାଉଛି। ତେବେ କରୋନା ଭାଇରସ୍ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା କୌଣସି ରାଷ୍ଟ୍ର ଅଦ୍ୟାବଧି ଏତେ ବିପୁଳ ପରିମାଣର ଆର୍ଥିକ ପ୍ୟାକେଜ ଘୋଷଣା କରିନାହାନ୍ତି। ଭାରତରେ ଘୋଷଣା କରାଯାଇଥିବା ଏହି ଅର୍ଥରାଶିକୁ ବିଶ୍ୱର ବଡ଼ ପ୍ୟାକେଜଗୁଡ଼ିକ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ତେବେ ପୂର୍ବ ଘୋଷଣାଗୁଡ଼ିକୁ ଦେଖିଲେ ସେସବୁ ଠିକ୍ ଭାବେ ଫଳ ଦେଉଥିବା ଜଣାପଡୁନାହିଁ। ଏବେ ଗରିବ, ଦାଦନ ଶ୍ରମିକ ଓ ଅନ୍ୟ ଅଣସଙ୍ଗଠିତ କ୍ଷେତ୍ରର କର୍ମଜୀବୀଙ୍କ ପାଇଁ ବ୍ୟବସ୍ଥା କରାଯାଇ ନ ଥିବାରୁ ବଡ଼ ପ୍ୟାକେଜ ସତ୍ତ୍ୱେ ଅର୍ଥନୀତି ସଜାଡ଼ିବା ପାଇଁ ଚ୍ୟାଲେଞ୍ଜ ବି କିଛି କମ୍ ନୁହେଁ।

ମିଳିଥିବା ସୂଚନାନୁସାରେ ଆମେରିକା ପକ୍ଷରୁ ଘୋଷଣା କରାଯାଇଥିବା ଆର୍ଥିକ ପ୍ୟାକେଜ ହେଉଛି ତା' ଜିଡିପିର ୧୩%। ସେହିପରି ଜାପାନ ନିଜ ଜିଡିପିର ୨୧%ରୁ ଊର୍ଦ୍ଧ୍ୱ ପରିମାଣର ପ୍ୟାକେଜ ଘୋଷଣା କରିଛି। ଭାରତର ୨୦ ଲକ୍ଷ କୋଟିର ପ୍ୟାକେଜରେ ଗରିବଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଏବଂ ଗରିବ ମହିଳା ଓ ବରିଷ୍ଠ ନାଗରିକଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ମାର୍ଚ୍ଚରେ ଘୋଷଣା କରାଯାଇଥିବା ୧.୭ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଅନ୍ତର୍ଭୁକ୍ତ। ସେହିପରି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଲିକ୍ୱିଡିଟି ପଦକ୍ଷେପ ଓ ସୁଧହାର ହ୍ରାସ ମଧ୍ୟ ଏଥିରେ ସାମିଲ ରହିଛି। ମାର୍ଚ୍ଚ ମାସର ପ୍ରୋତ୍ସାହନ ଜିଡିପିର ୦.୮% ହୋଇଥିବାବେଳେ ଆର୍‌ବିଆଇର ସୁଧହାର ହ୍ରାସ ଓ ଲିକ୍ୱିଡିଟି ବୃଦ୍ଧି ପାଇଁ ନିଆଯାଇଥିବା ପଦକ୍ଷେପକୁ ମିଶାଇ ଏହା ୩.୨% (୬.୫ ଲକ୍ଷ କୋଟି ଟଙ୍କା)ରେ ପହଞ୍ଚିଥିଲା। ପ୍ରଧାନମନ୍ତ୍ରୀ ସଦ୍ୟ ଘୋଷଣା କରିଥିବା ପ୍ୟାକେଜରୁ କେଉଁ କ୍ଷେତ୍ରକୁ କେତେ ମିଳିବ ତାହା ସ୍ପଷ୍ଟ କରି ନ ଥିଲେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏନେଇ ବୁଧବାର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ତେବେ ପୂର୍ବ ଘୋଷଣାକୁ ବାଦ୍ ଦେଲେ ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ଆର୍ଥିକ ପ୍ୟାକେଜର ଅତିରିକ୍ତ ପରିମାଣ ହେଉଛି ୧୨ ଲକ୍ଷ କୋଟି ଟଙ୍କା।

ଆକଳନ ଅନୁସାରେ ଲକ୍‌ଡାଉନ୍ ଯୋଗୁ ଏପ୍ରିଲରେ ୧୨.୨ କୋଟି ଲୋକ ନିଯୁକ୍ତି ହରାଇଛନ୍ତି। ସମୟକ୍ରମେ ଏହି ବେରୋଜଗାରି ହାର ବଢ଼ିବାରେ ଲାଗିଛି। ତେଣୁ ଭାରତର ଆତ୍ମନିର୍ଭରଶୀଳତା ଅର୍ଥନୀତି, ଭିତ୍ତିଭୂମି, ବ୍ୟବସ୍ଥା, ଜନସଂଖ୍ୟାର ପରିସଂଖ୍ୟାନ ଓ ଚାହିଦା (୫ଟି ସ୍ତମ୍ଭ) ଉପରେ ଛିଡ଼ା ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ତେବେ ଏହି ଅର୍ଥର ବିନିଯୋଗ କରି ଦେଶକୁ ପୁଣିଥରେ ଛିଡ଼ା କରାଇବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।




■ ଏପ୍ରିଲରେ ବେକାର ହୋଇଛନ୍ତି ୧୨ କୋଟିରୁ ଊର୍ଦ୍ଧ୍ୱ

■ ପ୍ରଧାନମନ୍ତ୍ରୀଙ୍କ ସଦ୍ୟ ପ୍ୟାକେଜରେ ଅଛି ୧୨ ଲକ୍ଷ କୋଟି

### ବ୍ୟବସାୟ ପାଇଁ ସହାୟକ ହେବ



ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଲାଗି କେନ୍ଦ୍ର ସରକାର ଘୋଷଣା କରିଥିବା ଆର୍ଥିକ ପ୍ୟାକେଜ ବ୍ୟବସାୟ ବିଶେଷକରି ଏମ୍‌ଏସ୍‌ଏମ୍‌ଇ ସେକ୍ଟର ସମ୍ମୁଖୀନ ହୋଇଥିବା ସମସ୍ୟା ଦୂର କରିବାରେ ସହାୟକ ହେବ। ଏହା ନଗଦ ବଢ଼ାଇବା ସହ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବ ଓ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ବଢ଼ାଇବ।

**–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ଭୋକିଲା ଦାଦନଙ୍କ ପାଇଁ କିଛି ନାହିଁ



"କେନ୍ଦ୍ର ସରକାରଙ୍କ କୋଭିଡ୍-୧୯ ଆର୍ଥିକ ପ୍ୟାକେଜ୍‌ରେ ଦେଶର ଲକ୍ଷ ଲକ୍ଷ ଗରିବ, ଭୋକିଲା ଦାଦନ ଶ୍ରମିକଙ୍କ ପାଇଁ କିଛି ନାହିଁ। ଚାଲି ଚାଲି ଘରକୁ ଫେରୁଥିବା ଏହି ଶ୍ରମିକମାନଙ୍କୁ ଅର୍ଥମନ୍ତ୍ରୀଙ୍କ ଘୋଷଣା ନିରାଶ କରିଛି।

**–ପି. ଚିଦାମ୍ବରମ, କଂଗ୍ରେସ ନେତା**



"କେନ୍ଦ୍ରର ଆର୍ଥିକ ପ୍ୟାକେଜ ଏକ ବଡ଼ ଶୂନ। ଏହା ରାଜ୍ୟଗୁଡ଼ିକୁ କୌଣସି ସହାୟତା କରିବ ନାହିଁ। କୋଭିଡ୍-୧୯ ସଙ୍କଟ ବେଳେ କେନ୍ଦ୍ର ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି।

**–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



"କୋଭିଡ୍-୧୯ ଆର୍ଥିକ ପ୍ୟାକେଜ୍ ଦେଶର ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସେକ୍ଟର ପାଇଁ ଲାଭଦାୟକ ହେବ। ୩ କୋଟିରୁ ଊର୍ଦ୍ଧ୍ୱ ଲୋକ ଏହି ସେକ୍ଟର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ। ଉକ୍ତ ପ୍ୟାକେଜ ସେମାନଙ୍କୁ ସୁଦୃଢ଼ କରିବ।

**–ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ**



"ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ୨୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍‌ରେ ଅର୍ଥ କେଉଁଠୁ ଆସିବ ତା'ର କୌଣସି ସ୍ପଷ୍ଟ ସୂଚନା ନାହିଁ। ସେହିପରି ଯୋଜନା ତଥା ହିତାଧିକାରୀଙ୍କ ସମ୍ପର୍କରେ ମଧ୍ୟ ସ୍ପଷ୍ଟ କରାଯାଇନାହିଁ।

**–ଭି. ନାରାୟଣସାମୀ, ପୁଡୁଚେରୀ ମୁଖ୍ୟମନ୍ତ୍ରୀ**

## ଭାରତରେ କରୋନା ସ୍ଥିତି

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୨୪,୪୨୭ | ୧୮,୩୮୧ | ୫,୧୨୫ | ୯୨୧ |
| ତାମିଲନାଡୁ | ୮,୭୧୮ | ୬,୫୨୩ | ୨,୧୩୪ | ୬୧ |
| ଦିଲ୍ଲୀ | ୭,୯୯୮ | ୫,୦୩୪ | ୨,୮୫୮ | ୧୦୬ |
| ତେଲଙ୍ଗାନା | ୧,୩୨୬ | ୪୭୨ | ୮୨୨ | ୩୨ |
| କେରଳ | ୫୩୫ | ୪୧ | ୪୯୦ | ୪ |
| ଉତ୍ତରପ୍ରଦେଶ | ୩,୬୬୪ | ୧,୭୦୯ | ୧,୮୭୩ | ୮୨ |
| ଆନ୍ଧ୍ରପ୍ରଦେଶ | ୨,୧୩୭ | ୯୪୮ | ୧,୧୪୨ | ୪୭ |
| ରାଜସ୍ଥାନ | ୪,୨୭୮ | ୧,୬୯୯ | ୨,୪୫୯ | ୧୨୦ |
| ମଧ୍ୟପ୍ରଦେଶ | ୩,୯୮୬ | ୧,୯୦୧ | ୧,୮୬୦ | ୨୨୫ |
| କର୍ଣ୍ଣାଟକ | ୯୫୯ | ୪୭୪ | ୪୫୧ | ୩୩ |
| ଗୁଜରାଟ | ୮,୯୦୪ | ୫,୧୨୧ | ୩,୨୪୬ | ୫୩୭ |
| ହରିୟାଣା | ୭୮୦ | ୪୨୭ | ୩୪୨ | ୧୧ |
| ଜମ୍ମୁ-କଶ୍ମୀର | ୯୩୪ | ୪୬୯ | ୪୫୫ | ୧୦ |
| ପଶ୍ଚିମବଙ୍ଗ | ୨,୧୭୩ | ୧,୩୬୩ | ୬୧୨ | ୧୯୮ |
| ପଞ୍ଜାବ | ୧,୯୧୪ | ୧,୭୧୧ | ୧୭୧ | ୩୨ |
| ଓଡ଼ିଶା | ୫୩୮ | ୩୯୨ | ୧୪୩ | ୩ |
| ବିହାର | ୯୦୮ | ୫୧୯ | ୩୮୨ | ୭ |
| ଉତ୍ତରାଖଣ୍ଡ | ୭୦ | ୨୩ | ୪୬ | ୧ |
| ଆସାମ | ୬୫ | ୨୩ | ୪୦ | ୨ |
| ଚଣ୍ଡିଗଡ଼ | ୧୮୯ | ୧୫୬ | ୩୦ | ୩ |
| ଲଦାଖ | ୪୨ | ୨୦ | ୨୨ | - |
| ହିମାଚଳ ପ୍ରଦେଶ | ୬୬ | ୨୫ | ୩୫ | ୩ |
| ଆଣ୍ଡାମାନ ଓ ନିକୋବର | ୩୩ | | ୩୩ | - |
| ଛତିଶଗଡ଼ | ୫୯ | ୬ | ୫୩ | - |
| ଗୋଆ | ୭ | | ୭ | - |
| ପୁଡୁଚେରୀ | ୧୨ | ୩ | ୯ | - |
| ଝାଡ଼ଖଣ୍ଡ | ୧୭୨ | ୯୦ | ୭୯ | ୩ |
| ମଣିପୁର | ୨ | | ୨ | - |
| ଅରୁଣାଚଳ ପ୍ରଦେଶ | ୧ | | ୧ | - |
| ନାଗାଲାଣ୍ଡ | ୧ | | ୧ | - |
| ମିଜୋରାମ | ୧ | | ୧ | - |
| ତ୍ରିପୁରା | ୧୫୪ | ୧୫୨ | ୨ | - |
| ମୋଟ | ୭୫,୦୬୬ | ୪୭,୬୮୩ | ୨୪,୯୩୭ | ୨,୪୪୨ |

https://www.covid19india.org ତଥ୍ୟ ଅନୁଯାୟୀ(ବୁଧବାର ରାତି ୯ଟା ୩୦ ସୁଦ୍ଧା)

## ୨୦୦୦ କେନ୍ଦ୍ରୀୟ ପୋଲିସ ମଗାଇଲା ମହାରାଷ୍ଟ୍ର

**ମୁମ୍ବାଇ, ୧୩।୫**

ମହାରାଷ୍ଟ୍ର ସରକାର ୨୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ (ସିଏପିଏଫ୍)ଯୋଗାଇଦେବା ଲାଗି କେନ୍ଦ୍ରକୁ ଅନୁରୋଧ କରିଛନ୍ତି। ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖ କହିଛନ୍ତି, କରୋନା ମୁକାବିଲା ପାଇଁ ମାର୍ଚ୍ଚ ୨୨ରୁ ରାଜ୍ୟରେ ଲକ୍‌ଡାଉନ କାର୍ଯ୍ୟକାରୀ ହୋଇଥିଲା। ଆଗକୁ ଇଦ୍ ଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ପଡ଼ିବ। ଏଥିସହିତ ରାଜ୍ୟ ପୋଲିସ କର୍ମଚାରୀମାନଙ୍କୁ ବିଶ୍ରାମ ଦେବା ଲାଗି ୨୦୦୦ କେନ୍ଦ୍ରୀୟ ପୋଲିସ ମଗାଯାଇଥିବା ସେ କହିଛନ୍ତି।



ଅଗରତାଲାରେ କରୋନା ଭୂତାଣୁ ସଦୃଶ ମୂର୍ତ୍ତିରେ ଶେଷସ୍ପର୍ଶ ଦେଉଛନ୍ତି ଜଣେ ଶିଳ୍ପୀ।

## କରୋନାକୁ ଜିତିଲେ ୯୪ ବର୍ଷୀୟ ମହିଳା

**ନୂଆଦିଲ୍ଲୀ, ୧୩।୫**

ମହାରାଷ୍ଟ୍ରର ସାଙ୍ଗଲି ଜିଲାରେ ଜଣେ ୯୪ ବର୍ଷୀୟ ବୃଦ୍ଧା କରୋନାକୁ ପରାସ୍ତ କରିଛନ୍ତି। ସାଙ୍ଗଲିର ମିରାଜ୍ ସରକାରୀ ହସ୍ପିଟାଲରେ ସେ ଭୂତାଣୁ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଦୁଇ ସପ୍ତାହ ହେବ ସେ ଆଇସୋଲେଶନ ୱାର୍ଡରେ ରହିଆସୁଥିଲେ। ବୟସାଧିକ ସତ୍ତ୍ୱେ ନିଜର ଦମ୍ଭ ଓ ଦୃଢ଼ ମନୋବଳ ଯୋଗୁ ସେ ସୁସ୍ଥହୋଇ ଘରକୁ ଫେରିଛନ୍ତି। ଉକ୍ତ ମହିଳାଙ୍କ ଆତ୍ମବିଶ୍ୱାସ ଓ ଚିକିତ୍ସା ବିଜ୍ଞାନ ପ୍ରତି ଆସ୍ଥା ଚିକିତ୍ସା କରୁଥିବା ଡାକ୍ତର, ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ଉତ୍ସାହ ଆଣିଦେଇଛି। ନେଗେଟିଭ୍ ବାହାରିବା ପରେ ସେ ଏବେ ଘରକୁ ଫେରିଥିବା ଜଣାପଡ଼ିଛି।



## ୧୯ରୁ ଉଡ଼ିବ ଏୟାର ଇଣ୍ଡିଆ ବିମାନ

**ଚେନ୍ନାଇ, ୧୩।୫**

କୋଭିଡ୍-୧୯ ପାଇଁ ଦୀର୍ଘଦିନ ହେଲା ଦେଶରେ ବିମାନ ଚଳାଚଳ ବନ୍ଦ ରହିଥିବାବେଳେ ସରକାର ଏୟାରଲାଇନ୍ସ ଏୟାର ଇଣ୍ଡିଆ ଆସନ୍ତା ୧୯ରୁ ଜୁନ୍ ୨ ପର୍ଯ୍ୟନ୍ତ ଦେଶର ବିଭିନ୍ନ ସହରକୁ ସ୍ୱତନ୍ତ୍ର ବିମାନ ସେବା ଯୋଗାଇଦେବାକୁ ନିଷ୍ପତ୍ତି ନେଇଛି। ଫଳରେ ବିଭିନ୍ନ ସହରରେ ଅଟକି ରହିଥିବା ଲୋକେ ଘରକୁ ଫେରିପାରିବେ। ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଓ ବେଙ୍ଗାଲୁରୁରୁ ଅଧିକାଂଶ ବିମାନ ଚଳାଚଳ କରିବ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ମଞ୍ଜୁରୀ ମିଳିବା ପରେ ଦିଲ୍ଲୀକୁ ୧୭୩, ମୁମ୍ବାଇକୁ ୪୦, ହାଇଦ୍ରାବାଦକୁ ୨୫ ଓ କୋଚିକୁ ୧୨ଟି ବିମାନ ଚାଲିବ ବୋଲି ଜଣାପଡ଼ିଛି। ଏଥିପାଇଁ ଖୁବ୍‌ଶୀଘ୍ର ଟିକେଟ ବୁକିଂ ଆରମ୍ଭ ହେବ। ଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଜୟପୁର, ବେଙ୍ଗାଲୁରୁ, ହାଇଦ୍ରାବାଦ, ଅମୃତସର, କୋଚି, ଅହମଦାବାଦ, ବିଜୟୱାଡା, ଗୟା, ଲକ୍ଷ୍ନୌ ଆଦି ସହରକୁ ଚାଲିବ। ଭୁବନେଶ୍ୱରରୁ ଏକ ବିମାନ ବେଙ୍ଗାଲୁରୁ ଚାଲିବ ବୋଲି ଜଣାପଡ଼ିଛି।

## କୋଟ, ଗାଉନ୍ ପିନ୍ଧିବେନି ଆଇନଜୀବୀ

**ନୂଆଦିଲ୍ଲୀ, ୧୩।୫(ପି.ଟି.)**

କରୋନାଜନିତ ସ୍ୱାସ୍ଥ୍ୟ ସଙ୍କଟ ଦୂର ନ ହେବା ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସୁପ୍ରିମକୋର୍ଟର ଆଇନଜୀବୀମାନେ ଶୁଣାଣି ବେଳେ କୋଟ ଓ ଲମ୍ବା ଗାଉନ ନ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ସର୍ବୋଚ୍ଚ ଅଦାଲତ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଭଳି ପୋଷାକ ଭୂତାଣୁ ସଂକ୍ରମଣରେ ସହାୟକ ହୋଇପାରେ। ତେଣୁ ବର୍ତ୍ତମାନ ସମୟରେ ଏହାକୁ ବ୍ୟବହାର ନ କରିବା ଉଚିତ ବୋଲି ସିଜେଆଇ ଏସ.ଏ. ବୋବ୍‌ଡେ କହିବାର କିଛି ସମୟ ପରେ ବିଜ୍ଞପ୍ତି ପ୍ରକାଶ ପାଇଛି। କୋଟ ଓ ଲମ୍ବା ଗାଉନ ବଦଳରେ ଆଇନଜୀବୀମାନେ ଶୁଣାଣି ବେଳେ ସାଦା ଧଳା ସାର୍ଟ, ଧଳା ସାଲୱାର-କମିଜ୍ ଓ ମହିଳା ଆଇନଜୀବୀମାନେ ଧଳା ଶାଢ଼ି ଓ ଧଳା ନେକ୍-ବ୍ୟାଣ୍ଡ ପିନ୍ଧି ଆସିବାକୁ କୁହାଯାଇଛି। ସର୍ବୋଚ୍ଚ ଅଦାଲତର ମହାସଚିବ ସଞ୍ଜୀବ ଏସ୍. କଲଗାଓଙ୍କର ଜାରି କରିଥିବା ଏହି ବିଜ୍ଞପ୍ତିକୁ କୋର୍ଟ ୱେବ୍‌ସାଇଟରେ ଶେୟାର କରାଯାଇଛି।

## ଜୁନ୍‌ରୁ ସିଏପିଏଫ୍ କ୍ୟାଣ୍ଟିନ୍‌ରେ କେବଳ ଦେଶୀ ସାମଗ୍ରୀ

**ନୂଆଦିଲ୍ଲୀ, ୧୩।୫(ପି.ଟି.)**

ସିଆର୍‌ପିଏଫ୍ ଏବଂ ବିଏସ୍‌ଏଫ୍ ସମେତ ସମସ୍ତ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍)ର ସମସ୍ତ କ୍ୟାଣ୍ଟିନ୍‌ରେ ଜୁନ୍ ପହିଲାରୁ କେବଳ ସ୍ୱଦେଶୀ ସାମଗ୍ରୀ ଉପଲବ୍ଧ ହେବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବୁଧବାର ଏହା ଘୋଷଣା କରିଛନ୍ତି। ସିଏପିଏଫ୍ କ୍ୟାଣ୍ଟିନ୍ ପାଖାପାଖି ୧୦ ଲକ୍ଷ ଯବାନଙ୍କର ୫୦ ଲକ୍ଷ ପରିବାର ସଦସ୍ୟଙ୍କୁ ବିଭିନ୍ନ ସାମଗ୍ରୀ ବିକ୍ରି କରିଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ରାଷ୍ଟ୍ର ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବା ଅବସରରେ ଆତ୍ମନିର୍ଭରଶୀଳ ହେବା ସହ ସ୍ଥାନୀୟ ସାମଗ୍ରୀ ବ୍ୟବହାର କରିବା ଲାଗି ପରାମର୍ଶ ଦେଇଥିଲେ। ଦେଶରେ ଉତ୍ପାଦିତ ସାମଗ୍ରୀ ସର୍ବାଧିକ ବ୍ୟବହାର କରିବା ସହ ଅନ୍ୟମାନଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରିବାକୁ ଶାହା ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି। ସିଏପିଏଫ୍ କ୍ୟାଣ୍ଟିନ୍‌ଗୁଡ଼ିକରେ ବର୍ଷକୁ ୨୮୦୦ କୋଟି ଟଙ୍କାର ସାମଗ୍ରୀ ବିକ୍ରି ହୋଇଥାଏ।

# ଦିନକରେ ୫୧ ହଜାର ନୂଆ ମାମଲା

**ୱାଶିଂଟନ/ ମସ୍କୋ/ ଲଣ୍ଡନ, ୧୩।୫**

ମହାମାରୀ କରୋନା କବଳରେ ସାରା ବିଶ୍ୱ ଏବେ କଲବଲ ହେଉଛି। କ୍ରମବର୍ଦ୍ଧିଷ୍ଣୁ ସଂକ୍ରମଣ ଚିନ୍ତା ବଢ଼ାଉଛି। ବିଶ୍ୱରେ ସଂକ୍ରମିତଙ୍କ ସଂଖ୍ୟା ୪୩.୮୯ ଲକ୍ଷରେ ପହଞ୍ଚିଥିବାବେଳେ ୨.୯୫ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ସବୁଠାରୁ ବଡ଼କଥା ହେଲା ବୁଧବାର ଗୋଟିଏ ଦିନରେ ୫୧ ହଜାର ନୂଆ ମାମଲା ସାମ୍ନାକୁ ଆସିଛି। ଗତ ୨୪ ଘଣ୍ଟା ମଧ୍ୟରେ ୨,୭୦୫ ଜଣ ପ୍ରାଣ ହରାଇଛନ୍ତି। ଆମେରିକାରେ ମୋଟ ୧୪.୧୪ ଲକ୍ଷ ସଂକ୍ରମିତ ରହିଥିବାବେଳେ ପ୍ରାଣ ହରାଇଲେଣି ୮୩,୭୭୦ ବ୍ୟକ୍ତି। ବୁଧବାର ଏଠାରେ ୫,୪୧୭ ନୂଆ ମାମଲା ଚିହ୍ନଟ କରାଯାଇ ଥିବାବେଳେ ୩୪୪ ଜଣଙ୍କ ମୃତ୍ୟୁ ଘଟିଛି।

ଦ୍ୱିତୀୟ ସର୍ବାଧିକ ଆକ୍ରାନ୍ତ ତାଲିକାରେ ସ୍ପେନ୍ ରହିଛି। ଏଠାରେ ୨.୭୧ ଲକ୍ଷରୁ ଅଧିକ ସଂକ୍ରମିତ ଥିବାବେଳେ ୨୭,୧୦୪ ଜଣଙ୍କ ପ୍ରାଣହାନି ଘଟିଲାଣି। ତୃତୀୟରେ ରୁଷିଆ ଓ ଚତୁର୍ଥରେ ବ୍ରିଟେନ ରହିଛନ୍ତି। କିଛିଦିନ ମଧ୍ୟରେ ଏହି ଦୁଇଦେଶର ସ୍ଥିତି ଜଟିଳ ହୋଇପଡ଼ିଛି। ରୁଷିଆରେ ୨,୪୨ ଲକ୍ଷରୁ ଊର୍ଦ୍ଧ୍ୱ କରୋନା ରୋଗୀ ଥିବାବେଳେ ବ୍ରିଟେନରେ ଅଛନ୍ତି ୨.୨୯ ଲକ୍ଷରୁ ଅଧିକ ସଂକ୍ରମିତ। ଏହି ଦୁଇଦେଶରେ ଯଥାକ୍ରମେ ୨,୨୧୨ ଓ ୩୩,୧୮୬ ଲୋକଙ୍କ ପ୍ରାଣଗଲାଣି। ଇଟାଲୀରେ ୨.୨୨ ଲକ୍ଷରୁ ଅଧିକ ଆକ୍ରାନ୍ତ ଥିବାବେଳେ ୩୧,୧୦୬ ବ୍ୟକ୍ତିଙ୍କ ଜୀବନ ଗଲାଣି। ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ବ୍ରାଜିଲ, ଇରାନ, ଫ୍ରାନ୍ସ, ଜର୍ମାନୀ, ତୁର୍କୀରେ ପ୍ରାୟ ୭ ଲକ୍ଷ କରୋନା ରୋଗୀ ରହିଛନ୍ତି। ବ୍ରାଜିଲରେ ୧୨,୫୩୩, ଇରାନରେ ୬,୭୮୩, ଜର୍ମାନୀରେ ୭,୬୮୮ ଓ ଫ୍ରାନ୍ସରେ ୨୬,୯୯୧ ଜଣଙ୍କ ମୃତ୍ୟୁ ଘଟିସାରିଲାଣି। ଚାଇନାରେ ସ୍ଥିତି ସୁଧୁରିଥିବାବେଳେ ବୁଧବାର ମାତ୍ର ୭ ନୂଆ ମାମଲା ଆସିଛି।



ବ୍ରାଜିଲର ସାଓ ପାଉଲୋସ୍ଥିତ ପ୍ରସିଦ୍ଧ ବଣ୍ଡିରାସ୍ ସ୍ଥାପତ୍ୟର ମୂର୍ତ୍ତିମାନଙ୍କ ମୁହଁରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମାସ୍କ ପିନ୍ଧାଯାଇଛି।

**ପ୍ରାଣ ହରାଇଲେଣି ୨.୯୫ ଲକ୍ଷ ଲୋକ**

# ଭୁବନେଶ୍ୱରରୁ ଗଡ଼ିଲା ଟ୍ରେନ୍

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ଲକ୍‌ଡାଉନ୍ ଯୋଗୁ ଭୁବନେଶ୍ୱରରୁ ୪୮ଦିନ ହେବ ବନ୍ଦ ଥିବା ଯାତ୍ରୀ ପରିବହନ ସେବା ବୁଧବାରଠାରୁ ପୁଣି ଆରମ୍ଭ ହୋଇଛି। ୫୨୭ଜଣ ଯାତ୍ରୀଙ୍କୁ ନେଇ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଏକ ସ୍ୱତନ୍ତ୍ର ଟ୍ରେନ୍ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛି। ପୂର୍ବାହ୍ନ ୧୦ଟାରେ ଏହି ପ୍ରଥମ ଟ୍ରେନ୍‌ଟି ଭୁବନେଶ୍ୱର ରେଳ ଷ୍ଟେଶନ ଛାଡ଼ିଥିବାବେଳେ ଗୁରୁବାର ପୂର୍ବାହ୍ନ ୧୦ଟା ୪୫ରେ ନୂଆଦିଲ୍ଲୀରେ ପହଞ୍ଚିବ। ତେବେ ବାଟରେ ଅନ୍ୟ କେତେକ ଷ୍ଟେଶନରୁ ପାଖାପାଖି ୪ଶହ ଯାତ୍ରୀ ଉଠିବେ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏଥିପାଇଁ ପୂର୍ବରୁ ଷ୍ଟେଶନକୁ ସାନିଟାଇଜ କରାଯାଇ ପରିସରରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ଲାଟଫର୍ମକୁ ଯିବା ପୂର୍ବରୁ ଯାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂ କରାଯିବା ସହ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ବଜାୟ ରଖିବାକୁ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ଯାତ୍ରୀମାନେ ଟ୍ରେନ୍‌କୁ ଚଢ଼ିବା ପୂର୍ବରୁ ମଧ୍ୟ ଟ୍ରେନ୍‌ଟିକୁ ବିଶୋଧନ କରାଯାଇଥିବା ଭୁବନେଶ୍ୱର ରେଳ ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ କହିଛନ୍ତି। ତେବେ ଟ୍ରେନ୍‌ରେ ଯିବାକୁ ଲୋକଙ୍କ ମଧ୍ୟରେ ଭିନ୍ନ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ଷ୍ଟେଶନରେ ହାଲୁକା ଭିଡ଼ ହୋଇଥିଲେ ମଧ୍ୟ ଜିଆର୍‌ପି ପକ୍ଷରୁ ସ୍ଥିତି ନିୟନ୍ତ୍ରଣ କରାଯାଇଥିଲା। କିପରି ଶୃଙ୍ଖଳିତ ଭାବେ ଯାତ୍ରୀମାନେ ପ୍ଲାଟ୍‌ଫର୍ମକୁ ଯାଇ ନିଜ ସିଟ୍‌ରେ ବସିବେ ସେନେଇ ଆବଶ୍ୟକ ବ୍ୟବସ୍ଥା ହୋଇଥିଲା। ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଅଶୋକ କୁମାରଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀମାନେ ଏହି ସମସ୍ତ ବ୍ୟବସ୍ଥାକୁ ତଦାରଖ କରିଥିଲେ।

ଅନ୍ୟପକ୍ଷରେ ନୂଆଦିଲ୍ଲୀରୁ ଗୁରୁବାର ଅପରାହ୍ନ ୫ଟା ୫ରେ ଆଉ ଏକ ଟ୍ରେନ୍ ଓଡ଼ିଶା ଅଭିମୁଖେ ବାହାରି ଶୁକ୍ରବାର ଅପରାହ୍ନ ୫ଟା ୨୫ରେ ଭୁବନେଶ୍ୱରରେ ପହଞ୍ଚିବ। ଏହି ଟ୍ରେନ୍ ମଧ୍ୟ ବାଟରେ ବାଲେଶ୍ୱର, ଖଡଗପୁରର ହଞ୍ଜିଲି, ଟାଟା, ବୋକାରୋ ଏବଂ କାନପୁର ଷ୍ଟେଶନରେ ଅଟକିବ। ଏସବୁ ଷ୍ଟେଶନରେ ଯେଉଁମାନେ ଓହ୍ଲାଇବେ ସେମାନେ

- ୫୨୭ ଯାତ୍ରୀଙ୍କୁ ନେଇ ଦିଲ୍ଲୀ ଗଲା ପ୍ରଥମ ଟ୍ରେନ୍
- ଆଜି ଦିଲ୍ଲୀରୁ ଓଡ଼ିଶା ଅଭିମୁଖେ ବାହାରିବ ଅନ୍ୟଏକ ଟ୍ରେନ୍
- ଭୁବନେଶ୍ୱର-ଦିଲ୍ଲୀ ଟ୍ରେନ୍‌ରେ ଯୋଡ଼ା ହେବ ଆଉ ୫ ବଗି

ଗାଇଡ୍‌ଲାଇନ୍ ମାନିବାକୁ ବାଧ୍ୟ। ସଙ୍ଗରୋଧ ଓ ସାମାଜିକ ଦୂରତା ମାନିବା ସହ ପଞ୍ଜୀକରଣ କରାଇବେ। ଟ୍ରେନରେ ଆସୁଥିବା ଲୋକେ ନିଜସ୍ୱ ସୁବିଧାରେ ଗନ୍ତବ୍ୟସ୍ଥଳକୁ ଯିବେ। ଯେଉଁମାନେ ଯାଇପାରିବେ ନାହିଁ ସେମାନଙ୍କ ପାଇଁ ସରକାର ବ୍ୟବସ୍ଥା କରିବେ। ସେହିଭଳି ଅନ୍ୟ ରାଜ୍ୟରୁ ଆସୁଥିବା ଲୋକଙ୍କ ପାଇଁ ମଧ୍ୟ ପଞ୍ଜୀକରଣ ଓ ଅନ୍ୟ ଗାଇଡ୍‌ଲାଇନ୍ ପାଳନ କରିବାକୁ ବାଧ୍ୟତାମୂଳକ କରାଯାଇଛି।

ମିଳିଥିବା ସୂଚନା ମୁତାବକ, ଦେଶରେ ପ୍ରାଥମିକ ପର୍ଯ୍ୟାୟରେ ଦିଲ୍ଲୀରୁ ଭୁବନେଶ୍ୱର ସମେତ ଦେଶର ପ୍ରମୁଖ ସହରକୁ ୧୫ଯୋଡ଼ା ଟ୍ରେନ୍ ଚାଲୁଛି। ଏଥିଲାଗି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଜାରି କରିଥିବାବେଳେ କେବଳ କନଫର୍ମ ବା ନିଶ୍ଚିତ ହୋଇଥିବା ଇ-ଟିକେଟ ଥିବା ଯାତ୍ରୀଙ୍କୁ ଷ୍ଟେଶନରେ ପ୍ରବେଶ ଅନୁମତି ମିଳୁଛି। ତେବେ ଭୁବନେଶ୍ୱର-ଦିଲ୍ଲୀ ସ୍ୱତନ୍ତ୍ର ଟ୍ରେନରେ ଯିବାକୁ ଅତ୍ୟଧିକ ଲୋକଙ୍କ ଆଗ୍ରହ ଦେଖିବାକୁ ମିଳିଥିଲା। ଆଇଆର୍‌ସିଟିସି ୱେବ୍‌ସାଇଟ୍‌ରେ ବୁକିଂ ଆରମ୍ଭ ହେବାର ମାତ୍ର ଗୋଟିଏ ଘଣ୍ଟା ମଧ୍ୟରେ ଟିକେଟ୍ ସରିଯିବାରୁ ଅନ୍ୟମାନେ ନିରାଶ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ଏହି ଟ୍ରେନ୍‌ରେ ଆଉ ୫ଟି ବଗି ସଂଯୋଗ କରାଯାଇଛି। ୩ ଟାୟାର ଏସିରେ ୪ ବଗି ଓ ୨ ଟାୟାର ଏସିରେ ଗୋଟିଏ ବଗି ଲଗାଯାଇଛି। ଫଳରେ ପୂର୍ବରୁ ଟ୍ରେନରେ ୧୭ଟି ବଗି ରହିଥିବାବେଳେ ଗୁରୁବାରଠାରୁ ୨୨ ବଗିରେ ଲୋକେ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ଏହି ଅତିରିକ୍ତ ୫ ବଗି ପାଇଁ ବୁକିଂ ଆରମ୍ଭ ହୋଇଥିବା ପୂର୍ବତଟ ରେଳପଥ ସୂଚନା ଦେଇଛି।



ଭୁବନେଶ୍ୱର ରେଳଷ୍ଟେଶନରୁ ବୁଧବାର ଦିଲ୍ଲୀ ଅଭିମୁଖେ ପ୍ରଥମ ଯାତ୍ରା କରିଥିବା ଟ୍ରେନ୍‌ରେ ଲୋକେ ଚଢୁଛନ୍ତି।

## ସଂକ୍ଷେପରେ

### ୩୦୦ କି.ମି.ଚାଲି ଅଂଶୁଘାତରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ହାଇଦ୍ରାବାଦ/ମାଲକାନଗିରି, ୧୩।୫:** କରୋନା ମୁକାବିଲା ପାଇଁ ଲକ୍‌ଡାଉନ ଅବଧି ବଢ଼ିଚାଲିଥିବାବେଳେ ବାହାର ରାଜ୍ୟରେ ଅଟକି ରହିଥିବା ଶ୍ରମିକମାନେ କାମଧନ୍ଦା ନ ପାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କୌଣସି ଉପାୟ ନ ପାଇ ସେମାନେ ଚାଲିଚାଲି ନିଜ ରାଜ୍ୟକୁ ଫେରୁଥିବା ଦେଖିବାକୁ ମିଳିଛି। ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦରୁ ଚାଲିଚାଲି ଓଡ଼ିଶାର ମାଲକାନଗିରି ଫେରୁଥିବା ଜଣେ ଦାଦନ ଶ୍ରମିକଙ୍କର ଭଦ୍ରାଚଳମଠାରେ ଅଂଶୁଘାତରେ ମୃତ୍ୟୁ ଘଟିଛି। ୨୨ ବର୍ଷୀୟ ଏହି ଯୁବକଙ୍କ ନାଁ କସା ମାଡ଼କାମି ଓ ତାଙ୍କ ଘର ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିଡିପାଲ୍ଲୀ ପଞ୍ଚାୟତର ଟାଙ୍ଗିଣିତଙ୍ଗ ଗ୍ରାମରେ। ସେ ଜଣେ ମଧ୍ୟସ୍ଥଙ୍କ ମାଧ୍ୟମରେ ହାଇଦ୍ରାବାଦ ଯାଇ ଶ୍ରମିକ ଭାବେ କାମ କରୁଥିଲେ। ଲକ୍‌ଡାଉନ ଯୋଗୁ କାର୍ଯ୍ୟ ବନ୍ଦ ହୋଇଯିବା ସହ ଗାଡ଼ି ଚଳାଚଳ ବନ୍ଦ ଥିବାରୁ ସେ ଅନ୍ୟ ୩ ଜଣଙ୍କ ସହ ମିଶି ମାଲକାନଗିରି ଫେରୁଥିଲେ। ସେମାନେ ରବିବାର ହାଇଦ୍ରାବାଦରୁ ବାହାରି ୩୦୦ କିଲୋମିଟର ଅତିକ୍ରମ କରି ମଙ୍ଗଳବାର ଭଦ୍ରାଚଳମ୍‌ରେ ପହଞ୍ଚିବା ପରେ କସା ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ରାସ୍ତାରେ ମୂର୍ଚ୍ଛା ଯାଇଥିଲେ। ସାଥୀ ଶ୍ରମିକମାନେ ପୋଲିସକୁ ଜଣାଇବା ପରେ ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ରାତି ୩ଟାରେ କସାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପାଟି ଓ ଚର୍ମ ଶୁଖିଯାଇଥିବାରୁ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ସେମାନେ ସୋମବାର ଅପରାହ୍ଣରୁ କିଛି ଖାଇ ନ ଥିଲେ ବୋଲି କହିଛନ୍ତି। ସାଥୀ ଶ୍ରମିକମାନେ ଏକ ଘରୋଇ ଆମ୍ବୁଲାନ୍ସ ଭଡ଼ା କରି ମୃତଦେହ ଗ୍ରାମକୁ ନେଇଛନ୍ତି।



### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା: ଏସ୍‌ଆଇ ନିଲମ୍ବିତ

**ପାରଳାଖେମୁଣ୍ଡି, ୧୩।୫(ସ୍ୱ.ପ୍ର.):** ଗଜପତି ଜିଲା ଆର୍.ଉଦୟଗିରି ଥାନା ଏସ୍‌ଆଇ ରମେଶ ଜେନା ଜଣେ ଯୁବତୀଙ୍କୁ ପ୍ରତାରିତ କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କୁ ଗଜପତି ଏସ୍‌ପି ସାରା ଶର୍ମା ନିଲମ୍ବିତ କରିଛନ୍ତି। ଏହି ଏସ୍‌ଆଇ ପୁରୀର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଗଜପତି ଜିଲା ମହେନ୍ଦ୍ରଗଡ ଏକ ହୋଟେଲରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ବିଭିନ୍ନ ସମୟରେ ସମ୍ପୃକ୍ତ ଏସ୍‌ଆଇ ଜେନା ଯୁବତୀଙ୍କଠାରୁ ଅର୍ଥ ଆଦାୟ କରୁଥିଲେ। ଏନେଇ ପ୍ରତାରିତ ଯୁବତୀ ପ୍ରଥମେ ପୁରୀ ସଦର ଥାନାରେ ଏତଲା ଦେଇଥିଲେ। ପରେ ଗଜପତି ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସ୍‌ପି ଶର୍ମା ଏହାର ତଦନ୍ତ କରି ନିଲମ୍ବିତ କରିଛନ୍ତି।

# ସେପ୍ଟେମ୍ବର ସୁଦ୍ଧା ନୂଆ ଶିଳ୍ପ ନୀତି

## ଆଶଙ୍କାରେ ମେକ୍ ଇନ୍ କନ୍‌କ୍ଲେଭ ଆୟୋଜନ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

କରୋନା ସଂକ୍ରମଣ ଆଶଙ୍କାରେ ସମଗ୍ର ଦେଶକୁ ୩ ପର୍ଯ୍ୟାୟରେ ମେ ୧୭ ଯାଏ ଲକ୍‌ଡାଉନ୍ କରାଯାଇଛି। କଳକାରଖାନା, ବାଣିଜ୍ୟ ବ୍ୟବସାୟ ସବୁକିଛି ବନ୍ଦ ରହିଛି। ଯଦିଓ କଟକଣାକୁ କିଛି ମାତ୍ରାରେ କୋହଳ କରାଯାଇଛି ତଥାପି ବହୁ କ୍ଷୁଦ୍ର ଶିଳ୍ପ ପୁନଃ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଶିଳ୍ପଗୁଡ଼ିକୁ ପୁନର୍ଜୀବିତ କରିବା ସହିତ ବିଦେଶୀ ପୁଞ୍ଜିକୁ ଓଡ଼ିଶାକୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ନୂଆ ଶିଳ୍ପନୀତି-୨୦୨୦ ଆଣିବାକୁ ଯାଉଛନ୍ତି। ଏ ନେଇ ଶିଳ୍ପ ସଂଘଗୁଡ଼ିକଠାରୁ ମତାମତ ଲୋଡ଼ାଯାଇଛି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଏହି ନୂତନ ଶିଳ୍ପ ନୀତି ପ୍ରସ୍ତୁତି ଶେଷ ହେବ ବୋଲି ଶିଳ୍ପ ସଚିବ ହେମନ୍ତ ଶର୍ମା ସୂଚନା ଦେଇଛନ୍ତି। ଚଳିତବର୍ଷ ଶେଷ ଆଡ଼କୁ ରାଜ୍ୟ ସରକାର ଦେଶୀ ଓ ବିଦେଶୀ ପୁଞ୍ଜିପତିଙ୍କୁ ଆକୃଷ୍ଟ କରିବା ଲାଗି ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ତେବେ ସବୁକିଛି ଠିକ୍‌ଠାକ୍ ରହିଲେ ପୂର୍ବ ନିର୍ଦ୍ଧାରିତ ଅର୍ଥାତ୍ ନଭେମ୍ବର ୩୦ରୁ ଡିସେମ୍ବର ୪ ଯାଏ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଅନୁଷ୍ଠିତ ହେବ। ପ୍ରତି ଦୁଇବର୍ଷରେ ଥରେ ଏହି କନ୍‌କ୍ଲେଭ ହୋଇଥାଏ। ଏହି କାର୍ଯ୍ୟକ୍ରମ ପାଇଁ ମଧ୍ୟ ୨୦୧୯ ଡିସେମ୍ବରରେ ମୁଖ୍ୟମନ୍ତ୍ରୀ ସବୁଜ ସଙ୍କେତ ଦେଇ ସାରିଥିଲେ। କରୋନା ଭୂତାଣୁ ସଂକ୍ରମଣ ଯୋଗୁ ଚଳିତବର୍ଷ ଏହି କନ୍‌କ୍ଲେଭ ଆୟୋଜନ ନେଇ ଆଶଙ୍କା ଦେଖାଦେଇଛି।

# ହରିୟାଣାରେ ଓଡ଼ିଆ ଶ୍ରମିକଙ୍କ ଆତ୍ମହତ୍ୟା

**କେନ୍ଦ୍ରାପଡ଼ା ଅଫିସ/ ରାଜକନିକା (ଡି.ଏନ.ଏ.), ୧୩।୫:** ହରିୟାଣା ଯମୁନାନଗରରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା କାଟଣାବଣିଆ ପଞ୍ଚାୟତ ବାଜପୁର ଗ୍ରାମର ଗିରିଧାରୀ ବିଶ୍ୱାଳଙ୍କ ପୁଅ ଗଙ୍ଗାଧର(୪୧) ବୁଧବାର ଆତ୍ମହତ୍ୟା କରିଛନ୍ତି। ଯମୁନାନଗରସ୍ଥ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ସହ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗଙ୍ଗାଧର ୬ ମାସ ପୂର୍ବେ ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ସହ ହରିୟାଣା ଯାଇଥିଲେ। ସେଠାରେ ବିକୋ ପ୍ଲାଇଉଡ୍‌ରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ତାଲାବନ୍ଦ ଯୋଗୁ ଉକ୍ତ କମ୍ପାନୀ ବନ୍ଦ ହୋଇଯାଇଥିଲା। ମାଲିକ ମଜୁରି ଦେଉ ନ ଥିବାରୁ ଗଙ୍ଗାଧର ୪ ଦିନ ପୂର୍ବେ ଏକ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ସରକାରୀ ଓ ବେସରକାରୀ ସହଯୋଗ ଲୋଡ଼ିଥିଲେ। ଏପରି କି ଓଡ଼ିଶା ଓ ହରିୟାଣା ସରକାରଙ୍କୁ ମଧ୍ୟ ଆର୍ଥିକ ସହାୟତା ପାଇଁ ନିବେଦନ କରିଥିବା ଭିଡିଓ କରିଥିଲେ। ଘରକୁ ଫେରି ନ ପାରିବାର ମାନସିକ ଅବସାଦ ପାଇଁ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ବାପା ଗିରିଧାରୀ କହିବା ସହ ମୃତ୍ୟୁର କାରଣ ଅନୁସନ୍ଧାନ ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏହି ପ୍ଲାଇଉଡ୍ ବ୍ୟବସାୟିକ ଅନୁଷ୍ଠାନରେ ରାଜକନିକାର ୧୮ ଜଣ କାର୍ଯ୍ୟ କରୁଥିବାବେଳେ ସେମାନଙ୍କୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି।

# ଜନ୍ମର ଅଧଘଣ୍ଟା ପରେ ପୁତ୍ର ସନ୍ତାନର ମୃତ୍ୟୁ

ବ୍ରହ୍ମପୁର ଅଫିସ, ୧୩।୫

ଗଞ୍ଜାମ ଜିଲାକୁ କିଛିଦିନ ତଳେ ସୁରଟରୁ ଟ୍ରେନ ଯୋଗେ ଫେରିଥିବା ଜଣେ ଗର୍ଭବତୀ ବୁଧବାର ବ୍ରହ୍ମପୁର ବଡ ମେଡ଼ିକାଲରେ ଯାଆଁଳା ଶିଶୁ ଜନ୍ମ ଦେଇଛନ୍ତି। ପ୍ରଥମେ ପୁତ୍ର ଓ ପରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଜନ୍ମର ଅଧଘଣ୍ଟା ପରେ ପୁତ୍ର ସନ୍ତାନର ମୃତ୍ୟୁ ହୋଇଥିଲା।

**ଯାଆଁଳା ଶିଶୁ ଜନ୍ମଦେଲେ କରୋନା ସଂକ୍ରମିତ**

ସୁରଟରୁ ଫେରିବା ପରେ ମହିଳାଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ସ୍ୱାବ୍ ପରୀକ୍ଷା ପରେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ତେଣୁ ତାଙ୍କୁ ଶୀତଳାପଲ୍ଲୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗର୍ଭ ଯନ୍ତ୍ରଣା ପରେ ତାଙ୍କୁ ବୁଧବାର ପୂର୍ବାହ୍ନ ୧୧ଟାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମହିଳା ଜଣଙ୍କ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ଦେଇଥିବାରୁ ଶିଶୁ ପୁତ୍ରର ଓଜନ ମାତ୍ର ୯୦୦ ଗ୍ରାମ୍ ଥିଲା, ସେହି କାରଣରୁ ତା'ର ମୃତ୍ୟୁ ହୋଇଛି ବୋଲି ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର କହିଛନ୍ତି। ତେବେ ଶିଶୁକନ୍ୟାଟି ସୁସ୍ଥ ଥିବା ନେଇ ସେ ସୂଚନା ଦେଇଛନ୍ତି। ମା' ଓ ଶିଶୁ କନ୍ୟା ସ୍ୱାଭାବିକ ହେବା ପରେ ସେମାନଙ୍କୁ ଶୀତଳାପଲ୍ଲୀ କୋଭିଡ୍ ହସ୍ପିଟାଲକୁ ପଠାଯିବ ବୋଲି ସେ କହିଛନ୍ତି।

# ସ୍ୱାସ୍ଥ୍ୟ, ବ୍ୟବସାୟ ମଧ୍ୟରେ ସମନ୍ୱୟ ରଖିବାରେ ଓଡ଼ିଶା ଅଗ୍ରଣୀ: ତ୍ରିପାଠୀ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ବ୍ୟବସାୟ ଅନୁକୂଳ ବାତାବରଣ ବଢ଼ାଇବା ଦିଗରେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ଯୁକ୍ତରାଷ୍ଟ୍ର ଆମେରିକା-ଭାରତ ସହଭାଗିତା ଫୋରମର ସଦସ୍ୟମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ମୁଖ୍ୟଶାସନ ସଚିବ ଅସୀତ ତ୍ରିପାଠୀ ଭିଡିଓ କନ୍‌ଫରେନ୍ସ ଜରିଆରେ ଫୋରମ ସଦସ୍ୟଙ୍କ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ସମ୍ଭାବ୍ୟ ପୁଞ୍ଜି ନିବେଶକାରୀମାନଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ରାଜ୍ୟରେ କରୋନା ପରୀକ୍ଷା, କ୍ୱାରାଣ୍ଟାଇନ ଓ ଚିକିତ୍ସା ପାଇଁ ବ୍ୟାପକ ଆନୁଷ୍ଠାନିକ ବ୍ୟବସ୍ଥା କରାଯାଇଛି। କୋଭିଡ୍-୧୯ ରୋଗୀଙ୍କ ପାଇଁ ୩୫ଟି ସ୍ୱତନ୍ତ୍ର କ୍ରିଟିକାଲ କେୟାର ହସ୍ପିଟାଲ କରାଯିବା ସହ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଉଛି। ଏପରି କି ଜିଲାରୁ ପଞ୍ଚାୟତ ପର୍ଯ୍ୟନ୍ତ ବିଭିନ୍ନ କ୍ୱାରାଣ୍ଟାଇନ କେନ୍ଦ୍ରରେ ପ୍ରାୟ ୩.୫ଲକ୍ଷ ଶଯ୍ୟାର ବ୍ୟବସ୍ଥା ହୋଇଛି। ରାଜ୍ୟରେ କରୋନା ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଏହାର ପ୍ରତିରୋଧ ପାଇଁ ଜନସାଧାରଣ ମଧ୍ୟ ସଚେତନ ଏବଂ ସତର୍କ ଅଛନ୍ତି। ରାଜ୍ୟରେ ଅନେକ ଶିଳ୍ପାଞ୍ଚଳ ଗ୍ରୀନଜୋନ୍‌ରେ ରହିଥିବାବେଳେ ୬୦ପ୍ରତିଶତ ଶିଳ୍ପାନୁଷ୍ଠାନ କରୋନା ସତର୍କତା ଅବଲମ୍ବନ କରି ଉତ୍ପାଦନ ଜାରି ରଖିଛନ୍ତି ବୋଲି ତ୍ରିପାଠୀ କହିଛନ୍ତି।

ଓଡ଼ିଶା ସରକାର ରାଜ୍ୟରେ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ତମ ବ୍ୟବସାୟ ଏବଂ ପୁଞ୍ଜିନିବେଶର ବାତାବରଣ ସୃଷ୍ଟି କରିଛନ୍ତି। ଏବେ ଜମି ଲିଜ୍, କଣ୍ଟ୍ରାକ୍ଟ ଫାର୍ମିଂ ଏବଂ କୃଷକ ଓ ବଜାର ସଂଯୋଗ କ୍ଷେତ୍ରରେ ସରକାର ନୂତନ ପ୍ରଗତିଶୀଳ ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏହା କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ସେବା ଯୋଗାଣ ଓ ପ୍ରଯୁକ୍ତି ବିଦ୍ୟା ଆଦି କ୍ଷେତ୍ରରେ ନୂଆ ପୁଞ୍ଜିନିବେଶ ସୁଯୋଗ ସୃଷ୍ଟି କରିବ ବୋଲି ତ୍ରିପାଠୀ କହିଛନ୍ତି। ସେହିପରି ଏହି ଆଲୋଚନାରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଭାଗ ନେଇ ରାଜନୈତିକ ସ୍ଥିରତା, ଆର୍ଥିକ ପ୍ରଗତି, କୁଶଳୀ ମାନବ ସମ୍ବଳ, ବକ୍‌ସାଇଟ, କ୍ରୋମାଇଟ, କୋଇଲା ଆଦି ପ୍ରଚୁର ଖଣିଜ ଦ୍ରବ୍ୟ, ବଡ଼ବଡ଼ ବନ୍ଦର, ଆନ୍ତର୍ଜାତିକ ବିମାନ ସଂଯୋଗ, ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ବିଭିନ୍ନ ସେକ୍ଟର ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଓଡ଼ିଶା ପାଇଁ ସ୍ୱତନ୍ତ୍ର। ବ୍ୟବସାୟ ଅନୁକୂଳ ବାତାବରଣ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ୫ ରାଜ୍ୟ ମଧ୍ୟରେ ରହିଛି ବୋଲି କହିଥିଲେ। ଏହି ବୈଠକରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସଚିବ ମନୋଜ ମିଶ୍ର ଏବଂ ଇପିକଲ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ନୀତିନ ଭାନୁଦାସ ଜାୱଲେ ଶିଳ୍ପପତିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏହି ଅବସରରେ ବହୁ ପ୍ରତିଷ୍ଠିତ କମ୍ପାନୀର ମୁଖ୍ୟମାନେ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି।

**ଓଡ଼ିଶା ପଦକ୍ଷେପକୁ 'ଯୁକ୍ତରାଷ୍ଟ୍ର ଆମେରିକା-ଭାରତ ସହଭାଗିତା ଫୋରମ'ର ପ୍ରଶଂସା**

# ରଥଯାତ୍ରା ହେବା ନେଇ ପନ୍ଥା ବାହାର କରାଯାଉ

ପୁରୀ ଅଫିସ, ୧୩।୫

ଆସନ୍ତା ଜୁନ୍ ୨୩ରେ ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ କାମ ଆଗେଇ ଚାଲିଛି। ହେଲେ କରୋନାର ଭୟାବହତା ଭିତରେ ରଥଯାତ୍ରାକୁ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ଅଛନ୍ତି। କେନ୍ଦ୍ର ସରକାର ରଥ ନିର୍ମାଣ ଲାଗି ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଥିଲେ ମଧ୍ୟ ରଥଯାତ୍ରା ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ଛାଡ଼ିଛନ୍ତି। ସ୍ଥିତି ଦେଖି ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ କେମିତି ସୁଚାରୁ ରୂପେ ସ୍ନାନଯାତ୍ରା ଏବଂ ରଥଯାତ୍ରା ହୋଇପାରିବ ତାହାର ପନ୍ଥା ବାହାର କରନ୍ତୁ ବୋଲି ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଚିଠି ଲେଖିଛନ୍ତି ବଡ଼ଠାକୁର ବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସମହାପାତ୍ର।

**ଗଜପତି ମହାରାଜାଙ୍କୁ ଚିଠି ଲେଖିଲେ ହଳଧର**

ଶ୍ରୀମନ୍ଦିର ପରମ୍ପରା, ରୀତିନୀତି ଓ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖାଯାଉ ବୋଲି ହଳଧର ଚିଠିରେ ଦର୍ଶାଇଛନ୍ତି। ଶ୍ରୀମନ୍ଦିର ଭିତରେ ଚନ୍ଦନ ଯାତ୍ରା ଓ ରଥ ନିର୍ମାଣ ଅନୁକୂଳ ହେବା ନେଇ ସେ ଉଦ୍‌ବେଗ ପ୍ରକାଶ କରିବା ସହ ନୃସିଂହ ଚତୁର୍ଦ୍ଦଶୀରେ ଗୁଜ ଅନୁକୂଳ ନ ହେବା ଏବଂ ଆଗାମୀ ଦିନରେ ନରେନ୍ଦ୍ରରେ ଭଉଁରୀକୁ ନେଇ ମଧ୍ୟ ଆଶଙ୍କା ପ୍ରକାଶ କରିଛନ୍ତି। ଯଦି କୌଣସି ଆକସ୍ମିକ ଦୈବ ଦୁର୍ଘଟଣା ହୁଏ ତେବେ ସେହି କାର୍ଯ୍ୟର ବିକଳ୍ପ ବିଧାନ ସେହି ସ୍ଥାନରେ କରାଯାଇପାରେ। କିଛିବର୍ଷ ତଳେ ନରେନ୍ଦ୍ର ପୁଷ୍କରିଣୀରେ ଚାପ ହେଉଥିବାବେଳେ ଝଡ଼ତୋଫାନରେ ଚାପ ଓଲଟି ପଡ଼ିଥିଲା। ପରେ ସେଥିପାଇଁ ଯାହା ବିକଳ୍ପ ବିଧାନ ଥିଲା ତାହା ସେହିଠାରେ କରାଗଲା। ୧୯୭୭ରେ ରଥଯାତ୍ରା ଦିନ ବଳଭଦ୍ରଙ୍କ ରଥର ୭ଟି ଚକ ଭାଙ୍ଗିଯାଇଥିଲା। ବିକଳ୍ପ ପାଇଁ ରଥ ରହି ଚକ ତିଆରି ହେଲା। ଦୁଇଦିନ ପରେ ରଥ ଗୁଣ୍ଡିଚାଘର ଅଭିମୁଖେ ବାହାରିଲା। ଅର୍ଥାତ୍ ମହାପ୍ରଭୁଙ୍କର ନିର୍ଦ୍ଦିଷ୍ଟ ସ୍ଥାନରେ ଅନୁକୂଳ ବିଧିବିଧାନମାନ କରାଯିବାର ନିୟମ ରହିଛି। ଅନ୍ୟପକ୍ଷରେ ଆଗାମୀ ଜୁନ୍ ୫ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଶୃଙ୍ଖଳତ ଭାବେ ସମ୍ପନ୍ନ କରାଯାଉ। ଠାକୁରଙ୍କ ରଥଯାତ୍ରା କିଭଳି ନିର୍ବିଘ୍ନରେ ହେବ ସେ ନେଇ ଉପଯୁକ୍ତ ପନ୍ଥା ଅବଲମ୍ବନ କରାଯାଉ। ଅତୀତରେ ବିଭିନ୍ନ କାରଣ ପ୍ରତିବନ୍ଧକ ସାଜିଥିଲେ ବି ରଥଯାତ୍ରା ହୋଇଛି। ଚଳିତବର୍ଷ ମଧ୍ୟ ସେହି ପରମ୍ପରା ବଜାୟ ରଖିବାକୁ ହଳଧର ଚିଠିରେ ଉଲ୍ଲେଖ କରିଛନ୍ତି।

# ସୁସ୍ଥ ହେଲେଣି ୧୪୩ ଆକ୍ରାନ୍ତ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ଗୋଟିଏ ପଟେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଅନ୍ୟପଟେ ରାଜ୍ୟବାସୀଙ୍କ ପାଇଁ ଆସିଛି ଖୁସି ଖବର। ବୁଧବାର ଗୋଟିଏ ଦିନରେ ଆଉ ୨୭ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ବାଲେଶ୍ୱର ଜିଲାରୁ ୯ଜଣ ଥିବାବେଳେ ଭୁବନେଶ୍ୱରରୁ ୮, ଭଦ୍ରକରୁ ୪, ଗଞ୍ଜାମରୁ ୨, ସୁନ୍ଦରଗଡ଼ରୁ ୨, କୋରାପୁଟ ଓ କେନ୍ଦୁଝର ଜିଲାରୁ ଜଣେ ଲେଖାଏ ରହିଛନ୍ତି। ଏଥିସହ ରାଜ୍ୟରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୪୩ରେ ପହଞ୍ଚିଛି। ସବୁଠାରୁ ବଡ଼ କଥା ହେଉଛି, ଗଞ୍ଜାମ ଜିଲାରୁ ୨୧୦ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ବୁଧବାର ପ୍ରଥମଥର ପାଇଁ ୨ଜଣ ସୁସ୍ଥ ହୋଇଛନ୍ତ। ଏହି ଜିଲାରୁ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବାବେଳେ ଏବେ ୨୦୭ ଜଣ ସକ୍ରିୟ ଆକ୍ରାନ୍ତ ଅଛନ୍ତି। ସେହିପରି ଖୋର୍ଦ୍ଧା ଜିଲାରୁ ୮ଜଣ ଆକ୍ରାନ୍ତ ସୁସ୍ଥ ହେବାପରେ ସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା ୪୫ରେ ପହଞ୍ଚିଛି। ଏହି ଜିଲାରୁ ୨ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଏବେ ମାତ୍ର ୩ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। କୋରାପୁଟରେ ଏକମାତ୍ର କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଏହି ଜିଲା କରୋନା ମୁକ୍ତ ହୋଇଛି। ବାଲେଶ୍ୱର ଜିଲାରେ ମୋଟ ୯୦ଜଣ କରୋନା ପଜିଟିଭଙ୍କ ମଧ୍ୟରୁ ୨୦ଜଣ ସୁସ୍ଥ ହୋଇଛନ୍ତି ଓ ଆହୁରି ୭୦ଜଣ ଚିକିତ୍ସାଧୀନ ଅଛନ୍ତି। ଭଦ୍ରକରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୯ରେ ପହଞ୍ଚିଛି। ଜିଲାରୁ ୩୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୨ଜଣ ଚିକିତ୍ସାଧୀନ ଅଛନ୍ତି। ସୁନ୍ଦରଗଡ଼ ଜିଲାରେ ଆଉ ୨ଜଣ ସୁସ୍ଥହେବା ପରେ ଏହି ସଂଖ୍ୟା ୧୨ରେ ପହଞ୍ଚିଛି। ହେଲେ ଏବେବି ଜିଲାରେ ଆହୁରି ୧୧ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ସେହିଭଳି କେନ୍ଦୁଝର ଜିଲାରେ ଜଣେମାତ୍ର ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ୩ଜଣ ସକ୍ରିୟ ରହିଛନ୍ତି।

- ପୁଣି ସୁସ୍ଥ ହେଲେ ୨୭
- କରୋନାମୁକ୍ତ ହେଲା କୋରାପୁଟ ଜିଲା
- ଖୋର୍ଦ୍ଧାରେ ଏବେ ୩ ରୋଗୀ

# ଆରୋଗ୍ୟ ସେତୁ: ଇଚ୍ଛାଧୀନରୁ ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୧୩।୫

କରୋନା ସଂକ୍ରମିତଙ୍କଠାରୁ ଲୋକଙ୍କୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଗତ ଏପ୍ରିଲ୍ ୨ତାରିଖରେ କେନ୍ଦ୍ର ସରକାର ଆରୋଗ୍ୟ ସେତୁ ଆପ୍ ଆରମ୍ଭ କରିଥିଲେ। ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫରମେଶନ ଟେକ୍ନୋଲୋଜି ମନ୍ତ୍ରଣାଳୟ ଅଧୀନରେ ଥିବା ନ୍ୟାଶନାଲ ଇନ୍‌ଫରମେଟିକ୍ସ ସେଣ୍ଟର(ଏନ୍‌ଆଇସି) ଏହାକୁ ବିକଶିତ କରିଛି। ଏହାକୁ ଅଧିକରୁ ଅଧିକ ଲୋକ ବ୍ୟବହାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଅନୁରୋଧ କରିଥିଲେ। ଏପରି କି ପ୍ରଧାନମନ୍ତ୍ରୀ ଏହା ଘୋଷଣା କରିବାର ସପ୍ତାହ ମଧ୍ୟରେ ୭.୫କୋଟି ଲୋକ ଏହି ଆପ୍‌କୁ ଇନ୍‌ଷ୍ଟଲ କରିବା ସହିତ ନିଜର ବ୍ୟକ୍ତିଗତ ତଥ୍ୟ ଏଥିରେ ପ୍ରଦାନ କରିଥିଲେ। ଏହି ଆପ୍ ଇନ୍‌ଷ୍ଟଲ କରିବା ପ୍ରଥମେ ଇଚ୍ଛାଧୀନ ଥିଲା। ହେଲେ ଗତ ୧ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ ନିର୍ଦ୍ଦେଶନାମା ଜାରି କରି କଣ୍ଟେନ୍‌ମେଣ୍ଟ ଅଞ୍ଚଳରେ ସମସ୍ତ ଲୋକ ଏହି ଆପ୍‌କୁ ଇନ୍‌ଷ୍ଟଲ କରିବାକୁ ବାଧ୍ୟତାମୂଳକ କରିଥିଲେ। ଏପରି କି ଏହି ଆପ୍‌କୁ ସରକାରୀ ଓ ଘରୋଇ ଉଦ୍ୟୋଗରେ କାମ କରୁଥିବା ସମସ୍ତ କର୍ମଚାରୀ ମଧ୍ୟ ଇନ୍‌ଷ୍ଟଲ କରିବା ବାଧ୍ୟତାମୂଳକ ବୋଲି କୁହାଯାଇଥିଲା। କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ରେଡ୍ ଜୋନ ଅଧୀନରେ ଆସୁଥିବା କିଛି ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଅଞ୍ଚଳ ବୋଲି ଘୋଷଣା କରାଯାଉଛି। ଏବେ ଦେଶର ୭୩୩ ଜିଲା ମଧ୍ୟରୁ ୪୧୪ଟି ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ୧୩୦ ଜିଲାକୁ ରେଡ ଜୋନ୍ ଏବଂ ୨୮୪ ଜିଲାକୁ ଅରେଞ୍ଜ ଜୋନ ଭାବେ ଚିହ୍ନଟ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଆରୋଗ୍ୟ ସେତୁର ଇନ୍‌ଷ୍ଟାଲେଶନ ୧୦୦ପ୍ରତିଶତ ହେବା ଆବଶ୍ୟକ। କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ବାସ କରୁଥିବା ଲୋକଙ୍କ ପାଇଁ ଆରୋଗ୍ୟ ସେତୁ ଆପ୍ ଇନ୍‌ଷ୍ଟଲ କରିବା ବାଧ୍ୟତାମୂଳକ କହି ସରକାର ଗ୍ରୀନ୍ ଜୋନରେ ବାସ କରୁଥିବା ଲୋକଙ୍କୁ ମଧ୍ୟ ଏହି ଆପ୍ ଇନ୍‌ଷ୍ଟଲ କରିବାକୁ ଏକ ପ୍ରକାର ସଙ୍କେତ ମଧ୍ୟ ଦେଇଛନ୍ତି। କାରଣ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଆରୋଗ୍ୟ ସେତୁ ଆପ୍ ଇନ୍‌ଷ୍ଟଲକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ଏହା ସମସ୍ତ ଅଞ୍ଚଳ ପାଇଁ ଲାଗୁ ହେବ ବୋଲି କୁହାଯାଇଛି। କଣ୍ଟେନ୍‌ମେଣ୍ଟ ଅଞ୍ଚଳରେ ରହୁଥିବା ସମସ୍ତ ଲୋକ ଏହି ଆପ୍‌କୁ ଇନ୍‌ଷ୍ଟଲ କରିବା ବାଧ୍ୟତାମୂଳକ। ଯେଉଁମାନେ ନ କରିବେ ସେମାନଙ୍କ ବିରୋଧରେ ଆଇପିସିର ଦଫା ୧୮୮(ସରକାରୀ ନିର୍ଦ୍ଦେଶନାମାର ଉଲ୍ଲଂଘନ) ଏବଂ ବିପର୍ଯ୍ୟୟ ପରିଚାଳନା ଆଇନ୍‌ର ଦଫା ୫୧(ବିପର୍ଯ୍ୟୟ ସମ୍ପର୍କିତ କୌଣସି ନିର୍ଦ୍ଦେଶର ଉଲ୍ଲଂଘନ)ରେ ମାମଲା ରୁଜୁ ହେବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

## ଆରୋଗ୍ୟ ସେତୁ ଆପ୍ କ'ଣ

ଆରୋଗ୍ୟ ସେତୁ ଏକ ମୋବାଇଲ୍ ଆପ୍। ଏହା ବ୍ୟବହାରକାରୀଙ୍କୁ କରୋନା ସଂକ୍ରମଣ ସମ୍ପର୍କିତ ସୂଚନା ପ୍ରଦାନ କରିଥାଏ। ଯଦି କୌଣସି କୋଭିଡ୍-୧୯ ସଂକ୍ରମିତ ବ୍ୟକ୍ତି ଏହି ଆପ୍ ବ୍ୟବହାରକାରୀଙ୍କ ନିକଟତର ହୁଅନ୍ତି ତେବେ ଏହା ତତ୍‌କ୍ଷଣାତ୍ ସୂଚନା ଦେଇଥାଏ। ଏହା ମୋବାଇଲ ଫୋନର ବ୍ଲୁ ଟୁଥ ଏବଂ ଜିପିଏସ୍(ଗ୍ଲୋବାଲ୍ ପୋଜିଶନିଂ ସିଷ୍ଟମ୍)ବ୍ୟବସ୍ଥା ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ। ଏହି ଆପ୍‌ର ଗୋପନୀୟତା ନୀତି ଅନୁସାରେ ଏହା ବ୍ୟବହାରୀଙ୍କୁ ସବୁଜ ଏବଂ ହଳଦିଆ ରଙ୍ଗର କୋଡିଂ ମିଳିଥାଏ। ଯେଉଁ ବ୍ୟବହାରକାରୀମାନେ ହଳଦିଆ ବର୍ଗରେ ଆସିବେ ସେମାନଙ୍କ ତଥ୍ୟ ସର୍ଭରରେ ଅପ୍‌ଲୋଡ ହେବ ଏବଂ ସବୁଜ ରଙ୍ଗର ବର୍ଗରେ ଆସୁଥିବା ବ୍ୟବହାରକାରୀଙ୍କୁ କମ୍ ବିପଦ ଗ୍ରୁପ୍‌ରେ ରଖାଯିବ। ଆପ୍ ପଞ୍ଜୀକରଣ ସମୟରେ ଏହା ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ଯଥା ନାମ, ଲିଙ୍ଗ, ବୟସ, ଫୋନ ନମ୍ବର, ବର୍ତ୍ତମାନର ଠିକଣା ଏବଂ ଟ୍ରାଭେଲ ହିଷ୍ଟ୍ରି ସଂଗ୍ରହ କରି ସରକାରୀ ସର୍ଭରରେ ଲୋଡ କରିଥାଏ। ଯେତେବେଳେ ଏହି ଆପ୍ ବ୍ୟବହାର କରୁଥିବା କୌଣସି ବ୍ୟକ୍ତି ପଜିଟିଭ ଚିହ୍ନଟ ହୁଅନ୍ତି, ତାଙ୍କ ନିକଟ ସଂସ୍ପର୍ଶରେ ଆସିଥିବା ଅନ୍ୟ ସମସ୍ତଙ୍କୁ ସଙ୍ଗେସଙ୍ଗେ ସୂଚନା ମିଳିଯିବ ଏବଂ ସେମାନଙ୍କୁ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ହୋଇକରି ତପସ୍ୟା କରିବ**
**ଦୁଇଜଣ ମିଶି ପଢ଼ିବ ପାଠ**
**ତିନିଜଣ ମିଶି ସଙ୍ଗାତ ବସିବ**
**ଚାରିଜଣ ମିଶି ଚାଲିବ ବାଟ**
**କୃଷି ଆରମ୍ଭିବ ମିଶି ପାଞ୍ଚଜଣ**
**ବହୁ ଲୋକ ମିଶି କରିବ ରଣ।**

ଏକୁଟିଆ ନିରୋଳା ସ୍ଥାନରେ ତପସ୍ୟା କଲେ ତପସ୍ୟା ସଫଳ ହୋଇଥାଏ। ଦୁଇଜଣ ପରସ୍ପର ମଧ୍ୟରେ ଆଲୋଚନା କରି ପାଠପଢ଼ିଲେ ପାଠ ଅଧିକ ମନେ ରହିଥାଏ। ତିନିଜଣ ମିଶି ସଙ୍ଗାତ ବସିବା ଲାଭପ୍ରଦ ହୋଇଥାଏ। ଚାରିଜଣ ମିଶି ବାଟ ଚାଲିଲେ ଚାଲିବାର ଶ୍ରମ ଜଣାପଡ଼ି ନ ଥାଏ। ସେହିପରି କୃଷି ପାଞ୍ଚଜଣ ମିଶି ଆରମ୍ଭ କରିବା ଭଳି ବହୁଲୋକ ମିଶି ରଣ କଲେ ରଣ ଶୁଝିବାର ବୋଝ ବାଧୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏ ନିଆଁ ଲଗା ଘରେ ରହିବି ନାହିଁ କି**
**ତାଟି କିଳା ମାଡ଼ ସହିବି ନାହିଁ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ ସେ ଘର ପ୍ରତି ବ୍ୟକ୍ତିର ମୋହ ମାୟା ତୁଟି ଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ ମଧ୍ୟ କ୍ରମଶଃ ଫିକା ପଡ଼ିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ**

# ଖାଇବା କମାଇଦେଲେଣି ଗ୍ରାମାଞ୍ଚଳର ୫୦% ପରିବାର

**ନୂଆଦିଲ୍ଲୀ,୧୩।୫(ପି.ଟି.)**

କରୋନା ମହାମାରୀ ଜନିତ ଲକ୍‌ଡାଉନ ଯୋଗୁ ଗ୍ରାମାଞ୍ଚଳ ଜନସାଧାରଣ ଖାଇବା କମାଇଦେଉଥିବା ଏକ ସର୍ଭେରୁ ଜଣାପଡ଼ିଛି। ଲକ୍‌ଡାଉନ ସମୟରେ ୧୨ଟି ରାଜ୍ୟରୁ ୫୦୦୦ରୁ ଊର୍ଦ୍ଧ୍ୱ ଗ୍ରାମୀଣ ପରିବାର ଉପରେ ଏକ ସର୍ଭେ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧା ପରିବାର ଲକ୍‌ଡାଉନ ବେଳେ ଖାଇବା କମାଇଦେଇଥିବା କହିଛନ୍ତି। ସେହିପରି ୬୮ ପ୍ରତିଶତ ପରିବାର ବ୍ୟଞ୍ଜନ ସଂଖ୍ୟା କମାଇଥିବା ସର୍ଭେରୁ ଜଣାପଡ଼ିଛି। ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ୮୪ ପ୍ରତିଶତ ପରିବାରକୁ ଖାଦ୍ୟଶସ୍ୟ ମିଳିଥିବାବେଳେ ୩୭%ଙ୍କ ଘରେ ରାଶନ ସାମଗ୍ରୀ ପହଞ୍ଚିଛି। ୨୪ ପ୍ରତିଶତ ଖାଦ୍ୟଶସ୍ୟ ଗାଁର ଅନ୍ୟ ଲୋକଙ୍କଠାରୁ ଉଧାର ନେଉଥିବାବେଳେ ୧୨%ଙ୍କୁ ମାଗଣା ଖାଦ୍ୟ ମିଳୁଛି। ବୁଧବାର ଏକ ଇଣ୍ଟରନେଟ ସେମିନାରରେ ଏହି ରିପୋର୍ଟ ପ୍ରକାଶ ପାଇଛି।

ସର୍ଭେ ଅନୁଯାୟୀ ପରିବାରଗୁଡ଼ିକ ରବି ଅପେକ୍ଷା ଖରିଫ ଶସ୍ୟ ଉପରେ ଅଧିକ ନିର୍ଭର କରିଥିଲେ। ଏବେ ସେମାନଙ୍କ ପାଖରେ ଗଚ୍ଛିତ ଶସ୍ୟ ସରି ସରି ଆସିଲାଣି। ତେଣୁ ସେମାନେ ଦିନକୁ କମ୍ ଥର ଏବଂ ଅଳ୍ପ ଖାଇବାକୁ ବାଧ୍ୟ ହେଉଛନ୍ତି। ଅଧିକାଂଶ ପିଡିଏସ୍ ଉପରେ ନିର୍ଭର କରୁଛନ୍ତି। ଚଳିତ ବର୍ଷ ଲକ୍‌ଡାଉନ ଯୋଗୁ ଖରିଫ ଚାଷ ପାଇଁ ପ୍ରସ୍ତୁତି କମିଯାଇଛି। ଏଥିପାଇଁ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ବିହନ, ସାର ଓ କୃଷିଋଣ ଯୋଗାଇଦିଆଯିବା ଜରୁରୀ। ବହୁସଂଖ୍ୟାରେ ପ୍ରବାସୀ ଶ୍ରମିକ ନିଜ ରାଜ୍ୟକୁ ଫେରୁଥିବାରୁ ଗ୍ରାମାଞ୍ଚଳ ସ୍ଥିତି ଆହୁରି ଖରାପ ହେବ। ବାହାରେ କଳକାରଖାନାରେ କାମ କରୁଥିବା ଏହି ଲୋକମାନେ ଗାଁରେ କାମଧନ୍ଦା ନ ପାଇଁ ବେରୋଜଗାର ହେବେ। ଲକ୍‌ଡାଉନ ଏବଂ ଗୁଜବ ଗୋପାଳନ ଓ କୁକୁଡ଼ା ଚାଷକୁ ଗୁରୁତର ପ୍ରଭାବିତ କରିଛି। ଖର୍ଚ୍ଚ କମାଇବା ଲାଗି ଲୋକେ ଖାଦ୍ୟ ଅଭ୍ୟାସ ବଦଳାଇବାକୁ ବାଧ୍ୟ ହୋଇଛନ୍ତି। ଓଡ଼ିଶା ସମେତ ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରେ ଏହି ସର୍ଭେ କରାଯାଇଥିଲା। ସିଭିଲ ସୋସାଇଟି ସଂଗଠନ ପିଆର୍‌ଏଡିଏନ୍, ଆକ୍ସନ ଫର ସୋସିଆଲ ଆଡଭାନ୍ସମେଣ୍ଟ, ବିଏଆଇଏଫ୍, ଟ୍ରାନ୍ସଫର୍ମ ରୁରାଲ ଇଣ୍ଡିଆ ଫାଉଣ୍ଡେଶନ, ଗ୍ରାମୀଣ ସହର, ଏସ୍‌ଏଟିଏଚ୍‌ଆଇ-ୟୁପି ଏବଂ ଆଗା ଖାନ୍ ରୁରାଲ ସପୋର୍ଟ ପ୍ରୋଗ୍ରାମ ମିଳିତ ଭାବେ ଏହି ସର୍ଭେ କରିଥିବାବେଳେ ବିକାଶ ଅନଭେଶ ଫାଉଣ୍ଡେଶନ ଓ ସମ୍ବୋଧୀ ତରଫରୁ ଗବେଷଣାମୂଳକ ସହାୟତା ଯୋଗାଇଦିଆଯାଇଥିଲା।



ବ୍ୟଞ୍ଜନ ସଂଖ୍ୟା କମାଇଲେଣି ୬୮%

# କେନ୍ଦ୍ରର ପ୍ୟାକେଜକୁ ଭାଜପା ସଭାପତିଙ୍କ ପ୍ରଶଂସା

ଭୁବନେଶ୍ୱର, ୧୩।୫(ବ୍ୟୁରୋ): କେନ୍ଦ୍ର ସରକାରଙ୍କ ୨୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଘୋଷଣାକୁ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ସ୍ୱାଗତ କରିଛନ୍ତି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟରେ ଅମାପ ପ୍ରାକୃତିକ ସମ୍ପଦ, ଖଣିଜ ପଦାର୍ଥ ଭରି ରହିଛି। ବର୍ତ୍ତମାନ ସମୟରେ ଏହାର ପର୍ଯ୍ୟାପ୍ତ ସୁଯୋଗ ନେବାର ଆବଶ୍ୟକତା ରହିଛି। ଆତ୍ମନିର୍ଭର ଭାରତ ସେବେ ସମ୍ଭବ ଯେବେ ଆତ୍ମନିର୍ଭର ଓଡ଼ିଶା ହେବ। ସମୀର କହିଛନ୍ତି ଯେ, ଅର୍ଥମନ୍ତ୍ରୀ ଆତ୍ମନିର୍ଭରଶୀଳ ଭାରତ ଗଠନ ପାଇଁ ଯେଉଁସବୁ ସୂଚନା ଦେଇଛନ୍ତି ତାହା ଓଡ଼ିଶାକୁ ନୂଆ ଶକ୍ତି ଦେବେ। ରାଜ୍ୟରେ ଇସ୍ପାତ, ଆଲୁମିନିୟମ ଭଳି ଅନେକ କ୍ଷେତ୍ରରେ ଭରପୂର ପରିମାଣରେ ରହିଛି। ଏହାର ବ୍ୟବହାରକରି ଓଡ଼ିଶାକୁ ନୂଆ ଶିଖରକୁ ନେବା ପାଇଁ ପଡ଼ିବ। ଏମ୍‌ଏସ୍‌ଏମ୍‌ଇ ପାଇଁ ୧୦ ହଜାର କୋଟିର 'ଫଣ୍ଡସ୍ ଅଫ୍ ଫଣ୍ଡ'ର ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ଅଭିବୃଦ୍ଧି ଘଟିବ ଓ ରାଜ୍ୟର ସମ୍ଭାବ୍ୟ ଅର୍ଥନୀତି ମଜଭୁତ ହେବ ବୋଲି ସମୀର କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଦୂରଦର୍ଶିତା ଅଭାବଜନିତ କେତେକ ଭୁଲ୍ କାମକୁ ପ୍ରଶ୍ରୟ ଦେଇପାରନ୍ତି। ବନ୍ଧୁଙ୍କ ଭୁଲ୍ ବୁଝାମଣା କାରଣରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହୋଇ ପାରନ୍ତି। ଏପରି କି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡ଼ିପାରନ୍ତି।

**ବୃଷ** ସାମାଜିକ ସ୍ତରରେ ଭଲ କଥା କହିଲେ ମଧ ଅନ୍ୟମାନେ ଭୁଲ୍ ବୁଝିବେ। ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ବିଭିନ୍ନ ସମସ୍ୟା ମଧ୍ୟରେ ମନରେ ସବୁବେଳେ ଟେନ୍ସନ ଲାଗି ରହିବ। ଆକସ୍ମିକ ଆବଶ୍ୟତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢାଇ ଦେଇପାରେ।

**ମିଥୁନ** ଦୀର୍ଘଦିନର ଋଣ ପରିଶୋଧ କରିବା ସକାଶେ ମାନସିକ ସ୍ତରରେ ବ୍ୟଗ୍ରତା ପ୍ରକାଶ ପାଇବ। ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜି ପାରନ୍ତି, ଯାହା କି ଆପଣଙ୍କ ସକାଶେ ହିତକର ହେବ। କର୍ମକ୍ଷେତ୍ରରେ, ବ୍ୟବସାୟରେ, ପାରିବାରିକ ସମସ୍ୟା ସମାଧାନରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି।

**କର୍କଟ** କୌଣସି ଗୋଟିଏ ସ୍ଥାନରେ ଆଜି ସ୍ଥିର ଭାବେ ରହିପାରିବେ ନାହିଁ। ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି ସହକର୍ମୀମାନେ କଳହର ମାତ୍ରାକୁ ବଢାଇଦେଇପାରନ୍ତି। ଅନ୍ୟକୁ ଆପଣାର କରିବାରେ ପ୍ରଲୋଭନ ଓ କୌଶଳ ସାହାଯ୍ୟ କରିବ।

**ସିଂହ** କୌଣସି ସ୍ଥଗିତ କାମ ଆରମ୍ଭ କରି ଅବଶ୍ୟ ସଫଳତା ପାଇବେ। ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ। ଏକ ସଙ୍ଗେ ବହୁତଗୁଡିଏ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଅର୍ଥ ଲାଭ ସାଙ୍ଗକୁ ଦୀର୍ଘଦିନରୁ ଖୋଜୁଥବା ଜିନିଷଟି ପାଇ ହଠାତ୍ ଖୁସି ହୋଇଯିବେ।

**କନ୍ୟା** ସହକର୍ମୀଙ୍କ ସହ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ରହିଛି। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନକୁ ଭାରାକ୍ରାନ୍ତ କରିବ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ଅଶାନ୍ତି ସୃଷ୍ଟି ହୋଇପାରେ।

**ତୁଳା** ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି। ସାମାଜିକ ସ୍ତରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବିଛା** ଅଫିସ କାମର ଜଞ୍ଜାଳ ବଳିଯିବାର ବ୍ୟସ୍ତତା ଅନୁଭବ କରିବେ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଅଭାବ ଦୂରେଇବାର ପ୍ରୟାସ କଲେ ମଧ ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି।

**ଧନୁ** ପ୍ରତିବନ୍ଧକ ଭିତର ଦେଇ ଚଳିବା ପାଇଁ ବାଧ ହେବେ। ମନ ଭଲ ନ ଥିବା କାରଣରୁ କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ପରିବାରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସି ରହିପାରନ୍ତି।

**ମକର** ଗତକାଲିଠାରୁ ଯାହା କରିବା ସକାଶେ ମନସ୍ଥ କରିଛନ୍ତି ସେଥିପାଇଁ ବନ୍ଧୁଙ୍କ କଥା ମାନି କାମ କଲେ ବହୁତ ଭଲ ହେବ। ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିପାରନ୍ତି,ଏଣୁ ସତର୍କ ରହିବା ଭଲ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସବୁ କାମଗୁଡ଼ିକ ଘାତପ୍ରତିଘାତ ମଧ ଦେଇ ସମ୍ପନ୍ନ ହେବାର ସମ୍ଭାବନା ରହିଛି। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ।

**ମୀନ** ବହୁ ପ୍ରତୀକ୍ଷିତ ଖବର ଆଜି ଅପରାହ୍ଣେ ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଂଗଠନ, ଲେଖାପଢ଼ା ଓ ଜମିଜମା କାରବାରରେ କିଛିଟା ସାମୟିକ ସମସ୍ୟା ଲାଗିରହିବ। ପାରିବାରିକ ସହମତି ଓ ଆତ୍ମୀୟଙ୍କ ସାହାଯ୍ୟରୁ ପ୍ରତ୍ୟେକ ଦିଗରୁ ଉପକୃତ ହେବେ।

ଆଜି ବୃଷ ସଂକ୍ରାନ୍ତି, ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ଗୁରୁବାର, ମେ ୧୪ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/ମକର,ସିଂହ ରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୩.୩୫ମି. ଗତେ ଘ.୦୬.୧୧ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୫୫ମି. ଗତେ ଘ.୦୯.୦୮ମି. ମଧ୍ୟେ, ରାତ୍ରି ଘ.୧୨.୦୫ମି.ଗତେ ଘ.୦୨.୧୭ମି. ମଧ୍ୟେ, ଘ.୦୩.୪୭ମି. ଗତେ ଘ.୦୫.୧୪ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୫.୧୫ମି.ଗତେ ଘ.୦୬.୦୬ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୧.୧୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ଣ ଘ. ୦୧.୨୦ମି. ଗତେ ଘ.୦୨.୫୭ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୪ ଦଶନ୍ଧି ପରେ କମିଛି ...

କୋଇଲାଚାଳିତ ପ୍ଲାଣ୍ଟରୁ ଉତ୍ପାଦିତ ବିଦ୍ୟୁତ୍ ଶକ୍ତି ମାର୍ଚ୍ଚରେ ୧୫% ଏବଂ ଏପ୍ରିଲର ପ୍ରଥମ ତିନି ସପ୍ତାହରେ ୩୧% ହ୍ରାସ ପାଇଛି। ଏହା ତୁଳନାରେ ସ୍ୱଚ୍ଛ ଉର୍ଜା ତଥା ଅକ୍ଷୟ ଶକ୍ତି(ଆର୍‌ଇ) ଉତ୍ପାଦନ ମାର୍ଚ୍ଚରେ ୬.୪% ବୃଦ୍ଧିପାଇଛି। କିନ୍ତୁ ଏପ୍ରିଲର ପ୍ରଥମ ତିନି ସପ୍ତାହରେ ଏହି ଉତ୍ପାଦନ ୧.୪% ହ୍ରାସ ଘଟିଛି। କୋଇଲାଚାଳିତ ବିଦ୍ୟୁତ୍ ଉତ୍ପାଦନ ଅଧିକ ନ ବଢ଼ିବା ଯୋଗୁ ଅଙ୍ଗାରକାମ୍ଳ ନିର୍ଗମନ ବୃଦ୍ଧିରେ ବିଶେଷ ହ୍ରାସ ଘଟିପାରେ ବୋଲି ଗତବର୍ଷ ହୋଇଥିବା ଏକ ଅଧ୍ୟୟନରେ ମିଲିଭର୍ଟା ଓ ଡାହିଆ ପୂର୍ବାନୁମାନ କରିଥିଲେ। କେବଳ କୋଇଲା ନୁହେଁ, ତୈଳର ବ୍ୟବହାର ମଧ ହ୍ରାସ ପାଇଛି। ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ମାର୍ଚ୍ଚରେ ତୈଳ ବ୍ୟବହାର ୧୮% କମିଛି।

classified




**SALE**

ଶାଳଗାଁ ଷ୍ଟେସନ୍ ପାଖରେ 2,80,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି)
D-17082




Newly open ayurvedic/ herbal body massage with smart therapist, 9777167531. D-59947

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଏମ୍‌ଏସ୍‌ଏମ୍‌ଇକୁ ...

ଏହାଦ୍ୱାରା ପ୍ରାୟ ୨ ଲକ୍ଷ ବାଣିଜ୍ୟିକ ଅନୁଷ୍ଠାନ ଲାଭବାନ ହୋଇପାରିବେ। ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ଅଭିବୃଦ୍ଧି ଲାଗି ୫୦ ହଜାର କୋଟି ଟଙ୍କାର ଇକ୍ୱିଟି ବ୍ୟବସ୍ଥା କରାଯାଇଛି। ଏହା ଏମ୍‌ଏସ୍‌ଏମ୍‌ଇ ଫଣ୍ଡସ ଅଫ୍ ଫଣ୍ଡ ଦ୍ୱାରା ଯୋଗାଣ ନେଇ ପଦକ୍ଷେପ ନିଆଯିବ। ଏମ୍‌ଏସ୍‌ଏମ୍‌ଇ ସଂଜ୍ଞାରେ ପରିବର୍ତ୍ତନ ହେବ ବୋଲି ଜଣାପଡ଼ିଛି। ଏ କ୍ଷେତ୍ରରେ ସଂଜ୍ଞା ନିର୍ଦ୍ଧାରଣ କରୁଥିବା ସୀମାକୁ ବଢ଼ାଯାଇଛି। କାରବାର ଭିତ୍ତିରେ ସଂସ୍ଥାଗୁଡ଼ିକ ଏମ୍‌ଏସ୍‌ଏମ୍‌ଇ କି ନା ତାହା ବିଚେଚନା କରାଯିବ। ସୀତାରାମନ କହିଛନ୍ତି ଯେ, ଟିକସଦାତାଙ୍କୁ ୧୮,୦୦୦ କୋଟି ଟଙ୍କାର ଟିକସ ରିଫଣ୍ଡ ଜାରି କରାଯାଇଛି। ଏହାଦ୍ୱାରା ୧୪ ଲକ୍ଷ କୋଟି ଟିକସଦାତା ଲାଭବାନ୍ ହେବେ। ନୂଆ ଘୋଷଣା ମୁତାବକ ସରକାର ଇପିଏଫ୍‌ରେ କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କ ବାବଦ ୨,୫୦୦ କୋଟି ଟଙ୍କା ପ୍ରଦାନ କରିବେ। ଉକ୍ତ ସ୍କିମ୍‌ର ସୀମାକୁ ଅଗଷ୍ଟ ଯାଏ ବୃଦ୍ଧି କରାଯାଇଛି। ନିଯୁକ୍ତିଦାତାଙ୍କ ଷ୍ଟାଚୁଟୋରି ପିଏଫ୍ ଯୋଗଦାନ ୧୨%ରୁ ୧୦%କୁ ହ୍ରାସ କରାଯାଇଛି। ଏହାଦ୍ୱାରା ପ୍ରାୟ ୬,୭୦୦ କୋଟିର ନଗଦ ସହାୟତା ଉପଲବ୍ଧ ହୋଇପାରିବ। ଆୟକର ରିଟର୍ନର ଧାର୍ଯ୍ୟ ତାରିଖକୁ ନଭେମ୍ବର ୩୦ ଯାଏ ବୃଦ୍ଧି କରାଯାଇଛି। ଟାକ୍ସ ଡିଡକସନ ଆଟ୍ ସୋର୍ସ(ଟିଡିଏସ୍)୨୫% ହ୍ରାସ କରାଯାଇଛି। ଏହାଦ୍ୱାରା ଲୋକଙ୍କ ହାତକୁ ୫୦ହଜାର କୋଟି ଟଙ୍କା ଆସିପାରିବ। ଇପିଏଫ୍ ଯୋଗଦାନ କ୍ଷେତ୍ରରେ କମ୍ପାନୀଗୁଡ଼ିକୁ ୩ ମାସର ସବ୍‌ସିଡି ସୁବିଧା ଦେବାକୁ ଘୋଷଣା କରାଯାଇଛି। ଚଳିତ ବର୍ଷ ଜୁନ୍‌ରୁ ଅଗଷ୍ଟ ଯାଏ ଏହି ସୁବିଧା ଉପଲବ୍ଧ ହେବ। ସେ ଅଣବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି) ଏବଂ ହାଉସିଂ ଫାଇନାନ୍ସ କମ୍ପାନୀଗୁଡ଼ିକ ଲାଗି ୩୦ ହଜାର କୋଟି ଟଙ୍କାର ନଗଦ ସୁବିଧା ମଧ ଘୋଷଣା କରିଛନ୍ତି। ଏହାଦ୍ୱାରା କ୍ଷେତ୍ରଗୁଡ଼ିକ ଅଭିବୃଦ୍ଧି କ୍ଷେତ୍ରରେ ଯୋଗଦାନ ରଖିପାରିବେ ବୋଲି ସରକାର ଆଶାବାଦୀ ରହିଛନ୍ତି। ଆଂଶିକ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍ ଦ୍ୱାରା ଏନ୍‌ବିଏଫ୍‌ସିଗୁଡ଼ିକୁ ୪୫ ହଜାର କୋଟି ଟଙ୍କାର ନଗଦ ସହାୟତା ମଧ ଯୋଗାଇ ଦିଆଯିବ। ଦେଶର ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ବର୍ତ୍ତମାନ ସଙ୍କଟଜନକ ସ୍ଥିତି ଦେଇ ଗତି କରୁଥିବାରୁ ସେଗୁଡ଼ିକ ଲାଗି ୯୦ ହଜାର କୋଟି ଟଙ୍କାର ଜରୁରିକାଳୀନ ପୁଞ୍ଜି ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଠିକାଦାରଙ୍କୁ ସମସ୍ତ ସରକାରୀ ଏଜେନ୍ସି ୬ ମାସ ମହଲତ ଦେବାକୁ କୁହାଯାଇଛି। ସାମଗ୍ରୀ ଓ ସେବା କଣ୍ଟ୍ରାକ୍ଟ କ୍ଷେତ୍ରରେ କାମ ଶେଷ କରିବା ଲାଗି ଏହା ସହାୟକ ହେବ। ଚଳିତ ବର୍ଷ ମାର୍ଚ୍ଚ ୨୫ ସୁଦ୍ଧା ପଞ୍ଜୀକରଣ ଅବଧି ଶେଷ ହେଉଥିବା ରିୟଲ ଇଷ୍ଟେଟ ପ୍ରକଳ୍ପଗୁଡ଼ିକ ଲାଗି କୋହଳ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି।

### ଶିଳ୍ପକ୍ଷେତ୍ରରେ ନିଯୁକ୍ତି ବଢ଼ାଇବ: ନବୀନ

ଭୁବନେଶ୍ୱର, ୧୩।୫(ବ୍ୟୁରୋ): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ବୁଧବାର ୨୦ଲକ୍ଷ କୋଟି ଟଙ୍କାର ପ୍ୟାକେଜ ସମ୍ପର୍କିତ ଘୋଷଣାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ, ଅର୍ଥନୈତିକ ପୁନରୁଦ୍ଧାର ପ୍ୟାକେଜ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଯାହା ଘୋଷଣା କରିଛନ୍ତି ଏହାଦ୍ୱାରା ଦେଶର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପାନୁଷ୍ଠାନଗୁଡ଼ିକ ପାଇଁ ଏକ ନୂଆ ଭରସା ସୃଷ୍ଟି କରିବ। ଏହି ପ୍ୟାକେଜ ଦ୍ୱାରା ଏମ୍‌ଏସ୍‌ଏମ୍‌ଇ ଭଳି ବିରାଟ ଉଦ୍ୟୋଗରେ ଶ୍ରମିକମାନଙ୍କ ପାଇଁ ଲକ୍ଷାଧିକ ନିଯୁକ୍ତି ସୃଷ୍ଟି କରିବ। କୋଭିଡ୍-୧୯ ଏବଂ ଲକ୍‌ଡାଉନ ଯୋଗୁ ବୃହତ୍‌ଭାବେ ଅସୁବିଧାର ସମ୍ମୁଖୀନ ହୋଇଥିବା କର୍ମଚାରୀମାନଙ୍କ ଲାଗି ଏହି ପ୍ୟାକେଜ ବିଶେଷ ସହାୟକ ହେବା ସହିତ ସେମାନଙ୍କ ମନୋବଳ ବୃଦ୍ଧି କରିପାରିବ।

### ଗ୍ରୀନ୍ ଜୋନ୍‌ରେ ଚାଲିବ...

କରୁଥିବାରୁ ଦୁଇଗୁଣା ଭଡ଼ା ଆଦାୟ କରିବାକୁ ଅନୁମତି ଦିଆଯାଇଥିଲା। ଯେଉଁ ବସ୍‌ମାଲିକମାନେ ଏହା ସହିତ ଏକମତ ହେବେ ସେମାନେ ବସ୍ ଚଲାଇବେ ବୋଲି ମନ୍ତ୍ରୀ କହିଥିଲେ। ଘରୋଇ ବସ୍‌ମାଲିକମାନେ ସରକାରଙ୍କ ନିଷ୍ପତ୍ତିରେ ସହମତ ହୋଇନାହାନ୍ତି। ଡ୍ରାଇଭର, ବସ୍ କର୍ମଚାରୀଙ୍କର ସ୍ୱାସ୍ଥ୍ୟ ବୀମା ସହିତ ଆହୁରି ୬ଟି ଦାବି ସଂଘ ପକ୍ଷରୁ ସରକାରଙ୍କ ନିକଟରେ ରଖାଯାଇଛି। ସରକାର ସେହିସବୁ ଦାବି ମାନିବା ପରେ ବସ୍ ଚଲାଇବା ନେଇ ନିଷ୍ପତ୍ତି ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ସରକାରୀ କର୍ମଚାରୀଙ୍କ ପାଇଁ ବୁଧବାରଠାରୁ କଟକ ଓ ଭୁବନେଶ୍ୱର ମଧ୍ୟରେ ଗୋଟିଏ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି)ବସ୍ ଚଳାଚଳ ଆରମ୍ଭ କରିଛି। ସକାଳେ କଟକ ସିଡିଏ ସେକ୍ଟର-୯ ଛକରୁ ବାହାରି ସତୀଚଉରା, ବାଦାମବାଡ଼ି ଦେଇ ଭୁବନେଶ୍ୱର ଅଭିମୁଖେ ବାହାରିଥିଲା। ଭୁବନେଶ୍ୱରରେ ପହଞ୍ଚିବାପରେ ରସୁଲଗଡ଼, ବାଣୀବିହାର ଅତିକ୍ରମ କରି ଖାରବେଳ ଭବନ, ରାଜୀବ ଭବନ ଦେଇ ସଚିବାଳୟ ନିକଟରେ ପହଞ୍ଚିଥିଲା। ଅପରାହ୍ଣ ୫ଟାରେ ଅଫିସ ସରିବା ପରେ କର୍ମଚାରୀଙ୍କୁ ନେଇ ବସ୍ କଟକ ଅଭିମୁଖେ ଯାତ୍ରା କରିଥିଲା। ଏହି ବସ୍‌ରେ ୪୦ ସିଟ୍ ରହିଥିବାବେଳେ ସାମାଜିକ ଦୂରତ୍ୱ ରକ୍ଷା ପାଇଁ ମାସ୍କ ପିନ୍ଧି ୨୦ଜଣ ଯାତ୍ରା କରିବାର ବ୍ୟବସ୍ଥା କରାଯାଇଥିବା ଓଏସ୍‌ଆର୍‌ଟିସି କଟକ ୟୁନିଟ ଇନଚାର୍ଜ ବଳରାମ ମହାନ୍ତି ସୂଚନା ଦେଇଛନ୍ତି। ତେବେ ବସ୍‌ରେ କର୍ମଚାରୀମାନେ ୩୦ ଟଙ୍କା ଭଡ଼ା ଦେଇ ଯିବା ଆସିବା କରିବେ। ବସ୍ ଚଳାଚଳ କରିବା ଦ୍ୱାରା କଟକ କିମ୍ବା ଭୁବନେଶ୍ୱରରୁ ଯାଇ ପାରୁ ନ ଥିବା କର୍ମଚାରୀମାନେ ଉପକୃତ ହେବେ। ଆଗକୁ ଆହୁରି ଅଧିକ ବସ୍ ଚଳାଚଳ କରିବ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି।

### ସରକାର ଆଲୋଚନା କରି ରାସ୍ତା ବାହାର କରନ୍ତୁ: ସଂଘ

ଗ୍ରୀନ୍ ଜୋନ୍‌ରେ ସରକାରୀ ବସ୍ ଚଳାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ନିଷ୍ପତ୍ତି ପୂର୍ବରୁ ପରିବହନ ସଚିବ କିମ୍ବା ମନ୍ତ୍ରୀ ଘରୋଇ ବସ୍ ମାଲିକ ସଂଘ ସହିତ ଆଲୋଚନା କରିନାହାନ୍ତି। ଦୀର୍ଘ ଦେଢ଼ମାସ କାଳ ବସ୍ ବନ୍ଦ ରହିବା ଫଳରେ ମାଲିକମାନେ ବହୁ କ୍ଷତି ସହିଛନ୍ତି। କମ୍‌ଦୂରତାରେ ବସ୍ ଚଲାଇବା ସମ୍ଭବ ନୁହେଁ। ଏହାଦ୍ୱାରା ଆହୁରି କ୍ଷତି ବଢ଼ିବ। ଲୋକମାନଙ୍କୁ ବସ୍‌ସେବା ଯୋଗାଇବା ପାଇଁ ସରକାର ଚଳିତମାସ ଶେଷ ସୁଦ୍ଧା ସଂଘର କର୍ମକର୍ତ୍ତାଙ୍କୁ ଡାକି ଆଲୋଚନା କରି ରାସ୍ତା ବାହାର କରନ୍ତୁ। ଜୁନ୍ ପହିଲାରୁ ବସ୍ ଚାଲି ପାରିବ ବୋଲି ସଂଘ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।

### ଘନୀଭୂତ ହେଉଛି ...

ଏହାଦ୍ୱାରା ଗଛ, ଚାଳଘର, ବିଦ୍ୟୁତ୍ ଖୁଣ୍ଟ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି। ତେବେ ଓଡ଼ିଶା ଉପରେ କି ପ୍ରଭାବ ପଡ଼ିବ ସେ ନେଇ ପାଣିପାଗ ବିଭାଗ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରି ନାହିଁ। ଆସନ୍ତା ୧୫ ତାରିଖ ବେଳକୁ ବାତ୍ୟା କେଉଁଠି ସ୍ଥଳଭାଗ ଛୁଇଁବ ତାହା ସ୍ପଷ୍ଟ ହେବ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସମୁଦ୍ର ମଧ୍ୟରେ ଅଧିକ ସମୟ ରହୁଥିବାରୁ ବାତ୍ୟା ଭୟଙ୍କର ରୂପ ଧାରଣ କରି ପାରେ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ୧୫ ତାରିଖରୁ ଗଭୀର ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ବାତ୍ୟା ଦାନା ବାନ୍ଧୁଥିବାରୁ ରାଜ୍ୟରେ ତାତି ବଢ଼ିଛି। କେତେକ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠି ଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ତାଳଚେରରେ ସର୍ବାଧିକ ତାପମାତ୍ରା ୪୧.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ ୪୧, ମାଲକାନଗିରି ୪୦.୫, ପାରଳାଖେମୁଣ୍ଡି ୪୦.୨, ବଲାଙ୍ଗୀର ୪୦, ଭବାନୀପାଟଣା ୪୦, ସୁନ୍ଦରଗଡ଼ ୩୯ ଏବଂ ସମ୍ବଲପୁରରେ ସର୍ବୋଚ୍ଚ ତାପମାତ୍ରା ୩୯.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର, କୋରାପୁଟ, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ବୌଦ୍ଧ, ଗଞ୍ଜାମ, ସୁବର୍ଣ୍ଣପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି ବଲାଙ୍ଗୀର, କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବ। ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୪ ଦିନ ଯାଏ ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବ ବୋଲି ଅନୁମାନ କରାଯାଇଛି।

### ନାବାଳିକାଙ୍କୁ ଗଣବଳାତ୍କାର...

ନାବାଳିକାଙ୍କୁ ୩ ବନ୍ଧୁ ଛାଡ଼ି ଦେଇଥିଲେ। ନାବାଳିକା ଜଣକ ଘରକୁ ଫେରି ସବୁକଥା କହିବା ପରେ ପରିବାର ଲୋକେ ଟାଉନ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା(ନଂ.୩୧୧/୨୦୨୦) ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି।

### ୨୪ ଘଣ୍ଟାରେ ...

ସହରାଞ୍ଚଳରେ କେଉଁଠି ବି ଗୋଷ୍ଠୀ ସଂକ୍ରମଣ ହୋଇପାରି ନାହିଁ। ଯଦି କ୍ୱାରାଣ୍ଟାଇନ୍ ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରିବା ତେବେ କୋଭିଡ୍ ସଂକ୍ରମଣକୁ ଆମେ ସେହି ବ୍ୟବସ୍ଥା ଭିତରେ ସୀମିତ ରଖିପାରିବା ବୋଲି ପ୍ରଦୀପ କହିଛନ୍ତି। ତେବେ ଚିହ୍ନଟ ହୋଇଥିବା ୧୦୧ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମରେ ସର୍ବାଧିକ ୫୨ଜଣ ରହିଥିବାବେଳେ ବାଲେଶ୍ୱର ଜିଲାରୁ ୩୩, ଯାଜପୁରରୁ ୭, ସୁନ୍ଦରଗଡ଼ରୁ ୭ ଏବଂ କେନ୍ଦୁଝରରୁ ୨ ରହିଛନ୍ତି। ଗଞ୍ଜାମରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ଏମାନଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୧୦ରେ ପହଞ୍ଚିଛି। ସେହିପରି ବାଲେଶ୍ୱର ଜିଲାରେ ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୨୯ଜଣ କ୍ୱାରାଣ୍ଟାଇନ୍ ଓ ଜଣେ କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ଚିହ୍ନଟ ହୋଇଥିବାବେଳେ ୩ଜଣ ସ୍ଥାନୀୟ ଲୋକ ଅଛନ୍ତି। କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟଙ୍କ ମଧ୍ୟରେ ୨୪ଜଣ ସୁରଟ, ୩ ଜଣ ପଶ୍ଚିମବଙ୍ଗ ଓ ୨ଜଣ ବେଙ୍ଗାଲୁରୁ ଫେରନ୍ତା ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ନୂଆ ସଂକ୍ରମିତଙ୍କୁ ମିଶାଇ ବାଲେଶ୍ୱର ଜିଲାରେ ବର୍ତ୍ତମାନ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୦ ଛୁଇଁଛି। ଫଳରେ ଏହି ଜିଲା ଆକ୍ରାନ୍ତଙ୍କ ସଂଖ୍ୟାରେ ଯାଜପୁରକୁ ଟପିଯାଇଛି। ବର୍ତ୍ତମାନ ଗଞ୍ଜାମ ଜିଲା ସର୍ବାଧିକ ସଂକ୍ରମିତ ଜିଲା ଥିବାବେଳେ ବାଲେଶ୍ୱର ଦ୍ୱିତୀୟ ସର୍ବାଧିକ ସଂକ୍ରମିତ ଜିଲାରେ ପରିଣତ ହୋଇଛି। ସେହିପରି ଯାଜପୁର ଜିଲାର ସମସ୍ତ ୭ ନୂଆ ଆକ୍ରାନ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଏହି ଜିଲାରେ ବର୍ତ୍ତମାନ ଆକ୍ରାନ୍ତଙ୍କ ସଂଖ୍ୟା ୭୧ରେ ପହଞ୍ଚିଛି। କେନ୍ଦୁଝର ଜିଲାରୁ ଚିହ୍ନଟ ୨ ନୂଆ ଆକ୍ରାନ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅଛନ୍ତି। ବର୍ତ୍ତମାନ ଏହି ଆକ୍ରାନ୍ତଙ୍କ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ସେହିପରି ସୁନ୍ଦରଗଡ଼ ଜିଲାରେ ଚିହ୍ନଟ ସମସ୍ତ ୭ ନୂଆ ଆକ୍ରାନ୍ତ ରାଉରକେଲା କଣ୍ଟେନ୍‌ମେଣ୍ଟ ଜୋନ୍ ଅଞ୍ଚଳର ଏବଂ ଏମାନେ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏମାନଙ୍କୁ ମିଶାଇ ଏହି ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୩ର ପହଞ୍ଚିଛି।

### ବିମାନ, ରେଳଯାତ୍ରୀଙ୍କ ...

ମଧ ଯାଇ ପାରିବେ। ରାଜ୍ୟ ବାହାରୁ ଆସୁଥିବା ଲୋକମାନେ ଘରେ ୨୮ ଦିନ କ୍ୱାରେନଟାଇନରେ ରହି ପାରିବେ। କ୍ୱାରାଣ୍ଟାଇନ୍ ନିୟମ ଭାଙ୍ଗିଲେ ଏପିଡେମିକ ଆକ୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସଆରସି କହିଛନ୍ତି। କ୍ୱାରାଣ୍ଟାଇନ୍‌ରେ ଥିବା ଲୋକମାନଙ୍କ ଘର ଆଗରେ ଷ୍ଟିକର ଲଗାଯିବ। ଯଦି କୌଣସି ବ୍ୟକ୍ତିଙ୍କୁ ଥଣ୍ଡା, ଜ୍ୱର, କାଶ କିମ୍ବା ସେଭଳି କିଛି ଲକ୍ଷଣ ଦେଖା ଦେବ ତେବେ ୧୦୪କୁ ଡାକିବେ। ସେହିପରି ଟ୍ରେନରେ ଆସୁଥିବା ଯାତ୍ରୀମାନଙ୍କ ପାଇଁ ମଧ ବିମାନ ଯାତ୍ରୀଙ୍କ ଭଳି ଆଗୁଆ ପଞ୍ଜୀକରଣ କରାଯିବ। ନୂଆଦିଲ୍ଲୀରୁ ଟ୍ରେନ ଆସି ଭୁବନେଶ୍ୱରରେ ଆସନ୍ତା ୧୫ ତାରିଖରେ ପହଞ୍ଚିବ। ସେମାନଙ୍କ ତଥ୍ୟ ସଂଗ୍ରହ କରାଯାଇ ଜିଲା ଓ ପଞ୍ଚାୟତକୁ ପଠାଯିବ। ଷ୍ଟେଶନରେ ଯାତ୍ରୀମାନଙ୍କର ସ୍କ୍ରିନିଂ କରାଯିବ ବୋଲି ଏସଆରସି ସୂଚନା ଦେଇଛନ୍ତି। ଲକ୍ଷଣ ନ ଥିବା ଯାତ୍ରୀମାନଙ୍କୁ ମଧ ୨୮ ଦିନ କ୍ୱାରାଣ୍ଟାଇନ୍‌ରେ ରଖାଯିବ ବୋଲି ଏସଆରସି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୫୦ ପ୍ରତିଶତ ଭିଜିଲାନ୍ସ ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡ

**କଟକ ଅଫିସ୍, ୧୩।୫:** ଚଳିତ ବର୍ଷର ପ୍ରଥମ ତିନିମାସରେ ଓଡ଼ିଶା ଭିଜିଲାନ୍ସକୁ ସଫଳତା ମିଳିଛି। ୫୦ ପ୍ରତିଶତ ମାମଲାରେ ଗିରଫ ଅଭିଯୁକ୍ତମାନେ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ପାଇଛନ୍ତି। ରାଜ୍ୟ ଭିଜିଲାନ୍ସ ବିଭାଗ ସୂଚନା ଅନୁଯାୟୀ, ଜାନୁୟାରୀ ପହିଲାରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ମୋଟ ୩୧ଟି ମାମଲାର ବିଚାର ଭିଜିଲାନ୍ସ କୋର୍ଟରେ ହୋଇଥିଲା। ୫ଟି ମାମଲାର ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବାରୁ ସେଗୁଡ଼ିକୁ ବନ୍ଦ କରିଦିଆଯାଇଛି। ବଳକା ୨୬ ମାମଲାର ଶୁଣାଣି ହୋଇଥିଲା। ସେଥିରୁ ୧୩ଟିର ଶୁଣାଣି ସରିଥିବାବେଳେ ମୋଟ ୧୫ ଜଣଙ୍କୁ ଦଣ୍ଡ ମିଳିଛି। ସେମାନଙ୍କ ମଧ୍ୟରେ ୧୪ଜଣ ସରକାରୀ କର୍ମଚାରୀ ରହିଛନ୍ତି। ୨୬ ମାମଲାରୁ ୧୩ଟିରେ ଅଭିଯୁକ୍ତ ଦଣ୍ଡ ପାଇଥିବାରୁ ୫୦ ପ୍ରତିଶତ ସଫଳତା ମିଳିଥିବା ରାଜ୍ୟ ଭିଜିଲାନ୍ସ ଡାଇରେକ୍ଟୋରେଟ୍‌ର ଏସ୍‌ପି (କୋର୍ଡିନେଶନ୍)ଙ୍କ ତରଫରୁ କୁହାଯାଇଛି।

### ଆଜି କନ୍ଦରପୁର ବଜାର ଶଟ୍‌ଡାଉନ୍

**କଟକ ସଦର, ୧୩।୫(ଡି.ଏନ.ଏ):** କଟକ-ପାରାଦ୍ୱୀପ ରାସ୍ତାପାର୍ଶ୍ୱ କନ୍ଦରପୁର ବଜାରକୁ ଗୁରୁବାର ୧୨ଘଣ୍ଟା ପାଇଁ ଶଟଡାଉନ ଘୋଷଣା କରାଯାଇଛି। ଏହି ବ୍ଲକ ଅଧୀନ ୧୩ରୁ ୧୪ଟି ପଞ୍ଚାୟତରେ ବୁଧବାର ସୁଦ୍ଧା ୭୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଫେରି ଅସ୍ଥାୟୀ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଛନ୍ତି। ତେବେ ଏହି ସମସ୍ତ ପ୍ରବାସୀଙ୍କ ଗୁରୁବାର ସ୍ୱାବ ଓ ରକ୍ତ ନମୁନା ସଂଗ୍ରହ କରାଯିବ। ସ୍ୱାବ ସଂଗ୍ରହ କନ୍ଦରପୁର ପ୍ରାଥମିକ ବିଦ୍ୟାଳୟରେ ହେଉଥିବାରୁ ଭିଡ଼କୁ ଦୃଷ୍ଟିରେ ରଖି ଶଟଡାଉନ୍ କରାଯାଇଛି। କନ୍ଦରପୁର ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ ଭୋଇ ଜିଲାପାଳ କ୍ଷମତା ପ୍ରୟୋଗ କରି ଏହି ଘୋଷଣା କରିଛନ୍ତି। ମାତ୍ର ରାଜ୍ୟ ରାଜପଥ ୧୨ରେ କେବଳ ଆନ୍ତଃଜିଲା ଟ୍ରକ, ଆମ୍ବୁଲାନ୍ସ ଚଳାଚଳ କରିବ। ଦୁଇ, ତିନି ଚକିଆ ଯାନ ସମ୍ପୂର୍ଣ୍ଣ ବନ୍ଦ ରହିବ। ଏହା ସକାଳ ୭ଟାରୁ ଲାଗୁ ହେବ।

# କୋଭିଡ୍-୧୯ ଲଢ଼େଇରେ ସିଟିଟିସି

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ଭାରତର ମହାକାଶ ଅଭିଯାନ 'ମଙ୍ଗଳାୟନ' ଏବଂ 'ଚନ୍ଦ୍ରାୟନ-୨' ପ୍ରଭୃତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାପରେ ଏବେ କୋଭିଡ୍-୧୯ ଲଢେଇରେ ଗୁରୁଦାୟିତ୍ୱ ନେଇଛି ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ୍ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର(ସିଟିଟିସି)। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରଣାଳୟ ଅଧୀନରେ ଥିବା ଦେଶର ପ୍ରମୁଖ ଏମ୍‌ଏସ୍‌ଏମ୍‌ଇ ଟେକ୍ନୋଲୋଜି ସେଣ୍ଟରଗୁଡ଼ିକ କରୋନା ଲଢ଼େଇରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ଏମାନଙ୍କ ମଧ୍ୟରେ ଆଗରେ ରହିଛି ଭୁବନେଶ୍ୱରସ୍ଥିତ ସିଟିଟିସି। କରୋନା ସଂକ୍ରମଣକୁ ରୋକିବା ସହ ସଂକ୍ରମିତ ରୋଗୀଙ୍କ ଚିକିତ୍ସା ଲାଗି ଏହି ସେଣ୍ଟର ସମସ୍ତ ପ୍ରକାର ଟେକ୍ନିକାଲ ସହାୟତା ଯୋଗାଇଦେଇଛି। ପ୍ରଥମେ କମ୍ ଖର୍ଚ୍ଚରେ ପ୍ରସ୍ତୁତ ହୋଇପାରୁଥିବା 'ଆମ୍ବୁବ୍ୟାଗ୍ ଭେଣ୍ଟିଲେଟର' ଏବଂ ପରେ 'ଅଟୋମେଟିକ୍ ସାନିଟାଇଜର୍ ଟନେଲ୍' ତିଆରି କରିବା ପରେ ଏବେ କୋଭିଡ୍-୧୯ ଟେଷ୍ଟିଂ ମେଶିନର କେତେକ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ପ୍ରସ୍ତୁତ କରୁଛି। ଏହି 'ରିୟଲ୍ ଟାଇମ୍ କ୍ୱାଣ୍ଟିଟେଟିଭ୍ ମାଇକ୍ରୋ ପିସିଆର୍ ସିଷ୍ଟମ' ଏକ ଘଣ୍ଟାରୁ ବି କମ୍ ସମୟ ମଧ୍ୟରେ ରୋଗୀଙ୍କ ରିପୋର୍ଟ ଦେଇପାରୁଛି। ବିଶାଖାପାଟଣାରେ ଥିବା ଆନ୍ଧ୍ରପ୍ରଦେଶ ମେଡ୍‌ଟେକ୍ ଜୋନ୍(ଏଏମ୍‌ଟିଜେଡ୍) ଦ୍ୱାରା ପ୍ରସ୍ତୁତ ଟେଷ୍ଟିଂ ମେଶିନର ପ୍ରମୁଖ ଯନ୍ତ୍ରାଂଶ ସିଟିଟିସିର ଭୁବନେଶ୍ୱର ଶାଖା ସହ ଜାମସେଦପୁର ଓ କଲିକତା ସେଣ୍ଟର ତିଆରି କରୁଛନ୍ତି।



### ଚନ୍ଦ୍ରାୟନ-୨ ପରେ ଏବେ କରୋନା ଟେଷ୍ଟିଂ ମେଶିନ ଯନ୍ତ୍ରାଂଶ ନିର୍ମାଣ

ସମଗ୍ର ଦେଶରେ ଏବେ ୧୮ଟି ଟେକ୍ନୋଲୋଜି ସେଣ୍ଟର ରହିଥିବା ବେଳେ ଏଗୁଡ଼ିକ ବିଭିନ୍ନ କ୍ଷେତ୍ରକୁ ଅତ୍ୟାଧୁନିକ ଯନ୍ତ୍ରପାତି, ପ୍ରଶିକ୍ଷିତ ମାନବସମ୍ବଳ, ପରାମର୍ଶଭିତ୍ତିକ ସେବା ଆଦି ଯୋଗାଇ ଦେଇଥାନ୍ତି। ଏହାସହ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଆବଶ୍ୟକ ସମସ୍ତ ପ୍ରକାର ଯାନ୍ତ୍ରିକ ଏବଂ ଟେକ୍ନିକାଲ ସହାୟତା ଯୋଗାଇ ଦେଇଥାନ୍ତି। ହେଲେ ବର୍ତ୍ତମାନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୋଭିଡ୍-୧୯ ଲଢେଇରେ ଏହି ସେଣ୍ଟରଗୁଡ଼ିକ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେଉଛନ୍ତି। ବିଶେଷକରି ଭୁବନେଶ୍ୱର ସମେତ ଅନ୍ୟ ଦୁଇ ଶାଖା ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଟେଷ୍ଟିଂ ମେଶିନର ଉପକରଣ ତିଆରି କରୁଥିବାବେଳେ ଏଥିପାଇଁ ଦିନରାତି ସ୍ୱତନ୍ତ୍ର ଟିମ୍ କାମ କରୁଛନ୍ତି। ଏହାମଧ୍ୟରେ ୧୫୦ରୁ ଊର୍ଦ୍ଧ୍ୱ ମେଶିନ ଉପକରଣ ଏଏମ୍‌ଟିଜେଡ୍‌କୁ ଯୋଗାଇ ଦିଆଯାଇଛି। ପ୍ରତ୍ୟେକ କିଟ୍‌ରେ ୨୦ଟି ହାର୍ଡୱେର୍ ଉପକରଣ ରହୁଥିବା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### 'ଚନ୍ଦ୍ରାୟନ-୨'ରେ ଥିଲା ଗୁରୁତ୍ୱପୂର୍ଣ୍ଣ ଅବଦାନ

ଚନ୍ଦ୍ରାୟନ ଅଭିଯାନରେ ସିଟିଟିସି ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। 'ଚନ୍ଦ୍ରାୟନ-୨' ପାଇଁ ଏଠାରେ ବିଭିନ୍ନ କମ୍ପୋନେଣ୍ଟ ତଥା ଉପକରଣ ସହ ଲଞ୍ଚ୍ ଭେହିକିଲ୍ ପାଇଁ ୨୨ ପ୍ରକାରର ସାମଗ୍ରୀ ତିଆରି କରାଯାଇଥିଲା। କେବଳ ଏତିକି ନୁହେଁ, ଏହି ମହାକାଶ ଯାନର ଫୁଏଲ୍ ଭାଲ୍ୱ ମଧ୍ୟ ତିଆରି କରିଥିଲା ଏହି ସିଟିଟିସି। ଜିଏସ୍‌ଏଲ୍‌ଭି ରକେଟ୍‌ର କ୍ରାୟୋଜେନିକ୍ ଇଞ୍ଜିନର ବିଭିନ୍ନ ଅଂଶ ସହ ଇନର୍ସିଆଲ ମୋମେଣ୍ଟମ୍ ଏବଂ ନ୍ୟାଭିଗେଶନ ଜାଣିବା ପାଇଁ ୭ଟି ସୋଲାର୍ ଆରେ ଡ୍ରାଇଭ୍ ଆସେମ୍ବ୍ଲି(ଏସ୍‌ଏଡିଏ) ମୋଟର ଏଠାରେ ପ୍ରସ୍ତୁତ କରାଯାଇଥିଲା। ତେବେ ମୁନ୍ ରୋଭର୍ 'ପ୍ରଜ୍ଞା' ପାଇଁ ଲିମ୍ବସ ବା ଗୋଡ଼ ତିଆରି କରିବା ସେଣ୍ଟର ପାଇଁ ସବୁଠାରୁ ଅଧିକ ଚ୍ୟାଲେଞ୍ଜିଂ ଥିଲା। ସେହିଭଳି ମଙ୍ଗଳାୟନ ସମୟରେ ବି ଭୁବନେଶ୍ୱର ସିଟିଟିସି ଶାଖା ଗୁରୁ ଦାୟିତ୍ୱ ଗ୍ରହଣ କରିଥିଲା। ସେତେବେଳେ ବି ମହାକାଶ ଯାନର ବହୁ ସାମଗ୍ରୀ ଏଠାରେ ତିଆରି ହୋଇଥିଲା।

# ରାସ୍ତାରେ ଯୁବକଙ୍କୁ ଗଳାକାଟି ହତ୍ୟା

ପୁରୀ ଅଫିସ, ୧୩।୫



ଘଟଣାସ୍ଥଳରେ ପଡ଼ିଥିବା ବାଇକ୍।

- ଅଭିଯୁକ୍ତ ଫେରାର, କାରଣ ଅସ୍ପଷ୍ଟ
- ସନ୍ଦେହରେ ବିଭିନ୍ନ ଦିଗ, ପୋଲିସ ତଦନ୍ତ ଜାରି

ପୁରୀ ସଦର ଥାନା ଅନ୍ତର୍ଗତ ଶାସନ ଦାମୋଦରପୁର ପଞ୍ଚାୟତ ହାଟସାହି ନିକଟରେ ଜଣେ ଯୁବକଙ୍କୁ ଗଳା କାଟି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଦିନ ଦ୍ୱିପ୍ରହରରେ ଯୁବକଙ୍କୁ ଦୁର୍ବୃତ୍ତ ରାସ୍ତାରେ ଭୁଜାଲିରେ ହାଣି ହତ୍ୟା କରି ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କ ସୁରାକ୍ ପାଇପାରିନାହିଁ। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ପୁରୀ ମାର୍କଣ୍ଡେଶ୍ୱର ସାହି ରାଧାଗୋବିନ୍ଦ ଲେନ୍‌ର ପ୍ରକାଶ ସାହୁ (୨୮)। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବିଭିନ୍ନ ଦିଗକୁ ନେଇ ପୋଲିସ ଏବଂ ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି।

ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ଶାସନ ଦାମୋଦରପୁର -ହାଟସାହି ରାସ୍ତାର ହାଟସାହି ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ଆଖପାଖ ଲୋକ ଘଟଣାସ୍ଥଳରେ ରୁଣ୍ଡ ହେବା ସହ ସଦର ଥାନା ପୋଲିସକୁ ଖବର ଦେଇଥିଲେ। ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ, ଥାନା ଆଇଆଇସି ଏସ୍. ମହାନ୍ତି ଏବଂ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହ ପହଞ୍ଚିଥିଲେ। ସେମାନେ ଘଟଣାସ୍ଥଳରେ ଛାନ୍‌ଭିନ କରିଥିଲେ। ଯୁବକଙ୍କ ବେକକୁ ଅତି ବୀଭତ୍ସ ଭାବେ କାଟିଦିଆଯାଇଥିଲା। ଫଳରେ ତାଙ୍କ ଶରୀର ରକ୍ତରେ ଜୁଡୁବୁଡୁ ହୋଇଯାଇଥିଲା। ହତ୍ୟାରେ ବ୍ୟବହୃତ ଭୁଜାଲି ଏବଂ ରାସ୍ତାକଡ଼ ବାଡ଼ ଉପରେ ଏକ ମାଏଷ୍ଟ୍ରୋ (ନଂ.ଓଡି ୦୨ବି-ଇ ୩୫୫୦) ବାଇକ୍ ପଡ଼ିରହିଥିଲା। ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ ମଧ୍ୟ କେହି କିଛି ଜାଣି ନ ଥିବା କହିଥିଲେ। ପରେ ପୋଲିସ ଭୁଜାଲି ଓ ଗାଡ଼ିକୁ ଜବତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ହସ୍ପିଟାଲକୁ ପଠାଇଥିଲା। ଏ ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ହତ୍ୟାର ଶିକାର ହୋଇଛନ୍ତି ମାର୍କଣ୍ଡେଶ୍ୱର ସାହି ରାଧାଗୋବିନ୍ଦ ଲେନ୍‌ର ପ୍ରକାଶ ସାହୁ। କିନ୍ତୁ ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ପୋଲିସ ତଦନ୍ତ ଜାରି ରଖିଛି, ଖୁବ୍‌ଶୀଘ୍ର ଘଟଣା ସଂକ୍ରାନ୍ତରେ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ଏବଂ ପୋଲିସ ବିଭିନ୍ନ ଦିଗ ପ୍ରତି ସନ୍ଦେହ କରୁଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ଏକାଧିକ ହତ୍ୟାକାଣ୍ଡ ଘଟିଛି। ସରକାରୀ ଜମିରୁ ବାଲି ବିକ୍ରି, ଜମି କିଣାବିକା ଏବଂ ଦାଦାବଟି ଆଦାୟ ହିଁ ହତ୍ୟାକାଣ୍ଡର କାରଣ ହୋଇଥାଏ। ମାତ୍ର ପ୍ରକାଶଙ୍କ ହତ୍ୟା ପଛର କାରଣ ନେଇ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳୁଛି। ପୋଲିସ କେବେ ଅଭିଯୁକ୍ତଙ୍କୁ ଧରି କାରଣ ସ୍ପଷ୍ଟ କରିବ ତାହା ଉପରେ ଏବେ ସମସ୍ତଙ୍କ ନଜର।

# ଘରୋଇ ହସ୍ପିଟାଲକୁ ପୁଣି ଚେତାବନୀ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

### ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଅନେକ ଘରୋଇ ହସ୍ପିଟାଲ ଓ ନର୍ସିଂ ହୋମ୍ ରୋଗୀଙ୍କୁ ଚିକିତ୍ସା ନ କରି ଫେରାଇ ଦେଉଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଓଡ଼ିଶା କ୍ଲିନିକାଲ ଏଷ୍ଟାବ୍ଲିଶ୍‌ମେଣ୍ଟ (କଣ୍ଟ୍ରୋଲ ଓ ରେଗୁଲେଶନ) ଆକ୍ଟ ଓ ଏହା ଅଧୀନରେ ଆସୁଥିବା ନିୟମଗୁଡ଼ିକୁ ପାଳନ କରୁନାହାନ୍ତି। ପୁଣି ଅଭିଯୋଗ ଆସିବା ପରେ ସରକାର ଚେତାବନୀ ଦେଇଛନ୍ତି। ଏଣିକି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ସମ୍ପୃକ୍ତ ହସ୍ପିଟାଲର ପଞ୍ଜୀକରଣ ବାତିଲ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି। ସୂଚନାଯୋଗ୍ୟ, ନିୟମ ଅନୁସାରେ ହସ୍ପିଟାଲଗୁଡ଼ିକ ଗୁରୁତର ରୋଗୀମାନଙ୍କୁ ଅନ୍ୟ ଡାକ୍ତରଖାନାକୁ ରେଫର କରିବା ପୂର୍ବରୁ ସେଠାରେ ଉପଲବ୍ଧ ଚିକିତ୍ସା ବ୍ୟବସ୍ଥା ଓ ମାନବ ସମ୍ବଳ ଆଦିକୁ ଉପଯୋଗ କରି ରୋଗୀର ଅବସ୍ଥା ନିୟନ୍ତ୍ରଣକୁ ଆସିବା ପର୍ଯ୍ୟନ୍ତ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବେ। ତେବେ ଅନେକ ସମୟରେ ଏହି ନିୟମକୁ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ୍‌ଗୁଡ଼ିକୁ ପାଳନ କରୁ ନ ଥିବା ନଜରକୁ ଆସିଛି। ତେଣୁ କରୋନା ମହାମାରୀକୁ ଦୃଷ୍ଟିରେ ରଖି ସମସ୍ତ ହସ୍ପିଟାଲ, ନର୍ସିଂହୋମ୍‌ଗୁଡ଼ିକୁ ରାଜ୍ୟ ସରକାର ପୁନର୍ବାର ନିର୍ଦ୍ଦେଶ ଦେଇଛନ୍ତି। ଯଦି ହସ୍ପିଟାଲରେ ଚିକିତ୍ସା ସୁବିଧା ରହିଛି, ତେବେ ଚିକିତ୍ସା ନ କରି କୌଣସି ରୋଗୀଙ୍କୁ ଫେରାଇ ଦେଇପାରିବେ ନାହିଁ। ଯଦି ଏନେଇ କୌଣସି ଅଭିଯୋଗ ଆସିବ ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

### ନିଜ ରାଜ୍ୟକୁ ଗଲେ ୩୩ ଶ୍ରମିକ

ପୁରୀ ଅଫିସ, ୧୩।୫

କରୋନା ଲକ୍‌ଡାଉନ ଯୋଗୁ ପୁରୀରେ ଫସି ରହିଥିବା ପଶ୍ଚିମବଙ୍ଗ ଓ ବିହାରର ୩୩ ଶ୍ରମିକ ନିଜ ରାଜ୍ୟକୁ ଫେରିଯାଇଛନ୍ତି। ସେଣ୍ଟ ଜନ୍ ଜଗନ୍ନାଥ ଧାମ ଆମ୍ବୁଲାନ୍ସର ମୁଖ୍ୟ ଆଇନଜୀବୀ ଲାଲା ଅନନ୍ତ କୁମାର ସିଂଙ୍କ ନେତୃତ୍ୱରେ ନିରଞ୍ଜନ ମହାପାତ୍ର, ବୀର କିଶୋର ମହାନ୍ତି ପ୍ରମୁଖ ସେମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିଥିଲେ। ପରେ ସେମାନଙ୍କ ଫେରିବା ଲାଗି ଜିଲା ପ୍ରଶାସନ ସହିତ ଆଲୋଚନା କରିଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ କୋଭିଡ୍ କେନ୍ଦ୍ରରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏମାନେ ଯେଉଁ ଗାଡ଼ିରେ ଯାଇଛନ୍ତି ସେହି ଗାଡ଼ି ଚାଳକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା।

# ଜିଆଇଏସ୍ ମ୍ୟାପିଂରେ କ୍ୱାରାଣ୍ଟାଇନ୍ ସେଣ୍ଟର ତଥ୍ୟ

**ଭୁବନେଶ୍ୱର, ୧୩।୫(ବ୍ୟୁରୋ):** ରାଜ୍ୟରେ ଥିବା କ୍ୱାରାଣ୍ଟାଇନ୍ ସେଣ୍ଟର ଓ କୋଭିଡ୍ ହସ୍ପିଟାଲ ବାବଦରେ ଜିଆଇଏସ୍ (ଜିଓଗ୍ରାଫିକ୍ ଇନଫରମେଶନ ସିଷ୍ଟମ) ମ୍ୟାପିଂ କରାଯାଇଛି। ଅକ୍ଷାଂଶ ଓ ଦ୍ରାଘିମାକୁ ଆଧାର କରି ରାଜ୍ୟ ସରକାର ଏହି ନୂଆ ବ୍ୟବସ୍ଥାକୁ ପ୍ରସ୍ତୁତ କରିଛନ୍ତି। ଓଡ଼ିଶା ସ୍ପେସ ଆପ୍ଲିକେଶନ ସେଣ୍ଟର ମାଧ୍ୟମରେ ପ୍ରସ୍ତୁତ କରାଯାଇଥିବା ଏହି ପ୍ରଣାଳୀ ଦ୍ୱାରା ପ୍ରଥମେ ଅସ୍ଥାୟୀ ମେଡିକାଲ ସେଣ୍ଟରକୁ ମ୍ୟାପିଂ କରାଯାଇଛି। ଗୁରୁବାରଠାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନଲାଇନ ମାଧ୍ୟମରେ ଏହି ମ୍ୟାପିଂ ବ୍ୟବସ୍ଥାକୁ ସମସ୍ତେ ଦେଖିପାରିବେ ବୋଲି ରାଜ୍ୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା ସଚିବ ମନୋଜ ମିଶ୍ର କହିଛନ୍ତି। ସମଗ୍ର ରାଜ୍ୟରେ କରୋନା ମୁକାବିଲା ପାଇଁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଣ୍ଟା ଭିଡ଼ିଛି। କୋଭିଡ୍ ପଞ୍ଜୀକରଣ ହେଉ ବା କ୍ୱାରାଣ୍ଟାଇନ୍ ସେଣ୍ଟର ବାବଦରେ ତଥ୍ୟ ଜାଣିବା ଏହି ବିଭାଗ କିଭଳି କାର୍ଯ୍ୟ କରୁଛି ସେ ବାବଦରେ ସଚିବ ମିଶ୍ର ବୁଧବାର ବିସ୍ତୃତ ତଥ୍ୟ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଦିନ କୋଭିଡ୍‌କୁ ନେଇ ଜନସାଧାରଣଙ୍କୁ ତଥ୍ୟ ଦିଆଯାଉଥିବା ବେଳେ ଉକ୍ତ ଖବରଦାତା ସମ୍ମିଳନୀରେ ସଚିବ ମିଶ୍ର ଉପସ୍ଥିତ ରହି କହିଛନ୍ତି, ରାଜ୍ୟ ଫେରନ୍ତାଙ୍କ ଅଞ୍ଚଳରେ କ୍ୱାରାଣ୍ଟାଇନ ସେଣ୍ଟରର ଅବସ୍ଥା କେମିତି ଅଛି, ସେଗୁଡ଼ିକୁ ଲୋକେ ଏବେ ଦେଖିପାରିବେ। ଏ ନେଇ ସରକାରଙ୍କ ଦ୍ୱାରା ଏବେ ଜିଆଇଏସ୍ ମ୍ୟାପିଂ ଆରମ୍ଭ କରାଯାଇଛି। ଏହି ମ୍ୟାପିଂ ବ୍ୟବସ୍ଥା ଅନୁଯାୟୀ ପ୍ରତି ଜିଲାରେ କେତୋଟି ଟିଏମସି (ଅସ୍ଥାୟୀ ମେଡିକାଲ ସେଣ୍ଟର) ରହିଛି ତାହା ପ୍ରଦର୍ଶିତ ହେବ। ପ୍ରତି ଟିଏମ୍‌ସି ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ଜଣେ ପାଇପାରିବ। ଟିଏମ୍‌ସିରେ କେତେ ସଂଖ୍ୟାରେ ବେଡ୍ ଅଛି, ନୋଡାଲ ଅଧିକାରୀଙ୍କ ନାମ ସହ ତାଙ୍କ ମୋବାଇଲ ନମ୍ବର ମଧ୍ୟ ଉପଲବ୍ଧ ରହିଛି। ଏହାସହ ସେହି ସେଣ୍ଟରରେ କିଭଳି ବ୍ୟବସ୍ଥା ଅଛି ତାହାର ଫଟୋ ମଧ୍ୟ ଦେଖିପାରିବେ। ଯିଏ ବି ଓଡ଼ିଶା ବାହାରୁ ଆସୁଛନ୍ତି ସେମାନେ ଚାହିଁଲେ ନିଜ ଗାଁ ପାଖରେ କେଉଁଠାରେ କ୍ୱାରାଣ୍ଟାଇନ୍ ସେଣ୍ଟର ବାବଦରେ ଜାଣିପାରିବେ। ସେହିପରି କେବଳ ଅସ୍ଥାୟୀ ମେଡିକାଲ ସେଣ୍ଟର ନୁହେଁ, ରାଜ୍ୟର ସମସ୍ତ କୋଭିଡ ହସ୍ପିଟାଲ ବାବଦରେ ମଧ୍ୟ ଆପଣ ସମସ୍ତ ତଥ୍ୟ ଜାଣିପାରିବେ ବୋଲି ସୂଚନା ଓ ପ୍ରଯୁକ୍ତିବିଦ୍ୟା ସଚିବ ମିଶ୍ର କହିଛନ୍ତି।


**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. 0674-2545586/2545852, E-mail : serifedodisha@gmail.com, website- www.serifedodisha.in
**INVITATION FOR BIDS (e-Procurement)**
Bid identification no :- VI-32(9)/SERIFED/2019-20/335/Dt.12.05.2020
The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only, for the work Renovation of Godown Cum office Building of Sambalpuri Bastralaya at Bargarh, Tender Value of Rs.60,27,487/- (Excluding GST). The bid document such as DTCN / BOQ etc. can be seen/downloaded from the government website : www.tendersodisha.gov.in during the period dt.15.05.2020 to 17.00 hours up to dt.29.05.2020. Online bids shall be received till 17.00 hours dt.29.05.2020 & shall be opened at 11.30 AM on Dt.30.05.2020. Any addendum / corrigendum / cancellation tender can also be seen in the said website.
Sd/- Managing Director



**ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି**
ସୋନପୁର ଉପକଣ୍ଠର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୧୫।୦୫।୨୦୨୦ଦିନଠାରୁ ନିୟନ୍ତ୍ରିତ ବଜାର କମିଟିର ବଜାର ପ୍ରାଙ୍ଗଣ/ସମବାୟ ସମିତି/ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କରେ ଧାନ ସଂଗ୍ରହ କରାଯିବ। ପ୍ରତ୍ୟେକ ଦିନ ୩୦-୩୫ଜଣ ଚାଷୀ ଏକର ପିଛା ୨୬.୦୦ କୁଇଣ୍ଟାଲ ଧାନ ସକାଳ ୭ ଘଣ୍ଟାରୁ ଦିବା ୧.୦୦ ଘଣ୍ଟା ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୮୧୫.୦୦ ଟଙ୍କାରେ ବିକ୍ରୟ କରିପାରିବେ। ଏଣୁ ଅଧୀନସ୍ଥ କ୍ରୟ କେନ୍ଦ୍ରକୁ ଯୋଗାଯୋଗକରି ଅଗ୍ରିମ ଟୋକନ ହିସାବରେ ନିର୍ଦ୍ଧାରିତ ଦିବସ ଓ ସମୟରେ ଉଲ୍ଲେଖିତ ଥିବା ସମ୍ପୂର୍ଣ୍ଣ ଓଜନର ଧାନକୁ ଶୁଖାଇ ଓ ସଫାକରି ଆଣିବେ ଯେପରି ଖାଦ୍ୟ ଉପଯୋଗୀ ଏବଂ ବିଷମୁକ୍ତ ହୋଇଥିବ। ଧାନ ଆଣିବା ସମୟରେ ମୁଖରେ ମୁଖା କିମ୍ବା ଗାମୁଛା ଘୋଡ଼ାଇ ଆସିବେ ଓ ସାନିଟାଇଜର କିମ୍ବା ସାବୁନରେ ହାତକୁ ଭଲଭାବରେ ଧୋଇବାକୁ ଅନୁରୋଧ।
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଭ୍ରମ ସଂଶୋଧନ ନଂ.-୨**
ଟେଣ୍ଡର ବିଜ୍ଞପ୍ତିରେ ନିର୍ଦ୍ଧାରିତ ସମାପ୍ତି ତାରିଖକୁ ସଂଶୋଧନ କରାଯାଇ ନିମ୍ନଲିଖିତ ଭ୍ରମ ସଂଶୋଧନ ଜାରି କରାଯାଉଛି: ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଡିଆର୍‌ଏମ୍-ଇଏନ୍‌ଜିଜି.-ବିଏସ୍‌ପି-ଟି-୦୪- ୨୦୨୦-୨୧। ଟେଣ୍ଡର ସମାପ୍ତିର ନିର୍ଦ୍ଧାରିତ ତାରିଖ: ୧୧।୦୫।୨୦୨୦। ସଂଶୋଧିତ ତାରିଖ: ୧୮।୦୫।୨୦୨୦। ବିଜ୍ଞପ୍ତିରେ ଉପରୋକ୍ତ ଭ୍ରମ ସଂଶୋଧନର ସମ୍ପୂର୍ଣ୍ଣ ସୂଚନା ଆମ ୱେବ୍‌ସାଇଟ: http://www.ireps.gov.inରେ ଉପଲବ୍ଧ ଇ-ଟେଣ୍ଡର ବିଜ୍ଞପ୍ତିରେ ଦେଖାଯାଇପାରିବ। ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣ କରାଯିବ ନାହିଁ। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି)
CPR/10/62 ଏସ୍.ଇ.ସି. ରେଳପଥ, ବିଳାସପୁର
South East Central Railway @secrail



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**BURLA IRRIGATION DIVISION, BURLA**
E-mail Id: sambalpurirrigation@rediffmail.com
No.1662 Dt.13.05.20
1ST CORRIGENDUM TO "e" Tender Call Notice No.BID-01/2020-21 (Online)
No.A-33:- The date of opening of bid may be read as on 26.05.2020 at 11.00 A.M. in the office of the undersigned instead of 22.05.2020 at 11.00 A.M. for the "e" Tender Call Notice No. BID-01/2020-21 (Online) dated 07.05.2020. All other terms & conditions remain unaltered.
Further details can be seen from the e-procurement portal http://tendersorissa.gov.in
Sd.- Executive Engineer
Burla Irrigation Division, Burla
OIPR-32129/11/0003/2021



**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. 0674-2545586/2545852, E-mail : serifedodisha@gmail.com, website- www.serifedodisha.in
**INVITATION FOR BIDS (e-Procurement)**
Bid identification no :- VI-32(10)/SERIFED/2019-20/323/Dt.12.05.2020
The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for the 3 nos. of works at different location in Bargarh dist of individual Tender value of Rs.32,14,900/- (Excluding GST). The bid documents such as DTCN / BOQ etc. can be seen/downloaded from the government website : www.tendersodisha.gov.in during the period dt.15.05.2020 to 17.00 hours up to dt.29.05.2020. Online bids shall be received till 17.00 hours dt.29.05.2020 & shall be opened at 11.30 AM on Dt.30.05.2020. Any addendum / corrigendum / cancellation tender can also be seen in the said website.
Sd/- Managing Director



**CUTTACK MUNICIPAL CORPORATION**
"e" PROCUREMENT NOTICE
Tender ID : 2020_ORULB_60953
Bid Reference No. MC(CMC)CTC_Div-II_No12/2020-21
Tender Call Notice No. 1355 (PW) Date. 13.05.2020
Name of Works : Reclamation and Renovation of different Pond & Drain with Culverts
No of Works : 3 No
Bid Value : Rs. 241.66 Lakh to Rs. 142.05 Lakh
Period of Completion : Twelve Calendar months
Date and Time schedule :

| Start | End | Opening |
|---|---|---|
| 11.00 AM on dt. 15.05.2020 | 5.00 PM on dt.29.05.2020 | 11.00 A.M. on dt. 3.06.2020 |

Tender Details : can be seen from the procurement portal : www.tendersorissa.gov.in
City Engineer, CMC



**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଟେଣ୍ଡର ବିଜ୍ଞପ୍ତି ସଂ.MSM-CW-SBP-RV-1-20
କାର୍ଯ୍ୟର ନାମ : 03(ତିନି) ବର୍ଷ ସମୟାବଧି ନିମନ୍ତେ ବ୍ରେକ୍‌ଡାଉନ ଏବଂ କ୍ଷତିଗ୍ରସ୍ତ ୱାଗନ ସମ୍ବନ୍ଧରେ ଅଣନକ ଯାଞ୍ଚ ମାମଲାରେ କ୍ୟାରେଜ୍ ଏବଂ ୱାଗନ (C&W) ସୁପରଭାଇଜର ଏବଂ ଅଧିକାରୀମାନଙ୍କ ଯାତାୟତ (Movement) ତଥା EIMWB, ୱାଗନ ଟିପ୍‌ଲର (Wagon Tippler) ର ନିରୀକ୍ଷଣ ନିମନ୍ତେ ଏକ ଗୋଟି ନନ୍-ଏସି ଗାଡ଼ି ଭଡ଼ା ସୂତ୍ରରେ ନେବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 15,14,691.60, EMD (ଟଙ୍କାରେ) : 30,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/-, କାର୍ଯ୍ୟ ଶେଷ ହେବା ଅବଧି: 03 ବର୍ଷ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.01.06.2020 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ସମ୍ବଲପୁର
PR-35/L/20-21



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR (ZILLA SWASTHYA SAMITI, KEONJHAR)**
Advt. Lt. No.2055 Date: 13.05.2020
**OBJECTIONS INVITED**
No.E:- With reference to this office Advt. letter no. 5974 dt.18.12.2019 which was published in Odia daily newspaper i.e. "The Samaj" & "Suryaprabha" on dt.20.12.2019, the detail list of candidates applied for the post of AYUSH Doctor, Staff Nurse/ ANM & Pharmacist for Mobile Health Team (MHT) under RBSK of Keonjhar district is available in the district NIC web-site i.e. www.kendujhar.nic.in in Recruitment Page. Candidates are requested to verify the database of their candidature relating to the database only and requested to submit their objections relating to the database if any for the above post and the objection must be reached in the Office of CMD & PHO-cum-DMD, Keonjhar-758001 by dtd.28.05.2020 till 1.00 P.M. The objections shall be sent through Speed Post/Regd. Post only in a closed envelopes (superscribing top of the envelope "Objection for the post of ................. of MHT under RBSK, Keonjhar"). No fresh documents will be entertained. No further objections shall be entertained after the due date.
Sd./- Chief District Medical & Public Health Officer, Keonjhar
OIPR-10033/11/0001/2021



**idco** Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.: CAD
**OFFICE OF THE CHIEF GENERAL MANAGER (P&C) IDCO**
IDCO TOWERS, BHUBANESWAR - 751022
Tender Call Notice No. H.O./P&C/EST-E-1073/03/2014-7058 Dt.: 06.05.2020
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of Work | Value of Work (Approx.) | Period of Completion |
|---|---|---|---|
| 1 | Consturction of new drain & repair of existing damaged drainage system in Khurda I.E. | Rs.59.80 lakh | 03 (Three) Calendar Months |
| 2 | Design, Construction, testing and commissioning of 1.00 lakh Ltr. capacity RCC rectangular under Ground Reservoir with Pump house over the UGR at Aranya Bhawan Complex, Bhubaneswar. | Rs.8.90 lakh | 03 (Three) Calendar Months |

1. Other Details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar - 751022 | Bid ID No.- PC-EST-E-05/2020-21 | 17.00 Hours of 18.05.2020 | 17.00 Hours of 02.06.2020 |

Further details can be seen from the e-Procurement Portal, www.tendersodisha.gov.in. Corrigendum or addendum if any will not be published in news papers and can only be seen in the e-Procurement Portal www.tenderodisha.gov.in as well as IDCO website: www.idco.in.
Sd./- Chief General Manager (P&C) I/C
IDCO, Bhubaneswar
OIPR-14003/11/0009/2021



See Career Appointment on every Wednesday & Saturday



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER SUBARNAREKHA & BUDHABALANGA BASIN**
AT/P.O.: LAXMIPOSI, DIST.- MAYURBHANJ
No.: A-32
Government of Odisha "e" PROCUREMENT NOTICE
Bid Identification No.-1/20-21 of CEBM, SBB, Laxmiposi

| | | |
|---|---|---|
| i | Name of Works | Construction of Nuagaon Distributary from RD 00m to 4792m along with off taking canals such as Kuchasul Sub-Minor, Kuchasul S/m, Sankhajhor S/m & Construction of Nuagoan Minor from RD3802m to 9000m along with off taking canals such as Dalki Sub-Minor, Singalamunduli Sub-Minor including all structures, cement concrete lining and inspection road under Subarnarekha Irrigation Project. |
| ii | Estimated Cost (Lakh) | Rs.2732.93 Lakh |
| iii | Period of Completion | 18 (Eighteen) Calendar Months |
| iv | Date & Time of availability of bid document in the portal | 15.05.2020 at 10 A.M. |
| v | Last date/time for receipt of bid in the portal | 04.06.2020 upto 5.00 P.M. |
| vi | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in".
Sd./- Chief Engineer & Basin Manager
Subarnarekha & Budhabalanga Basin, Laxmiposi,
bid_cebmbsbb@rediffmail.com
OIPR-32074/11/0001/2021

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁ ଦୁଃଖ,ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। –ଶ୍ରୀମା



# ବୁଦ୍ଧିଆ ଗାଈ

ମାନେକା ଗାନ୍ଧୀ

ରୋସମଣ୍ଡ ୟଙ୍ଗ୍ 'ଦି ସିକ୍ରେଟ ଲାଇଫ୍ ଅଫ୍ କାଓଜ' ପୁସ୍ତକ ଲେଖିଛନ୍ତି। ଗାଈମାନଙ୍କ ସମ୍ପର୍କରେ ଏହା ଏକ ଚମତ୍କାର ପୁସ୍ତକ। ସନ୍‌ଡେ ଟାଇମ୍‌ସର ସବୁଠୁ ଅଧିକ ବିକ୍ରି ହୋଇଥିବା ୧୦ଟି ପୁସ୍ତକ ମଧ୍ୟରେ ଏହା ଅନ୍ତର୍ଭୁକ୍ତ। ଛୋଟ ହେଲେ ବି ଏହା ଏକ ଭଲ ବହି। । ଇଂଲଣ୍ଡରେ 'କିଟ୍‌ସ ନେଷ୍ଟ' ଫାର୍ମରେ ପାଳନ କରିଥିବା ଗାଈ ଓ ସେମାନଙ୍କ ସହ ତାଙ୍କ ସମ୍ପର୍କକୁ ଏହି ପୁସ୍ତକରେ ରୋସମଣ୍ଡ ବର୍ଣ୍ଣନା କରିଛନ୍ତି। ସେ ଯଥାସମ୍ଭବ ଗାଈମାନଙ୍କ ପ୍ରତି ଦୟା ଓ କରୁଣା ଭାବ ପ୍ରଦର୍ଶନ କରୁଥିଲେ ଓ ସେମାନଙ୍କ ଯତ୍ନ ନେଉଥିଲେ । ସେମାନଙ୍କୁ ଏକ ପ୍ରାକୃତିକ ପରିବେଶରେ ରଖିଥିଲେ। ଏହା ଥିଲା ସରଳତା ଓ ପ୍ରେମ, ଖେଳ ଓ ଖୁସିର ଏକ ଭିନ୍ନ ବିଶ୍ୱ। ଏହି ବିଶ୍ୱକୁ ରୋସାମଣ୍ଡ ନିରୀକ୍ଷଣ କରିଛନ୍ତି ଓ ଏଥିପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି। ସେ ତାଙ୍କ ଫାର୍ମର ସବୁ ଗାଈଙ୍କ ନାମ ଜାଣିବା ସହ ସେମାନଙ୍କ ଗୁଣ ବିଷୟରେ ଏହି ପୁସ୍ତକରେ ଉଲ୍ଲେଖ କରିଛନ୍ତି। ରୋସମଣ୍ଡ ପ୍ରତ୍ୟେକ ଗାଈ ସହ ତାଙ୍କ ସମ୍ପର୍କ ବିଷୟରେ ବର୍ଣ୍ଣନା କରିଛନ୍ତି। ଗାଈମାନେ ବି ମଣିଷଙ୍କ ଭଳି ଭିନ୍ନ ଭିନ୍ନ ପ୍ରକୃତିର ବୋଲି ସେ ଲେଖିଛନ୍ତି। ସେମାନେ ଭାରି ବୁଦ୍ଧିଆ ହୋଇପାରନ୍ତି କିମ୍ବା ଧୀରେ ଧୀରେ ବୁଝିପାରନ୍ତି। ସେମାନଙ୍କଠାରେ କମ୍ ଅହଂକାର, ବିଚାରଶୀଳତା, ଗର୍ବ, ଲଜ୍ଜା କିମ୍ବା ଆବିଷ୍କାରଶୀଳତା ଗୁଣ ବି ଲକ୍ଷ୍ୟ କରାଯାଏ। ଯଦିଓ ଅଧିକାଂଶ ଗାଈଙ୍କ ଦିନ ଖାଇବାରେ କଟେ ତଥାପି ଛୁଆର ଯତ୍ନ ନେବା, ଲୁଚକାଳି ଖେଳିବା ଆଦି ବିଭିନ୍ନ କାର୍ଯ୍ୟକଳାପ ପାଇଁ ସେମାନେ ସବୁବେଳେ ସମୟ ପାଇଥାଆନ୍ତି। ସେମାନେ ନିଜ ପରିବାରରେ ଖୁସି ଚାହିଁଥାନ୍ତି। ମା'ଗାଈ ଯେତେବେଳେ ବାଛୁରୀକୁ କ୍ଷୀର ଖୁଆଇବାରୁ ବିରତି ନେବାକୁ ଚାହେଁ ବା ନିଏ ସେତେବେଳେ ବୁଢୀଗାଈ (ଗାଈର ମା') ବାଛୁରୀକୁ ଭଲ ବନ୍ଧୁ ଭାବେ ଆଦରି ନେଇ ତା'ର ଯତ୍ନ ନେଇଥାଏ। ଗାଈମାନେ ଖୁସି ଓ ଉତ୍ସାହିତ ଥିଲେ ଚାରିଗୋଡ ଟେକି ଉପରକୁ ଡେଇଁଥାନ୍ତି। ଗାଈମାନେ ସମସ୍ୟାରେ ଥିଲେ ସାହାଯ୍ୟ ପାଇଁ କିଭଳି ତାଙ୍କ ପାଖକୁ କିମ୍ବା ତାଙ୍କ ଭାଇଙ୍କ ପାଖକୁ ଆସନ୍ତି ଏବଂ ବାଛୁରୀ ସମ୍ପର୍କରେ ଓ ସେମାନଙ୍କୁ ଭଲ ଲାଗୁ ନ ଥିବା କଥା ଜଣାନ୍ତି ତା' ବିଷୟରେ ରୋସାମଣ୍ଡ ଉଲ୍ଲେଖ କରିଛନ୍ତି। ସେମାନେ ସମସ୍ତେ ନିଜ ନିଜ ନାମ ଜାଣନ୍ତି ଏବଂ ନାମ ଧରି ଡାକିଲେ ଦୂରରେ ଥିଲେ ମଧ୍ୟ ପାଖକୁ ଆସନ୍ତି। ସେମାନେ କିଛି ଜିନିଷ ଯଦି ପାଇବାକୁ ଚାହାନ୍ତି ତୁମ ପାଖରୁ ସେହି ଜିନିଷକୁ ଏକ ଲୟରେ ଚାହିଁ ରହନ୍ତି ଓ ତୁମେ ବୁଝି ତାହା ଦେଖିବା ଯାଏ ସେମାନେ ଏଭଳି ଚାହିଁ ରହନ୍ତି।

ଆମର ଯେଭଳି ଭିନ୍ନ ଭିନ୍ନ ସ୍ୱର ରହିଛି ଗାଈମାନଙ୍କର ଠିକ୍ ସେମିତି ସ୍ୱର( ହମ୍ବା) ରହିଛି। ଉତ୍ତେଜିତ ହୋଇ ମା'ଗାଈ ହମ୍ବାଳିବା ମାନେ ସେ ତା'ବାଛୁରୀକୁ ଖୋଜୁଛି ବୋଲି ବୁଝିବାକୁ ହେବ। ଭୟ,ଅବିଶ୍ୱାସ, କ୍ରୋଧ, ଭୋକ ତଥା ଦୁଃଖରେ ଥିଲେ ଏହି ପ୍ରତ୍ୟେକ ଅବସ୍ଥାରେ ଗାଈ ଭିନ୍ନ ଭିନ୍ନ ସ୍ୱରରେ ହମ୍ବାଳନ୍ତି। ପୂରା କମ୍ ସ୍ୱରରେ ହମ୍ବାଳିବା ଅର୍ଥ ସେ ତୁମକୁ କିଛି ପ୍ରଶ୍ନ ପଚାରୁଛି। ଗାଈ ମଣିଷଙ୍କ ମଧ୍ୟରେ ଥିବା ପ୍ରଭେଦକୁ ଜାଣିପାରନ୍ତି। ସେମାନଙ୍କ ପ୍ରତି ଯେଉଁମାନେ ଦୟାଳୁ ସେମାନଙ୍କୁ ମନେରଖନ୍ତି। ଯତ୍ନ ନେବାକୁ ଯେଉଁମାନେ ଅନିଚ୍ଛା ପ୍ରକାଶ କରନ୍ତି ସେମାନଙ୍କୁ ମଧ୍ୟ ମନେ ରଖିଥାନ୍ତି। ଗାଈ ସହଜରେ ଅପମାନ ଅନୁଭବ କରନ୍ତି। ଯଦି ତୁମେ ସେମାନଙ୍କୁ ଅପମାନିତ କରିବା ପରେ ପୁଣି ସେମାନଙ୍କ ସହ ବନ୍ଧୁତା ଆଣିବା ଲାଗି କଠିନ ପ୍ରୟାସ ନ କର ତେବେ ସେମାନେ ତୁମକୁ ଅଣଦେଖା କରନ୍ତି। ଶେଷରେ ଏମିତି ହୁଏଯେ ସେମାନେ ତୁମକୁ ଭୁଲି ଯାଆନ୍ତି। ସେମାନେ ବି ସାରା ଜୀବନ ବନ୍ଧୁତା କରିପାରନ୍ତି। ଜିଦିଆ, ନମ୍ର କିମ୍ବା ଉଗ୍ର ସ୍ୱଭାବର ହୋଇପାରନ୍ତି। ଏ ସବୁ ସତ୍ତ୍ୱେ ମଧ୍ୟ ସେମାନେ ବୁଦ୍ଧିମାନ। ତୁମେ ଯେଉଁ ଭଳି ତୁମ କୁକୁରକୁ ଦେଖୁଛ ଠିକ୍ ସେମିତି ଯଦି ଗାଈକୁ ଦେଖିବ ତେବେ ସେମାନେ ତୁମର ଭଲ ବନ୍ଧୁ ପାଲଟିଯିବେ। ଗାଈ ପରସ୍ପରଙ୍କୁ ଭଲ ପାଆନ୍ତି। ସେମାନଙ୍କର ବନ୍ଧୁ ଓ ଶତ୍ରୁ ମଧ୍ୟ ଥାଆନ୍ତି। ତୁମେ ଯଦି ସେମାନଙ୍କୁ ବୁଝିପାରିବ ବା ସେମାନଙ୍କ କଥା ଶୁଣି ତେବେ ସେମାନେ ତୁମ ସହ ସମ୍ପର୍କ ସ୍ଥାପନ କରିବେ। ସେମାନେ ସମସ୍ୟା ସମାଧାନ କରିପାରନ୍ତି। ଅର୍ଥାତ୍ ସେମାନଙ୍କ ବୁଦ୍ଧି ଭାରି ତୀକ୍ଷ୍ଣ। ସେମାନେ ଯେତେବେଳେ କିଛି ସମସ୍ୟାରେ ଥିବା ଅନୁଭବ କରନ୍ତି ସେତେବେଳେ ବୁଦ୍ଧି ପ୍ରୟୋଗ କରିଥାଆନ୍ତି। ସଞ୍ଜୟ ଗାନ୍ଧୀ ଆନିମଲ କେୟାର ସେଣ୍ଟରରେ ଥିବା ଗାଈ ସମସ୍ୟାରେ ଥିଲେ ଅଡାର ଗେଟ୍ କିଭଳି ଖୋଲିବେ ତା'ର ଉପାୟ ପାଇଯାଆନ୍ତି ଓ ତାହାକୁ ଖୋଲି ବାହାରକୁ ଆସିବା ଲକ୍ଷ୍ୟ କରାଯାଏ। ସେମାନଙ୍କର ଖାଦ୍ୟ ପସନ୍ଦ ମଧ୍ୟ ରହିଛି। ଗୋଶାଳା କିମ୍ବା ଡାଏରୀ ଫାର୍ମରେ ପ୍ରତିଦିନ ଗାଈଙ୍କୁ ଏକା ପ୍ରକାର ଅରୁଚିକର ଖାଦ୍ୟ ଦିଆଯିବା କଥା କେବେ ଶୁଣିଛନ୍ତି କି? ଦିଲ୍ଲୀ ବାହାରେ ଥିବା ଏକ ଗୋଶାଳାକୁ ମୁଁ ଯେତେବେଳେ କିଛି ଗାଈଙ୍କୁ ଭଲରେ ଓ ସ୍ୱାଧୀନ ଭାବେ ରହିବାକୁ ପଠାଉଥିଲି ସେତେବେଳେ ସେହି ଗାଈମାନଙ୍କ ସାଥିରେ ରହୁଥିବା ଆମର ଅତିପ୍ରିୟ ରାଧିବାଈ ନାମ୍ନୀ ଗାଈଟି ଆମ ସମସ୍ତଙ୍କୁ ବହୁବାର ଆକ୍ରମଣ କରିଛି। ତା' ସାଥୀମାନେ ଗୋଶାଳାକୁ ନ ଯାଆନ୍ତୁ ବୋଲି ସେ ଏଭଳି ଆକ୍ରମଣ କରୁଥିଲା। ସେମାନେ ଭଲ ମା'। ସେମାନେ ବାଛୁରୀର ଦେହ ସାରା ଚାଟନ୍ତି। ଏହା ଶାନ୍ତ ମନୋଭାବର ସଙ୍କେତ। ଆମ ପାଖକୁ ଆସିଥିବା ଏକ ଗାଈ ଛୁଆ ଜନ୍ମ କରିଥିଲା ଓ ତା ଗର୍ଭାଶୟ ଜନ୍ମ ଜନିତ ଯନ୍ତ୍ରଣା ଯୋଗୁ ବାହାରକୁ ବାହାରି ଆସିଥିଲା। କିନ୍ତୁ ସେ ଭୀଷଣ ଯନ୍ତ୍ରଣାରେ ତା ବାଛୁରୀ ସହ ରାସ୍ତାରେ ଦୁଇଦିନ ଶୋଇ ରହି ବାଛୁରୀକୁ ଚାହିଁରହିଥିଲା। ଏପରି କି ଷ୍ଟିଚ୍ କରିବାବେଳେ ମଧ୍ୟ ତା' ନଜର ବାଛୁରୀ ଉପରୁ ହଟି ନ ଥିଲା। ବାଛୁରୀକୁ ବୋତଲରେ ପିଇବାକୁ ଦିଆଯାଉଥିଲା। ସେ ଭଲ ହୋଇଗଲା ପରେ ତା' ବାଛୁରୀକୁ କ୍ଷୀର ପିଆଇବାରେ ଲାଗି ଯାଇଥିଲା।

ମଣିଷଙ୍କ ଆବଶ୍ୟକତା ଭଳି ଗୋଜାତୀୟ ପ୍ରାଣୀଙ୍କର ମଧ୍ୟ ଅନେକ ଆବଶ୍ୟକତା ରହିଛି। ମଣିଷଙ୍କ ଭଳି ବିଷାଦରୁ ମୁକ୍ତି , ପର୍ଯ୍ୟାପ୍ତ ବାସସ୍ଥାନ, ଶୁଦ୍ଧ ଖାଦ୍ୟ ଓ ପାଣି, ବ୍ୟାୟାମ କରିବାର ସ୍ୱାଧୀନତା, ବୁଲିବା, ବାହାରକୁ ଚାଲିବାକୁ ଯିବା କିମ୍ବା ଠିଆ ହୋଇ ଚାହିଁବାକୁ ଏମାନେ ଭଲ ପାଆନ୍ତି। ପ୍ରତ୍ୟେକ ପ୍ରାଣୀ ତା' ନିଜ ଜାତିର ପ୍ରାଣୀଙ୍କ ସହ ସାଥୀ ହୋଇ ଏକାଠି ରହିବାକୁ ଚାହାନ୍ତି। ଏଣୁ ଗୋଟିଏ ଗାଈକୁ ମଧ୍ୟ ତା ଅଧିକାର ଉପଭୋଗ କରିବା ଲାଗି ଛାଡି ଦେବା ଦରକାର। ଏହା ତା ସମୟ ଅନୁସାରେ ତାକୁ ନିଜ ବାଟରେ କରିବାକୁ ଦେବା ଦରକାର, ଆମ ସମୟ ଅନୁସାରେ ନୁହେଁ। ଗୋଟିଏ ପିଲାର ଯେଭଳି ଯତ୍ନ ନିଆଯାଏ ଗୋଟିଏ ବାଛୁରୀର ଯତ୍ନ ସେଭଳି ନେବାରେ କିଛି ବି କମ୍ ହେବା ଉଚିତ ନୁହେଁ। ଖରାପ ଯତ୍ନ ନିଆଯାଉଥିବା ବାଛୁରୀଟି ଏକ ଅବହେଳିତ, ରୋଗଣା, ନିଃସଙ୍ଗ ତଥା ଶଙ୍କିତ ଅବସ୍ଥାରେ ଥିବା ପିଲାଟି ସହ ସମାନ। ଯଦି କୌଣସି ଭୟ ଅନୁଭବ କରନ୍ତି ତେବେ ଗୋଠରେ ଗୋଟିଏ ହେଲେ ବି ଗାଈ ଶୋଇପାରନ୍ତିନି। ଯଦି ଭୟର ଉତ୍ସ ଅଳ୍ପ ହୋଇଥାଏ ତେବେ ଗାଈ ବାଛୁରୀମାନଙ୍କୁ ତାହା ଜଣାଇଦିଅନ୍ତି ଯାହାଦ୍ୱାରା ସେମାନେ ଶୋଇପାରନ୍ତି। ଏହି ସମୟରେ କିନ୍ତୁ ବୟସ୍କ ଗାଈମାନେ ବାଛୁରୀକୁ ଜଗି ରହନ୍ତି।

ବିଶ୍ୱରେ ଭାରତ ଏକ ମାତ୍ର ଦେଶ ଯେଉଁଠି ଗାଈଙ୍କୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଏ। ଗାଈର ଧାର୍ମିକ ଗୁରୁତ୍ୱ ଥିବାରୁ ସେମାନଙ୍କ ସେବା ଯତ୍ନ ଲାଗି ବ୍ୟୟ କରାଯାଏ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଗୋଶାଳା ନିର୍ମାଣ କରାଯାଏ। କିନ୍ତୁ ଗାଈକୁ ଆମେ ଗୋଟିଏ ବିଚାରଶୀଳ ଜୀବର ମାନ୍ୟତା ଦେଇ ନ ଥାଉ। ଏପରିକି ଗାଈମାନଙ୍କ ପାଇଁ ଗୋଶାଳା ଏକ କାରାଗାର ପାଲଟିଯାଏ, ଯେଉଁଠି ସେମାନେ ଅବ୍ୟବସ୍ଥିତ ଗୋଠରେ ଠିଆ ହୋଇରହନ୍ତି ଓ ସେଇଠି ଟଳିପଡ଼ନ୍ତି। ସେମାନଙ୍କର ସେଠାରେ କୌଣସି ନାଁ ନାହିଁ କି ନିଜସ୍ୱ ପରିଚୟ ନାହିଁ। ମିଳିତ ପ୍ରୟାସରେ ଭାରତରେ ଗୋଶାଳା ଉପରେ ମୁଁ ଏକମାତ୍ର ମାନୁଆଲ (ନିୟମ ପୁସ୍ତିକା) ଲେଖିଛି । ଗାଈ କ'ଣ ପସନ୍ଦ କରନ୍ତି, କାହାକୁ ସେମାନେ ଭୟ କରନ୍ତି , କିଭଳି ସେମାନଙ୍କର ନିକଟତର ହେବ ଏବଂ ସେମାନଙ୍କ ମାନସିକତାକୁ ଜାଣିବ, ସେ ସମ୍ପର୍କରେ ସେଥିରେ ଏକ ଅଧ୍ୟାୟ ରହିଛି। ଏପରି କି ଘରେ କିଛି ଗାଈ ରଖିଥିବା ଲୋକମାନେ ବି ସେମାନଙ୍କ ସ୍ୱଭାବ ବା ବିଶେଷତା ସମ୍ପର୍କରେ ଭଲ ଭାବେ ଜାଣିବା ଉଚିତ। କିନ୍ତୁ ଗାଈଙ୍କ ପ୍ରତି ଭଲ ବ୍ୟବହାର ପ୍ରଦର୍ଶନ କରିବା କିମ୍ବା ସେମାନଙ୍କ ମନ କଥା ବୁଝିବା କଥା ଲୋକେ ଚିନ୍ତା କରନ୍ତି ନାହିଁ। ବରଂ ଗାଈଙ୍କୁ ଦିନସାରା ବାନ୍ଧି ରଖନ୍ତି, କ୍ଷୀର ଦୁହନ୍ତି। ଜନ୍ମ ହେବା ପରେ ବାଛୁରୀକୁ ତା' ମା'ଠାରୁ କିଛି ଦୂରରେ ବାନ୍ଧିଦିଅନ୍ତି। ସମ୍ଭବତଃ କେବଳ ଘାସ ଚିନ୍ତା କରୁଥିବା ପ୍ରାଣୀ ଭାବେ ଏହା ଏକ ଖୁଣ୍ଟରେ ବନ୍ଧା ହୋଇଥାଏ। ପ୍ରାଣୀମାନଙ୍କର କୌଣସି ଅନୁଭବ ନାହିଁ ବୋଲି ଜଣେ ଭାବିବା ସହଜ । ସେମାନଙ୍କ ଆବଶ୍ୟକତା କଥା ଚିନ୍ତା ନ କରି ଜଣେ ଲାଭ ପାଇଁ ସେମାନଙ୍କୁ ପାଳନ କରିପାରନ୍ତି। ତଥାପି ସେହି ବ୍ୟକ୍ତି ତାଙ୍କ ଘରେ ଥିବା ଛୋଟ ଗାଈର ମୂର୍ତ୍ତିକୁ ପୂଜା କରିବେ।

ରୋସମଣ୍ଡଙ୍କ ବହିକୁ ସ୍କୁଲ ଶିକ୍ଷାରେ ବାଧ୍ୟତାମୂଳକ କରିବା ଉଚିତ। ମୁଖ୍ୟତଃ ଯେଉଁ ଦୟାଳୁ ବ୍ୟକ୍ତି ଗୋଶାଳା ଚଳାଉଛନ୍ତି ସେମାନେ ବି ଏହାକୁ ପଢ଼ିବା ଦରକାର। ପ୍ରାଣୀମାନଙ୍କୁ ବଞ୍ଚାଇବାକୁ ହେଲେ ସେମାନେ ହିଁ ମଣିଷ ଓ ଠିକ୍ ଆମର ଅନ୍ୟ ଏକ ରୂପ ବୋଲି ଅନୁଭବ କରିବାକୁ ହେବ। ଯିଏ ପ୍ରାଣୀମାନଙ୍କୁ ଖାଉଛନ୍ତି ସେମାନେ ନିଜକୁ ଖାଉଛନ୍ତି , ଏହା ମଧ୍ୟ ଚିନ୍ତା କରିବା ଆବଶ୍ୟକ।

Email: gandhim@nic.in

## ସରଳ ଜୀବନ

ଦ୍ୱିତୀ ଚନ୍ଦ୍ର ସାହୁ

ଦେଖିଲି ଜଣେ ବୟସ୍କ ମଣିଷ ମୁହଁରେ ଗାମୁଛା ଘୋଡେଇ ଗାଁ ଆଡକୁ ଚାଲିଛି। ହାତରେ ଖାଲି ଗୋଟେ ବାଡି। ସନ୍ଧ୍ୟା ଭ୍ରମଣରେ ଫେରୁଥିଲି ଘରକୁ। ଲକ୍‌ଡାଉନ୍ ଜନିତ ଅବସାଦ ମେଣ୍ଟାଇବାକୁ ଘର ପଛ ପାଖ ରାସ୍ତାକୁ ବୁଲିବାକୁ ବାଛି ଥାଏ । ପାଖ ଏକ ଗାଁର ଲୋକ ହୋଇଥିବ ଭାବି ପଚାରିଲି– 'ମଉସା ! କୁଆଡେ ଯାଉଛ ?' 'ନାଇଁ ଆଜ୍ଞା ! ଏ ବଜାରକୁ ଯାଉଛି। ମୋର ଖଇନି ସରିଗଲା ଆଜ୍ଞା ! ପାଟିରେ ଖଇନି ନ ଥିଲେ ଏବେ ଆଉ ଚଳୁନି !' ଉତ୍ତର ଦେଲା ସେ। କଥାକୁ ଲମ୍ବେଇବାକୁ ଯାଇ ପଚାରିଲି– 'ତୁମେ ସବୁ ଧୂଆଁ ପିଉଛ ପରା ! ଆଉ ଖଇନି କି ପାଇଁ ଖୋଜୁଛ ?'

'ନାଇଁ ଆଜ୍ଞା ! ସବୁବେଳେ ସେଟା ପିଇ ହେଉନି। ଇଟା ତ ବଜାରରେ ସୁବିଧାରେ ମିଳି ଯାଉଛି। ନେଇଗଲେ ପାଟିରେ ପକେଇଦେଲେ କାମ ସରିଲା !' ଏମିତି ଉତ୍ତର ପାଇବା ପରେ ଟିକେ ଦରଦ ହୋଇ ପଚାରିଲି – 'ଆଉ ଏ ଲକ୍‌ଡାଉନ୍‌ରେ ତୁମର ଗାଁରେ ଚଳିବା କିପରି? ବେଶି ଅସୁବିଧା କରିଦେଲା ମଉସା କରୋନା ସମସ୍ତଙ୍କୁ!' ଭାବୁଥିଲି ବୁଢା ମଣିଷ ଆକ୍ରାମାକ୍ରା ହୋଇ ତା'ର ଦାରିଦ୍ର୍ୟର ଇସ୍ତାହାରକୁ ଖୋଲିବ। ତା'ର ପ୍ରତି ପୃଷ୍ଠାକୁ ପଢିବ ଗୋଟି ଗୋଟି ! ଆଉ ସେସବୁ ଶୁଣି ଆମଭଳି ଶିକ୍ଷିତ ମଣିଷ ଆହାଃ ପଦେ କହି ଖୁସିରେ ପହଁରିବ। ବୁଢା ସିଧା ସିଧା କହିଲା – 'ନାଇଁ ବାବୁ ! ରୋଗ ଲାଗି ସିନା ଘରୁ ବାହାରିବା କଷ୍ଟ ହେଲା। ଆମର ପର୍ବପର୍ବାଣି ବନ୍ଦ ହୋଇଗଲା । ହେଲେ ଆମର କିଛି ଅସୁବିଧା ନାଇଁ! ସରକାର ତ ଚାଉଳ ଦେଲା। ପଇସା ବି ଦେଲା ଆଗରୁ। ଘରେ ଡଙ୍ଗର ତଳି ଖାଲୁଆ ଜମିର ପାଚି ଅଛି। ବାଡିରେ ପରିବାପତ୍ର। ଲେମ୍ବୁ ପାଇଁ ବି ଚିନ୍ତା ନାହିଁ। ଘରେ ତେନ୍ତୁଳି ଅଛି। ଚାର କୋଳି ବି ମିଳୁଛି। ସରଗି ମଞ୍ଜିକୁ ବି ଗୁଟଉଛୁ। ଏବେ ମହୁଲ ଫୁଲ ବି ଝଡୁଛି। ତାକୁ ଗୁଟେଇ ରଖିଛୁ। ମହୁଲ ସରୁଛି କି ନାଇଁ ଆମ୍ବରେ ଆମ୍ବୁଲ ବି ତିଆରି କରୁଛୁ। ତା' ପରେ ଆମ୍ବ ପାଚିଲେ ଚମ୍ପେଇତ, ଆମ୍ବଶଢା ହେବ। ଖାଇବା ତେଲ ପାଇଁ ଟୁଲ ମଞ୍ଜି ବି ଆଗକୁ ମିଳିବ। ଇଟାମଣେ ସରିବ କି ନାଇଁ ଡଙ୍ଗର ଚାଷ କରି ମାଣ୍ଡିଆ, ମକା, ଜହ୍ନା, ବାଜରା, କାଙ୍ଗୁ ଲଗେଇବାର ପାଳି। ସେ ଲାଗି ଡଙ୍ଗର ବି ସଜ କରୁଛୁ। ଆମକୁ ତିରୁବାଟୁ ନାଇଁ କା ! ସକାଳୁ ମାଇକିନାମାନେ ତୁମ ଗାଁକୁ ତେନ୍ତୁଳି, ଆମ୍ବୁଲ, ଚାର କୋଳି, ଭାଲିଆ ପାଣ୍ଡୁ, ପିତଳ କନ୍ଦା, ଲଙ୍ଗଳ କନ୍ଦା, ମୁନିଗାଁ ଶାଗ, ବରଡା ଶାଗ, ଗୁରୁଡି ଶାଗ ଇମିତିକା ଜିନିଷ ଧରି ବିକିବାକୁ ଆଣି ଏ ଛକରେ ବସିଗଲେ ସବୁ ସରିଯାଉଛି। ବେଳ ଟିକେ ଗଡିଲା ବେଳକୁ ପଳଉଛି। ସକାଳୁ ସକାଳୁ ଦୁକାନରୁ କ'ଣ ଟିକେ କିଣାକିଣି କରି ପଳେଇଗଲେ ଆଉ କିଛି ଲୁଡା ପଡୁନି। ଆମର ତୁମର ଭଳି ବେଶି ଲୁଡାନି ବାବୁ ! ଭାତ, ମାଣ୍ଡିଆ ଜାଉ ପାଖରେ କିସ ଟିକେ ତାଟିଆରେ ମିଳିଗଲେ ଖୁସି। ଖାଇ କି ଡଙ୍ଗର ପାହାଡ ଆଉ ଗାଁ ଭିତରେ ସରିଯାଉଛି ବେଳ ! ପରବ ହେଲେ କା ଆମର ଖର୍ଚ୍ଚ ବେଶି ! ସିଟା ତ ଏ କରୋନା ଲାଗି ବନ୍ଦ। ଆଉ କିସ ବାବୁ ଇମିତିକା ଚାଲିଛି। ବଞ୍ଚିବାକୁ ଚିନ୍ତା ନାଇଁ କା ଆମକୁ ! 'ତାର ସରଳ ଅଥଚ ସଫା ଉତ୍ତର କିନ୍ତୁ ଚମକେଇ ଦେଲା। ବାଧ୍ୟ କଲା ନିଜକୁ ଚିନ୍ତା କରିବାକୁ।

କେତେ ବାସ୍ତବବାଦୀ ହୋଇ ବଞ୍ଚିଛି' ଜଙ୍ଗଲ ପାହାଡର ମଣିଷମାନେ ! ସ୍ୱାଭାବିକ ଦିନରେ ଯେମିତି, କରୋନାଜନିତ ଲକ୍‌ଡାଉନ୍‌ରେ ବି ସେମିତି। ଫରକ କିଛି ନାହିଁ। ଅଳ୍ପରେ ଅନେକ ଭଳି ନିଜ ପାଖର ସମ୍ବଳକୁ ନେଇ ଜିଇପାରୁଛନ୍ତି ଅତି ସହଜରେ। ଅଥଚ ଆମେ ଘରେ ଥିବା ମଣିଷକୁ ବହୁତ ଚିନ୍ତା। ଲକ୍‌ଡାଉନ୍‌ରେ ଆମର ଅଜସ୍ର ରୁଚି। ସକାଳ ପାହିଲେ ଆମେ ଖୋଜୁଛୁ ରେସିପି। ନୂଆ ନୂଆ କେବେ କରି ନ ଥିବା ଆଇଟମ ସବୁ ନେଟରୁ ଦେଖି ତିଆରି କରୁଛୁ। ତା'ପାଇଁ ଆବଶ୍ୟକ ଜିନିଷ ଲାଗି ଯେମିତି ହେଉ କୋଉ ଗଳା ବାଟ ଦେଇ ଦୋକାନକୁ ଯାଇ ଆଣିଲେ ଘରେ ଶାନ୍ତି। ଅବଶ୍ୟ ଏଇକ୍ରମରେ ପରିବାର ମଧ୍ୟରେ ଭାଗୀଦାରି, ସୁସମ୍ପର୍କ ସ୍ଥାପନ, ଅବସର ବିନୋଦନ ସର୍ବୋପରି ପାରିବାରିକ ମିଳନର ମହାର୍ଘ୍ୟ ସୁଖ ମିଳୁଛି। ହଜିଯାଉଥିବା ପାରିବାରିକ ଖୁସି ଫେରି ଆସିଛି। ବ୍ୟକ୍ତିଗତ ସମ୍ପର୍କ ବି ବଢିଛି। ଏକଥା ବି ଆପଣମାନେ କହି ପାରନ୍ତି ଡଙ୍ଗର ପାହାଡରେ ରହୁଥିବା ମଣିଷଙ୍କ ଜୀବନଶୈଳୀ ଏବଂ ଆମର ଜୀବନଚର୍ଯ୍ୟା ଅଲଗା ଅଲଗା। ତା'ର ତୁଳନାତ୍ମକ ଚିତ୍ର ଉପସ୍ଥାପନା କରିବା ଉଚିତ ନୁହେଁ। ଏକଥା ସତ। କିନ୍ତୁ ଆମେ ଯେଉଁ ମଣିଷମାନେ ଗାଁର ମାଟି କାଦୁଅରେ ବଢିଛୁ, ନଈନାଳର ବୋହୁଥିବା ପାଣିରେ ବାଲୁଙ୍ଗା ଗାଧୋଇଛୁ, କାଦୁଅମାଦୁଅ ହୋଇ ମାଛ ଧରିଛୁ, ଲଙ୍ଗଳ କଣ୍ଟି ଧରି ବିଲରେ ମାତିଛୁ, ପୂନେଇପରବରେ ମତପୁରିଆ ହୋଇଛୁ ସେମାନେ ଏବେକାର ପରିବର୍ତ୍ତିତ ରୂପରେ ବଞ୍ଚିବା ଶିଖିଗଲା ପରେ ସତରେ ଏଣିକି ଆଉ ଅଳ୍ପରେ ବଞ୍ଚିପାରୁଛୁ ! ଏତିକି କଥା କରିପାରୁନୁ ବୋଲି ଜୀବନଜୀବିକା ଦାୟରେ ପ୍ରବାସୀ ଫେରନ୍ତାମାନେ ଉତ୍ପାତିଆଣ ବଶତଃ ହେଉ କି ନିଜର ବଦଳେଇଥିବା ଭେକ ଦୃଷ୍ଟିରୁ ହେଉ ସଂଗରୋଧ କେନ୍ଦ୍ରରେ ଗଣ୍ଡଗୋଳ କରୁଛୁ। ମାତ୍ର ଚଉଦଦିନିଆର ସାମୟିକ ରହଣିକୁ ଗ୍ରହଣ କରିପାରୁନୁ। ଖାଦ୍ୟକୁ ପିଙ୍ଗି ବିଶୃଙ୍ଖଳା କରୁଛୁ। ଘର ଭିତରର ମଣିଷ ହୁଅନ୍ତୁ କି ସେ ପ୍ରବାସୀ ଘର ବାହୁଡାମାନେ ହୁଅନ୍ତୁ, ତଥାକଥିତ ସରଳ ଜୀବନକୁ କେତେ ଗ୍ରହଣ କରିପାରିଛୁ ! ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଜୀବନଚର୍ଯ୍ୟା ଅପେକ୍ଷା ଜୀବନ ରଖିବା ବଡ କଥା। ବିଳାସବ୍ୟସନ ଅପେକ୍ଷା ବିଚାରବନ୍ତ ହେବା ଗୁରୁତ୍ୱ। ନିଜେ ବଞ୍ଚି ଅନ୍ୟକୁ ବଞ୍ଚେଇବା ଏବେ ପ୍ରମୁଖ ପ୍ରସଙ୍ଗ। ଅନ୍ତତଃ ଏତିକି କଥା ସେହି ନିଚ୍ଛକ ମଣିଷମାନଙ୍କଠାରୁ କିଛିଦିନ ପାଇଁ ହେଲେ ବି ଶିଖିବା ଆବଶ୍ୟକ। ନୁହେଁ କି !

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା,
ମୋ– ୯୫୫୬୨୮୭୭୭୫

### ଚିରନ୍ତନୀ

ସେ ହାସେ ଫୁଟୁ ଗୋ ଧରାର ବେଦନା
ଆକାଶ–ଲୋତକ ରାଶି
ବିଶ୍ୱଜଡ଼ିତ ସୁଖର ଚେତନା
ସେହି ହାସେ ଉଠୁ ଭାସି। (ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଏଇ ଭାରତରେ

ଗୁଜରାଟର ନର୍ସ କମଲେଶ ପରମାର କରୋନା ମହାମାରୀ ସମୟରେ ଲୋକଙ୍କ ଜୀବନବଞ୍ଚାଇବାରେଲାଗିପଡିଛନ୍ତି।ସେଏଥିପାଇଁଦିନରାତିଏକାକରିଦେଇଛନ୍ତି। ସେବାର ପ୍ରତ୍ୟେକ ଦିନ ତାଙ୍କ ପାଇଁ ପ୍ରଥମ ଓ ଶେଷ ବୋଲି ସେ ମନେକରି କାର୍ଯ୍ୟ କରୁଛନ୍ତି। ଲକ୍‌ଡାଉନ୍‌ରେ ଶ୍ରୀ ସାୟାଜି ଜେନେରାଲ (ଏସ୍.ଏସ୍.ଜି) ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ କମଲେଶ ଡାକ୍ତର ଓ ନର୍ସମାନଙ୍କ ସମେତ ୨୦୦ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଖାଦ୍ୟ ମଧ୍ୟ ଯୋଗାଉଛନ୍ତି। ସେ ଓ ତାଙ୍କ ସାଥୀ କର୍ମଚାରୀମାନେ ବସ୍ତିବାସିନ୍ଦାଙ୍କୁ ୨୫,୦୦୦ ମାସ୍କ, ୨୫ଶହ ସାନିଟାଇଜର ଓ ୩୦୦ ରାଶନ କିଟ୍ ଯୋଗାଇ ଦେଇସାରିଛନ୍ତି। ୨୦ ବର୍ଷ ଚାକିରି ମଧ୍ୟରେ ସବୁ ବିପର୍ଯ୍ୟୟ ଏପରିକି କଚ୍ଛ ଭୂମିକମ୍ପ ଓ ସୁରଟ୍ ମହାବନ୍ୟାରେ ସେ ଲୋକମାନଙ୍କ ସେବା କରିଛନ୍ତି। ସେ କୁହନ୍ତି,ଏହା ଲୋକଙ୍କ ଜୀବନ ବଞ୍ଚାଇବାର ଏକ ସୁଯୋଗ। ୫୨ ବର୍ଷୀୟ କମଲେଶଙ୍କ ଜନ୍ମ ଭଦୋଦରାରେ। ତାଙ୍କ ମାତା ପିତା ଓ ପରିବାର ସଦସ୍ୟମାନେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ମେଡିକାଲରେ କିରାଣି ଭାବେ କାର୍ଯ୍ୟ କରନ୍ତି। ଏହାର ପ୍ରଭାବ ତାଙ୍କ ଉପରେ ପିଲାଦିନରୁ ପଡିଥିଲା ଯାହାଦ୍ୱାରା ସେ ଜଣେ ଭଲ ନର୍ସ ହୋଇପାରିଛନ୍ତି। କମଲେଶ ବି.ଏସ୍‌ସି. ପାସ୍ କରିବା ପରେ ନର୍ସିଂ ଟ୍ରେନିଂ ନେଇ ଚାକିରିରେ ଯୋଗ ଦେଇଥିଲେ। ଉତ୍ତମ ସେବା ପାଇଁ ୨୦୧୮ରେ ରାଷ୍ଟ୍ରପତିଙ୍କଠାରୁ ସେ ଫ୍ଲୋରେନ୍ସ ନାଇଟଏଙ୍ଗଲ ପୁରସ୍କାର ଗ୍ରହଣ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ମେ ୧୯୯୫

- ଆଫଗାନିସ୍ତାନ ରାଷ୍ଟ୍ରପତି ବରହାନୁଦ୍ଦିନ ରାବାନୀଙ୍କ ସମର୍ଥିତ ସୈନ୍ୟ ସହ ସଂଘର୍ଷରେ ତାଲିବାନ ଗୋଷ୍ଠୀର ୨୦୦ ସୈନ୍ୟ ନିହତ।
- ଶ୍ରୀଲଙ୍କାର ପୂର୍ବାଞ୍ଚଳ ଚାଟିକୋଲଆ ଜିଲାର କୋକ୍କାଡିଚୋଲ୍ଲାଇଠାରେ ସରକାରୀ ସେନାବାହିନୀ ଏବଂ ଏଲ୍‌ଟିଟିଇ ମଧ୍ୟରେ ପ୍ରବଳ ସଂଘର୍ଷ ଘଟି ୫୦ଜଣ ଏଲ୍‌ଟିଟିଇ ବିଦ୍ରୋହୀଙ୍କ ସମେତ ୭୦ଜଣ ନିହତ।
- ମିରଟ କଲେଜର ୨ୟ ବର୍ଷ ଆଇନ ଛାତ୍ରୀ କୁମାରୀ ମୁକ୍ତି ଶ୍ରୀବାସ୍ତବ ଦେଶର ପ୍ରଥମ ମହିଳା ଏୟାର ଟ୍ରାଫିକ କଣ୍ଟ୍ରୋଲର ହେବାର ଗୌରବ ଅର୍ଜନ କରିଛନ୍ତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | | | 2 | | | | | | 5 | | A | | 1 |
| | 0 | | 6 | C | | 7 | 3 | | | | | | | |
| | | | | | 1 | | 4 | | B | | D | 3 | | |
| A | | | | 3 | 7 | | 5 | D | | C | | 8 | | 2 |
| C | 1 | | | | 0 | A | | 2 | | | 8 | | | 5 |
| | 4 | A | 3 | | | 5 | | | | | | | | |
| | B | | 7 | | 9 | | | | 4 | 6 | | D | | |
| 0 | | | 2 | | 8 | | | 6 | 9 | | | | | |
| 9 | | | | 0 | | | | | | | | | | |
| 2 | 5 | | | | | 4 | D | C | | | | 1 | | |
| | | 5 | | | | | 7 | | 8 | | | | | |
| | | | D | | 3 | | | | | | | 7 | | |
| D | 3 | | 0 | 1 | | | | A | | | B | 9 | | 8 |
| | 9 | B | | | 5 | 8 | 1 | | E | | | 0 | 4 | D |
| | | | 8 | | | 6 | | 4 | | | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | C | 4 | E | A | B | 1 | 5 | 7 | 9 | 6 | 0 | 3 | D | 8 |
| 7 | 1 | 8 | D | 2 | 4 | 6 | A | 3 | B | E | 5 | 0 | C | 9 |
| 5 | B | 0 | 8 | 3 | 7 | 2 | C | 9 | D | A | 4 | E | 6 | 1 |
| A | 6 | 3 | 0 | 9 | C | D | E | 4 | 1 | 8 | 2 | B | 5 | 7 |
| D | 9 | E | 6 | 1 | 5 | 8 | B | 0 | 3 | C | 7 | A | 2 | 4 |
| 8 | 4 | 6 | 2 | 7 | 1 | 9 | 3 | A | C | D | B | 5 | 0 | E |
| 9 | 2 | C | 3 | D | 0 | E | 8 | B | 5 | 1 | 6 | 7 | 4 | A |
| E | 5 | 1 | 9 | 4 | A | 0 | 6 | D | 7 | 3 | 8 | C | B | 2 |
| 3 | A | B | C | E | 8 | 4 | 7 | 5 | 0 | 2 | 9 | 6 | 1 | D |
| 0 | D | 7 | B | 5 | 6 | C | 2 | 1 | E | 4 | A | 9 | 8 | 3 |
| 1 | 8 | A | 7 | 0 | 9 | B | 4 | C | 2 | 5 | E | D | 3 | 6 |
| C | 7 | 5 | 1 | 6 | D | A | 0 | 8 | 4 | 9 | 3 | 2 | E | B |
| 4 | 3 | 2 | A | B | E | 5 | 9 | 6 | 8 | 0 | D | 1 | 7 | C |
| 6 | E | D | 5 | 8 | 3 | 7 | 1 | 2 | A | B | C | 4 | 9 | 0 |
| B | 0 | 9 | 4 | C | 2 | 3 | D | E | 6 | 7 | 1 | 8 | A | 5 |

ଗତକାଲିର ଉତ୍ତର

# ପ୍ରବାସୀଙ୍କୁ କରୋନା: ସାମାନ୍ୟ ସ୍ଥିତିକୁ ଫେରିବାର ସୁଯୋଗ

ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

ମୁଁ ଯୋଉ ହିସାବ ଦେବି ସେଥିରୁ କିଛି ଠୋସ୍ ରୂପରେଖଟିଏ ବାରିବା ହୁଏତ ଅନେକଙ୍କୁ ଅଡୁଆ ଲାଗିପାରେ, କିନ୍ତୁ ମୋତେ ଏଇଥିରୁ କିଛି ଅତ୍ୟନ୍ତ ଅସହଜ ଚିତ୍ର ଜଳଜଳ ଦିଶୁଛି। ଗୁଜରାଟର ସୁରତ ନଗରୀରେ ବହୁତ ଓଡ଼ିଆ ରହନ୍ତି। ୬୫ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସୁରତ ନଗରୀରେ ମେ ୧୦ ତାରିଖ ସକାଳ ୧୦ଟା ସୁଦ୍ଧା ସର୍ବମୋଟରେ ୮୪୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ଓ ତହିଁରୁ ୪୪୫ଜଣ ସୁସ୍ଥ ହୋଇ ଏବେ ମାତ୍ର ୩୫୯ ଜଣ ହିଁ ସକ୍ରିୟ ସଂକ୍ରମିତ ଅଛନ୍ତି ବୋଲି ଗୁଜରାଟ ସରକାରଙ୍କ ତଥ୍ୟ କହେ। ଯେଉଁ ଦିନଠାରୁ ସୁରତରୁ ପ୍ରବାସୀ ଓଡ଼ିଆ ଓଡ଼ିଶାକୁ ଫେରିବା ଆରମ୍ଭ ହେଲା, ସେହିଦିନ ସୁରତ ନଗରୀରେ ଚିହ୍ନଟ କୋଭିଡ୍ ରୋଗୀ ସଂଖ୍ୟା ନିଶ୍ଚୟ କମ୍ ଥିବ। ଏବେ ଆସିବା ଓଡ଼ିଶାକୁ। ଓଡ଼ିଶା ସରକାରଙ୍କ ତଥ୍ୟ ଅନୁସାରେ ମେ ୧୦ ତାରିଖ ସକାଳ ୧୦ଟା ସୁଦ୍ଧା ୪,୩୩୨ ଜଣ ବ୍ୟକ୍ତି ରାଜ୍ୟର ବିଭିନ୍ନ 'କ୍ୱାରାଣ୍ଟାଇନ' କେନ୍ଦ୍ରରେ ଥିଲେ। ଏମାନଙ୍କ ମଧ୍ୟରୁ ଅନେକ ସୁରତରୁ ଆସି ନାହାନ୍ତି ଏବଂ ସେହିଭଳି କେନ୍ଦ୍ରରେ ଥିବା ସମସ୍ତେ ପ୍ରବାସୀ ଓଡ଼ିଆ ବି ନୁହନ୍ତି। ସୁରତରୁ କେତେ ଲୋକ ଓଡ଼ିଶାକୁ ଫେରି ସାରିଛନ୍ତି ଓ ତାଙ୍କ ମଧ୍ୟରୁ କେତେକଙ୍କର ନମୁନା ପରୀକ୍ଷା ସାରିଲାଣି ତା'ତଥ୍ୟ ମୋ ପାଖରେ ନାହିଁ। ବ୍ରହ୍ମପୁର ବଡ ଡାକ୍ତରଖାନାରେ ଦିନକୁ ଅତିବେଶିରେ ୧୫୦ଟି ହିଁ ନମୁନା କରୋନା ପାଇଁ ପରୀକ୍ଷା ହୋଇପାରିବ। ତେଣୁ ଖୁବ ବେଶି ଲୋକଙ୍କ ପରୀକ୍ଷା ହୋଇ ନ ଥିବ ନିଶ୍ଚୟ କିନ୍ତୁ ୧୫୩ ଜଣ ସୁରତ ଫେରନ୍ତା କୋଭିଡ୍ ରୋଗୀ ବୋଲି ଚିହ୍ନଟ ହୋଇସାରିଲେଣି। ଏକ ସାଧାରଣ ହିସାବରେ ସୁରତରୁ ଓଡ଼ିଶାକୁ ପହଞ୍ଚୁଥିବା ପ୍ରତି ୧୦ ଜଣରେ ଜଣେ କରୋନା ସଂକ୍ରମିତ ବାହାରୁଛନ୍ତି। ସୁରତରେ ପ୍ରାୟ ୮ରୁ ୧୦ ଲକ୍ଷ ଓଡ଼ିଆ ପ୍ରବାସୀ ରହନ୍ତି। ଓଡ଼ିଶାକୁ ଫେରୁଥିବା ସୁରତ ପ୍ରବାସୀଙ୍କ ସଂକ୍ରମଣ ହାରକୁ ହିସାବକୁ ନେଲେ ସୁରତରେ କରୋନାର ସଂକ୍ରମଣ ଯେ କେତେ ବ୍ୟାପକ ହୋଇସାରିଲାଣି ତାହାର ଅନୁମାନ କରିବା ଆଦୌ କଷ୍ଟକର ନୁହେଁ। ଗୁଜରାଟ ସରକାର ହୁଏତ ପ୍ରବାସୀଙ୍କର ପରୀକ୍ଷା ହିଁ କରିନାହାନ୍ତି ବା କରୋନାର ସଂକ୍ରାମକ ସ୍ଥିତିକୁ ସମ୍ପୂର୍ଣ୍ଣ ଲୁଚାଇ ରଖିଛନ୍ତି। ହୁଏତ ସଂକ୍ରମଣର ଏହି ହାର ଜାଣିଥିଲେ ଓଡ଼ିଶା ସରକାର ପ୍ରବାସୀଙ୍କ ପାଇଁ ଭିନ୍ନ ବ୍ୟବସ୍ଥା କରିଥାନ୍ତେ। ପ୍ରବାସୀଙ୍କ ଓଡ଼ିଶା ଆଗମନ ଏବେ ଓଡ଼ିଶାର ସ୍ଥିତିକୁ ଜଟିଳ କରିବାର ବଡ ଆଶଙ୍କା ରଖେ।

ଏହିସ୍ଥିତିରୁ ମୁଁ ବାରୁଥିବା ପ୍ରଥମ ଚିତ୍ରଟି ହେଲା ଯେ, ସୁରତରେ ଚିହ୍ନଟ ହୋଇଥିବା କରୋନା ସଂକ୍ରମିତଙ୍କ ସଂଖ୍ୟାଠାରୁ ଲୁକ୍କାୟିତ ହୋଇ ରହିଥିବା ସଂକ୍ରମିତଙ୍କ ସଂଖ୍ୟା ଅନେକଗୁଣ ଅଧିକ। ଓଡ଼ିଶାକୁ ପହଞ୍ଚୁଥିବା ପ୍ରବାସୀଙ୍କ ପରୀକ୍ଷା ହେଉଛି ବୋଲି ହିଁ କରୋନା ସଂକ୍ରମଣର ଅଧିକ ମାମଲା ଲୋକଲୋଚନକୁ ଆସୁଛି। ଅନ୍ୟ ଭାବରେ କହିଲେ, ସୁରତ ହେଉ ବା ଓଡ଼ିଶା ହେଉ ବା ଭାରତରେ ହେଉ, କରୋନା ସଂକ୍ରମିତଙ୍କ ପ୍ରକୃତ ସଂଖ୍ୟା ଚିହ୍ନଟ ହୋଇସାରିଥିବା ସଂଖ୍ୟାଠାରୁ ଢେର ଅଧିକ ଥିବା ନିଶ୍ଚିତ। ମୋତେ ଦୃଶ୍ୟମାନ ହେଉଥିବା ଅନ୍ୟ ଚିତ୍ରଟି ଆହୁରି ଭୟାବହ। କେନ୍ଦ୍ର ସରକାର ପ୍ରବାସୀଙ୍କ ଯାତାୟାତ ପାଇଁ ଅନୁମତି ଦେବା ମାତ୍ରେ ଗୁଜରାଟ ସରକାର ଅତ୍ୟନ୍ତ ଆଗଭର ହୋଇ ଓଡ଼ିଆ ତଥା ଅନ୍ୟ ରାଜ୍ୟର ପ୍ରବାସୀଙ୍କୁ ବସ୍ ମାଧ୍ୟମରେ ପଠାଇବା ଆରମ୍ଭ କରିଦେଇଥିଲେ। ଗତ ସପ୍ତାହରେ ଯେତେବେଳେ ଓଡ଼ିଶା ହାଇକୋର୍ଟ ସଂକ୍ରମିତ ହୋଇ ନ ଥିବା ପ୍ରବାସୀଙ୍କୁ ହିଁ ଓଡ଼ିଶାକୁ ଆସିବାକୁ ଦିଆଯିବ ବୋଲି ନିର୍ଦ୍ଦେଶ ଦେଲେ ସେତେବେଳେ ଓଡ଼ିଶା ସରକାର ନୁହେଁ, ବରଂ ଗୁଜରାଟ ସରକାର ରାତିକ ଭିତରେ କେନ୍ଦ୍ର ସରକାରଙ୍କୁ ପ୍ରଭାବିତ କଲେ ଓ କେନ୍ଦ୍ର ସରକାରଙ୍କ 'ସଲିସିଟର ଜେନେରାଲ' ପରଦିନ ସୁପ୍ରିମ କୋର୍ଟ ଖୋଲିବା ମାତ୍ରେ ହିଁ ସ୍ଥଗିତାଦେଶ ନେଇ ଆସିଲେ। ହାଇକୋର୍ଟଙ୍କ ସେହିଭଳି ନିର୍ଦ୍ଦେଶ ଅବଶ୍ୟ ମାନବତାର ବିରୋଧୀ ଥିଲା ବୋଲି ଏକ ବଡ ବର୍ଗ ବିଶ୍ୱାସ କରନ୍ତି କିନ୍ତୁ ଗୁଜରାଟ ସରକାରଙ୍କ ତ୍ୱରିତ ପଦକ୍ଷେପରୁ ଗୋଟେ କଟୁ ବାସ୍ତବତା ଅତ୍ୟନ୍ତ ସ୍ପଷ୍ଟ ଭାବରେ ବାରି ହେଉଛି। ବାସ୍ତବତାଟି ହେଲା ଯେ ଗୁଜରାଟ ସରକାର ସୁରତ ବା ସେହି ରାଜ୍ୟର ଅନ୍ୟ ପ୍ରାନ୍ତରରେ ଥିବା ପ୍ରବାସୀଙ୍କ ପ୍ରତି ଅତ୍ୟନ୍ତ ହେୟଭାବ ପ୍ରକାଶ କରିଛନ୍ତି ଓ କରୋନା ସଂକ୍ରମଣର ବାସ୍ତବ ସ୍ୱରୂପ ଅତି ଭଲ ଭାବରେ ଜାଣିଛନ୍ତି। ତେଣୁ, ପ୍ରବାସୀଙ୍କୁ ତଡିବା ପାଇଁ ଖୁବ୍ ତରବରରେ ଅଛନ୍ତି। ଓଡ଼ିଶାକୁ ଫେରୁଥିବା ସୁରତ ପ୍ରବାସୀଙ୍କ ସଂକ୍ରମଣ ହାର ଦେଖିଲେ ସୁରତ ଭଳି ସ୍ଥାନମାନଙ୍କର ସ୍ଥିତି ଓ ଗୁଜରାଟ ସରକାର କାହିଁକି ତରବରରେ ଅଛନ୍ତି ତାହା ବୁଝିବା ଆଦୌ କଷ୍ଟ ନୁହେଁ।

ଏହି କଟୁ ବାସ୍ତବତାଟି ସୁରତ ନଗରୀ ବା ଗୁଜରାଟ ରାଜ୍ୟରେ ସୀମିତ ଥିବ ବୋଲି ବିଶ୍ୱାସ ହେଉନାହିଁ। ଏହା ପୂର୍ବରୁ ଓଡ଼ିଶାରେ କରୋନା ସଂକ୍ରମଣରେ ବୃଦ୍ଧି ପାଇଁ କଲିକତାକୁ ଏକପ୍ରକାର ଦୋଷୀ ବୋଲି ଧରି ନିଆଯାଇଥିଲା। ତାହା ପୂର୍ବରୁ ନିଜାମୁଦ୍ଦିନ ମାର୍କଜ ଉପରେ ସବୁ ଦୋଷ ଅଜାଡି ହୋଇଥିଲା। ଅନ୍ୟ ରାଜ୍ୟ ବା ଦେଶମାନଙ୍କରେ ବି ସେହିଭଳି ଅବସ୍ଥା। ସମସ୍ତେ ଅନ୍ୟ ଉପରେ ଦୋଷ ଲଦିବାରେ ବ୍ୟସ୍ତ। ପ୍ରକୃତ ବାସ୍ତବତା ହେଲା ଯେ, ଆମେ ଯଥେଷ୍ଟ ପରୀକ୍ଷଣ କରୁନାହିଁ। ଯେହେତୁ ବାହାରୁ ଆସୁଥିବା ଲୋକଙ୍କୁ ହିଁ କରୋନା ସଂକ୍ରମଣର ସନ୍ଦେହରେ ପରୀକ୍ଷା କରୁଛୁ, ତାଙ୍କଠାରେ ହିଁ ସାଧାରଣତଃ ସଂକ୍ରମଣ ମିଳୁଛି। ଏହି କାରଣରୁ ହିଁ ଏକ ଭ୍ରାନ୍ତଧାରଣା ଜନମାନସରେ ଚେରମାଡି ବସୁଛି ଯେ ବାହାରୁ ଆସୁଥିବା ଲୋକେ ହିଁ କରୋନା ଭୂତାଣୁର ବାହକ। ଏହି କାରଣରୁ ହିଁ ବାହାରୁ ଆସୁଥିବା ଲୋକ, ଏପରି କି ବାହାରୁ ଆସୁଥିବା ଆପଣା ପ୍ରବାସୀଙ୍କ ଉପରେ ମାନସିକ, ସାମାଜିକ, ପ୍ରଶାସନିକ ଓ ସ୍ଥଳ ବିଶେଷରେ ଶାରୀରିକ ପ୍ରହାର ବଢ଼ିବାରେ ଲାଗିଛି। ପ୍ରବାସୀ ଫେରନ୍ତାଙ୍କ ପ୍ରତି ବାଟଘାଟରେ, ନିଜ ଗାଁରେ ଏମିତି ବାଛବିଚାର ହେଉଛି ଯାହା ଆମ ମୁଣ୍ଡ ତଳକୁ କରିଦେବା କଥା। ତେବେ, ସୁରତ ବା କଲିକତାକୁ ଉଦାହରଣ ଭାବରେ ନେଲେ ଏହା ସ୍ପଷ୍ଟ ହୋଇଯାଏ ଯେ ପ୍ରାୟ ସମସ୍ତ ସ୍ଥାନରେ ଯେତିକି କରୋନା ରୋଗୀ ଚିହ୍ନଟ ହୋଇଛନ୍ତି ତାହାଠାରୁ ଢେର ଗୁଣ ଲୋକଙ୍କ ଦେହରେ କରୋନା ପଶି ସାରିଛି। ଓଡ଼ିଶାରେ ମଧ୍ୟ ସ୍ଥିତି ତାହା ଥିବ ନିଶ୍ଚୟ। ନିଜକୁ ସୁସ୍ଥ ବିଚାରି ପ୍ରବାସୀଙ୍କ ଉପରେ ଦାଉ ସାଧୁଥିବା ଅନେକ ସ୍ଥାନୀୟ ଲୋକଙ୍କ ଶରୀରରେ ନିଶ୍ଚିତ ଭାବରେ କରୋନା ପ୍ରବେଶ କରିସାରିଥିବ।

ତେବେ ଏହି କଟୁ ବାସ୍ତବତାର ଏକ ବଡ ସକାରାତ୍ମକ ଦିଗ ଅଛି। କରୋନା ଶରୀରରେ ଅବଶ୍ୟ ଅଛି କିନ୍ତୁ ଅଧିକାଂଶ କ୍ଷେତ୍ରରେ ଲକ୍ଷଣ ବି ପ୍ରକାଶ ପାଉନି। ଜୀବନହାନିର ମାତ୍ରା ତ' ଖୁବ କମ। ଓଡ଼ିଶାରେ ମିଳିଥିବା ଅନେକ କୋଭିଡ ମାମଲାରୁ ଏହା ମଧ୍ୟ ପ୍ରାୟ ସାବ୍ୟସ୍ତ ହୋଇସାରିଛି ଯେ କରୋନା ଭୂତାଣୁ ଜଣକଠାରୁ ଅନ୍ୟ ଜଣକ ନିକଟକୁ ସଂକ୍ରମିତ ହେବାର ହାର ଖୁବ୍ କମ୍, ନାହିଁ କହିଲେ ଚଳେ। ଉଦାହରଣ ସ୍ୱରୂପ, ତାମିଲନାଡୁରୁ ଫେରିବାର ୪୫ ଦିନ ପରେ ବଲାଙ୍ଗୀରର ଦୁଇଜଣ ସଂକ୍ରମିତ ବୋଲି ଚିହ୍ନଟ ହୋଇଥିଲେ। ସେହି ସମୟ ଭିତରେ ସେମାନେ ସାଧାରଣ ବ୍ୟକ୍ତିଙ୍କ ଭଳି ସମସ୍ତଙ୍କ ସହ ମିଶିଥିଲେ। ତଥାପି ବି ସେମାନେ ସଂକ୍ରମିତ ବୋଲି ଜଣାପଡ଼ିବାର ୧୦ ଦିନ ପରେ ବି ଅନ୍ୟ କେହି ସେମାନଙ୍କ ଠାରୁ ସଂକ୍ରମିତ ହୋଇଥିବାର ଜଣାପଡ଼ିନାହିଁ। ତେଣୁ, ଆମେ କରୋନାକୁ ଏକ ସାଧାରଣ ସମସ୍ୟା ଭାବରେ ଦେଖିବା ଆରମ୍ଭ କରିଦେବା କଥା। 'କରୋନା' ପ୍ରତି ଭୟ ଛାଡି ଦିଆଯାଉ। କରୋନାଠାରୁ 'ଲକ୍‌ଡାଉନ୍' କାହିଁ କେତେଗୁଣ ଅଧିକ କ୍ଷତି କରୁଛି। ରାଜ୍ୟ ଓ ଦେଶକୁ ଆଉ ଅଧିକ ଦିନ ବନ୍ଦ କରି ରଖାଯାଇପାରିବ ନାହିଁ। ତେଣୁ, ଆମେ ଗୁରୁତ୍ୱର ସହ ସାମାନ୍ୟ ଜନଜୀବନ ଓ ବ୍ୟବସ୍ଥାକୁ ଫେରିବାର ପ୍ରୟାସ ଆରମ୍ଭ କରିବା ଦରକାର। କରୋନା ପାଇଁ କାହାର ମନ ଓ ଶରୀର କଷ୍ଟ ନ ପାଉ, ଲୋକଙ୍କ ଖାଇବା ଓ ରହିବାରେ ବାଧା ନ ଉପୁଜୁ ଓ ଆମେ ପୁଣି ସାମାନ୍ୟ ସ୍ଥିତିକୁ ଫେରି ଆସୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିରରେ ପାନ, ଗୁଟ୍‌ଖା କଟକଣା

ମହାଶୟ,

ଗତ ଫେବୃୟାରୀ ମାସରୁ ପୁରୀ ଶ୍ରୀମନ୍ଦିର ପରିସରରେ ପାନଛେପ ଉପରେ କଟକଣା ଜାରି କରାଯାଇଛି। ଏପରି କି ପାନ ଖାଉଥିବା ଜଣେ ସେବାୟତଙ୍କୁ ୫୦୦ ଟଙ୍କା ଜରିମାନା କରାଯିବା ଲକ୍ଷ୍ୟ କରାଯାଇଥିଲା। କଡ଼ାକଡ଼ି ଭାବେ ଶ୍ରୀମନ୍ଦିର ପରିସରରେ ପାନ, ଗୁଟ୍‌ଖା ଖାଇବା, ଏହାର ପିକ ପକାଇବା କଟକଣା କେତେ ଦୂର କାର୍ଯ୍ୟକାରୀ ହେବ ତାହା ଲକ୍‌ଡାଉନ ପରେ ଜଣାପଡିବ। ୫୦୦ ଟଙ୍କା ଜରିମାନା ନିୟମ ବଳବତ୍ତର ରହିଲେ ଅନେକଟା ସୁଧୁରିବ ବୋଲି ଆଶା କରାଯାଉଛି। ଏହି ନିୟମ ଲିଙ୍ଗରାଜ ମନ୍ଦିର, କୋଣାର୍କ ଓ ରାଜ୍ୟର ସମସ୍ତ ଦେବଦେବୀ ପୀଠରେ ଲାଗୁହେବା ଏକ ସମୟୋଚିତ ପଦକ୍ଷେପ ବୋଲି ବିଚାର କରାଯାଏ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଉଦ୍ରଙ୍ଗ ପଞ୍ଚାୟତ ୭୨ ଘଣ୍ଟା ଶଟ୍‌ଡାଉନ୍

**ବିଞ୍ଝାରପୁର, ୧୩।୫ (ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଉଦ୍ରଙ୍ଗ ପଞ୍ଚାୟତର ପ୍ରହରାଜପୁର ଓ ଉଦ୍ରଙ୍ଗ ଗ୍ରାମରୁ ୨ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ବ୍ଲକ ଅଞ୍ଚଳର ଜଣେ କରୋନା ଆକ୍ରାନ୍ତ ହୋଇଥିବା ବେଳେ ଏବେ ସଂକ୍ରମିତଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ତେବେ ଉଦ୍ରଙ୍ଗ ପଞ୍ଚାୟତରୁ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସ୍ଥାନୀୟ ସରପଞ୍ଚ ନିଗମାନନ୍ଦ ଭଦ୍ର ପୁରା ପଞ୍ଚାୟତକୁ ୭୨ ଘଣ୍ଟା ପର୍ଯ୍ୟନ୍ତ ଶଟ୍‌ଡାଉନ୍ କରିଛନ୍ତି। ବୁଧବାର ସନ୍ଧ୍ୟା ୫ଟାରୁ ଶନିବାର ସନ୍ଧ୍ୟା ୫ଟା ଯାଏ ଶଟ୍‌ଡାଉନ୍ କଟକଣା ବଳବତ୍ତର ରହିବ। ଆକ୍ରାନ୍ତ ଦୁଇ ବ୍ୟକ୍ତି ନିକଟରେ କୋଲକାତାରୁ ଫେରି ସଙ୍ଗରୋଧ ଗୃହରେ ରହିଥିଲେ। କରୋନା ରିପୋର୍ଟ ପଜିଟିଭ୍ ଆସିବା ପରେ ଉଭୟଙ୍କୁ ଡୁବୁରୀସ୍ଥିତ ଟାଟା କୋଭିଡ୍-୧୯ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ପର୍ଯ୍ୟାୟକ୍ରମେ ଖୋଲିବ ବାପୁଜୀନଗର ଦୋକାନ

**ଭୁବନେଶ୍ୱର, ୧୩।୫(ବ୍ୟୁରୋ):** ବାପୁଜୀ ନଗରରେ ଏବେ ପର୍ଯ୍ୟାୟକ୍ରମ ଦୋକାନ ଖୋଲିବ। ପ୍ରଥମ ପର୍ଯ୍ୟାୟରେ ଆବେଦନ କରିଥିବା ୧୪୦ ଦୋକାନୀ ଗୁରୁବାର ପୂର୍ବାହ୍ନରେ ଦୋକାନ ଖୋଲିବେ। ବିଏମ୍‌ସି କର୍ମଚାରୀଙ୍କ ତତ୍ତ୍ୱାବଧାନତାରେ ଦୋକାନଗୁଡ଼ିକ ଖୋଲାଯିବ। ବିଏମ୍‌ସି ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିୟମମାନି ଦୋକାନ ଖୋଲିବାକୁ ବ୍ୟବସାୟୀମାନେ ରାଜି ହେବା ପରେ ବିଏମ୍‌ସି ଖୋଲିବାକୁ ଅନୁମତି ଦେଇଛି। ମାସ୍କ, ସାନିଟାଇଜର, ସାମାଜିକ ଦୂରତ୍ୱ ପାଳନ କରିବା ସହ ଦୋକାନ ସମ୍ମୁଖରେ ଗାଡି ପାର୍କ ନ କରିବା ପାଇଁ ବ୍ୟବସାୟୀମାନେ ଗ୍ରାହକଙ୍କୁ କହିବେ। ଗ୍ରାହକ ମୁଖ୍ୟରାସ୍ତାରେ ଗାଡି ପାର୍କ କରି ବଜାରକୁ ଆସିଲେ ହିଁ ଗ୍ରାହକଙ୍କୁ ସେବା ଯୋଗାଇ ଦିଆଯିବ ବୋଲି ସ୍ଥିର ହୋଇଥିବା ବାପୁଜୀ ନଗର ଚ୍ୟାମ୍ବର ଅଫ୍ କମର୍ସର ସଭାପତି ମିର ମହମ୍ମଦ କାଲିମ୍ କହିଛନ୍ତି। ବିଏମ୍‌ସି ସହ ଆଲୋଚନା ପରେ ଉପରୋକ୍ତ ନିଷ୍କର୍ଷରେ ବ୍ୟବସାୟୀମାନେ ବ୍ୟବସାୟ ପାଇଁ ସହମତି ପ୍ରକାଶ କରିଛନ୍ତି। ବ୍ୟବସାୟୀମାନେ ସର୍ବନିମ୍ନ କର୍ମଚାରୀଙ୍କୁ ନେଇ ଦୋକାନ ଖୋଲିବେ। ଏହି କାର୍ଯ୍ୟର ତଦାରଖ ପାଇଁ ବାପୁଜୀ ନଗର ଚ୍ୟାମ୍ବର ଅଫ୍ କମର୍ସକୁ ଦାୟିତ୍ୱ ଦିଆଯାଇଛି।

# ‘କରୋନା ସୂଚନା ନ ଦେବାକୁ ଡବ୍ଲ୍ୟୁଏଚ୍‌ଓ ଉପରେ ଚାପ ପକାଇଥିଲା ଚାଇନା’

**ୱାଶିଂଟନ, ୧୩।୫**



ବିଶ୍ୱରେ କରୋନା ଭାଇରସ୍ ସଂକ୍ରମଣ ବ୍ୟାପିବା ପଛରେ ଚାଇନାର ହାତ ରହିଛି। କରୋନା ସମ୍ପର୍କିତ ତଥ୍ୟ ଚାଇନା ଲୁଚାଇବା ସହିତ ଏନେଇ କୌଣସି ସୂଚନା ନ ଦେବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଉପରେ ଚାପ ପକାଇଥିବା ଆମେରିକା କହିଛି। ଆମେରିକାର ସେଣ୍ଟ୍ରାଲ୍ ଇନଭେଷ୍ଟିଗେଟିଂ ଏଜେନ୍ସି (ସିଆଇଏ) ପକ୍ଷରୁ ଏସମ୍ପର୍କରେ କୁହାଯାଇଛି। ଏହାପୂର୍ବରୁ ଜର୍ମାନୀର ଗୋଇନ୍ଦା ସଂସ୍ଥା ପକ୍ଷରୁ ମଧ୍ୟ ସମାନ ପ୍ରକାର ରିପୋର୍ଟ ପ୍ରକାଶ ପାଇଥିଲା। କରୋନା ସଂକ୍ରମଣର ପ୍ରାରମ୍ଭିକ ପର୍ଯ୍ୟାୟରେ ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ସତର୍କ ସୂଚନା ପ୍ରକାଶ ପାଇଥିଲେ ହୁଏତ ବିଶ୍ୱର ବିଭିନ୍ନ ଦେଶରେ କରୋନା ସଂକ୍ରମଣ ଯୋଗୁ ମୃତ୍ୟୁସଂଖ୍ୟା ବଢ଼ି ନ ଥାନ୍ତା। କିନ୍ତୁ ଚାଇନା ଏଭଳି ତଥ୍ୟ ନ ଦେବାକୁ ଡବ୍ଲ୍ୟୁଏଚ୍‌ଓକୁ କହିଥିଲା। ଏଥିପାଇଁ ଡବ୍ଲ୍ୟୁଏଚ୍‌ଓକୁ ସହଯୋଗ ନ କରିବାକୁ ଚାଇନା ଧମକ ଦେଇଥିବା ସିଆଇଏ ଅନୁମାନ କରୁଛି। ସିଆଇଏ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଜାନୁୟାରୀରେ ଚାଇନା ଡବ୍ଲ୍ୟୁଏଚ୍‌ଓକୁ ଏଭଳି ଧମକ ଦେଇଥିଲା। ଜର୍ମାନୀର ଗଣମାଧ୍ୟମ ସଂସ୍ଥା ଡେର୍ ସ୍ପିଜେଲ୍ ଦେଶର ଗୋଇନ୍ଦା ସଂସ୍ଥାର ସତର୍କ ସୂଚନା ଆଧାରରେ ଦାବି କରିଥିଲା ଯେ, ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ବ୍ୟକ୍ତିଗତ ଭାବେ ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଡାନୋମ୍ ଗେବ୍ରେଏସ୍‌ଙ୍କୁ କରୋନା ସମ୍ପର୍କିତ ମାର୍ଗଦର୍ଶିକା ଜାରି କରିବାରେ ବିଳମ୍ବ ଲାଗି କହିଥିଲେ। ତେବେ ଏଭଳି ଦାବିକୁ ପରବର୍ତ୍ତୀ ସମୟରେ ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ମିଥ୍ୟା ବୋଲି କୁହାଯାଇଥିଲା। ଡେର୍ ସ୍ପିଜେଲ ଅନୁସାରେ ଜାନୁୟାରୀ ୨୧ରେ ଜିନ୍‌ପିଙ୍ଗ୍ ମନୁଷ୍ୟଙ୍କଠାରେ କରୋନା ସଂକ୍ରମଣ ସୂଚନା ପ୍ରକାଶରେ କିଛି ଦିନ ପାଇଁ ବିଳମ୍ବ କରିବାକୁ ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକଙ୍କୁ କହିଥିଲେ। କିନ୍ତୁ ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଥିଲା ଯେ ଜିନ୍‌ପିଙ୍ଗ୍ ଏବଂ ମହାନିର୍ଦ୍ଦେଶକ ଟେଡ୍ରୋସ୍‌ଙ୍କ ମଧ୍ୟରେ ଫୋନ୍‌ରେ କେବେ ମଧ୍ୟ କଥାବାର୍ତ୍ତା ହୋଇନାହିଁ। ଏବେ ଏହାକୁ ନେଇ ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚା ଜାରି ରହିଛି।

## ସୌରଶକ୍ତି ଭିତ୍ତିକ ଜଳ ପ୍ରକଳ୍ପକୁ ଗୁରୁତ୍ୱ

**ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିସର ସମୀକ୍ଷା କଲେ ମନ୍ତ୍ରୀ**

**ଭୁବନେଶ୍ୱର, ୧୩।୫(ବ୍ୟୁରୋ)**

ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀ ପ୍ରତାପ ଜେନା ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ମନ୍ତ୍ରୀ ଜେନାଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ସମୀକ୍ଷା ବୈଠକରେ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। କମିଶନଙ୍କ ସୁପାରିସ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଗାଁ ଗହଳିରେ ପାନୀୟଜଳ ଯୋଗାଣ ଲାଗି ସୌରଶକ୍ତି ଯୁକ୍ତ ପାନୀୟଜଳ ପ୍ରକଳ୍ପ ପ୍ରତିଷ୍ଠା ନେଇ ଆଲୋଚନା ହୋଇଛି। ୨୦୨୦-୨୧ ବର୍ଷରେ ଅର୍ଥ କମିଶନ ଏହି ପ୍ରକଳ୍ପ ବାବଦରେ ୪୧କୋଟି ୬୬ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ଲାଗି ୧୨୫ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ପଞ୍ଚାୟତକୁ ସବୁଦିନିଆ ସଡ଼କ ସଂଯୋଗ ଲାଗି ୯୭ କୋଟି ୬୯ ଲକ୍ଷ ଟଙ୍କା, ଷ୍ଟ୍ରିଟ୍ ଲାଇଟ୍ ପାଇଁ ୫୬କୋଟି ୬୬ଲକ୍ଷ, ପ୍ରାଥମିକ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଲାଗି ୫୨କୋଟି ୩୩ ଲକ୍ଷ, ପଞ୍ଚାୟତରେ ଥିବା ଜଳାଶୟ ସଂରକ୍ଷଣ ଲାଗି ୨୦କୋଟି ୮୩ ଲକ୍ଷ ଏବଂ ଗାଁ ହାଟଗୁଡିକର ବିକାଶ ଲାଗି ୫୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପଞ୍ଚାୟତସ୍ତରରେ ଲୋକଙ୍କୁ ବ୍ୟାଙ୍କ ସେବା ଯୋଗାଇବା ଲାଗି ଭିତ୍ତିଭୂମି ପ୍ରତିଷ୍ଠା ସକାଶେ ୨୦ କୋଟି ୮୩ଲକ୍ଷ ଟଙ୍କା ବରାଦ ହୋଇଛି। ତେବେ ଗ୍ରୀଷ୍ମଋତୁରେ ଲୋକଙ୍କୁ ପାନୀୟଜଳ ଯୋଗାଣ ଲାଗି ସୌରଶକ୍ତିଭିତ୍ତିକ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠାକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମଋତୁରେ କେତେକ ସ୍ଥାନରେ ଜଳାଭାବ ଦେଖାଦେଉଥିବା ସ୍ଥାନଗୁଡିକରେ ଏହାକୁ ପ୍ରାଥମିକତା ଭିତ୍ତିରେ ନିର୍ମାଣ ଲାଗି କୁହାଯାଇଛି। ସେହିଭଳି ପଞ୍ଚାୟତ ସ୍ତରରେ ଥିବା ପୋଖରୀର ରକ୍ଷଣାବେକ୍ଷଣ ଉପରେ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ଭୂତଳ ଜଳସ୍ତର ହ୍ରାସ ପାଇବ ନାହିଁ। ଏହାର ପାଖରେ ଥିବା ପାନୀୟଜଳ ପ୍ରକଳ୍ପ ଓ ନଳକୂପ ଗୁଡିକ ଠିକ୍‌ଭାବେ କାର୍ଯ୍ୟକାରୀ କରିହେବ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

## ଭଦ୍ରକ, ବାଲେଶ୍ୱରରେ ପହଞ୍ଚିଲା ୨ ସ୍ୱତନ୍ତ୍ର ଟ୍ରେନ୍

**ଭଦ୍ରକ ଅଫିସ/ବାଲେଶ୍ୱର ଅଫିସ, ୧୩।୫:** ବାଲେଶ୍ୱର ଓ ଭଦ୍ରକ ରେଳ ଷ୍ଟେଶନରେ ବୁଧବାର ୨ଟି ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍ ପହଞ୍ଚିଛି। ଗୁଜରାଟରୁ ଆସିଥିବା ଟ୍ରେନରେ ଭଦ୍ରକ ସମେତ ଆଖପାଖ ଜିଲାର ୩୨୬ ପ୍ରବାସୀ ଓଡ଼ିଆ ଭଦ୍ରକରେ ଓହ୍ଲାଇଥିବା ବେଳେ ବୁଧବାର ମଧ୍ୟାହ୍ନରେ ମହାରାଷ୍ଟ୍ରରୁ ଆସିଥିବା ଟ୍ରେନରେ ୧୮୪ ଜଣ ଭଦ୍ରକରେ ଓହ୍ଲାଇଥିଲେ। ସୂଚନା ଥାଉକି, ମଙ୍ଗଳବାର ରାତିରେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁରରୁ ୪୮୮ ପ୍ରବାସୀ ଭଦ୍ରକରେ ଓହ୍ଲାଇଥିଲେ। ମୋଟ ୩ ଟ୍ରେନରେ ଭଦ୍ରକ ସମେତ ଯାଜପୁର, ବଲାଙ୍ଗୀର, ଗଞ୍ଜାମ, କଳାହାଣ୍ଡି, ଜଗତସିଂହପୁର, କେନ୍ଦୁଝର, କେନ୍ଦ୍ରାପଡ଼ା, ଅନୁଗୋଳ ଏହିଭଳି ୯୯୮ ଜଣ ପ୍ରବାସୀ ଓହ୍ଲାଇ ନିଜ ନିଜ ଜିଲାକୁ ଯାଇଛନ୍ତି। ସେହିପରି ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୩.୩୦ରେ ବାଲେଶ୍ୱର ଷ୍ଟେଶନରେ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ ପହଞ୍ଚିଥିଲା। ଏହି ୨ ଟ୍ରେନ୍‌ରୁ ମୋଟ ୧୩୨୯ ଶ୍ରମିକ ଓହ୍ଲାଇଥିଲେ। ପ୍ରଥମ ଟ୍ରେନ୍‌ରେ ବାଲେଶ୍ୱରର ୭୧୬, ମୟୂରଭଞ୍ଜର ୧୬୧ ଓ ଦ୍ୱିତୀୟ ଟ୍ରେନରେ ବାଲେଶ୍ୱରର ୪୦୨, ମୟୂରଭଞ୍ଜର ୫୦ରୁ ଅଧିକ ଶ୍ରମିକ ଓହ୍ଲାଇଛନ୍ତି। ସେମାନଙ୍କୁ ପଞ୍ଜୀକୃତ କରାଯାଇ ଫର୍ମାଲ ଟେଷ୍ଟ ପରେ ନିଜ ନିଜ ଜିଲାକୁ ପଠାଯାଇଛି। ରେଳଷ୍ଟେଶନରେ ଜିଲା କୋଭିଡ୍ ପର୍ଯ୍ୟବେକ୍ଷକ ମଧୁସୂଦନ ପାଢ଼ୀ, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଉପ ଜିଲାପାଳ ନିଲୁ ମହାପାତ୍ର, ସୂଚନା ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ ପ୍ରମୁଖ ଅଧିକାରୀ ପ୍ରବାସୀ ଓଡ଼ିଆଙ୍କୁ ସ୍ୱାଗତ କରିଥିଲେ।

## ଯାଜପୁର ଜିଲାରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍



କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍ ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଅନ୍ୟମାନେ।

**ଯାଜପୁର ଅଫିସ୍, ୧୩।୫**

କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍ ବୁଧବାର ଯାଜପୁର ଜିଲା ଗସ୍ତ କରି ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ସ୍ଥିତି ଓ ଚିକିତ୍ସା ପ୍ରଣାଳୀ ସହ ସ୍ୱାବ ସଂଗ୍ରହ, ରିପୋର୍ଟ, ଅସ୍ଥାୟୀ ଚିକିତ୍ସା କେନ୍ଦ୍ର(ଟିଏମସି) ବ୍ୟବସ୍ଥାକୁ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଟିମ୍ ସଦସ୍ୟ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ। କେନ୍ଦ୍ରୀୟ ଟିମ୍ ମୁଖ୍ୟ ଡା. ମହେଶ ୱାଘାମାରେ ବିଷଦ ଭାବେ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ ଚିକିତ୍ସା ବ୍ୟବସ୍ଥା, ବିଶୋଧନ ପ୍ରକ୍ରିୟା, ସ୍ୱାବ୍ ସଂଗ୍ରହ ସମୟରେ ସତର୍କତା, କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ସ୍ୱାସ୍ଥ୍ୟସେବା ଆଦି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଟିମ୍ ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ ସହ ଆବଶ୍ୟକ ପରାମର୍ଶ ଓ ଚିକିତ୍ସା ସମ୍ପର୍କିତ କୌଶଳ ଅବଗତ କରାଇବେ। ଏହି ରିପୋର୍ଟକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବା ସହ ବିବିଧ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିବେ ବୋଲି ଟିମ୍ ଲିଡର ୱାଘମାରେ ସୂଚନା ଦେଇଥିଲେ। ଏହି ଟିମ୍‌ରେ କେନ୍ଦ୍ରୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଡା. ତୁଷାର ନାଲେ, ଆରଏମ୍‌ଆର୍‌ସିର ପ୍ରତିନିଧି ଡା. ସୋମଲକର ପ୍ରମୁଖ ସାମିଲ ଅଛନ୍ତି।

## ଶୀତଳଷଷ୍ଠୀ ପାଇଁ ଅନୁମତି ଲୋଡ଼ିଲା ମନ୍ଦିର ପ୍ରଶାସନ

**ପୁରୁଣା ଭୁବନେଶ୍ୱର, ୧୩।୫(ଡି.ଏନ୍.ଏ.):** ଶ୍ରୀ ଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ମନ୍ଦିର ପ୍ରଶାସନ। ହେଲେ କରୋନା କଟକଣା ଜାରି ରହିଥିବାରୁ ଏହି ପରମ୍ପରା ଭିତ୍ତିକ ପର୍ବକୁ କିଭଳି ପାଳନ କରାଯିବ ସେନେଇ ମନ୍ଦିର ପ୍ରଶାସନ ବିଏମ୍‌ସିର ଅନୁମତି ଲୋଡ଼ିଛି। ବୁଧବାର ନ୍ୟୁ ମାର୍କେଟ କମ୍ପ୍ଲେକ୍ସର ମନ୍ଦିର କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବାବେଳେ ଏନେଇ ବିଏମ୍‌ସିକୁ ପତ୍ର ଲେଖାଯାଇଥିବା ଜଣାପଡିଛି। ବୈଠକରେ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ।

## ବଲାଙ୍ଗୀର: ଆଜି ଅଧା ସହରରେ ୯ ଘଣ୍ଟା କର୍ଫ୍ୟୁ

**ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କଡ଼ା କଟକଣା**

**ବଲାଙ୍ଗୀର ଅଫିସ, ୧୩।୫:** ବଲାଙ୍ଗୀର ରେଳଷ୍ଟେଶନ୍‌ରେ ଗୁରୁବାର ପୂର୍ବାହ୍ନ ୧୦ଟା ୪୦ରେ ତାମିଲନାଡୁର ତିରୁପୁରରୁ ଆସୁଥିବା ଶ୍ରମିକ ସ୍ପେଶାଲ ଟ୍ରେନ୍ ପହଞ୍ଚିବ। ଏଠାରେ ବଲାଙ୍ଗୀର ଓ ଆଖପାଖ ଜିଲାର ପ୍ରବାସୀମାନେ ଓହ୍ଲାଇବେ। ସମସ୍ତ ପ୍ରବାସୀଙ୍କୁ ବିଭିନ୍ନ ଯାନବାହନରେ ନିର୍ଦ୍ଦିଷ୍ଟ ଜିଲାର କ୍ୱାରାଣ୍ଟାଇନ୍ ସେଣ୍ଟରଗୁଡିକୁ ନିଆଯିବ। ଏଥିସକାଶେ ପ୍ରଶାସନ ପକ୍ଷରୁ ସୁବ୍ୟବସ୍ଥା କରାଯାଇଛି। ଏହି ଶ୍ରମିକ ସ୍ପେଶାଲ ଟ୍ରେନ୍ ପହଞ୍ଚିବା ଓ ପ୍ରବାସୀଙ୍କ ସଫଳ ପ୍ରତ୍ୟାଗମନକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୯ ଘଣ୍ଟା ବଲାଙ୍ଗୀର ସହରର ଅର୍ଦ୍ଧେକ ଅଞ୍ଚଳରେ କର୍ଫ୍ୟୁ ଘୋଷଣା କରାଯାଇଛି। ସେହି ଅଞ୍ଚଳଗୁଡ଼ିକ ହେଲା ଷ୍ଟେଶନ୍‌ରୁ ସାଲେପାଲି ଗାଁ, ପୁଇଁତଲା ଭାୟା ସୁଦପଡା ୟୁପି ସ୍କୁଲ ଏବଂ ବେହେରାପାଲି ରେଲୱେ ଓଭର ବ୍ରିଜ୍, ଷ୍ଟେଶନ୍‌ରୁ ସାଲେପାଲି ରିଙ୍ଗ୍‌ରୋଡ ଦେଇ ଆରଟିଓ ଅଫିସ ଛକରୁ ଟିଟିଲାଗଡ଼ ରୋଡ ଓ ଆରଟିଓ ଅଫିସ ଛକରୁ ରାଜେନ୍ଦ୍ର କଲେଜ ଭାୟା ମହିଳା ମହାବିଦ୍ୟାଳୟ ଛକ ଏବଂ ଆରଡବ୍ଲ୍ୟୁଏସ୍‌ଏସ୍ ସେକ୍ସନ୍ ଅଫିସ ରାସ୍ତା। ଏହିଅଞ୍ଚଳବ୍ୟତିରେକଅନ୍ୟଅଞ୍ଚଳ ସ୍ୱାଭାବିକ ରହିବ ବୋଲି ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର କହିଛନ୍ତି।

# ଯୋଗାଣ ବିଭାଗ ଗୁମର ଫିଟାଇଲା କରୋନା

**ବିଞ୍ଝାରପୁର ବ୍ଲକ**
- ବଳିଗଲା ୧୦ଲକ୍ଷରୁ ଊର୍ଦ୍ଧ୍ୱ ରିଲିଫ୍ ବାବଦ ଟଙ୍କା।
- ଦୀର୍ଘ ବର୍ଷ ଧରି ଟଙ୍କିକିଆ ଚାଉଳ ହଡ଼ପ ହେଉଥିବା ଅଭିଯୋଗ
- ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ରହିଛି ମିଥ୍ୟା କାର୍ଡ, ତଦନ୍ତ ଦାବି

**ବିଞ୍ଝାରପୁର, ୧୩।୫ (ଡି.ଏନ୍.ଏ)**

ବିଞ୍ଝାରପୁର ବ୍ଲକ ଯୋଗାଣ ବିଭାଗରେ ବର୍ଷ ବର୍ଷ ଧରି ଚାଲିଥିବା ଦୁର୍ନୀତି ପଦାରେ ପଡିଛି। ରାଶନକାର୍ଡଧାରୀଙ୍କୁ ବଣ୍ଟା ହେବାକୁ ଆସିଥିବା ଟଙ୍କାରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଫେରିଯିବା ଘଟଣା ଜଣାପଡ଼ିବା ପରେ ଯୋଗାଣ ବିଭାଗରେ ହେଉଥିବା ଦୁର୍ନୀତି ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଲକ୍‌ଡାଉନ୍ ଯୋଗୁ ସମସ୍ତ ରାଶନକାର୍ଡଧାରୀଙ୍କୁ ୩ ମାସର ରାଶନ ସାମଗ୍ରୀ ଓ ହଜାରେ ଟଙ୍କା ଲେଖାଏଁ ରିଲିଫ୍ ପ୍ରଦାନ କରିବାକୁ ସରକାର ଘୋଷଣା କରିଥିଲେ। ୨୦୧୧ ଜନଗଣନା ହିସାବରେ ବିଞ୍ଝାରପୁର ବ୍ଲକର କାର୍ଡଧାରୀଙ୍କୁ ୩ ମାସର ରାଶନ ସାମଗ୍ରୀ ସହ ୧୦୦୦ଟଙ୍କା ଲେଖାଏ ପ୍ରଦାନ କରାଯିବା ପାଇଁ ୩କୋଟି ୯୪ ଲକ୍ଷ ୪୩ହଜାର ଟଙ୍କା ଆସିଥିଲା। ସମସ୍ତ ପଞ୍ଚାୟତରେ ଟଙ୍କା ବଣ୍ଟା ଯିବା ପରେ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବଳିଯାଇଛି ବୋଲି ବ୍ଲକ କାର୍ଯ୍ୟାଳୟର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି।

ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଯୋଗାଣ ସାମଗ୍ରୀ ବଣ୍ଟନରେ ଦୁର୍ନୀତି ହୋଇଥିବା ଆଲୋଚନା ହେଉଥିବା ବେଳେ ଅରେଇ ପଞ୍ଚାୟତରେ ହୋଇଥିବା ଦୁର୍ନୀତି ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପଞ୍ଚାୟତର ୮୮୬ ରାଶନକାର୍ଡଧାରୀଙ୍କ ପାଇଁ ୮ଲକ୍ଷ ୮୬ ହଜାର ଟଙ୍କା ଆସିଥିଲା। କିନ୍ତୁ ଟଙ୍କା ବଣ୍ଟନ ପରେ ୧୧ହଜାର ଟଙ୍କା ବଳକା ରହିଛି। ପଞ୍ଚାୟତର ଜେମା ଦେଇ ସ୍ୱାମୀ ଅନାଦି ନାୟକ (କାର୍ଡ ନଂ.- ୧୩୦୩୦୧୧୦୯୨୧), ପ୍ରିୟମ୍ବଦା ସାମଲ ସ୍ୱାମୀ ପ୍ରକାଶ (କାର୍ଡ ନଂ.୧୩୦୩୦୧୧୦୨୧୮), ପ୍ରମିଳା ଦେଇ ସ୍ୱାମୀ ମଦନ ଜେନା (କାର୍ଡ ନଂ. ୧୩୦୩୦୧୧୦୩୭୧), ହୀରା ଜେନା ସ୍ୱାମୀ ଅନାମ (କାର୍ଡ ନଂ. ୧୩୦୩୦୧୧୦୬୦୪), ବାଣୀ ମଲ୍ଲିକ (କାର୍ଡ ନଂ. ୧୩୦୩୦୧୧୦୬୭୮), ରମ୍ଭା ମଲ୍ଲିକ ସ୍ୱାମୀ ଦୁଖିରାମ (କାର୍ଡ ନଂ.୧୩୦୩୦୧୧୦୫୭୦), ଲବଣୀ ବେଉରିଆ ସ୍ୱାମୀ ନିତ୍ୟାନନ୍ଦ (କାର୍ଡ ନଂ. ୧୩୦୩୦୧୧୧୦୪୪) ଓ ସତ୍ୟଭାମା ବେଉରିଆ ସ୍ୱାମୀ ରତିକାନ୍ତ (କାର୍ଡ ନଂ. ୧୩୦୩୦୧୧୧୦୬୬)ଙ୍କ ସମେତ ୧୧ ହିତାଧିକାରୀ ରିଲିଫ୍ ଟଙ୍କା ନେଇ ନ ଥିବା ଜଣାପଡ଼ିଛି। ତେବେ ଉପରୋକ୍ତ ହିତାଧିକାରୀଙ୍କ ନାଁରେ ମିଥ୍ୟା କାର୍ଡ କରାଯାଇ ବର୍ଷ ବର୍ଷ ଧରି ରାଶନ ସାମଗ୍ରୀ ହଡ଼ପ କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟ ପଞ୍ଚାୟତରେ ମଧ୍ୟ ସମାନ ଦୁର୍ନୀତି ହୋଇଛି। ଏହାର ତଦନ୍ତ କରାଗଲେ ଯୋଗାଣ ବିଭାଗ ଓ ରିଟେଲରମାନଙ୍କ ଦୁର୍ନୀତିର ଗୁମର ଫିଟିବ ବୋଲି ଆଲୋଚନା ହେଉଛି। ଅରେଇ ପଞ୍ଚାୟତ ପିଇଓ ସୁବାସ ଚନ୍ଦ୍ର କର କହିଛନ୍ତି, ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ସହ ଟଙ୍କା ବଣ୍ଟନ କରାଯାଇଥିଲା। ମାତ୍ର ସମ୍ପୃକ୍ତ ୧୧ ରାଶନକାର୍ଡଧାରୀ ଟଙ୍କା ନେବାକୁ ନ ଆସିବାରୁ ସେମାନଙ୍କ ଟଙ୍କା ବ୍ଲକରେ ଡିପୋଜିଟ୍ କରିଦିଆଯାଇଛି ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷରେ ବିଞ୍ଝାରପୁର ଏମ୍‌ଆଇ ଶୁଭାଙ୍ଗୀ ରାୟ କୁହନ୍ତି, ଟଙ୍କା ବଣ୍ଟନ ଦାଇତ୍ୱ ପିଇଓମାନଙ୍କୁ ଦିଆଯାଇଥିଲା। ତେବେ କେତେ ଅର୍ଥ ଫେରିଛି, ସେ ସମ୍ପର୍କରେ ତାଙ୍କ ପାଖରେ ତଥ୍ୟ ନାହିଁ ବୋଲି କହିଛନ୍ତି।

## ବଜେଟରୁ କାଟିବେ ନା ଲୋକଙ୍କ ଉପରେ ଟ୍ୟାକ୍ସ ପଡ଼ିବ

**୨୦ଲକ୍ଷ କୋଟିର ପ୍ୟାକେଜ ନେଇ ନିରଞ୍ଜନଙ୍କ ପ୍ରଶ୍ନ**

**ଭୁବନେଶ୍ୱର, ୧୩।୫(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦେଶବାସୀଙ୍କୁ କରୋନା ପରିସ୍ଥିତି ନେଇ ସମ୍ବୋଧିତ କରିଥିଲେ। ୨୦ଲକ୍ଷ କୋଟିର ପ୍ୟାକେଜ ଘୋଷଣା ପରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ବୁଧବାର ଏହାକୁ ସମାଲୋଚନା କରିଛନ୍ତି। ନିରଞ୍ଜନ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଭାରତ ଉପରେ ବହୁ ସମୟ ଧରି ସମ୍ବୋଧିତ କରିଥିଲେ। ଏହା ଯଦି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଦେଇଥିଲେ ତାହା ୫ ମିନିଟରେ ସରିଥାଆନ୍ତା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ଭାବେ ଏହି ଭାଷଣ ଦେଇଥିଲେ ୨ମିନିଟରେ ଶେଷ ହୋଇଥାଆନ୍ତା। ଏ ପର୍ଯ୍ୟନ୍ତ ଲୋକଙ୍କୁ ରେଳ ଟିକେଟ, ଖାଇବା ଦିଆଗଲା ନାହିଁ। ଶ୍ରମିକମାନେ ଏଯାଏ ଆସି ନ ପାରି ଆତ୍ମହତ୍ୟା କଲେଣି। ସେଥିପାଇଁ କୌଣସି ବନ୍ଦୋବସ୍ତ ହୋଇନାହିଁ। ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ୨୦ଲକ୍ଷ କୋଟି ଟଙ୍କା କେଉଁଠାରୁ ଆସିବ। ଏହା ବଜେଟ ଟଙ୍କାରୁ କରିବେ ନା ଲୋକଙ୍କ ଉପରେ ଅଧିକ ଟ୍ୟାକ୍ସ ପକାଇବେ ତାହା ସ୍ପଷ୍ଟ କରାଯାଉ ବୋଲି ନିରଞ୍ଜନ ପ୍ରଶ୍ନ ଉଠାଇଛନ୍ତି।

ନିରଞ୍ଜନ ଆହୁରି କହିଛନ୍ତି ଯେ, କେନ୍ଦ୍ର ସରକାର ଆମ ଉତ୍ପାଦିତ ପଦାର୍ଥର ବ୍ୟବହାର ନେଇ ବ୍ୟବସ୍ଥା କରିବା ଉଚିତ। ଆମ ଉତ୍ପାଦିତ ପଦାର୍ଥ ବ୍ୟବହାର କଲାବେଳେ ଏହାର ମାନ ଏବଂ ଦାମ୍ ଯଦି ଅନ୍ୟ ଦେଶ ତୁଳନାରେ ଭଲ ନ ହୁଏ ବିଦେଶରୁ ଆସୁଥିବା ଜିନିଷ ସହିତ ସମକକ୍ଷ ହୋଇପାରିବ ନାହିଁ। ଏ କ୍ଷେତ୍ରରେ ପ୍ରଥମେ ବିଦେଶୀ ଜିନିଷର ଆମଦାନୀକୁ ବନ୍ଦ କରାଯିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ବିଦେଶୀ ଜିନିଷକୁ ବନ୍ଦ କରାଯାଏ ତେବେ ଦେଶବାସୀଙ୍କୁ ଆମ ଜିନିଷ ବ୍ୟବହାରର ସୁଯୋଗ ମିଳିବ। ମାତ୍ର ଏନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବାଭଳି ମନେହେଉଛି। ପ୍ରଚାର ଦୃଷ୍ଟିରୁ ଏହା କରାଯାଇଛି। ଏହି ପରିସ୍ଥିତିରେ ଗରିବ, ଶ୍ରମିକ, ଚାଷୀ ଏବଂ ମଧ୍ୟବିତ୍ତ ପରିବାରଙ୍କୁ ଯେପରି ସହାୟତା ମିଳିବ ସେନେଇ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କୁ ଏ ପର୍ଯ୍ୟନ୍ତ ଦେଖାଗଲା ନାହିଁ ବୋଲି ନିରଞ୍ଜନ କହିଛନ୍ତି।

## ନୀଳାଚଳ କାରଖାନା ପରିସରରେ ଶ୍ରମିକଙ୍କ ଆନ୍ଦୋଳନ

- ୩ ମାସ ହେଲା ମିଳିଲାନି ଦରମା
- ଭୋକ ଉପାସରେ ଶ୍ରମିକ, କର୍ମଚାରୀ
- ତୁରନ୍ତ ଦରମା ପ୍ରଦାନ ପାଇଁ ନିବେଦନ

**ଯାଜପୁର ଅଫିସ, ୧୩।୫**

କଳିଙ୍ଗନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିଃ (ଏନଆଇଏନଏଲ)କୁ ଲକ୍‌ଡାଉନ ସମୟରେ ବନ୍ଦ କରି ଦିଆଯିବା ଯୋଗୁ ପ୍ରାୟ ୪ ହଜାର କର୍ମଚାରୀ ଓ ଶ୍ରମିକଙ୍କ ଜୀବିକା ବିପନ୍ନ ହୋଇଯାଇଛି। ୩ ମାସ ହେଲା କର୍ମଚାରୀ ଓ ଶ୍ରମିକମାନଙ୍କୁ ଦରମା ଦିଆଯାଇ ନ ଥିବା ବେଳେ ରାଜ୍ୟ କିମ୍ବା କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ତେଣୁ ନୀଳାଚଳ ମିଳିତ ମଞ୍ଚ ନେତୃତ୍ୱରେ ବୁଧବାର ଶତାଧିକ ଶ୍ରମିକ ଓ କର୍ମଚାରୀ ଶୃଙ୍ଖଳା ସହ ସାମାଜିକ ଦୂରତା ରଖି କାରଖାନା ପରିସରରେ ଆନ୍ଦୋଳନ କରିଥିଲେ। ଦରମା ନ ପାଇ ଶ୍ରମିକ ଓ କର୍ମଚାରୀମାନେ ଭୋକ ଉପାସରେ ଦିନ କାଟୁଛନ୍ତି ବୋଲି ମିଳିତ ମଞ୍ଚର ନେତା ସରକାରଙ୍କୁ ଜଣାଇଛନ୍ତି। ଏଥିସହ ସମସ୍ତ କର୍ମଚାରୀ ଓ ଶ୍ରମିକମାନଙ୍କୁ ତୁରନ୍ତ ଦରମା ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ଖବରପାଇ ନୀଳାଚଳ କର୍ତ୍ତୃପକ୍ଷଙ୍କ ତରଫରୁ ମାନବସମ୍ବଳ ବିଭାଗର ଏ.କେ. ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ଉଚ୍ଚ କର୍ତ୍ତୃପକ୍ଷ ଓ ସରକାରଙ୍କୁ ଅବଗତ କରି ଦିନେ ବା ଦୁଇ ଦିନ ମଧ୍ୟରେ ଦରମା ପ୍ରଦାନ କରିବାକୁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

**ମନେ ପଡ଼ନ୍ତି**

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ହରିପ୍ରିୟା ମହାନ୍ତି
QRS. NO-IVR-PF-19, unit-6, BBSR
ଆବିର୍ଭାବ: ଅଗଷ୍ଟ୧୯୪୬
ତିରୋଧାନ: ୨୦।୦୫।୨୦୧୪
(ବୈଶାଖ ମାସ, କୃଷ୍ଣପକ୍ଷ ସପ୍ତମୀ)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଶ୍ରୀ ଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଇତି:-
ତୁମର ପରିବାରବର୍ଗ ଓ ବନ୍ଧୁ ସ୍ୱଜନ।
ଧ-୧୭୨୯୪

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Galaxy Tower Company Pvt. Ltd.**
କଂମ୍ପାନୀ ସହିତ ସିଧା ସିଧା ଯୋଡି ହୋଇକି ଖାଲିଥିବା ଜମି ଓ ଛାତ ଉପରେ 4G/5G Tower ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Email: galaxytower1999@gmail.com
WhatsApp: 9479667248

**HINDUSTAN FINANCE LIMITED**
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା
ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

**GANPATI FINANCE**
(Regd Company)
Ganpati ଋଣ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
50% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Plot No-7, Knowledge City, Navi Mumbai
7088208559

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଜା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ କ୍ୱାଇଁ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

## ସଂକ୍ଷେପରେ

### ବିଶାଖାପାଟଣାରୁ ଚାଲିଚାଲି ଆସିଲେ ପିପିଲି



**ପିପିଲି,୧୩।୫(ଡି.ଏନ.ଏ):** ଲକଡାଉନ୍ ବୃଦ୍ଧି ହେବା ପରେ ବାହାରେ ଥିବା ପ୍ରବାସୀ ନିଜ ନିଜ ଗାଁକୁ ଫେରୁଛନ୍ତି। ସେହିଭଳି ପିପିଲିର ଜଣେ ଯୁବକ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଚାଲିଚାଲି ଆସି ଗାଁରେ ପହଞ୍ଚିଛନ୍ତି। ସେ ହେଲେ ସ୍ଥାନୀୟ ୭ନଂ ଓ୍ୱାର୍ଡର ମହମ୍ମଦ ଅକତର ଜମାଲ(୨୪)। ବୁଧବାର ଅପରାହ୍ନ ୨ଟାବେଳେ ଜମାଲ ଘରେ ପହଞ୍ଚିଥିଲେ। ହେଲେ ପରିବାର ଲୋକେ ଘରେ ନ ପୂରାଇ କ୍ୱାରାଣ୍ଟାଇନ ସେଣ୍ଟରକୁ ଯିବା ପାଇଁ ପରାମର୍ଶ ଦେଇଥିଲେ। ଏ ନେଇ ପରିବାରଲୋକେ ପୋଲିସକୁ ଜଣାଇବା ପରେ ଜମାଲଙ୍କୁ କୌଶଲ୍ୟାଗଙ୍ଗସ୍ଥିତ ଜିଲା ଅଭ୍ୟର୍ଥନା କେନ୍ଦ୍ରକୁ ନିଆଯାଇଥିଲା। ସୂଚନାଯୋଗ୍ୟ, ଜମାଲ ବିଶାଖାପାଟଣାର ରେ ଏକ ହୋଟେଲରେ କାମ କରୁଥିବାବେଳେ ଲକଡାଉନରେ ହୋଟେଲ ବନ୍ଦ ହୋଇଯାଇଥିଲା। କାମଧନ୍ଦା ବନ୍ଦ ଯୋଗୁ ପାଖରେ ଥିବା ଟଙ୍କାରେ ଅଳ୍ପକିଛିଦିନ ଚଳିଯାଇଥିଲେ ମଧ ପରେ ଅସୁବିଧା ସୃଷ୍ଟି ହୋଇଥିଲା। ଘରକୁ ଫେରିବା ପାଇଁ ମଧ ସାଧନ ନ ଥିବାରୁ ଅନନ୍ୟୋପାୟ ହୋଇ ଚାଲିଚାଲି ଯିବାପାଇଁ ପ୍ରସ୍ତୁତ ହୋଇ ଗତ ୯ତାରିଖ ରାତିରେ ବିଶାଖାପାଟଣା ଛାଡିଥିଲେ। ପ୍ରାୟ ୪୫୦କିଲୋମିଟର ମଧ୍ୟରୁ କିଛି ବାଟ ଲିଫ୍ଟ ମାଗି ଆସିଥିଲେ ମଧ ଅଧିକ ବାଟ ଚାଲିଥିବା ଜମାଲ କହିଛନ୍ତି।

### ୧୫ ସୁଦ୍ଧା ଇପିଏଫ୍ ଦେୟ ଦାଖଲ ହେଉ

**ଭୁବନେଶ୍ୱର, ୧୩।୫ (ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାର ମାର୍ଚ୍ଚ ଓ ଏପ୍ରିଲ ପାଇଁ ଭବିଷ୍ୟନିଧି ଦେୟ ଚଳିତମାସ ୧୫ ସୁଦ୍ଧା ଦାଖଲ କରିବାକୁ ଇପିଏଫ୍ଓ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ସଂସ୍ଥାଗୁଡିକୁ କୁହାଯାଇଛି। ସହକାରୀ ଭବିଷ୍ୟନିଧି ଆୟୁକ୍ତ ତଥା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ରଥ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ୭୮୬୯ ଯୋଗ୍ୟ ସଂସ୍ଥା ମଧ୍ୟରୁ ୪୦୨୧ ସଂସ୍ଥା ଏହି ଯୋଜନାର ସୁଫଳ ପାଇଛନ୍ତି। ଆହୁରି ୩୮୪୮ ସଂସ୍ଥାର କର୍ମଚାରୀମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ଭବିଷ୍ୟନିଧି କାର୍ଯ୍ୟାଳୟର ସମସ୍ତ ଅଧିକାରୀଙ୍କ ଉଦ୍ୟମ ସତ୍ତ୍ୱେ ସେସବୁ ସଂସ୍ଥା ସହ ଯୋଗାଯୋଗ ହୋଇପାରୁ ନାହିଁ। ଏଣୁ ଏହି ନିଯୁକ୍ତିଦାତା ସଂସ୍ଥାଗୁଡିକୁ ତୁରନ୍ତ ଇସିଆର୍ ଦାଖଲ କରି ଯୋଜନାର ସୁବିଧା ହାସଲ ପାଇଁ ସେ ଜଣାଇଛନ୍ତି। ସୂଚନାଯୋଗ୍ୟ, ଯେଉଁ ସଂସ୍ଥାରେ ୧୦୦ରୁ କମ୍ ଲୋକ କାର୍ଯ୍ୟ କରୁଥିବେ ଓ ଏହାର ୯୦% କର୍ମଚାରୀ ୧୫୦୦୦ ଟଙ୍କାରୁ କମ୍ ଦରମା ପାଉଥିବେ ସେହି ସଂସ୍ଥା ଓ କର୍ମଚାରୀମାନେ ଏହି ଯୋଜନାର ସୁଫଳ ପାଇପାରିବେ।

### କୁଶଭଦ୍ରାରେ ଚାପ ଖେଳିଲେ ରାଧାମାଧବ



**ବାଲିଅନ୍ତା,୧୩।୫(ଡି.ଏନ୍.ଏ.):** ଲକଡାଉନ ସତ୍ତ୍ୱେ ସାମାଜିକ ଦୂରତ୍ୱକୁ ମାନି ବାଲିଅନ୍ତାରେ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ବୁଧବାର ଦ୍ୱିତୀୟ ଦିବସ ଥିବାବେଳେ କରୋନା କଟକଣା ପାଇଁ ହଂସପାଳ ଗ୍ରାମର ଆରାଧ ଠାକୁର ରାଧାମାଧବଙ୍କ ଚଳନ୍ତି ପ୍ରତିମାକୁ ସ୍ଥାନୀୟ କୁଶଭଦ୍ରା ନଦୀଜଳରେ ଚାପ କ୍ରୀଡ଼ା କରାଯାଇଥିଲା। ନୌକା ବଦଳରେ ପିତ୍ତଳ କୁଣ୍ଡରେ ରାଧାମାଧବ ବିଗ୍ରହଙ୍କୁ ୩ ଘେରା ଭଉଁରି କରାଯାଇଥିଲା। ଲକଡାଉନ ଯୋଗୁ ଚଳିତବର୍ଷ ଯାତ୍ରା ପରିବେଷଣକୁ ବାଦ୍ ରଖାଯାଇଛି। ରାତି ପରିବର୍ତ୍ତେ ଅପରାହ୍ନ ୫ଟାରେ ଚାପକ୍ରୀଡ଼ା କରାଯାଇଥିଲା। ଶ୍ରୀ ନିକୁଞ୍ଜବିହାରୀ ମନ୍ଦିର ଟ୍ରଷ୍ଟି ବୋର୍ଡ ଓ ହଂସପାଳ ଗ୍ରାମବାସୀ ମିଳିତ ଭାବେ ଚନ୍ଦନଯାତ୍ରାଙ୍କୁ ପରିଚାଳନା କରୁଛନ୍ତି। ଏହି ଯାତ୍ରା ୫ ଦିନ ଧରି ଚାଲିବ।

# ୧୦ଦିନରେ ୧୬ଶହ କି.ମି. ସାଇକେଲ ଯାତ୍ରା

**ଖୋର୍ଦ୍ଧା ଅଫିସ,୧୩।୫**

କରୋନା ଭୂତାଣୁ ସହ ଆଜି ସାରା ବିଶ୍ୱ ଲଢୁଛି। ସଂକ୍ରମଣ ରୋକିବା ପାଇଁ ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଜାରି ରହିଛି। ପ୍ରବାସୀ ଶ୍ରମିକଙ୍କୁ ଫେରାଇ ଆଣିବା ଲାଗି ସରକାରଙ୍କ ଅପରେଶନ୍ ଶୁଭଯାତ୍ରା ଆରମ୍ଭ ହେବାପରେ ବିଭିନ୍ନ ରାଜ୍ୟରୁ ବସ୍, ଟ୍ରେନ ଯୋଗେ ପ୍ରବାସୀ ଓଡ଼ିଆ ଫେରୁଛନ୍ତି। ଏହିକ୍ରମରେ ଲକ୍‌ଡାଉନ୍‌ରେ ଫସି ରହିଥିବା ୫ଜଣ ପ୍ରବାସୀ ଓଡ଼ିଆ ସୁରଟରୁ ୧୦ଦିନ ସାଇକଲରେ ଯାତ୍ରା କରିବା ପରେ ବୁଧବାର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତର ଡଙ୍ଗରପଡ଼ାରେ ପହଞ୍ଚିଛନ୍ତି। ଏମାନଙ୍କ ମଧ୍ୟରେ ଡଙ୍ଗରପଡ଼ାର ଜଣେ ଏବଂ ପୁରୀ ଜିଲା କଣାସ ଅଞ୍ଚଳର ୪ଜଣ ରହିଛନ୍ତି। ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଯୁବକ ଏବଂ ସ୍ୱେଚ୍ଛାସେବୀମାନେ ସେମାନଙ୍କ ଖାଇବା ପିଇବା ବ୍ୟବସ୍ଥା କରିଥିଲେ। ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି।

ମିଳିଥିବା ସୂଚନା ଅନୁସାରେ ଉପରୋକ୍ତ ୫ପ୍ରବାସୀ ସୁରଟର ଏକ ସୂତାକଳ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଲକ୍‌ଡାଉନ ପରେ କମ୍ପାନୀ ବନ୍ଦ ହୋଇଯିବାରୁ ମାଲିକ ସେମାନଙ୍କୁ ଫେବୃୟାରୀ ମାସର ଦରମା ପ୍ରଦାନ କରିଥିଲେ। ମାର୍ଚ୍ଚ ପରଠାରୁ କମ୍ପାନୀ ବନ୍ଦ ରହିଥିବାରୁ ଦରମା ଦେବାକୁ ମନା କରିଦେଇଥିଲା। ଏହି କମ୍ପାନୀରେ କାର୍ଯ୍ୟରତ ଅନ୍ୟ ପ୍ରବାସୀମାନେ ନିଜ ସ୍ଥାନରୁ ଫେରିଯାଇଥିବା ବେଳେ ଏହି ୫ଜଣ ସାଥୀ ରହିଯାଇଥିଲେ। ଅନ୍ୟପଟେ ଘରଭଡ଼ା ଦେବାକୁ ନେଇ ଘର ମାଲିକ ଘର ଖାଲିବାକୁ ବାଧ କରିଥିଲେ। ନିଜ ପାଖରେ ଥିବା ଟଙ୍କାରୁ ଯେନତେନ ପ୍ରକାରେ ଦୁଇ ମାସ ଚଳାଇ ନେଇଥିଲେ। ହେଲେ ଚଳିବାକୁ ଆଉ ପାଖରେ ଟଙ୍କା ନ ଥିବାରୁ ସେମାନେ ଧାରକରଜ କରି ସାଇକେଲ୍ ଯୋଗେ ନିଜ ଗ୍ରାମକୁ ଫେରିବାକୁ ନିଷ୍ପତ୍ତି ନେଇ ବାହାରିଥିଲେ। ସାଇକେଲ ଧରି ସେଠାରୁ ପ୍ରାୟ କିଛି ବାଟ ଯାତ୍ରା କରିବା ପରେ ପୋଲିସ ସେମାନଙ୍କୁ ଓଡ଼ିଶା ଫେରିବା ଲାଗି ମନା କରି ଫେରାଇ ଦେଇଥିଲା। ସେଠାରୁ ନିରାଶ ହୋଇ ପୁଣି ଉକ୍ତ ଅଞ୍ଚଳକୁ ଫେରି ସ୍ଥାନୀୟ ପ୍ରଶାସନ ଠାରୁ ଅନୁମତି ଲୋଡିଥିଲେ। ବାରମ୍ବାର ଦୌଡିବା ପରେ ଶେଷରେ ଫେରିବା ଲାଗି ପ୍ରଶାସନ ଠାରୁ ଅନୁମତି ପାଇ ବାହାରି ପଡିଥିଲେ। ରାସ୍ତାରେ ଫେରିବା ବାଟରେ ସ୍ଥାନୀୟ ଅଞ୍ଚଳରେ ଯୁବକ, ସ୍ୱେଚ୍ଛାସେବୀମାନେ ସେମାନଙ୍କୁ ସହଯୋଗର ହାତ ବଢ଼ାଇଥିଲେ ବୋଲି କୁହନ୍ତି ଜଣେ ପ୍ରବାସୀ। ଗୁଜରାଟ, ଛତିଶଗଡ଼ ଦେଇ ଓଡ଼ିଶାରେ ପହଞ୍ଚିବା ପରେ କିଛି ସ୍ଥାନରେ ହଇରାଣ ହୋଇଥିବା କହିଛନ୍ତି। ସୁରଟରୁ ଆସୁଥିବା ଜାଣିବା ପରେ କେତେକ ସ୍ଥାନରେ ତିରସ୍କାରର ଶିକାର ହୋଇଥିବା କୋହ ଭରା କଣ୍ଠରେ କହିଥିଲେ। ଭିଟାମାଟିରେ ପହଞ୍ଚିବାର ସ୍ୱାଦ ନିଆରା ବୋଲି କହିଛନ୍ତି। ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଡଙ୍ଗରପଡ଼ାର ଜଣେ ପ୍ରବାସୀ କ୍ୱାରାଣ୍ଟାଇନରେ ରହିଥିବା ବେଳେ ଅନ୍ୟ ୪ଜଣ କଣାସ ନିଜ ଅଞ୍ଚଳକୁ ଫେରି କ୍ୱାରାଣ୍ଟାଇନ୍‌ରେ ରହିଥିବା ଜଣାପଡ଼ିଛି।



**ସୁରଟରୁ ଡଙ୍ଗରପଡ଼ା**

- ଗ୍ରାମରେ ପହଞ୍ଚି କ୍ୱାରାଣ୍ଟାଇନ୍‌ରେ ରହିଲେ ୫ପ୍ରବାସୀ
- ସହାନୁଭୂତି ମିଳିଛି, ତିରସ୍କାରକୁ ସ୍ୱାଗତ କରିଛୁ

# ନିଲମ୍ବିତ ଏସ୍ଆଇ ରାକେଶ ଗିରଫ

**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

**ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ଓ ଠକେଇ ଘଟଣା**

ଚୋରା ଗାଡ଼ି କାରବାର ସହ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର ପରେ ପ୍ରତାରଣା କରି ଗର୍ଭପାତ କରାଇବା ଘଟଣାରେ ସମ୍ପୃକ୍ତ କ୍ୟାପିଟାଲ ଥାନା ନିଲମ୍ବିତ ସବ୍ ଇନ୍ସପେକ୍ଟର ରାକେଶ ସାମଲଙ୍କୁ ପୋଲିସ ବୁଧବାର ଗିରଫ କରିଛି। ପ୍ରାୟ ୨ମାସ ଧରି ବିଭାଗର ବିନାନୁମତିରେ କାର୍ଯ୍ୟରେ ଯୋଗ ଦେଉ ନଥିବା ଅଭିଯୁକ୍ତ ଏସ୍ଆଇ ରାକେଶଙ୍କୁ କମିଶନରେଟ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ରାଉରକେଲାରୁ ଗିରଫ କରିଛି। ରାଉରକେଲା ରଘୁନାଥପାଲ୍ଲୀ ଥାନାରେ ତାଙ୍କୁ ପଚରାଉଚରା ପରେ ଭୁବନେଶ୍ୱର ଅଣାଯିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ଗୁରୁବାର ତାଙ୍କୁ ଭୁବନେଶ୍ୱରରେ ତଦନ୍ତକାରୀ ଅଧିକାରୀମାନେ ଜେରା କରି ତଥ୍ୟ ସଂଗ୍ରହ ପରେ କୋର୍ଟ ଚାଲାଣ କରାଯିବ। ବନ୍ଧୁକ ମୁନରେ ଯୁବତୀଙ୍କୁ ବଳାତ୍କାର କରି ଗର୍ଭପାତ ଘଟଣା ସହ ଚୋରାଗାଡ଼ି କାରବାରରେ କମିଶନରେଟ ପୋଲିସର ସମ୍ପୃକ୍ତି ନେଇ ରହିଥିବା ସଙ୍ଗିନ ଅଭିଯୋଗ ଉପରୁ ମଧ ପରଦା ଉଠିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ରାକେଶଙ୍କ ସହ କିଛି ବରିଷ୍ଠ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଥିବାରୁ ଏବେ ସେମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଚୋରା ଗାଡି କେଉଁଠାରୁ କିପରି ଆଣୁଥିଲେ, ଏହି ସଙ୍ଗିନ କାରବାରରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହାକୁ ତଦନ୍ତ ପରିସରଭୁକ୍ତ କରାଯିବ। ଏପରି କି ଆରଟିଓ ଅଫିସରେ ଜାଲ୍ କାଗଜପତ୍ର ତିଆରି କରିବାରେ ଅନ୍ୟ ପୋଲିସ ଅଧିକାରୀ ସେମାନଙ୍କୁ ସହଯୋଗ କରୁଥିବା ନେଇ ଯେଉଁ ଅଡିଓ କ୍ଲିପ ଭାଇରାଲ୍ ହୋଇଛି ତା'ର ମଧ ତଦନ୍ତ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ରାକେଶଙ୍କ ବିରୋଧରେ ଭୁବନେଶ୍ୱର ମହିଳା ଥାନାରେ ଆଇପିସି ଦଫା ୩୭୬, ୩୧୩, ୫୦୬ ଏବଂ ୪୨୦ରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାକୁ ଡିସିପି ଅଫିସରେ ଥିବା ଇନ୍‌ଭେଷ୍ଟିଗେଟିଭ ୟୁନିଟ ଫର୍ କ୍ରାଇମ୍ ଏଗ୍‌ନେଷ୍ଟ ଓମେନ୍(ଆଇୟୁସିଏଡବ୍ଲ୍ୟୁ) ସେଲ୍ ଅଧିକାରୀ ସୁଜାତା ଜେନା ତଦନ୍ତ କରୁଛନ୍ତି।

# ତିନିରଥର ୬ ଚକ ନିର୍ମାଣ ଶେଷ




ରଥଚକରେ ତୁମ୍ବ ବିନ୍ଧ କରାଯାଉଛି।

**ପୁରୀ ଅଫିସ, ୧୩।୫**

ଆସନ୍ତା ୧୫ ତାରିଖରେ ଶ୍ରୀକ୍ଷେତ୍ର ଭଉଁରୀ। ଏହି ଦିନ ତିନିରଥର ୬ଟି ନାହାକା ଚକ ଡେରା ଯିବାର ବିଧି ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ରଥ ନିର୍ମାଣରେ ନିୟୋଜିତ ସେବକମାନେ ନିର୍ମାଣ କାର୍ଯ୍ୟକୁ ଜୋର୍‌ଦାର କରିଛନ୍ତି। ମହାପ୍ରଭୁଙ୍କ ରଥ କିପରି ଠିକ୍ ସମୟରେ ପ୍ରସ୍ତୁତ ହୋଇଯିବ ସେଥିପାଇଁ ପ୍ରଚଣ୍ଡ ଖରା ସତ୍ତ୍ୱେ ୧୨ରୁ ୧୪ ଘଣ୍ଟା ପରିଶ୍ରମ କରୁଛନ୍ତି। ବୁଧବାର ସୁଦ୍ଧା ରଥଖଳାରେ ପ୍ରତ୍ୟେକ ରଥର ୨ଟି ଲେଖାଏ ଅର୍ଥାତ୍ ୬ଟି ଚକ ପ୍ରସ୍ତୁତ ହୋଇଯାଇଛି। ତେଣୁ ଭଉଁରୀରେ ଚକଡେରା ନୀତି ପାଇଁ ମହାରଣା ସେବକମାନଙ୍କର ଯେଉଁ ଚିନ୍ତା ରହିଥିଲା ତାହା ଟଳିଯାଇଛି। ଅନ୍ୟ କାମ ମଧ୍ୟରେ ସମସ୍ତ ୪୨ଟି ତୁମ୍ବ ତିଆରି ସରିଥିବାବେଳେ ୨୫ଟିର ବିନ୍ଧ ଶେଷ ହୋଇଛି। ସେପଟେ ଯନ୍ତାଗାଡ଼ରେ ସିଙ୍ଗଡ଼ା ବାଡ଼ିଆ (ତୁମ୍ବରେ ଅର ସଂଯୋଗ) କାମ ଚାଲିଛି। ବୁଧବାର ୮ଟି ତୁମ୍ବରେ ଅର ସଂଯୋଗ ହୋଇଛି। ଏ ପର୍ଯ୍ୟନ୍ତ ମୋଟ ୧୪ଟି ତୁମ୍ବରେ ଅର ସଂଯୋଗ କରାଯାଇଛି। ତାଳଧ୍ୱଜ ଓ ନନ୍ଦିଘୋଷ ରଥର ୩ଟି ଲେଖାଏ ଏବଂ ଦର୍ପଦଳନ ରଥର ୨ଟି ତୁମ୍ବରେ ଅର ସଂଯୋଗ କରାଯାଇଥିବା ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି।

ସେହିପରି ରଥଖଳାରେ ରୂପକାର ସେବକମାନେ କଣଗୁଜ ଖୋଦେଇ କରୁଛନ୍ତି। ଦୋଳବେଦି ପରିସର କମାରଶାଳରେ କମାର ସେବକମାନେ ଅରକଣ୍ଟା, ପନ୍ଦାରୀ, ପନ୍ଦାରୀ ଚାବି, ବଳା ଆଦି ତିଆରି କରୁଛନ୍ତି। ରଥଖଳାରେ ଗୁଜ, କୁଡୁକା, ଜଳଯନ୍ତ୍ର ତିଆରି ଚାଲିଛି। ଅନ୍ୟପକ୍ଷରେ ସକାଳେ ରଥଖଳାରେ କାମ ଆରମ୍ଭ ପୂର୍ବରୁ ସମ୍ପୃକ୍ତ ୧୬୨ ଜଣ ସେବକଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଛି। ସମସ୍ତ ସେବକ ସୁସ୍ଥ ଅଛନ୍ତି।

# ଆଜିଠାରୁ ଫେରନ୍ତାଙ୍କ ପାଇଁ 'ସଟଲ ବସ୍' ସେବା

**ଭୁବନେଶ୍ୱର, ୧୩।୫(ବ୍ୟୁରୋ)**

**ରେଳ ଷ୍ଟେଶନ, ବିମାନ ବନ୍ଦରରୁ ସ୍ୱତନ୍ତ୍ର ସେବା ଦେବ 'ମୋ ବସ୍'**

ଓଡ଼ିଶା ବାହାରୁ ଆସୁଥିବା ଲୋକଙ୍କ ପାଇଁ 'ମୋ ବସ୍' ପକ୍ଷରୁ ସ୍ୱତନ୍ତ୍ର 'ସଟଲ ବସ୍' ସେବା ଗୁରୁବାରଠାରୁ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଏବଂ ଭୁବନେଶ୍ୱର ରେଲୱେ ଷ୍ଟେଶନଠାରୁ ଏହି ସ୍ୱତନ୍ତ୍ର ବସ ସେବା ଉପଲବ୍ଧ ହେବ। ଏହି ସେବା ଭୁବନେଶ୍ୱର, କଟକ ଓ ଖୋର୍ଦ୍ଧା ସହର ସହ ଯାତ୍ରୀଙ୍କୁ ଯୋଡ଼ିବ। ଫେରନ୍ତା ଲୋକେ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ ବୋଲି ମୋ ବସ୍‌ର ପରିଚାଳନା ଦାୟିତ୍ୱରେ ଥିବା କ୍ରୁଟ୍‌ର ମହାପ୍ରବନ୍ଧକ ଦୀପ୍ତି ମହାପାତ୍ର କହିଛନ୍ତି। ତେବେ ଯାତ୍ରା ସମୟରେ ସମସ୍ତ ଯାତ୍ରୀଙ୍କ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ନଚେତ ବସ୍‌ରେ ଯାତ୍ରା କରିବା ପାଇଁ ଅନୁମତି ମିଳିବ ନାହିଁ। ସେହିଭଳି ସାମାଜିକ ଦୂରତ୍ୱ ରକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ପ୍ରତିଦିନ ବସ୍‌କୁ ବିଶୋଧନ କରାଯିବାର ବ୍ୟବସ୍ଥା ହୋଇଛି ବୋଲି ମହାପାତ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ମୋ ବସ୍ କଲ୍ ସେଣ୍ଟରରେ ଆପାତକାଳୀନ ସେବାରେ ନିୟୋଜିତ କର୍ମଚାରୀଙ୍କୁ ନେବାଆଣିବା କରୁଥିଲା।

# ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ କୋଭିଡ୍-୧୯ ପ୍ରଶିକ୍ଷଣ

**ଭୁବନେଶ୍ୱର,୧୩।୫(ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଜାତୀୟ ସେବା ଯୋଜନା ଏବଂ ୟୁନାଇଟେଡ୍ ନେଶନ୍‌ସ ଫଣ୍ଡ୍ ଫର୍ ପପୁଲେଶନ ଆକ୍ଟିଭିଟି ପକ୍ଷରୁ ରାଜ୍ୟର ୩୮୯ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଏବଂ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୟୁଏନ୍‌ଏଫପିଏର ପ୍ରବକ୍ତା ଡ. ଦୀପକ ଶତପଥୀ ଏବଂ ଡ. ସୁଶାନ୍ତ ପଣ୍ଡା ଯୋଗଦେଇ କୋଭିଡ୍-୧୯ ଭୂତାଣୁ ବିଷୟରେ ବକ୍ତବ୍ୟ ରଖିଥିଲେ। ହାତସଫା କରିବା, ସାମାଜିକ ଦୂରତ୍ୱ ରକ୍ଷାକରିବା, ମାସ୍କ ବ୍ୟବହାର, ସାମାଜିକ ବୈଷମ୍ୟ ଓ ଭେଦଭାବରୁ ଦୂରେଇବା, ଆକ୍ରାନ୍ତ ଥିବା ରୋଗୀକୁ ଶ୍ରଦ୍ଧା କରିବା, କରୋନାକୁ ନେଇ ଭୟଭୀତ ନ ହେବା ଲାଗି ଲୋକଙ୍କୁ ବୁଝାଇବାକୁ କୁହାଯାଇଥିଲା। ସେହିଭଳି ଏହି ସମୟରେ ଘରୋଇ ହିଂସା ଉପରେ ନଜର ଦେବା, ବୟୋଜ୍ୟେଷ୍ଠ ଓ ଅକର୍ମଣ୍ୟ ବ୍ୟକ୍ତିଙ୍କ ଲାଗି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ନେବା ଆଣିବାରେ ସାହାଯ୍ୟ କରିବା, ଗୁଜବକୁ ବିଶ୍ୱାସ ନ କରି ସରକାରଙ୍କ ନିୟମାବଳୀ ଓ ବିଶ୍ୱ ସଂସ୍ଥା ସଂଗଠନର କାର୍ଯ୍ୟାବଳୀ ଉପରେ ବିଶ୍ୱାସ କରିବାକୁ ଲୋକଙ୍କୁ ସଚେତନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ସ୍ୱେଚ୍ଛାସେବୀମାନେ ନିଜକୁ ଜଣେ କୋଭିଡ୍ ଯୋଦ୍ଧା ରୂପେ ପ୍ରସ୍ତୁତ କରିବାକୁ ଆହ୍ୱାନ ଦିଆଯାଇଥିଲା। ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶକ ଆର୍. ସଇଦ ନାୟକ ପୃଷ୍ଠପୋଷକତା କରିଥିବାବେଳେ ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଡ. ଦୀପକ କୁମାର ବେହେରା ସଂଯୋଜନା କରିଥିଲେ।

# ଥାଣେ, କୋଏମ୍ବାଟୁରରୁ ଫେରିଲେ ୭୬୩ ପ୍ରବାସୀ

**ଖୋର୍ଦ୍ଧା ଅଫିସ,୧୩।୫**

**ଖୋର୍ଦ୍ଧାରୋଡ୍‌ରେ ଲାଗିଲା ୨ ଟ୍ରେନ୍**



ମହାରାଷ୍ଟ୍ରର ଥାଣେ ଏବଂ ତାମିଲନାଡୁର କୋଏମ୍ବାଟୁରରୁ ୨ଟି ଟ୍ରେନରେ ବୁଧବାର ୭୬୩ଜଣ ପ୍ରବାସୀ ଓଡ଼ିଆ ଫେରିଛନ୍ତି। ଷ୍ଟେଶନ ପରିସରରେ ସେମାନଙ୍କ ସ୍କ୍ରିନିଂ ସହ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପଞ୍ଜୀକରଣ କରାଯିବା ପରେ ସ୍ୱତନ୍ତ୍ର ବସ୍ ଯୋଗେ ନିଜ ଜିଲାକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ ଥାଣେରୁ ବାଲେଶ୍ୱର ଅଭିମୁଖେ ବାହାରିଥିବା ଶ୍ରମିକ ସ୍ୱତନ୍ତ୍ର ଟ୍ରେନ(ନଂ.୦୧୯୨୫) ଖୋର୍ଦ୍ଧାରୋଡ ଷ୍ଟେଶନରେ ପୂର୍ବାହ୍ନ ୯ଟା୦୮ ମିନିଟରେ ପହଞ୍ଚିଥିଲା। ଏଥିରେ ୯ଟି ଜିଲାର ୧୯୯ ଜଣ ଯାତ୍ରୀ ରହିଥିଲେ। ସେମାନଙ୍କ ମଧ୍ୟରେ ଅନୁଗୋଳର ୯, କଟକ ୧୨, ଢେଙ୍କାନାଳ ୪୨, ଜଗତ୍‌ସିଂହପୁର ୪୪, କେନ୍ଦ୍ରାପଡ଼ା ୬୩, ଖୋର୍ଦ୍ଧା ୧୨, ନୟାଗଡ଼ ୩, ପୁରୀ ୭ ଏବଂ ସୁନ୍ଦରଗଡ଼ର ୭ଜଣ ରହିଛନ୍ତି। ଏହି ଟ୍ରେନ ଖୋର୍ଦ୍ଧା ରୋଡ୍‌ରେ ଲାଗିବା ପରେ କୋଭିଡ- ୧୯ ଗାଇଡ୍‌ଲାଇନ ଅନୁସାରେ ମାସ୍କ ଏବଂ ସାମାଜିକ ଦୂରତ୍ୱ ବଜାୟ ରଖି ଷ୍ଟେଶନ ବାହାରକୁ ବାହାରିଥିଲେ। ଆରପିଏଫ, ଜିଆରପି ଏବଂ ସ୍ଥାନୀୟ ପୋଲିସ, ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

ସେହିପରି କୋଏମ୍ବାଟୁରରୁ ବାହାରିଥିବା ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍ (ନଂ.୦୬୧୩୨) ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ଅପରାହ୍ନ ସାଢେ ୨ଟାରେ ପହଞ୍ଚିଥିଲା। ଏହି ଟ୍ରେନରେ୧୭ ଜିଲାର ୫୬୪ଯାତ୍ରୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ବଲାଙ୍ଗୀରର ୨୮, କଟକ ୭୯, ଢେଙ୍କାନାଳ୪, ଜଗତ୍‌ସିଂହପୁର୧୭, କେନ୍ଦ୍ରାପଡ଼ା ୧୪, ଖୋର୍ଦ୍ଧା ୨୭, ନୟାଗଡ଼ ୧୬୦, ପୁରୀ ୫୮, ସୁନ୍ଦରଗଡ଼ ୪, ବାଲେଶ୍ୱର୨୦, ବରଗଡ଼ ୧୪, ଭଦ୍ରକ ୪୦, ଦେବଗଡ଼ ୭, ଯାଜପୁର ୧୬, କଳାହାଣ୍ଡି ୧୬, ମୟୂରଭଞ୍ଜ ୨୦, ସମ୍ବଲପୁର ୧୧ ଏବଂ ସୁବର୍ଣ୍ଣପୁରର ୪୫ଜଣ ରହିଛନ୍ତି। ପ୍ଲାଟଫର୍ମରେ ଏହି ଟ୍ରେନ ଲାଗିବା ପରେ ୩ଟା ୫୫ ସୁଦ୍ଧା ସମସ୍ତ ଯାତ୍ରୀ ଟ୍ରେନ୍‌ରୁ ଓହ୍ଲାଇ ସାମାଜିକ ଦୂରତ୍ୱ ବଜାୟ ରଖି କଡ଼ା ସୁରକ୍ଷା ବଳୟ ମଧ୍ୟରେ ବାହାରକୁ ବାହାରିଥିଲେ। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସ୍କ୍ରିନିଂ ପରେ ସେମାନଙ୍କ ଜିଲାରୁ ଆସିଥିବା ବସ୍‌ରେ ଯାତ୍ରା କରିଥିଲେ।

# ପୋଖରୀରେ ବୁଡ଼ି ୨ ମୃତ

**ବାରଙ୍ଗ/କଣାସ (ଡି.ଏନ୍.ଏ./(ସ୍ୱ.ପ୍ର.), ୧୩।୫**

ମେଣ୍ଢାଶାଳ ଫାଣ୍ଡି ଅଧୀନ କଳାଝର ଗ୍ରାମ ନିକଟ ଏକ ପୋଖରୀରେ ବୁଡ଼ି ବୁଧବାର ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ଥାନା ଅନ୍ତର୍ଗତ ଅଙ୍ଗାରପଡ଼ା ଗ୍ରାମର ସୁବ୍ରତ କୁମାର ପ୍ରଧାନ(୩୨)। ବାପାଙ୍କ ମୃତ୍ୟୁ ପରେ ମାଆ,ଭାଇଭଉଣୀ ଚନ୍ଦକା ଥାନା ଅର୍ନ୍ତଗତ ମେଣ୍ଢାଶାଳ ଗ୍ରାମରେ ମାମୁଘରର ବୁଦ୍ଧେଶ୍ୱର ପ୍ରଧାନଙ୍କ ଘରେ ରହୁଥିଲେ। ସୁବ୍ରତ ଟ୍ୟୁଶନ କରି ପରିବାର ପ୍ରତିପୋଷଣ କରନ୍ତି। ବୁଧବାର ସକାଳେ ମେଣ୍ଢାଶାଳ ନିକଟସ୍ଥ କଳାଝର ଗ୍ରାମରୁ ଟ୍ୟୁଶନ ସାରି ଘରକୁ ଫେରୁଥିଲେ। ବାଟରେ ଉଦ୍ୟାନଫାର୍ମ ନିକଟରେ ଥିବା ପୋଖରୀରେ ଗାଧୋଇବାବେଳେ ସେ ପାଣିରେ ବୁଡ଼ି ଯାଇଥିଲେ। ବାଟରେ ଯାଉଥିବା ଦୁଇଜଣ ଯୁବକ ଦେଖି ପାଟିକରିବାରୁ କେତେଜଣ ଶ୍ରମିକ ଆସି ସୁବ୍ରତଙ୍କୁ ଉଦ୍ଧାର କରି ମେଣ୍ଢାଶାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସୁବ୍ରତଙ୍କ ପରିବାର ଲୋକ ଆସି ତାଙ୍କୁ ଏକ ବେସରକାରୀ ଡାକ୍ତରଖାନାକୁ ନେଇଯାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି କଣାସ ବ୍ଲକ ଅନ୍ତର୍ଗତ ଗଡିଶାଗୋଦା ଥାନା ଅଧୀନ ଶାସନ ଗ୍ରାମର ପଦ୍ମଚରଣ ବଳିୟାରସିଂହଙ୍କ ୨ବର୍ଷର ଶିଶୁପୁତ୍ର ଦେବଦତ୍ତ ବୁଧବାର ସକାଳେ ପୋଖରୀରେ ବୁଡ଼ି ମୃତ୍ୟୁ କରିଛି। ପଦ୍ମଚରଣଙ୍କ ପରିବାର ଘରେ ଥିବାବେଳେ ଦେବଦତ୍ତ ବାସଗୃହ ନିକଟରେ ଖେଳୁଥିଲେ। ପରେ ଘର ନିକଟସ୍ଥ ପୋଖରୀକୁ ଚାଲିଯାଇ କେତେବେଳେ ପଡିଯାଇଥିଲେ। ଦେବଦତ୍ତ ଘରକୁ ନ ଫେରିବାରୁ ପରିବାରଲୋକ ଖୋଜାଖୋଜି କରି ପୋଖରୀ ମଧ୍ୟରୁ ନିସ୍ତେଜ ଅବସ୍ଥାରେ ପୁତ୍ରକୁ ଉଦ୍ଧାର କରି ପୁରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ।

# ଅବସରପ୍ରାପ୍ତ ୨୩୯୪ ଜଣଙ୍କୁ ଠିକା ନିଯୁକ୍ତି

**କଟକ ଅଫିସ୍,୧୩।୫**

**ଓଡ଼ିଶା ପୋଲିସରେ ମାନବ ସମ୍ବଳ ଅଭାବ**

- ଗୃହ ବିଭାଗ ଦେଲା ଅନୁମତି
- କରୋନା ମୁକାବିଲାରେ ନିୟୋଜିତ ହେବେ
- କାର୍ଯ୍ୟକାଳ ରହିବ ୩ ମାସ
- ସ୍ୱତନ୍ତ୍ର ପୋଲିସ ଅଧିକାରୀ ମାନ୍ୟତା

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସାରା ରାଜ୍ୟରେ ଲକ୍‌ଡାଉନ୍ ଜାରି ରହିଛି। ଏହି କଟକଣାକୁ କଡ଼ାକଡ଼ି ପାଳନ କରିବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଉଛି। ତେବେ ଦୀର୍ଘ ଦିନ ହେଲା ପୋଲିସ କର୍ମଚାରୀମାନେ ଡ୍ୟୁଟି କରୁଥିବାରୁ ସେମାନଙ୍କୁ ବିଶ୍ରାମର ଆବଶ୍ୟକତା ରହିଛି। ଅନ୍ୟପଟେ ମାନବ ସମ୍ବଳ ଅଭାବ ଦ୍ୱାରା ଓଡ଼ିଶା ପୋଲିସ ପ୍ରଭାବିତ ହୋଇଛି। ଏହାର ମୁକାବିଲା ପାଇଁ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ୨୩୯୪ଜଣ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ଠିକାରେ ପୁନଃ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଛି । ଏହାକୁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଅନୁମୋଦନ ମିଳିଥିବା ବୁଧବାର ରାଜ୍ୟ ପୋଲିସ ମୁଖ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, କର୍ମଚାରୀ ଅଭାବ ନେଇ ଏପ୍ରିଲ୍ ୮ରେ ରାଜ୍ୟ ପୋଲିସ ମୁଖ୍ୟାଳୟ ତରଫରୁ ଗୃହ ବିଭାଗକୁ ଅବଗତ କରାଯାଇଥିଲା। ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ କରୋନା ମୁକାବିଲାରେ ନିୟୋଜିତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ପ୍ରସ୍ତାବକୁ ଗୃହ ବିଭାଗ ଅନୁମୋଦନ ଦେଇଛି। ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଡ. ସନ୍ତୋଷ ବଳ ଏ ନେଇ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଚିଠି ଲେଖି ଅବଗତ କରିଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ସର୍ତ୍ତମୂଳକ ଭାବେ ଠିକାରେ ନିଯୁକ୍ତି ଦିଆଯିବ। ଏମାନେ ୩ ମାସ କିମ୍ବା ନୂତନ ନିଯୁକ୍ତି ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ତେବେ ଯଦି ଭବିଷ୍ୟତରେ ଆବଶ୍ୟକ ପଡ଼େ, ତେବେ ସେମାନଙ୍କୁ ପୁନଃ ନିଯୁକ୍ତି ନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ତରଫରୁ ଯଥାର୍ଥ କାରଣ ଦର୍ଶାଇ ଅନୁମତି ନେବାକୁ ହେବ। ବର୍ତ୍ତମାନ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ଏମାନେ କରୋନା ମୁକାବିଲାରେ ସହଯୋଗ କରିବେ। ଠିକାରେ ନିଯୁକ୍ତିପାଇବାକୁ ଥିବା କର୍ମଚାରୀଙ୍କ ମଧ୍ୟରେ ରହିଛନ୍ତି ରାଜ୍ୟ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀରୁ ଅବସର ନେଇଥିବା କର୍ମଚାରୀ ଓ ଅଧିକାରୀ। ସେମାନଙ୍କୁ ସ୍ୱତନ୍ତ୍ର ପୋଲିସ ଅଧିକାରୀ (ଏସ୍‌ପିଓ) ଭାବେ ନିଯୁକ୍ତି ଦିଆଯିବ। ରାଜ୍ୟ ଅର୍ଥ ବିଭାଗ ତରଫରୁ ୨୦୧୮ ମାର୍ଚ୍ଚ ୧୭ ତାରିଖରେ ଜାରି ନର୍ଦ୍ଦେଶନାମା ଅନୁଯାୟୀ ଏମାନଙ୍କୁ ପାରିଶ୍ରମିକ ମିଳିବ। ସେହିଭଳି ସେମାନେ ପୂର୍ବରୁ ଅବସର ନେଇଥିବାରୁ ଅନେକ କର୍ମଚାରୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାଇ ପାରନ୍ତି ସେମାନଙ୍କୁ କୌଣସି କଷ୍ଟକର କାର୍ଯ୍ୟରେ ନିୟୋଜିତ ନ କରିବାକୁ ପରାମର୍ଶ ଦିଆଯାଇଛି।

ତେବେ କେଉଁମାନେ ଏହି ଠିକା ନିଯୁକ୍ତି ପାଇଁ ଆବେଦନ କରିପାରିବେ, ସେନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସମ୍ପୃକ୍ତ ବ୍ୟକ୍ତି ରାଜ୍ୟ, କେନ୍ଦ୍ର କିମ୍ବା ସମତୁଲ୍ୟ ବିଭାଗରେ ଏସ୍ଆଇ, ଏଏସ୍ଆଇ, ହାବିଲଦାର୍, କନଷ୍ଟେବଳ ପଦବୀରେ କାର୍ଯ୍ୟ କରି ଅବସର ନେଇଥିବା ଆବଶ୍ୟକ। ବୟସ ୬୧ ବର୍ଷରୁ ଅଧିକ ହୋଇ ନ ଥିବ। ଫୌଜଦାରି ମାମାଲାରେ ଦଣ୍ଡିତ ହୋଇ ନ ଥିବେ କିମ୍ବା ନିଜର ଚାକିରିକାଳ ମଧ୍ୟରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନରେ ଦଣ୍ଡିତ ହୋଇ ନ ଥିବେ। କୌଣସି ଗୁରୁତର ରୋଗରେ ପୀଡ଼ିତ ନ ଥିବା ଜରୁରୀ। ନିଯୁକ୍ତି ପରୀକ୍ଷା ସମ୍ପୃକ୍ତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ରିଜର୍ଭ ପୋଲିସ କାର୍ଯ୍ୟାଳୟ ଠାରେ ଆସନ୍ତା ୧୮ରୁ ୨୧ ଏବଂ ୨୬ ତାରିଖରେ ଅନୁଷ୍ଠିତ ହେବ। ଆବେଦନକାରୀଙ୍କ ଡାକ୍ତରୀ ପରୀକ୍ଷା ହେବ ଯେଉଁଥିରେ ସେ ଦିନକୁ ୮ଘଣ୍ଟା କାର୍ଯ୍ୟ କରିପାରିବେ ନା' ନାହିଁ, ତାହା ପରୀକ୍ଷା କରାଯିବ ବୋଲି ରାଜ୍ୟ ପୋଲିସ ମୁଖ୍ୟାଳୟ ତରଫରୁ କୁହାଯାଇଛି।



କରୋନା ସଂକ୍ରମିତ ସଂଖ୍ୟା ଅନୁସାରେ ସ୍ପେନ୍ ପୃଥିବୀରେ ଦ୍ୱିତୀୟ ସ୍ଥାନରେ ରହିଛି। ସ୍ପେନ୍‌ର ଜଣେ ୧୩୩ ବର୍ଷ ବୟସ୍କ ବୃଦ୍ଧା କରୋନାକୁ ପରାସ୍ତ କରି ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେ ହେଉଛନ୍ତି ମାରିଆ ବ୍ରାନ୍ୟସ୍। ତାଙ୍କ ଟୁଇଟର ଆକାଉଣ୍ଟରେ ପରିବାର ସଦସ୍ୟ ଏନେଇ ସୂଚନା ଦେଇଛନ୍ତି। ଏପ୍ରିଲ୍ ମାସରେ ତାଙ୍କଠାରେ କରୋନା ସଂକ୍ରମଣର ଲକ୍ଷଣ ପ୍ରକାଶ ପାଇଥିଲା। ଏହାପରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା।



# ଧାନ ରୋଇଲେ ଏସ୍‌ପି



**ଚିତ୍ତୋର(ଆନ୍ଧ୍ରପ୍ରଦେଶ):** କରୋନା ସମୟରେ ଅନେକ ଘଟଣା ସାମ୍ନାକୁ ଆସୁଛି, ଯାହା ଅନେକଙ୍କୁ ପ୍ରେରିତ କରୁଛି। ଏହି ସଙ୍କଟ ସମୟରେ ରାଜନେତାଙ୍କଠାରୁ ଅଧିକ ପ୍ରଶାସନିକ ଓ ପୋଲିସ ଅଧିକାରୀମାନେ ଆଗଧାଡ଼ିର ଯୋଦ୍ଧାଭାବେ ସାଧାରଣ ଲୋକଙ୍କ ସହ ଯୋଡ଼ିହୋଇ ରିୟଲ ହିରୋର ପରିଚୟ ଦେଇଛନ୍ତି। ମଙ୍ଗଳବାର ଆନ୍ଧ୍ରପ୍ରଦେଶର ତିରୁପତି ଅର୍ବାନ୍ ଏସ୍‌ପି ଅଭୁଲା ରମେଶ ରେଡ୍ଡି ଚାଷୀଙ୍କ ସହ ମିଶି ଧାନ ତଳି ରୋଇବା ଦେଖିବାକୁ ମିଳିଛି। ଶ୍ରୀକାଳହସ୍ତୀ ମନ୍ଦିର ସହରରେ ସର୍ବାଧିକ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାରୁ ସେଠାରେ ଲକ୍‌ଡାଉନ୍ ନିୟମକୁ ଲୋକେ ମାନୁଛନ୍ତି କି ନାହିଁ ଯାଞ୍ଚ କରିବା ପାଇଁ ମଙ୍ଗଳବାର ଏସ୍‌ପି ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଭେଙ୍କଟଗିରି ରୋଡ୍‌ସ୍ଥିତ ୟେରପେଡ୍ଡୁ ନିକଟ ରାସ୍ତାକଡ଼ ଜମିରେ ଧାନରୁଆ ଚାଲିଥିଲା। ଏହା ଦେଖି ଏସ୍‌ପି ନିଜକୁ ସମ୍ଭାଳିପାରି ନ ଥିଲେ। ସେ ଗାଡ଼ି ଅଟକାଇ ୟୁନିଫର୍ମ ପ୍ୟାଣ୍ଟକୁ ଫୋଲ୍ଡ କରି ସିଧା ଚାଷଜମିକୁ ଓହ୍ଲାଇଥିଲେ। ଧାନତଳି ଧରି ଚାଷୀ ଓ ଶ୍ରମିକଙ୍କ ସହ ମିଶି ନିଜେ ରୋଇଥିଲେ। ଏହି ସମୟରେ ଚାଷୀମାନଙ୍କ ସହିତ ଆଲୋଚନାକରି ସେ ମଧ୍ୟ କୃଷକ ପରିବାରରୁ ଆସିଛନ୍ତି ଏବଂ କୃଷିକୁ ସେ ଭଲ ପାଆନ୍ତି ବୋଲି କହିଥିଲେ। ଏବେ କୃଷି କାର୍ଯ୍ୟ ଆରମ୍ଭ କରିବାକୁ ସରକାର ଅନୁମତି ଦେଇଛନ୍ତି। ତେଣୁ ଚାଷ କାର୍ଯ୍ୟ ନେଇ ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ମଧ୍ୟ ସେ ବୁଝିଥିଲେ। ଉଲ୍ଲେଖଯୋଗ୍ୟ, ରେଡ୍ଡି ଜଣେ ବିଏସ୍‌ସି(ଏଗ୍ରିକଲ୍‌ଚର) ଛାତ୍ର। ତେବେ ଜଣେ ଆଇପିଏସ୍ ଅଧିକାରୀଙ୍କ ଏଭଳି କାର୍ଯ୍ୟ ଦେଖି ଚାଷୀମାନେ ମଧ୍ୟ ଆଶ୍ଚର୍ଯ୍ୟ ହେବା ସହ ଖୁସି ବ୍ୟକ୍ତ କରିଛନ୍ତି। ଏସ୍‌ପି ଆହୁରି ମଧ୍ୟ କହିଛନ୍ତି, ଲୋକେ ସିନେମା, ପିକ୍‌ନିକ୍ ଯିବା ବଦଳରେ ବର୍ଷକୁ ଥରେ ନିଜ ଗାଁକୁ ଯାଇ ଚାଷୀଙ୍କ ସହ ସମୟ ବିତାଇବା ସହ ସେମାନଙ୍କୁ ସହଯୋଗର ହାତ ବଢ଼ାଇବା ଉଚିତ।

# ଆମେରିକାକୁ ସୁରକ୍ଷିତ ମଣିଲେ ସନି



ସନି ଲିଓନ

**ମୁମ୍ବାଇ:** ସାରା ବିଶ୍ୱ ବର୍ତ୍ତମାନ କରୋନା ଭାଇରସ୍ କବଳିତ। ଏହି ମହାମାରୀକୁ ନେଇ ସଙ୍କଟରେ ମନୁଷ୍ୟ ଜାତି। ବିଶ୍ୱର ଅନେକ ବିକଶିତ ଦେଶ କରୋନା ଦାଉରେ ହଇରାଣ ହେଉଥିବା ବେଳେ ଆମେରିକାର ସ୍ଥିତି ଅତ୍ୟନ୍ତ ଗମ୍ଭୀର। ଏପଟେ ଭାରତରେ ମଧ୍ୟ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ତଥାପି ଆମେରିକାକୁ ଅଧିକ ସୁରକ୍ଷିତ ମଣିଛନ୍ତି ବଲିଉଡ୍ ଅଭିନେତ୍ରୀ ସନି ଲିଓନ। ସେ ନିଜ ପରିବାର ସହିତ ଭାରତ ଛାଡ଼ି ଆମେରିକା ପଳାଇଛନ୍ତି। ସନି ଏନେଇ ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମରେ ଜଣାଇଛନ୍ତି। ସେ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ନିଜ ଝିଅ ନିଶା ଏବଂ ଦୁଇ ପୁଅ ନୋହ ଏବଂ ଅଶର୍‌ଙ୍କ ସହ ନଜରକୁ ଆସିଛନ୍ତି। ସେ ଏଥିରେ ଲେଖିଛନ୍ତି ଯେ, ଜୀବନରେ ସନ୍ତାନ ଆସିବା ପରେ ନିଜର ଖୁସି ଏବଂ ପ୍ରାଥମିକତା ଆଉ ଗୁରୁତ୍ୱ ରଖେ ନାହିଁ। ମୁଁ ଆଉ ମୋ ସ୍ୱାମୀ ଡାନିଏଲ ପିଲାଙ୍କ ସୁସ୍ଥ ଭବିଷ୍ୟତ କଥା ଭାବି ଏଠାକୁ ପଳାଇ ଆସିଛୁ। ମୁଁ ମୋ ପିଲାମାନଙ୍କ ସହିତ ଲସ୍ ଏଞ୍ଜେଲସ୍‌ସ୍ଥିତ ମୋ ଘରର ସିକ୍ରେଟ୍ ଗାର୍ଡେନ୍‌ରେ ଅଛି। ତେବେ ସୂଚନା ଥାଉ କି, ସନି ଏହି ଭିଡିଓ ପୋଷ୍ଟର ଗୋଟିଏ ଦିନ ପୂର୍ବରୁ ମୁମ୍ବାଇରେ ବୁଲୁଥିବାର ଏକ ଭିଡିଓ ଶେୟାର କରିଥିଲେ। ଚାର୍ଟାର୍ଡ ଫ୍ଲାଇଟ୍‌ରେ ସେ ତାଙ୍କ ପିଲା ଏବଂ ସ୍ୱାମୀ ଆମେରିକା ଯାଇଥିବା ଜଣାପଡ଼ିଛି।

# ପିପିଇ କିଟ୍ ସିଲେଇ କରୁଛନ୍ତି ୯ ବର୍ଷର ଝିଅ



**ସେରେମ୍ବାନ୍:** କରୋନା ଯୁଦ୍ଧରେ କୋଭିଡ୍ ଯୋଦ୍ଧାଙ୍କୁ ଲୋକେ ସମ୍ମାନ ଜଣାଇବାକୁ ସବୁଆଡ଼େ କୁହାଯାଉଛି। ତେବେ ଏହି କୋଭିଡ୍ ଯୋଦ୍ଧାଙ୍କ ମଧ୍ୟରେ ଜଣେ ୯ ବର୍ଷର ଝିଅ ଏବେ ସୋସିଆଲ୍ ମିଡିଆରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଝିଅଟିର ନାଁ ହେଉଛି ନୁର୍ ଆଫିଆ କ୍ରିଷ୍ଟିନା ଜାମଜୁରୀ। ମାଲେସିଆର ଏହି ଛୋଟ ଝିଅଟି ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ପିପିଇ କିଟ୍ ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି।

ନୁର ଆଫିଆ କରୋନା ଭାଇରସ୍ ସମ୍ପର୍କରେ ଜାଣିବା ପରେ ଡାକ୍ତରମାନେ କିଭଳି ନିଜ ଜୀବନକୁ ବାଜି ଲଗାଇ କରୋନା ରୋଗୀଙ୍କୁ ଚିକିତ୍ସା କରୁଛନ୍ତି, ଗଣମାଧ୍ୟମରୁ ଜାଣି ପାରିଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳର ଏକ ଡାକ୍ତରଖାନାରେ କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ପିପିଇ କିଟ୍‌ର ଆବଶ୍ୟକତା ଥିବା ସେ ଜାଣିବାକୁ ପାଇଥିଲେ। ଏହାପରେ ସେ ନିଜେ ଏହି କାମ କରିବା ପାଇଁ ଆଗେଇ ଆସିଥିଲେ। କିନ୍ତୁ ଏତେ କମ୍ ବୟସର ଝିଅ ଏହି କାମ କରିପାରିବ କି ନାହିଁ, ସେନେଇ ଡାକ୍ତରଖାନା କର୍ମଚାରୀମାନେ ସନ୍ଦେହ କରିଥିଲେ। ମାତ୍ର ନୁର୍ ସେମାନଙ୍କୁ ଦୃଢ଼ ଆଶ୍ୱାସନା ଦେବା ସହ କାମ ଆରମ୍ଭ କରିଥିଲେ। ୫ ବର୍ଷ ବୟସରୁ ସେ ପୋଷାକ ସିଲେଇ କରିବା ଶିଖିଥିଲେ। ତେଣୁ ବେଶ୍ ସହଜରେ ସେ ଏହି ପୋଷାକ ତିଆରି କରି ଡାକ୍ତରଖାନାକୁ ଦେଇଥିଲେ। ଏବେ ସେ ଅନ୍‌ଲାଇନ୍‌ରେ ନିଜ କ୍ଲାସ୍ ଶେଷକରିବା ପରେ ଡାକ୍ତରଙ୍କ ପାଇଁ ପିପିଇ କିଟ୍ ସିଲେଇ କରି ଯୋଗାଉଛନ୍ତି। ଏବେ ସୁଦ୍ଧା ସେ ମୋଟ ୧୩୦ଟି ପିପିଇ କିଟ୍ ତିଆରି କରି ସାରିଲେଣି। ଏବେ ବି ଏହି କାମରେ ଲାଗିଛନ୍ତି ସେ।

# ୬ ମାସରେ ପ୍ରାଣ ହରାଇବେ ୧୨ ଲକ୍ଷ ଶିଶୁ




**ସ୍ୱାସ୍ଥ୍ୟସେବା ଉପରେ କରୋନା ପ୍ରଭାବ**

**ଜେନେଭା:** ପୃଥିବୀରେ କରୋନା ସଂକ୍ରମଣ ଯୋଗୁ ଭୟଙ୍କର ସ୍ଥିତି ଉପୁଜିଛି। ଏପରି ସ୍ଥଳେ ବହୁ ଦେଶରେ ଲକ୍‌ଡାଉନ୍ ଜାରି ହୋଇଛି। ଫଳରେ ସାଧାରଣ ସ୍ୱାସ୍ଥ୍ୟସେବା ଯୋଗାଣ ବାଧାପ୍ରାପ୍ତ ହେଉଥିବା ୟୁନିସେଫ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଏହି ଧାରା ଜାରି ରହିଲେ ଆସନ୍ତା ୬ ମାସ ମଧ୍ୟରେ ପୃଥିବୀର ବିଭିନ୍ନ ଦେଶରେ ୧୨ ଲକ୍ଷରୁ ଅଧିକ ଶିଶୁଙ୍କ ମୃତ୍ୟୁ ଘଟିବ। ଏହାଦ୍ୱାରା ପୃଥିବୀର ୧୧୮ ଦେଶର ଶିଶୁ ପ୍ରଭାବିତ ହେବେ। ସେଥିମଧ୍ୟରୁ କେବଳ ଦକ୍ଷିଣ ଏସିଆରେ ୪ ଲକ୍ଷ ୪୦ ହଜାର ଶିଶୁଙ୍କ ମୃତ୍ୟୁ ଘଟିବାର ଆଶଙ୍କା ରହିଛି। ଭାରତରେ ସର୍ବାଧିକ ୩ ଲକ୍ଷ ଶିଶୁଙ୍କ ମୃତ୍ୟୁ ଘଟିପାରେ ବୋଲି ରିପୋର୍ଟରେ ଦର୍ଶାଯାଇଛି। ପାକିସ୍ତାନରେ ୯୫ ହଜାର, ବାଂଲାଦେଶରେ ୨୮ ହଜାର, ଆଫଗାନିସ୍ତାନରେ ୧୩ ହଜାର, ନେପାଳରେ ୪ ହଜାର ଶିଶୁଙ୍କ ମୃତ୍ୟୁ ସ୍ୱାସ୍ଥ୍ୟସେବା ଅଭାବରୁ ମୃତ୍ୟୁ ଘଟିବ। ଚଳିତ ଦଶନ୍ଧିରେ ପ୍ରଥମ ଥର ପାଇଁ ୫ ବର୍ଷରୁ କମ୍ ବୟସ୍କ ଶିଶୁଙ୍କ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ଥିବା ୟୁନିସେଫ୍‌ର ଦକ୍ଷିଣ ଏସିଆ ଆଞ୍ଚଳିକ ନିର୍ଦ୍ଦେଶକ ଜନ୍ ଗୌଘ୍ ସୂଚନା ଦେଇଛନ୍ତି। ଏହାର ପ୍ରଭାବ ବ୍ରାଜିଲ୍, କଙ୍ଗୋ, ଇଥୋପିଆ, ଇଣ୍ଡୋନେସିଆ, ନାଇଜେରିଆ, ଉଗାଣ୍ଡା, ତାଞ୍ଜାନିଆ ଆଦି ଦେଶ ଉପରେ ପଡ଼ିବ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି।

# କିମିଆ କଲା ମୟୂର



**ନୂଆଦିଲ୍ଲୀ:** ଲକ୍‌ଡାଉନ୍ ସମୟରେ ଏବେ ପ୍ରକୃତିର ବିଭିନ୍ନ ରୂପକୁ ଦେଖିବାକୁ ପାଉଛନ୍ତି ଲୋକେ। ରାସ୍ତାଘାଟରେ ଲୋକମାନଙ୍କ କୋଳାହଳ କମ୍‌ଥିବାରୁ ଜୀବଜନ୍ତୁମାନେ ବେଶ୍ ସ୍ୱଚ୍ଛନ୍ଦରେ ବୁଲାବୁଲି କରିପାରୁଛନ୍ତି। ଏମିତି ଏକ ଦୃଶ୍ୟ ଏବେ ଲୋକଙ୍କୁ ଆଚମ୍ବିତ କରିଛି। ଦିଲ୍ଲୀର ଜଣେ ବ୍ୟକ୍ତିଙ୍କ ଘରକୁ ହଠାତ୍ ଏକ ମୟୂର ଆସି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଏଇ ବ୍ୟକ୍ତିଜଣକ ହେଲେ ଗୁଞ୍ଜନ ମେହେଟ୍ଟା। ସେ ତାଙ୍କ ଟୁଇଟରରେ ତାଙ୍କ ଘର ବାଲକୋନିର ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଠାରେ ମୟୂରଟି ବେଶ୍‌କିଛି ମୁହୂର୍ତ୍ତ କଟାଇଛି। ମୟୂରଟିର ଆକର୍ଷଣୀୟ ପୁଚ୍ଛ ଓ ଆନନ୍ଦରେ ଖେଳୁଥିବାର ଦୃଶ୍ୟ ସମସ୍ତଙ୍କୁ ଆନନ୍ଦିତ କରିପାରିଛି। ମୟୂରଟି ଘରର ବାଲକୋନି ପର୍ଯ୍ୟନ୍ତ କିପରି ଆସିଲା ସେ ସମ୍ପର୍କରେ କାହାକୁ ଜଣା ନ ଥିଲେ ବି ଏହାକୁ ଦେଖିବା ମାତ୍ରେ ସମସ୍ତେ ପ୍ରଭାବିତ ହୋଇଛନ୍ତି। ସେଥିପାଇଁ ସୋସିଆଲ୍ ମିଡିଆରେ ଏହାକୁ ବହୁସଂଖ୍ୟାରେ ଲୋକେ ପସନ୍ଦ କରିଛନ୍ତି। ଭିଡିଓଟିକୁ ଶେୟାର କରିବାର ମାତ୍ର ଗୋଟିଏ ଦିନ ପରେ ଏହାକୁ ୨ ହଜାରରୁ ଅଧିକ ଲୋକ ଲାଇକ୍ କରିବା ସହିତ ୩୦୦ରୁ ଅଧିକ ରିଟୁଇଟ୍ କରିଛନ୍ତି। ଏହାକୁ ନେଇ ଲୋକେ ସୁନ୍ଦର ସୁନ୍ଦର କମେଣ୍ଟ ବି ଦେଇଛନ୍ତି।

# ୫ କୋଟି ଦାନକଲେ ଉର୍ବଶୀ



**ମୁମ୍ବାଇ:** କରୋନା ବିରୋଧରେ ଚାଲିଥିବା ଲଢ଼େଇରେ ଦେଶବାସୀ ତଥା ସରକାରଙ୍କୁ ଆର୍ଥିକ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି ଅନେକ ବଲିଉଡ୍ କଳାକାର। ଏହି ତାଲିକାରେ ସାମିଲ ହୋଇଛନ୍ତି ଆଉ ଜଣେ ଅଭିନେତ୍ରୀ। ସେ ହେଲେ ଉର୍ବଶୀ ରୌତେଲା। ଉର୍ବଶୀ ୫ କୋଟି ଟଙ୍କାର ସହାୟତା କରିଛନ୍ତି। କରୋନା ସହାୟତା ପାଇଁ ନିକଟରେ ଉର୍ବଶୀ ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍‌ରେ ଅନ୍‌ଲାଇନ୍ ଡ୍ୟାନ୍ସ କ୍ଲାସ୍ ଆରମ୍ଭ କରିଥିଲେ। ଏହି ଡ୍ୟାନ୍ସ କ୍ଲାସରେ ୧୮ କୋଟି ଲୋକ ଯୋଡ଼ି ହୋଇଥିବା ବେଳେ ଉର୍ବଶୀ ୫ କୋଟି ଟଙ୍କା ଆୟ କରିଥିଲେ। ଏହି ଟଙ୍କାକୁ ସେ କ୍ରାଇ ଓ ସ୍ୱଦେଶ ଫାଉଣ୍ଡେଶନକୁ ଦେଇଛନ୍ତି। ଏହି ଫାଉଣ୍ଡେଶନ ଦ୍ୱୟ କରୋନାର ଫ୍ରଣ୍ଟ୍‌ଲାଇନ୍ ୱାର୍କର୍ସ ପାଇଁ କାମ କରୁଛି। ଅନ୍‌ଲାଇନ୍‌ରେ ଉର୍ବଶୀ ଜୁମ୍ବା, ଟବାଟା ଓ ଲାଟିନ ନୃତ୍ୟ ଶିଖାଇଛନ୍ତି।

# ୪ ବର୍ଷ ହେଲା ବିମାନର ପତ୍ତା ମିଳୁନି

**ବି**ଶ୍ୱରେ ଅନେକ ଥର ଏପରି କିଛି ଘଟଣା ଘଟିଛି, ଯାହାକୁ ବିଶ୍ୱାସ କରିବା କେବେ ସହଜ ନୁହେଁ। ୨୦୧୬ ମସିହାରେ ଠିକ୍ ଏମିତି ଏକ ଘଟଣା ଘଟିଥିଲା। ପ୍ୟାରିସ୍‌ର ଅତ୍ୟାଧୁନିକ ଏୟାରପୋର୍ଟରୁ ମିଶରର ରାଜଧାନୀ କାଇରୋ ସହରକୁ ଏକ ଏୟାରବସ୍-୩୨୦ ପ୍ରାୟ ୬୦ ଯାତ୍ରୀଙ୍କୁ ନେଇ ଯିବାର କିଛି ସମୟ ମଧ୍ୟରେ ହଠାତ୍ ଆକାଶରୁ ଅଦୃଶ୍ୟ ହୋଇଯାଇଥିଲା। ଏହି ରହସ୍ୟମୟ ଘଟଣା ଘଟିବାର ଅନେକ ଦିନ ବିତିଗଲାଣି, କିନ୍ତୁ ଏପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ସନ୍ଧାନ ମିଳିନାହିଁ। ଇଜିପ୍ଟ ଏୟାରଲାଇନ୍ସର ଏହି ଯାତ୍ରୀବାହୀ ବିମାନଟି ପ୍ୟାରିସରୁ ୧୮ ମେ’ ୨୦୧୬ରେ ଇଜିପ୍ଟର କାଇରୋ ସହର ଅଭିମୁଖେ ଉଡ଼ିଥିଲା। ଏହି ଚାରି ଘଣ୍ଟିଆ ବିମାନଟି ୩ ଘଣ୍ଟା ୪୦ମିନିଟର ଯାତ୍ରା ସମାପ୍ତ କରିଥିଲା। ଲ୍ୟାଣ୍ଡ୍ କରିବାକୁ ମାତ୍ର ୨୦ ମିନିଟ୍ ବାକିଥିଲା। କିନ୍ତୁ ହଠାତ୍ ଏହି ବିମାନ ଟ୍ରାଫିକ୍ କେନ୍ଦ୍ର ସହିତ ସମ୍ପର୍କ ହରାଇଲା। ଯଦିଓ ଏହାର ନିଖୋଜ ବିଷୟରେ ଅନେକ ଘଟଣା ଘଟିଥିଲା କିନ୍ତୁ ବିମାନ ସମ୍ପର୍କରେ କିଛି ଜଣା ପଡ଼ି ନ ଥିଲା।

ପ୍ରଥମେ ଅନୁମାନ କରାଯାଉଥିଲା ଯେ, ବିମାନଟି ହୁଏତ ଆତଙ୍କବାଦୀଙ୍କ ଦ୍ୱାରା ଅପହରଣ ହୋଇଥାଇପାରେ। କିନ୍ତୁ ପରେ ସେପରି କୌଣସି ଖବର ମିଳିଲା ନାହିଁ। ଏହା ପରେ ପୁଣି ଅନୁମାନ କରାଯାଉଥିଲା, ବିମାନଟି କୌଣସି ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥାଇପାରେ। ଏହି ବିଷୟରେ ପୁନର୍ବାର ଏକ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଅନେକ ଦେଶରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ଏ ସମ୍ପର୍କରେ ଆଜି ପର୍ଯ୍ୟନ୍ତ କୌଣସି ସନ୍ଧାନ ମିଳିପାରିନାହିଁ।



# ସରୋଗେସି ରାସ୍ତା ଆପଣାଇଥିଲେ ଶିଳ୍ପା

**ମୁମ୍ବାଇ:** ଶିଳ୍ପା ସେଟ୍ଟୀ ଗତ ଫେବୃୟାରୀରେ ଏକ କନ୍ୟାସନ୍ତାନର ମା’ ହୋଇଛନ୍ତି। ତେବେ ସରୋଗେସି ରାସ୍ତା ଆପଣାଇବା ସମ୍ପର୍କରେ ସେ କହିଛନ୍ତି ଯେ, ମୁଁ ମୋ ପୁଅ ଭିଆନଙ୍କ ପରେ ଢେରଦିନ ଧରି ଦ୍ୱିତୀୟ ସନ୍ତାନ ପାଇଁ ଚେଷ୍ଟା କରୁଥିଲି। ମାତ୍ର ଆପ୍ଲା ନାମକ ଏକ ରୋଗ ପାଇଁ ଏହା ସମ୍ଭବ ହେଉ ନ ଥିଲା। ମୁଁ ଯେତେବେଳେ ଗର୍ଭବତୀ ହେଉଥିଲି ଏହି ରୋଗଟି ସକ୍ରିୟ ହୋଇଯାଉଥିଲା। ତେଣୁ ବାଧ ହୋଇ ଅନେକଥର ଗର୍ଭପାତ କରାଇଥିଲି। ଆଡପ୍‌ଶନ ବିଷୟରେ ବି ବହୁତ ଭାବିଥିଲି, କିନ୍ତୁ ତାହା ମଧ୍ୟ ସମ୍ଭବ ହୋଇପାରି ନ ଥିଲା ବୋଲି ଶିଳ୍ପା କହିଛନ୍ତି। ଆମେ ଦୁହେଁ ସବୁବେଳେ ଚାହୁଁଥିଲୁ ଯେ, ଭିଆନର ଜଣେ ଭଉଣୀ ଆସୁ। ତେଣୁ ବାଧ ହୋଇ ସରୋଗେସି ରାସ୍ତା ବାଛିଥିଲି। ସବୁବେଳେ ଏକ ଝିଅକୁ ଜନ୍ମ ଦେବାକୁ ଭାବିଥିଲି, ସେଥିଲାଗି ୨୧ ବର୍ଷ ତଳୁ ତା’ର ନାଁ ସମୀଷା ରଖିବି ବୋଲି ଭାବିସାରିଥିଲି ବୋଲି ସେ କହିଛନ୍ତି। ସମୀଷା ଜନ୍ମ ହେବା ପରେ ମୋ ଘରକୁ ଲକ୍ଷ୍ମୀ ଆସିଛନ୍ତି। ତା’ ଜନ୍ମରେ ଆମ ପରିବାରର ସମସ୍ତ ସଦସ୍ୟ ବହୁତ ଖୁସି। ଏହାକୁ ଶବ୍ଦରେ ମଧ୍ୟ ବର୍ଣ୍ଣନା କରିବା ମୋ ପକ୍ଷେ କଷ୍ଟକର ବୋଲି ଶିଳ୍ପା ପ୍ରକାଶ କରିଛନ୍ତି।





ଝିଲିକ୍

## ସମୟ ମିଳିଛି

ଓଡ଼ିଆ ସିନେମା 'ଟାର୍ଗେଟ'ରୁ ତାଙ୍କର ଓଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା। ଇତିମଧ୍ୟରେ ସେ 'ଆଖିରେ ଆଖିରେ', 'ଲେଖୁ ଲେଖୁ ଲେଖିଦେଲି', 'ଜଗା ହାତରେ ପଘା', ଲଭ୍ ୟୁ ହମେଶା', 'ସୁପର ମିଚ୍ଛୁଆ', 'ଅଗସ୍ତ୍ୟା' ଏବଂ 'ଜବରଦସ୍ତ ପ୍ରେମିକ' ପରି ଚଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି। ସେ ହେଲେ ବଙ୍ଗୀୟ ଅଭିନେତ୍ରୀ ତଥା ଚଳିତବର୍ଷ ବିଧାୟକ ପ୍ରୀତି ରଞ୍ଜନ ଘଡ଼େଇଙ୍କୁ ବିବାହ କରି ଓଡ଼ିଆ ଘର ବୋହୂ ସାଜିଥିବା ଝିଲିକ ଭଟ୍ଟାଚାର୍ଯ୍ୟ। ଏବେ ତ ଲକ୍‌ଡାଉନ୍ ଚାଲିଛି। ତେଣୁ ବାହାରକୁ ଯିବା ମନା। ତା' ସହ ଶୁଟିଂ ବନ୍ଦ। ତେଣୁ ଘରେ ରହି ଝିଲିକ୍ କ'ଣ କରୁଛନ୍ତି? ଏ ସମ୍ପର୍କରେ ସେ କହନ୍ତି, 'ପ୍ରତିଦିନ ମୋର ଦିନଚର୍ଯ୍ୟା ଆରମ୍ଭ ହେଉଛି ଯୋଗରୁ। ତା'ପରେ ରୋଷେଇବାସ, ଘରକାମ। ଆଉ ତା'ସହ ପଶୁପକ୍ଷୀଙ୍କୁ ଖାଇବାକୁ ଦେଉଛି। ଗାର୍ଡେନିଂ ପାଇଁ ମଧ୍ୟ କିଛି ସମୟ ଦେଉଛି। ଏବେ ମୋତେ ଓଡ଼ିଆ ଭାଷାକୁ ଭଲ ଭାବରେ ଶିଖିବାକୁ ପର୍ଯ୍ୟାପ୍ତ ସମୟ ମିଳିଛି। ତାହା କ'ଣ ଜାଣନ୍ତି? ଓଡ଼ିଆ ଶିଖିବା। ଅବଶ୍ୟ ଗତ ୬-୭ ବର୍ଷ ଭିତରେ ମୁଁ କେତେକାଂଶରେ ଓଡ଼ିଆ ଶିଖିଯାଇଛି। ଏବେ ସମ୍ପୂର୍ଣ୍ଣ ଓଡ଼ିଆକୁ ଠିକ ଭାବରେ ଶିଖୁଛି। ଛବିଳ ମଧୁ ବର୍ଣ୍ଣବୋଧ ପଢ଼ୁଛି। ଯେହେତୁ ଏବେ ଲକ୍‌ଡାଉନ୍ ଚାଲିଛି ତେଣୁ ତା' ଭିତରେ ମୁଁ ପୂରା ଓଡ଼ିଆ ଶିଖିଯାଇଥିବି ବୋଲି ଆଶା ରଖିଛି।

## ରିଆଜରେ ସମୟ ବିତୁଛି

'ସଙ୍ଗୀତ ସତେଯେମିତି ମୋ ରକ୍ତରେ ପ୍ରବାହିତ। ପିଲାଟି ଦିନରୁ ଏହା ପ୍ରତି ଆକର୍ଷିତ ହୋଇଥିଲି। ପରବର୍ତ୍ତୀ ସମୟରେ ଏହା ମୋର ନିଶା ପାଲଟିଯାଇଛି। ଶ୍ରୋତାଙ୍କୁ ସେମାନଙ୍କ ପସନ୍ଦର ଗୀତ ପରିବେଷଣ କରିବାରେ ଯେଉଁ ଆନନ୍ଦ ମିଳିଛି ତାହାକୁ ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ। ଏତିକି କହିବି, ସଙ୍ଗୀତ ବିନା ବଞ୍ଚିବା ଅସମ୍ଭବ। ଏବେ ଲକ୍‌ଡାଉନ୍ ପାଇଁ ଘରେ ରହିବାକୁ ପଡୁଛି। ତେଣୁ ହିନ୍ଦୁସ୍ଥାନୀ



ଏନ୍. ଶ୍ରୀନିବାସ ରାଓ

ଶାସ୍ତ୍ରୀୟ ସଙ୍ଗୀତର ବଡ଼ା ଖୟାଲ ଅଭ୍ୟାସ ପାଇଁ ଅଧିକ ସମୟ ଦେଉଛି। ତା' ସହ ନିୟମିତ ସମୟ ଅନ୍ତରାଳରେ ଫେସବୁକ୍‌ରେ ଲାଇଭରେ ଗୀତ ଗାଉଛି। ଏଥିପାଇଁ ଅନେକ ମୋତେ ଭଲଭଲ ଗୀତ ଗାଇବାକୁ ଅନୁରୋଧ କରୁଛନ୍ତି। ତା'ସହ ଅଫିସ ଯାଇ ଦାୟିତ୍ୱ ତୁଲାଇବାକୁ ପଡୁଛି।' ଏଭଳି ବକ୍ତବ୍ୟ ରଖନ୍ତି ଭିନ୍ନଭିନ୍ନ ଗୀତକୁ ନିଜର ସୁରିଲା କଣ୍ଠରେ ପରିବେଷଣ କରି ଦର୍ଶକଙ୍କ ନିକଟରେ ପ୍ରଶଂସାଭାଜନ ହୋଇଥିବା ଗାୟକ ଏନ୍. ଶ୍ରୀନିବାସ ରାଓ। ହିନ୍ଦୁସ୍ତାନୀ ସଙ୍ଗୀତରେ ବିଶାରଦ ସହ ଭୋକାଲରେ ଡିଗ୍ରୀ ହାସଲ କରିଛନ୍ତି ସେ। ସାମ୍ପ୍ରତିକ ସଙ୍ଗୀତର ସ୍ଥିତି ଉପରେ ଏହି ଗାୟକ କହନ୍ତି, ''ଆମ ରାଜ୍ୟରେ ଗୀତକୁ ଜଣେ କ୍ୟାରିୟର କରିପାରିବ ବୋଲି ମୋର ଦୃଢ଼ ବିଶ୍ୱାସ। କାରଣ ଏବେ ଏଥିପାଇଁ ଅନେକ ପ୍ଲାଟଫର୍ମ ରହିଛି। କେବଳ ଠିକ୍ ଭାବରେ ସାଧନା କରିପାରିଲେ ନିଜ ଲକ୍ଷ୍ୟ ପଥରୁ ଆପଣଙ୍କୁ କେହି ବିଚ୍ୟୁତ କରିପାରିବେ ନାହିଁ। ଶ୍ରୋତାଙ୍କ ରୁଚିକୁ ଆଖିଆଗରେ ରଖି ଯଦି ଗୀତ ପ୍ରସ୍ତୁତ କରାଯାଏ ତେବେ ସଙ୍ଗୀତ ଭବିଷ୍ୟତକୁ ନେଇ କେହି ପ୍ରଶ୍ନବାଚୀ ଉଠାଇ ପାରିବେ ନାହିଁ।'' ପ୍ରଥମେ ନୀଳମଣି ଓଝା ଏବଂ ପରେ ରାଜକିଶୋର ଗୋଚ୍ଛାୟତଙ୍କ ନିକଟରୁ ସଙ୍ଗୀତ ଶିକ୍ଷା କରିଥିଲି। ବର୍ତ୍ତମାନ ସୁଶାନ୍ତ ପଣ୍ଡାଙ୍କ ନିକଟରୁ ସଙ୍ଗୀତ ଶିକ୍ଷା ଜାରି ରଖିଛନ୍ତି ଏହି ଗାୟକ। ବିଶିଷ୍ଟ ହିନ୍ଦୁସ୍ତାନୀ ସଙ୍ଗୀତ ଗୁରୁ ଚିତ୍ତରଞ୍ଜନ ପାଢ଼ୀ ଏବଂ ଓଡ଼ିଶୀ ସଙ୍ଗୀତ ଗୁରୁ ବିଜୟ ଜେନାଙ୍କ ଦ୍ୱାରା ସେ ବେଶ୍ ଅନୁପ୍ରାଣିତ। ଏହାବ୍ୟତୀତ ଏ କ୍ଷେତ୍ରରେ ଗୀତିକାର ସଚ୍ଚି ମହାନ୍ତି, ଲକ୍ଷ୍ମୀନାରାୟଣ ମହାନ୍ତି, ରବି ମହାପାତ୍ର ଏବଂ ଅଜୟ ମହାନ୍ତିଙ୍କ ପ୍ରେରଣାକୁ ଏବେ ମଧ୍ୟ ସ୍ମରଣ କରନ୍ତି ଏନ୍. ଶ୍ରୀନିବାସ। ଏହାବ୍ୟତୀତ ଖୁବ୍ ଶୀଘ୍ର ସେ ଓଡ଼ିଆ ଚଳଚ୍ଚିତ୍ର ପାଇଁ ଗୀତ ଗାଇବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି।

## ନୋ ମ୍ୟାରେଜ ଓନ୍ଲି ଆକ୍ଟିଂ

ତାପସୀ ପାନ୍ନୁ ନିକଟରେ ନିଜ ବିବାହ ଯୋଜନାକୁ ବେଶ୍ ଚତୁରତାର ସହ ଏଡ଼ାଇ ଯାଇଛନ୍ତି। ବର୍ତ୍ତମାନ ବ୍ୟାଡମିଣ୍ଟନ ଖେଳାଳି ମାଥିୟାସ ବୋଏଙ୍କ ପ୍ରେମରେ ପଡ଼ିଛନ୍ତି ବୋଲି ଆଲୋଚନା ହେଉଛି। ଯଦିଓ ଏକଥାକୁ ସେ ସ୍ୱୀକାର କରିନାହାନ୍ତି ତଥାପି ସଫେଇ ଦେଇ କହିଛନ୍ତି ଯେ, ଯାହା ହେବ କିମ୍ବା ହେଉଛି ତାହା ମୋ ପରିବାର ସଦସ୍ୟଙ୍କ ଅନୁମତିରେ ହିଁ ହେଉଛି। ଗୋଟିଏ କଥା- 'ଏବେ ମୋର ମ୍ୟାରେଜ ପାଇଁ ଆଦୌ ପ୍ଲାନିଂ ନାହିଁ। ଯେତେବେଳେ ଏହି ସମୟ ଆସିବ ସେତେବେଳେ ମୁଁ ଲଭ୍ ମ୍ୟାରେଜ କରିବି କି ଆରେଞ୍ଜ ମ୍ୟାରେଜ ତାହା ଜଣାଇ ଦେବି। ଏବେ ମୁଁ କେବଳ ଆକ୍ଟିଂ ଉପରେ ଅଧିକ ଗୁରୁତ୍ୱ ଦେଉଛି। କାରଣ ବର୍ତ୍ତମାନ ମୋ ପାଇଁ କ୍ୟାରିୟର ହିଁ ବଡ଼।' ତେବେ ତାପସୀ କେବେ ହାତକୁ ଦି' ହାତ ହେଉଛନ୍ତି ତାହା ଜାଣିବାକୁ ଅପେକ୍ଷା ହିଁ କରିବାକୁ ପଡ଼ିବ।



ତାପସୀ



ସୋନମ୍

## ସୋନମ୍‌ଙ୍କ ଯୋଗ ଟିପ୍ସ

ଲକ୍‌ଡାଉନ୍ ପାଇଁ ସୋନମ୍ କପୁର ଏବେ ଗୋଟିଏ କାମରେ ନିଜକୁ ବ୍ୟସ୍ତ ରଖିଛନ୍ତି। ଏହି ସମୟରେ ସେ ନିଜକୁ ଫିଟ୍ ରଖିବାକୁ ପ୍ରତିଦିନ ପାଖାପାଖି ଦୁଇଘଣ୍ଟା ଯୋଗ କରିବା ପରେ କିଛି ଆରୋବିକ୍ ଏକ୍ସରସାଇଜ ମଧ୍ୟ କରୁଛନ୍ତି। କେବଳ ସେତିକି ନୁହେଁ, ନିଜେ ଯୋଗ କରିବା ସହ ଏ ନେଇ ଟିପ୍ସ ସାଙ୍ଗସାଥୀଙ୍କୁ ଶେୟାର କରୁଛନ୍ତି। କଥା କ'ଣ କି ଠିକ୍ ଲକ୍‌ଡାଉନ୍ ପୂର୍ବରୁ ସୋନମ୍ ଲଣ୍ଡନରୁ ଫେରି ଆସିଥିଲେ। ଏବେ ସେ ନୂଆଦିଲ୍ଲୀରେ ପତିଦେବ ଆନନ୍ଦ ଆହୁଜାଙ୍କ ଲକ୍ଜୁରିୟସ ବଙ୍ଗଲୋରେ ରହୁଛନ୍ତି। ଏହି ବଙ୍ଗଲୋଟି ୩୦୦୦ ସ୍କୋୟାର ଫୁଟ ଏରିୟାରେ ଅବସ୍ଥିତ ଏବଂ ତାହାର ଦାମ୍ କେତେ ଜାଣନ୍ତି? ୧୭୩ କୋଟି। ନିକଟରେ ଅର୍ଥାତ୍, ମେ' ୮ରେ ସୋନମ୍ ନିଜର ଦ୍ୱିତୀୟ ମ୍ୟାରେଜ ଆନିଭର୍ସରି ପାଳନ କରିଥିଲେ। ଏହି ସମୟରେ ଆନନ୍ଦଙ୍କ ସହ ତାଙ୍କର କେତୋଟି ଫଟୋ ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି, ଯାହା ବେଶ୍ ଭାଇରାଲ ହୋଇଛି।

## ଅ ତୀ ତ ରୁ...

➡ 'ସଜନୀରେ କାହିଁ ଗଲେ ଶ୍ୟାମ' ଗୀତଟି ସେ ସମୟରେ ବେଶ୍ ଶ୍ରୋତାଦୃତ ହୋଇଥିଲା। ପ୍ରଥମ ଆଂଶିକ ଓଡ଼ିଆ ଚଳଚ୍ଚିତ୍ର 'ସମୟ'ରେ ଏହି ଗୀତଟି ସଂଯୋଜିତ ହୋଇଥିଲା। ଏହାର ସ୍ୱର ସଂଯୋଜକ ଥିଲେ ସେ ସମୟର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଯୋଡ଼ି ଭୁବନ-ହରି। ଚିତ୍ରଟିର ବିଭିନ୍ନ ଭୂମିକାରେ ଶ୍ରୀରାମ ପଣ୍ଡା, ତ୍ରିପୁରା ମିଶ୍ର, ପ୍ରଶାନ୍ତ ନନ୍ଦ, ଧୀର ବିଶ୍ୱାଳ, ଭାନୁମତୀ ଅଭିନୟ କରିଥିଲେ।

➡ ଓଡ଼ିଆ ସିନେମା 'ମମତା'ର ଗୀତଗୁଡ଼ିକ ଏବେ ମଧ୍ୟ ବେଶ୍ ଲୋକପ୍ରିୟ। 'ରେ ଆମ୍ଭନ ନିଦ୍ରା ପରିହରି, ଆରେ ମିତ ଆ ସଙ୍ଗାତ ବେଳ ଗଲାଣି, ଶ୍ୟାମକୁ ଜୁହାର ତା'ର ପ୍ରେମକୁ ଜୁହାର, ଦେଖି ବଣମଲ୍ଲୀ ରାଧା ହେଲେ ବାତୁଳି, ହେ ଫଗୁଣ କାନ୍ଦନାରେ'କୁ ଆଜି ବି ଅନେକ ଶ୍ରୋତା ଗୁଣୁଗୁଣେଇ ହୋଇଥାଆନ୍ତି। ଏସବୁ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କର। ପ୍ରଶାନ୍ତ ନନ୍ଦ, ସୁରେଶ, ବ୍ୟୋମକେଶ ତ୍ରିପାଠୀ, ଟିମା, ସୁଜାତା ଆଦି କଳାକାରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।

➡ ଥରେ ମନେପକାନ୍ତୁ ନା 'ସୀମାହୀନ ଦରିଆ ସାଥୀ ବିନା ଦୁନିଆ'କୁ। ଏହି ଗୀତଟି ସେ ସମୟରେ ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଓଡ଼ିଆ ଚଳଚ୍ଚିତ୍ର 'ବତୀଘର'ରେ ସଂଯୋଜିତ ଏହି ଗୀତଟି ପାଇଁ କଣ୍ଠଦାନ କରିଥିଲେ ପ୍ରଣବ ପଟ୍ଟନାୟକ।



ଶ୍ରୀଧର

## ଘାରିଛି ରୋଷେଇ ନିଶା

କେତେବେଳେ କିପରି ଚର୍ଚ୍ଚାରେ ରହିବାକୁ ପଡ଼େ ତାହାର କାଇଦା ପ୍ରଯୋଜକ ଶ୍ରୀଧର ମାର୍ଥାଙ୍କୁ ଭଲଭାବରେ ମାଲୁମ। ଅବଶ୍ୟ ଶସ୍ତା ଲୋକପ୍ରିୟତା ହାସଲ କରିବାକୁ ସେ ଏପରି କରି ନ ଥାନ୍ତି। କେତେବେଳେ ସମାଜରେ ସଚେତନତା ବାର୍ତ୍ତା ପ୍ରଚାର କରିବାକୁ ଭିନ୍ନଭିନ୍ନ ଅବତାରରେ ସେ ଲୋକଙ୍କ ସାମନାକୁ ଆସିଥାଆନ୍ତି ତ କେତେବେଳେ ପରଦା ଉପରେ ହଠାତ୍ ବାହାରି ସମସ୍ତଙ୍କୁ ଚକିତ କରିଦିଅନ୍ତି। ଏବେ ଲକ୍‌ଡାଉନ୍ ସମୟରେ ଶ୍ରୀଧର ତ ଘରେ ରହୁଛନ୍ତି। ବସିବାଠାରୁ କାଶିବା ଭଲ। ତେଣୁ ସୁଆଦିଆ ରୋଷେଇ ପ୍ରସ୍ତୁତ କରି ପରିବାର ସଦସ୍ୟଙ୍କୁ ଖୁଆଉଛନ୍ତି। ଏ ନେଇ ସେ କହନ୍ତି, 'ସତ କଥା କହିବାକୁ ଗଲେ ରୋଷେଇ ପ୍ରତି ମୋର ଦୁର୍ବଳତା ପିଲାଦିନରୁ ରହିଆସିଛି। ସାଙ୍ଗସାଥୀଙ୍କ ସହ ଭୋଜି କରିବା ସମୟରେ ରୋଷେଇ କାମ ମୁଁ ନିଜ ମୁଣ୍ଡକୁ ନେଇଥାଏ। ଏବେ ଘରେ ମନପସନ୍ଦର ଖାଦ୍ୟ ପ୍ରସ୍ତୁତ କରୁଛି। ମୋର କୁକ୍ ଅବତାର ଦେଖି ମୋ ପତ୍ନୀ ତଥା ରିଲିଜ ଅପେକ୍ଷାରେ ଥିବା ଚଳଚ୍ଚିତ୍ର 'ଦିଲ୍ ମୋର ମାନେନା'ର ପ୍ରଯୋଜିକା ଛବିତା ମାର୍ଥା ମୋତେ ପ୍ରଶଂସା କରିବାକୁ ଭୁଲୁନାହାନ୍ତି। ଯାହାହେଉ, ଲକ୍‌ଡାଉନ୍ ସମୟରେ ମୁଁ ରୋଷେଇକୁ ନେଇ ବିଭିନ୍ନ ଏକ୍ସପେରିମେଣ୍ଟ କରି ସେଥିରେ ସଫଳ ହୋଇଛି। ରୋଷେଇ କରିବା ସମୟରେ ଲୋକପ୍ରିୟ ଚଳଚ୍ଚିତ୍ର (ଅକ୍ଷିତୃତୀୟା)ଗୀତ 'ଆସ କିଏ ଖାଇବ ହୋ ଆମ ରାଜାବାବୁଙ୍କ ଖାନା'କୁ ମୁଁ ଟିକେ ମଡିଫାଏ କରି ବୋଲୁଛି। ତାହା ହେଲା, 'ଆସ କିଏ ଖାଇବ ହୋ ଆମ ମାର୍ଥା ବାବୁଙ୍କ ଖାନା'। ଏହାଦ୍ୱାରା ଗୋଟିଏ ପ୍ରକାର ଟାଇମ ପାସ୍ ମଧ୍ୟ ହୋଇଯାଉଛି। ବାସ୍, ଷ୍ଟେ ହୋମ୍ ଷ୍ଟେ ଫିଟ୍ : ନା କ'ଣ କହୁଛନ୍ତି?

## ସଂକ୍ଷେପରେ

### ବାଂଲାଦେଶ ଡେଭଲପମେଣ୍ଟ କୋଚ୍ କରୋନା ପଜିଟିଭ୍

ଢାକା,୧୩।୫ (ପି.ଟି.): ବାଂଲାଦେଶ ଡେଭଲପ୍‌ମେଣ୍ଟ କୋଚ୍ ତଥା ପୂର୍ବତନ ପ୍ରଥମଶ୍ରେଣୀ କ୍ରିକେଟର ଅଶିକୁର ରହମାନ କୋଭିଡ୍-୧୯ ଟେଷ୍ଟରେ ପଜିଟିଭ ବୋଲି ଜଣା ପଡିଛି। ମଙ୍ଗଳବାର ରିପୋର୍ଟ ମିଳିଥିଲା। କୋଭିଡ୍-୧୯ର ଶିକାର ହୋଇଛି ଓ ସ୍ଥାନୀୟ ସିଟି ହସ୍ପିଟାଲରେ ଚିକିତ୍ସିତ ହେଉଛି ବୋଲି ରହମାନ କହିଛନ୍ତି। ପ୍ରଥମେ ଗଳାରେ ଯନ୍ତ୍ରଣା ଅନୁଭବ କରିଥିଲି ଓ ଜ୍ୱରରେ ଆକ୍ରାନ୍ତ ହୋଇଥିଲି। ଏହାପରେ ଛାତିରେ ଯନ୍ତଣା ଅନୁଭବ କରିବାରୁ ପରୀକ୍ଷା ପାଇଁ ଡାକ୍ତରଙ୍କ ପାଖକୁ ଯାଇଥିଲି। ରହମାନ ୧୫ଟି ପ୍ରଥମଶ୍ରେଣୀ ଓ ୧୮ଟି ଲିଷ୍ଟ ଏ' ଗେମ୍ ଖେଳିଛନ୍ତି। ସେ ମଧ ୨୦୦୨ ୧୯ ବର୍ଷରୁ ବାଂଲାଦେଶ ବିଶ୍ୱକପ୍ ଦଳର ସଦସ୍ୟ ଥିଲେ। ସେ ୩୬ଟି ପ୍ରଥମ ଶ୍ରେଣୀ ଉଇକେଟ ଓ ୨୧ଟି ଲିଷ୍ଟ ଏ' ଉଇକେଟ ହାସଲ କରିଥିଲେ। ୩୩ ବର୍ଷୀୟ ରହମାନ ମଧ ବାଂଲାଦେଶ ମହିଳା ଦଳର ସହକାରୀ କୋଚ୍ ଭାବେ ଦାୟିତ୍ୱ ସମ୍ପାଦନ କରିଛନ୍ତି।

### ବାବର ଆଜମ୍ ପାକିସ୍ତାନ ଦିନିକିଆ ଅଧିନାୟକ



କରାଚୀ, ୧୩।୫ (ପି.ଟି.): ଷ୍ଟାର ବ୍ୟାଟ୍ସମ୍ୟାନ ବାବର ଆଜମ୍ ବୁଧବାର ପାକିସ୍ତାନ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଦଳର ଅଧିନାୟକ ଭାବେ ନିଯୁକ୍ତି ପାଇଥିବାବେଳେ ଆଝାର ଅଲି ପୂର୍ବଭଳି ଟେଷ୍ଟ ଦଳର ନେତୃତ୍ୱ ନେବେ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ବାବର ଗତବର୍ଷ କ୍ରିକେଟର ସମସ୍ତ ଫର୍ମାଟ୍‌ରେ ବିଶ୍ୱର ଜଣେ ଅନ୍ୟତମ ଅଗ୍ରଣୀ ବ୍ୟାଟ୍ସମ୍ୟାନ ଭାବେ ପରିଗଣିତ ହୋଇଥିଲେ। ସେ ପୂର୍ବରୁ ଟି୨୦ ଦଳର ଅଧିନାୟକ ଦାୟିତ୍ୱରେ ରହିଛନ୍ତି। ୨୦୨୦-୨୧ ସିଜନ ପାଇଁ ସେ ଉଇକେଟକିପର ବ୍ୟାଟ୍ସମ୍ୟାନ ସର୍ଫରାଜ ଅହମ୍ମଦଙ୍କ ସ୍ଥାନରେ ପାକିସ୍ତାନର ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ଭାବେ ନିଯୁକ୍ତି ପାଇଛନ୍ତି। ଚଳିତ ସିଜନରେ ପାକିସ୍ତାନ ଏସିଆ କପ୍ ଓ ଟି୨୦ ବିଶ୍ୱକପ୍ ବ୍ୟତୀତ ୬ ଅନ୍ତର୍ଜାତୀୟ ଦିନିକିଆ ଏବଂ ୨୦ ଅନ୍ତର୍ଜାତୀୟ ଟି୨୦ ଖେଳିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ଚୟନକର୍ତ୍ତା ଓ ମୁଖ୍ୟ କୋଚ୍ ମିସ୍‌ବା ଉଲ ହକ୍ ଏହି ନିଯୁକ୍ତିକୁ ନେଇ ଉଭୟ ଆଝାର ଓ ବାବରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# 'ଭାରତ ବିନା ଟେଷ୍ଟ କ୍ରିକେଟ ତିଷ୍ଠିବ ନାହିଁ'



ଚଣ୍ଡିଗଡ଼, ୧୩।୫: କରୋନା ଭାଇରସ ସଂକ୍ରମଣ ପ୍ରଭାବରୁ ଟେଷ୍ଟ କ୍ରିକେଟ ଗୁରୁତର ପ୍ରଭାବିତ ହୋଇଛି। ଏଥିରେ ଚିନ୍ତା ପ୍ରକଟ କରିବା ସହିତ ଆର୍ଥିକ ଦୃଷ୍ଟିକୋଣରୁ ଭାରତ ଏହାର ପୁନରୁଦ୍ଧାରରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ଅନୁଭବ କରୁଛନ୍ତି ଅଷ୍ଟ୍ରେଲିଆର କିମ୍ବଦନ୍ତୀ କ୍ରିକେଟର ତଥା ପୂର୍ବତନ ଭାରତୀୟ କ୍ରିକେଟ କୋଚ୍ ଗ୍ରେଗ୍ ଚାପେଲ। ''ଭାରତ ଯେଉଁଦିନ ଦୃଷ୍ଟି ହଟାଇନେବ ସେହିଦିନ ଟେଷ୍ଟ କ୍ରିକେଟର ଅନ୍ତ ଘଟିବ। ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବ୍ୟତୀତ ଅନ୍ୟ କୌଣସି ଦଳ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇ ଟେଷ୍ଟ କ୍ରିକେଟକୁ ଆଗକୁ ନେଉଥିବା ମୁଁ ଦେଖି ପାରୁନାହିଁ'' ବୋଲି ଚାପେଲ କହିଛନ୍ତି। ଟି୨୦ କ୍ରିକେଟକୁ ସେ ବିରୋଧ କରୁନାହାନ୍ତି। ଏହା ଲୋକପ୍ରିୟ ହୋଇପାରିଛି। ତେବେ ଟେଷ୍ଟ କ୍ରିକେଟ କ୍ଷେତ୍ରରେ ଆର୍ଥିକ ସମସ୍ୟା ବଢ଼ିବଢ଼ି ଚାଲିଛି। ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଟେଷ୍ଟ କ୍ରିକେଟ ହିଁ ମୁଖ୍ୟ ବୋଲି କିଛିଦିନ ତଳେ କହିଥିଲେ। ଫଳରେ ଏହା ହୃତଗୌରବ ଫେରିପାଇବା ଆଶା ରହିଛି ବୋଲି ଚାପେଲ ପ୍ରକାଶ କରିଛନ୍ତି।

ପ୍ରକାଶଯୋଗ୍ୟ ଯେ, ଭାରତର ମୁଖ୍ୟ କୋଚ୍‌ଭାବେ ଚାପେଲଙ୍କ ଦୁଇ ବର୍ଷିଆ କାର୍ଯ୍ୟକାଳ ବିବାଦପୂର୍ଣ୍ଣ ରହିଥିଲା। ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ତାଙ୍କ ପୁସ୍ତକ 'ପ୍ଲେଇଂ ଇଟ୍ ମାଇଁ ୱେ'ରେ ଲେଖିଛନ୍ତି ଯେ, ଚାପେଲ ଜଣେ ରିଙ୍ଗ୍‌ମାଷ୍ଟର। ନିଜ ଭାବନାକୁ ସେ ସର୍ବଦା ପିଲାଙ୍କ ଉପରେ ଲଦି ଦିଅନ୍ତି। ସେଥିରେ ଖେଳାଳି ଜଣକ ସହଜ ଅନୁଭବ କରୁଛି କି ନାହିଁ ତାହା ଚିନ୍ତା କରି ନ ଥାନ୍ତି। ତେବେ ଚାପେଲଙ୍କ କାର୍ଯ୍ୟକାଳ ପୂର୍ବରୁ ଭାରତ ରନ୍‌ଚେଜ୍ କ୍ଷେତ୍ରରେ ଅତ୍ୟନ୍ତ ଦୁର୍ବଳ ଥିଲା। ସେ ୧ ବର୍ଷ କାର୍ଯ୍ୟ କରିବାପରେ ଭାରତ ଦ୍ୱିତୀୟରେ ବ୍ୟାଟିଂ କରି କ୍ରମାଗତ ୧୭ଟି ମ୍ୟାଚରେ ବିଜୟୀ ହୋଇଥିଲା। ତାଙ୍କ ସମୟରେ ଭାରତ ଦୀର୍ଘ ୩୫ ବର୍ଷ ବ୍ୟବଧାନରେ ୨୦୦୬ରେ ୱେଷ୍ଟଇଣ୍ଡିଜ ମାଟିରେ ଏକ ଟେଷ୍ଟ ସିରିଜ ଜିତିଥିଲା। ସେହିବର୍ଷ ଭାରତ ଦକ୍ଷିଣ ଆଫ୍ରିକାରେ ନିଜର ପ୍ରଥମ ଟେଷ୍ଟ ବିଜୟ ହାସଲ କରିଥିଲା। ମହେନ୍ଦ୍ର ସିଂ ଧୋନୀଙ୍କୁ ଶ୍ରେଷ୍ଠ ଫିନିଶର କରି ଗଢ଼ି ତୋଳିବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

# ନେତୃତ୍ୱ ବିଭାଜନ ଭାରତରେ କାମ ଦେବନି: ନାସିର



ନୂଆଦିଲ୍ଲୀ,୧୩।୫(ପି.ଟି.): ପ୍ରଭାବ ବିସ୍ତାର କରିବା ଓ ନିଜ ଚିନ୍ତାଧାରା ଅନ୍ୟ ଉପରେ ଲଦିବା ହେଉଛି ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ସ୍ୱାଭାବ। ତେଣୁ ଭାରତରେ ନେତୃତ୍ୱ ବିଭାଜନ କାମ ଦେବନାହିଁ ବୋଲି ଇଂଲଣ୍ଡ ପୂର୍ବତନ ଅଧିନାୟକ ନାସିର ହୁସେନ୍ କହିଛନ୍ତି। ଅର୍ଥାତ ସବୁ ଫର୍ମାଟ ପାଇଁ ଭିନ୍ନ ଭିନ୍ନ ଅଧିନାୟକ ନିଯୁକ୍ତି ଦେବା କୌଶଳ କାମ ଦେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଭିନ୍ନ ଭିନ୍ନ କୋଚ୍ ନିଯୁକ୍ତ ଦେବା କୌଶଳ ଭାରତ ଗ୍ରହଣ କରିବାରେ କିଛି ଅସୁବିଧା ନାହିଁ।

ଇଂଲଣ୍ଡରେ ଭିନ୍ନ ଭିନ୍ନ ଫର୍ମାଟ ପାଇଁ ଅଲଗା ଅଲଗା ଅଧିନାୟକ ଦାୟିତ୍ୱରେ ରହିଛନ୍ତି। ଏହା ବର୍ତ୍ତମାନ ପରିସ୍ଥିତିରେ ଭାରତ ପାଇଁ ପ୍ରଯୁଜ୍ୟ ନୁହେଁ। କୋହଲି ମଧ ଏହାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। କୋହଲି ଅନ୍ୟ କାହାକୁ କ୍ଷମତା ବା ନେତୃତ୍ୱ ଦେବାକୁ ନିଶ୍ଚିତ ଭାବେ କୁଣ୍ଠିତ ହେବେ ବୋଲି ସେ କହିଛନ୍ତି। ତେବେ ପ୍ରଶିକ୍ଷଣରେ ବିଭାଜନ ହେବା ଭାରତ ପାଇଁ ଖରାପ୍ କଥା ନୁହେଁ। କୋଚ୍‌ମାନଙ୍କୁ ବହୁତ କିଛି ଭିନ୍ନ ଭିନ୍ନ କାର୍ଯ୍ୟ କରିବାକୁ ହୋଇଥାଏ। ତେଣୁ ପ୍ରଶିକ୍ଷଣରେ ବିଭାଜନ ହେଲେ କୌଣସି ଅସୁବିଧା ନାହିଁ। ଟ୍ରେଭର ବେଲିସ୍‌ଙ୍କ ଉଦାହରଣ ଦେଇ ସେ କହିଛନ୍ତି ଯେ, ବେଲି ଇଂଲଣ୍ଡ ଦିନିକିଆ ଦଳର କୋଚ୍ ରହିଥିଲେ। ତେଣୁ ଭାରତରେ ଦିନିକିଆ ଓ ଟେଷ୍ଟ ପାଇଁ ଭିନ୍ନ ଭିନ୍ନ କୋଚ୍ ରହିଲେ ସମସ୍ୟା କିଛି ନାହିଁ। ତେବେ ଏତେ ସଂଖ୍ୟକ ପ୍ରତିଭା ସମ୍ପନ୍ନ ବ୍ୟାଟ୍ସମ୍ୟାନ ଥିଲେ ମଧ ଭାରତୀୟ ଚୟନକର୍ତ୍ତାମାନେ ୪ ନମ୍ବର ପାଇଁ କାହାକୁ ଏପର୍ଯ୍ୟନ୍ତ ଚୟନ କରିବାରେ ସଫଳ ହୋଇପାରି ନାହାନ୍ତି। କିନ୍ତୁ ଏ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ନ୍ୟୁଜିଲାଣ୍ଡ ଆଗରେ ରହିବ। କାରଣ ସୀମିତ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଥିଲେ ମଧ ନ୍ୟୁଜିଲାଣ୍ଡ ଏହି ସମସ୍ୟାର ସମାଧାନ କରିପାରିଛି। କିନ୍ତୁ ଭାରତରେ ୪ ନମ୍ବରରେ କେହି ଜଣେ ବିଫଳ ହେଲେ ଆଉ ଜଣେ ସେହି ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥାନ୍ତି। ତେଣୁ ଭାରତ ୪ ନମ୍ବର ସମସ୍ୟାର ସମାଧାନ ଯଥାଶୀଘ୍ର କରିବା ଉଚିତ ବୋଲି ହୁସେନ କହିଛନ୍ତି।

## ଖାଦ୍ୟ ପାଇଁ ପ୍ରୟକ୍ତାଙ୍କ ସଂଘର୍ଷ

**ଲକ୍‌ଡାଉନ ପ୍ରଭାବ**

ନୂଆଦିଲ୍ଲୀ, ୧୩।୫ (ପି.ଟି.)

କୋଭିଡ୍-୧୯ ଯୋଗୁ ସମଗ୍ର ଦେଶରେ ଲକ୍‌ଡାଉନ୍ ଚାଲିଥିବା ବେଳେ ପୂର୍ବତନ ୟୁନିଭର୍ସିଟି ଆଥଲେଟ୍ ପ୍ରୟକ୍ତା ଗୋଡ୍‌ବୋଲେ ନିଜ ପାଇଁ ଖାଦ୍ୟ ଯୋଗାଡ଼ ଲାଗି ସଂଘର୍ଷ ଚଳାଇଛନ୍ତି। ତାଙ୍କ ପିତା ପକ୍ଷାଘାତରେ ପୀଡ଼ିତ ଥିବାବେଳେ ମା' ଲକ୍ ଡାଉନ୍ ଯୋଗୁ ଚାକିରି ହରାଇଛନ୍ତି। ୨୪ବର୍ଷୀୟ ପ୍ରୟକ୍ତା ନାଗପୁରସ୍ଥିତ ସିରାସପେଠ୍ ସ୍ଲମ୍‌ରେ ନିଜ ମାତାପିତାଙ୍କ ସହ ରହୁଛନ୍ତି। ଏହି ପୂର୍ବତନ ଡିଷ୍ଟାନ୍ସ ରନର ୨୦୧୯ରେ ଇଟାଲୀରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଇଣ୍ଡିଆନ୍ ୟୁନିଭର୍ସିଟି ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେ ୧୮:୨୩.୯୨ ଟାଇମିଂରେ ରେସ୍ ଶେଷ କରିବାରୁ ଫାଇନାଲ ରାଉଣ୍ଡକୁ କ୍ୱାଲିଫାଏ କରିପାରି ନ ଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ଭୁବନେଶ୍ୱରରେ ଅନୁଷ୍ଠିତ ଟାଟା ଷ୍ଟିଲ ହାଫ୍ ମାରାଥନରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୧.୦୯୭ କିମି ଦୂରତାକୁ ସେ ୧:୩୩:୦୫ ଟାଇମିଂରେ ଶେଷ କରିଥିଲେ। ପିତା ବିଳାସ ଗୋଡ୍‌ବୋଲେ ପୂର୍ବରୁ ଜଣେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟକରୁଥିଲେ। ଏକ ଦୁର୍ଘଟଣା ପରେ ବର୍ତ୍ତମାନ ସେ ପକ୍ଷାଘାତରେ ପୀଡ଼ିତ।



ପ୍ରୟକ୍ତାଙ୍କ ମା ଅରୁଣା ଏକ କ୍ୟାଟରିଂ ସର୍ଭିସ୍‌ରେ ଜଣେ ରୋଷେୟା ଭାବେ କାର୍ଯ୍ୟ କରନ୍ତି। ମାସକୁ ସେ ୫,୦୦୦ରୁ ୬,୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିଥାନ୍ତି। ତାଙ୍କର ଏହି ସୀମିତ ପରିମାଣର ଆୟରେ ୩ ଜଣିଆ ପରିବାର ଚଳେ। କିନ୍ତୁ ଲକ୍‌ଡାଉନ୍ ଯୋଗୁ ବିବାହ କାର୍ଯ୍ୟ ସମେତ ଭୋଜିଭାତ ବନ୍ଦ ରହିଛି। ତେଣୁ ଅରୁଣା ଏବେ ରୋଜଗାର ହରାଇଛନ୍ତି। ବର୍ତ୍ତମାନ ସ୍ଥିତିରେ ଦୁଇ ବେଳା ଖାଦ୍ୟ ଯୋଗାଡ଼ ପରିବାର ପାଇଁ କଷ୍ଟକର ହୋଇପଡ଼ିଥିବା ପ୍ରୟକ୍ତା ପ୍ରକାଶ କରିଛନ୍ତି। ଚଳିବା ପାଇଁ ଆମକୁ ଆଖପାଖ ଅଞ୍ଚଳରୁ ଚାଉଳ, ଡାଲି ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଡ଼ କରିବାକୁ ପଡୁଛି ବୋଲି ସେ କହିଛନ୍ତି।

## ଭାରତ, ଶ୍ରୀଲଙ୍କା ଟୁର୍ ସମ୍ପର୍କରେ ନିଷ୍ପତ୍ତି ଶୀଘ୍ର

କଲମ୍ବୋ, ୧୩।୫(ପି.ଟି.): ଭାରତ ଓ ବାଂଲାଦେଶ କ୍ରିକେଟ ଦଳ ଚଳିତ ସପ୍ତାହର ପରବର୍ତ୍ତୀ ଭାଗରେ ଶ୍ରୀଲଙ୍କା ଗସ୍ତରେ ଯିବେ କି ନା ତାହା ଚଳିତ ସପ୍ତାହ ଶେଷ ଭାଗରେ ସ୍ପଷ୍ଟ ହେବ। କ୍ରିକେଟ ଶ୍ରୀଲଙ୍କା (ସିଏଲ୍‌ସି) ପକ୍ଷରୁ ବୁଧବାର ଏହା ପ୍ରକାଶ କରାଯାଇଛି। ଦୁଇ କ୍ରିକେଟ ବୋର୍ଡ (ବିସିସିଆଇ ଓ ବିସିବି) କରୋନାଭାଇରସ୍ ଜନିତ ପରିସ୍ଥିତିରେ ଅନୁଧାନ ପାଇଁ ମେ ୧୫ ତାରିଖ ପର୍ଯ୍ୟନ୍ତ ସମୟ ନେଇଛନ୍ତି। ଚଳିତ ସପ୍ତାହ ଶେଷ ସୁଦ୍ଧା ଆମେ ମିଳିତ ଭାବେ ଯାହା ନିଷ୍ପତ୍ତି ନେବୁ ବୋଲି ଏସ୍‌ଏଲସି ମୁଖ୍ୟ କାର୍ଯ୍ୟନିର୍ବାହୀ ଆଶ୍‌ଲେ ଡି' ସିଲ୍‌ଭା ପ୍ରକାଶ କରିଛନ୍ତି। ଭାରତ ଜୁନ୍-ଜୁଲାଇରେ ଶ୍ରୀଲଙ୍କା ଟୁର୍‌ରେ ଯାଇ ସେଠାରେ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ସେହିପରି ବାଂଲାଦେଶ ଜୁଲାଇ-ଅଗଷ୍ଟରେ ଶ୍ରୀଲଙ୍କା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଦଳ ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ ସ୍ୱରୂପ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଯଦି ଶ୍ରୀଲଙ୍କା ସିରିଜ କାର୍ଯ୍ୟକାରୀ ନ ହୁଏ ତେବେ କୋଭିଡ୍-୧୯ ମହାମାରୀ କାରଣରୁ ଶ୍ରୀଲଙ୍କାର ତୃତୀୟ ଘରୋଇ ସିରିଜ ବାତିଲ ହେବ।

## ଅର୍ଜୁନ ପୁରସ୍କାର: ବୁମ୍‌ରା ମୁଖ୍ୟ ଦାବିଦାର



ନୂଆଦିଲ୍ଲୀ, ୧୩।୫ (ପି.ଟି.): ଚଳିତ ବର୍ଷରୁ ଅର୍ଜୁନ ପୁରସ୍କାର ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜାତୀୟ ଦଳର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ନାମ ସୁପାରିସ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଗୁଜରାଟର ଏହି କ୍ରିକେଟର ୪ବର୍ଷ ହେଲା ଜବରଦସ୍ତ ପ୍ରଦର୍ଶନ କରି ଆସୁଥିବାରୁ ତାଙ୍କୁ ସବୁଠାରୁ ଯୋଗ୍ୟ ପ୍ରାର୍ଥୀ ବିବେଚନା କରାଯାଉଛି। ବିସିସିଆଇ ଯଦି ପୁରୁଷ ବିଭାଗରେ ଏକାଧିକ ନାମ ସୁପାରିସ କରେ ତେବେ ଓପନର ଶିଖର ଧାୱନଙ୍କୁ ପ୍ରାର୍ଥୀ କରିପାରେ। ବୋର୍ଡ ୨୦୧୮ରେ ଧାୱନଙ୍କ ନାମ ପଠାଇଥିଲା, ମାତ୍ର ସେ ପୁରସ୍କାର ପାଇଁ ବିବେଚିତ ହୋଇପାରି ନ ଥିଲେ। ଗତବର୍ଷ ଆମେ ପୁରୁଷ ବିଭାଗରେ ବୁମ୍‌ରା, ରବୀନ୍ଦ୍ର ଜାଡେଜା ଓ ମହମ୍ମଦ ଶାମିଙ୍କ ନାମ ସୁପାରିସ କରିଥିଲୁ। ପୁରସ୍କାର ପାଇଁ ଉଚ୍ଚସ୍ତରରେ ୩ ବର୍ଷର ପ୍ରଦର୍ଶନକୁ ମାନଦଣ୍ଡ କରାଯାଇଥିବାରୁ ବୁମ୍‌ରାଙ୍କ ନାମ କାଟ୍ ଖାଇଯାଇଥିଲା। କାରଣ ସେତେବେଳେକୁ ଅନ୍ତର୍ଜାତୀୟ କ୍ରିକେଟରେ ତାଙ୍କର ମାତ୍ର ୨ ବର୍ଷ ପୂରଣ ହୋଇଥିଲା। ଜାଡେଜା ତାଙ୍କଠାରୁ ସିନିୟର ରହିଥିବାବେଳେ ବହୁ ବର୍ଷ ହେଲା ସ୍ଥିର ପ୍ରଦର୍ଶନ କରି ଆସୁଥିବାରୁ ତାଙ୍କୁ ଅର୍ଜୁନ ପୁରସ୍କାର ମିଳିଥିଲା। ୨୬ ବର୍ଷୀୟ ବୁମ୍‌ରା ୧୪ଟି ଟେଷ୍ଟ ମ୍ୟାଚରେ ୬୮ ଉଇକେଟ ଅକ୍ତିଆର କରିଥିବାବେଳେ ୬୪ ଅନ୍ତର୍ଜାତୀୟ ଦିନିକିଆରୁ ୧୦୪ ଉଇକେଟ ଏବଂ ୫୦ ଅନ୍ତର୍ଜାତୀୟ ଟି୨୦ରୁ ୫୯ ଉଇକେଟ ହାସଲ କରିସାରିଛନ୍ତି।

## କରୋନାରେ ସୁମୋ ରେସ୍‌ଲରଙ୍କ ମୃତ୍ୟୁ



ଟୋକିଓ,୧୩।୫(ଏଏଫ୍‌ପି): କୋଭିଡ୍-୧୯ ସଂକ୍ରମଣରେ ଜାପାନର ଜଣେ ୨୮ ବର୍ଷୀୟ ସୁମୋ ରେସଲର କିୟୋଟାକା ସୁଏଟେକ ମୃତ୍ୟୁବରଣ କରିଛନ୍ତି। ଜାପାନ ସୁମୋ ଆସୋସିଏଶନ (ଜେଏସ୍‌ଏ) ବୁଧବାର ଘୋଷଣା କରିଛି। ସୁଏଟେକଙ୍କର ଏକାଧିକ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲା। କରୋନା ଭାଇରସ୍‌ରେ ସଂକ୍ରମିତ ହୋଇ ପାଣ ହରାଇବାରେ ସେ ପ୍ରଥମ ସୁମୋ ରେସ୍‌ଲର। ଶୋବୁସି ନାମରେ ଜଣାଶୁଣା ଏହି ରେସ୍‌ଲର ଟୋକିଓର ଟାକାଡାଗାୱା ଷ୍ଟାବଲରେ ରୁହନ୍ତି। ପ୍ରଥମେ ସେ ଜ୍ୱରରେ ପୀଡ଼ିତ ହୋଇଥିଲେ। ପରେ ରକ୍ତବାନ୍ତି କରିବାରୁ ସେ ଏପ୍ରିଲ ୮ତାରିଖରେ ଟୋକିଓ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏପ୍ରିଲ ୧୦ ତାରିଖରେ ସେ କୋଭିଡ୍-୧୯ ପଜିଟିଭ୍ ବୋଲି ଜଣାପଡିବା ପରେ ତାଙ୍କୁ ଅନ୍ୟ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ଆଇସିୟୁରେ ରଖାଯାଇଥିଲା। ତାଙ୍କ ମୃତ୍ୟୁରେ ଜାପାନୀ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳିଯାଇଛି। ୨୦୦୭ରେ ଶୋବୁଶି ପେସାଦାର ସୁମୋ ରେସ୍‌ଲିଂରେ ପଦାର୍ପଣ କରିଥିଲେ। ସେ ର୍‍ୟାଙ୍କିଙ୍ଗ୍‌ରେ କ୍ୟାରିୟର ଶ୍ରେଷ୍ଠ ୧୧ତମ ସ୍ଥାନ ହାସଲ କରିଥିଲେ।

# ରାଜ୍ୟ ଖବର

## ଦୁର୍ନୀତି ଅଭିଯୋଗର ତର୍ଜମା କରି ତଦନ୍ତ ନିର୍ଦ୍ଦେଶ ଦେଲେ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୧୩।୫(ବ୍ୟୁରୋ): ଖାଦ୍ୟ ଯୋଗଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର ୧୬ ଜିଲାର ବିଭିନ୍ନ ସାମାଜିକ ସଙ୍ଗଠନ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ପଞ୍ଚାୟତିରାଜ ଜନ ପ୍ରତିନିଧି ଏବଂ ସରପଞ୍ଚମାନଙ୍କ ସହ ଆଲୋଚନା କରି ବିଭିନ୍ନ ସ୍ଥାନରେ ହୋଇଥିବା ଦୁର୍ନୀତିର ତର୍ଜମା କରିଛନ୍ତି। ପୁଇଁତଳା ବ୍ଲକର ମହିମୁଣ୍ଡା ଗ୍ରାମ ପଞ୍ଚାୟତର କ୍ଷୀରା ଅମାତଙ୍କୁ ପିଡ଼ିଏସ୍‌ରେ କମ୍ ପରିମାଣର ଚାଉଳ ଯୋଗାଣର ଅଭିଯୋଗ ଆସିଥିଲା। ମନ୍ତ୍ରୀ ସ୍ୱାଇଁ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ତୁରନ୍ତ ତଦନ୍ତ କରିବାକୁ ବଲାଙ୍ଗୀର ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କିରୋସିନି ଯୋଗାଣରେ ଅନୀୟମିତତା ନେଇ ଅସ୍ତରଙ୍ଗ ବ୍ଲକ ତାଳଦା ଗ୍ରାମ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ମନ୍ତ୍ରୀ। ଲକ୍‌ଡାଉନ ଯୋଗୁ ସବୁଆଡେ ବନ୍ଦ ଥିବାବେଳେ ଆଗକୁ ବିଭିନ୍ନ ଗଣମାଧମରେ ଆସୁଥିବା ଅଭିଯୋଗର ତଦନ୍ତ କରାଯିବ ବୋଲି ମନ୍ତ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

## କୋଭିଡ୍ ହସ୍ପିଟାଲ ବର୍ଜ୍ୟବସ୍ତୁକୁ ନେଇ ଉତ୍ତେଜନା

- ପରିଚାଳନା ପାଇଁ ଆସିଥିଲା ଉପଖଣ୍ଡ ଡାକ୍ତରଖାନା
- ସ୍ଥାନୀୟ ଲୋକଙ୍କ ବିରୋଧ ପରେ ଫେରିଗଲା ଗାଡ଼ି
- ଅନୁଗୋଳ ମେଡିକାଲ ପ୍ରଶାସନ କହିଲା ସଂକ୍ରମଣ ଆଶଙ୍କା ନାହିଁ

ତାଳଚେର,୧୩।୫(ନି.ପ୍ର.): ଅନୁଗୋଳ ଜିଲା ତାଳଚେରସ୍ଥିତ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲର ବର୍ଜ୍ୟବସ୍ତୁକୁ ନେଇ ବୁଧବାର ଉପଖଣ୍ଡ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ ବର୍ଜ୍ୟବସ୍ତୁକୁ ଏକ ଗାଡିରେ ୭/୮ କିମି ଦୂର ମଣ୍ଡାପାଳଠାରେ ଥିବା ଉପଖଣ୍ଡ ଡାକ୍ତରଖାନାର ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରକୁ ଅଣାଯାଇଥିବାରୁ ଏହାକୁ ଲୋକେ ବିରୋଧ କରିଥିଲେ। ପ୍ରଶାସନିକ ଅଧିକାରୀ ଓ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ବି ଲୋକେ ନ ଶୁଣିବାରୁ ଗାଡ଼ିକୁ ଫେରାଇ ଦିଆଯାଇଥିଲା।

ପ୍ରକାଶ ଯେ, ଏମ୍‌ସିଏଲ୍‌ର ନେହେରୁ ଶତାବ୍ଦୀ କେନ୍ଦ୍ରୀୟ ମେଡିକାଲରେ ଏହି ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ୍ ଖୋଲାଯାଇଛି। ଏବେ ଉକ୍ତ କୋଭିଡ୍ ହସ୍ପିଟାଲରେ ଅନୁଗୋଳ ଜିଲାର ୧୫ ସଂକ୍ରମିତଙ୍କ ଚିକିତ୍ସା ଚାଲିଛି। ଏହାକୁ ନେଇ ତାଳଚେରବାସୀ ନାନା ଆଶଙ୍କା ମଧ୍ୟରେ ଥିବାବେଳେ ଅପରାହ୍ନରେ କୋଭିଡ୍ ହସ୍ପିଟାଲରୁ ଏକ ଗାଡ଼ିରେ ବର୍ଜ୍ୟବସ୍ତୁ ମଣ୍ଡାପାଳ ଅଣାଯାଇଥିଲା। ଉପଖଣ୍ଡ ଡାକ୍ତରଖାନାର ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ବ୍ରାହ୍ମଣୀ ନଦୀ କୂଳରେ ଥିବାରୁ ସେଠାରେ ଉକ୍ତ ବର୍ଜ୍ୟ ପକାଯାଇଥାନ୍ତା। ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଆଗୁଆ ଖବର ମିଳିଯାଇଥିଲା। ବର୍ଜ୍ୟବସ୍ତୁ ଗାଡ଼ି ପହଞ୍ଚିବା ମାତ୍ରେ ଲୋକମାନେ ତାହାକୁ ବିରୋଧ କରିଥିଲେ। କୋଭିଡ୍ ହସ୍ପିଟାଲରେ ବର୍ଜ୍ୟ ନଷ୍ଟ କରା ନ ଯାଇ




ତାଳଚେର କୋଭିଡ୍ ହସ୍ପିଟାଲରୁ ବର୍ଜ୍ୟବସ୍ତୁ ନେଇ ମଣ୍ଡାପାଳ ଆସିଥିବା ଗାଡ଼ି।

ସହର ମଧ ଦେଇ ଏତେ ଦୂର କାହିଁକି ଅଣାଗଲା ବୋଲି ସେମାନେ ପ୍ରଶ୍ନ କରିଥିଲେ। ପରେ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ତହସିଲଦାର ଗୌରୀ ନାୟକ, ପୌର ନିର୍ବାହୀ ଅଧିକାରୀ ଅତସି ପରିଡ଼ା, ତାଳଚେର ଥାନା ଆଇଆଇସି ସତ୍ୟବ୍ରତ ରାଉତ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। କିନ୍ତୁ ସମସ୍ୟାର ସମାଧାନ ହୋଇପାରି ନ ଥିଲା। ଫଳରେ ଗାଡି ନେଇ ଚାଳକ ଫେରିଯାଇଥିଲେ। ଏ ସମ୍ପର୍କରେ ତାଳଚେର ଉପଜିଲାପାଳ ସ୍ୱାଇଁ କହିଛନ୍ତି, ଲୋକଙ୍କ ବିରୋଧ ପରେ ଗାଡ଼ି ଫେରିଯାଇଛି। କିନ୍ତୁ ତାହା କେଉଁଆଡ଼େ ଗଲା ଜଣାନାହିଁ। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ କହିଛନ୍ତି, ତାଳଚେର କୋଭିଡ୍ ହସ୍ପିଟାଲରୁ ବାହାରିବାକୁ ଥିବା ପିପିଇ (ପର୍ସନାଲ ପ୍ରୋଟେକ୍ଟିଭ ଇକ୍ୟୁପ୍‌ମେଣ୍ଟ) ଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପୋତାଯିବ ବୋଲି ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ଉକ୍ତ ପିପିଇ ଗୁଡ଼ିକୁ ପ୍ରଥମେ ୪୮ ଘଣ୍ଟା ପର୍ଯ୍ୟନ୍ତ ମେଡିକାଲରେ ସାନିଟାଇଜ୍ କରାଯିବା ପରେ ଗାଡ଼ିରେ ପଠାଯାଇଥିଲା। ଏଥିରେ କୌଣସି ପ୍ରକାର ସଂକ୍ରମଣ ବ୍ୟାପିବ ନାହିଁ ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି।

## ଚାଲି ଚାଲି, ସାଇକେଲରେ ଫେରିଲେ ୧୩ ପ୍ରବାସୀ

ନୟାଗଡ଼ ଅଫିସ, ୧୩।୫

ଝାଡ଼ଖଣ୍ଡ ଓ ଆନ୍ଧ୍ରରୁ ଚାଲି ଚାଲି ଓ ସାଇକେଲ ଯୋଗେ ୧୩ଜଣ ପ୍ରବାସୀ ଶ୍ରମିକ ନୟାଗଡ଼ ଫେରିଛନ୍ତି। ଆନ୍ଧ୍ରରୁ ଗୋଡିପଡା ନିକଟ ଡିମଶରର ୨ଜଣ ଶ୍ରମିକ ଚାଲି ଚାଲି ନୟାଗଡ ଆସୁଥିଲେ। ହେଲେ ଚିକାଗୋ ପୋଲିସ ସେମାନଙ୍କୁ ଅଟକ ରଖି ୧୮ ଦିନ କ୍ୱାରାଣ୍ଟାଇନ୍‌ରେ ରଖିଥିଲା। ପରେ ସେମାନେ ଚାଲି ଚାଲି ଆସି ଗଞ୍ଜାମରେ ପହଞ୍ଚିଥିଲେ। ସେଠାରେ ଦୁଇଦିନ କ୍ୱାରାଣ୍ଟାଇନ୍‌ରେ ରହିବା ପରେ ଏକ ବସ୍ ଯୋଗ ନୟାଗଡ଼ ଆସିଥିଲେ। ଏବେ ସେମାନେ ଗୋଡିପଡା ନିକଟ ହରିପୁର ରଘୁ କୁନ୍ତଳା ବିଦ୍ୟାପୀଠ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅଛନ୍ତି। ସେହିପରି ଝାଡ଼ଖଣ୍ଡରୁ ୧୧ ଶ୍ରମିକ ସାଇକେଲ ଯୋଗେ ନୟାଗଡ଼ ଫେରିଛନ୍ତି। ବୁଧବାର ଆଙ୍ଗିସିଙ୍ଗ ସ୍କୁଲରେ ୧୦ ଜଣ ଓ ଡିମିଶର ରଘୁକୁନ୍ତଳା ବିଦ୍ୟାପୀଠ ହରିପୁରରେ ଜଣେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଏହି ଶ୍ରମିକମାନେ ଲକ୍‌ଡାଉନ ଯୋଗୁ କାମ ହରାଇଥିଲେ। କିଛିଦିନ ପରେ ଅର୍ଥାଭାବରୁ ଖାଇବାକୁ ପାଇ ନ ଥିଲେ। ଶେଷରେ ଧାରକରଜ କରି ସାଇକେଲରେ ଆସିବାକୁ ଯୋଜନା କରିଥିଲେ। ଅନ୍ୟପକ୍ଷେ ପାଖରେ ଟଙ୍କା ନ ଥିବାରୁ ଡିମଶରର ୨ ଶ୍ରମିକ ଚାଲି ଚାଲି ଆସିବାକୁ ବାଧ ହୋଇଥିଲେ।

## ରଥ ନିର୍ମାଣକାରୀଙ୍କ ହେଲା କୋଭିଡ୍ ଟେଷ୍ଟ

**ପ୍ରଥମ ଦିନରେ ୫୫ ଜଣଙ୍କ ସ୍ୱାବ୍ ସଂଗ୍ରହ**

ପୁରୀ ଅଫିସ,୧୩।୫: ମହାମାରୀ କରୋନା ପାଇଁ ମହାପ୍ରଭୁଙ୍କ ରଥ ନିର୍ମାଣରେ ଯେପରି ସାମାନ୍ୟତମ ସମସ୍ୟା ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ସରକାରଙ୍କ କୋଭିଡ଼ ନିର୍ଦ୍ଦେଶାବଳୀକୁ ଅନୁପାଳନ କରି କିପରି ଠିକ୍ ସମୟରେ ରଥ ପ୍ରସ୍ତୁତ ହୋଇପାରିବ ତାହାର ରୂପରେଖ ପ୍ରସ୍ତୁତ କରାଯାଇଛି। ବିଶେଷକରି ରଥ ନିର୍ମାଣରେ ନିୟୋଜିତ ସେବକମାନେ ଯେପରି କରୋନା ସଂକ୍ରମଣଠାରୁ ଦୂରରେ ରହିବେ ତାହାକୁ ପ୍ରାଥମିକତା ଦିଆଯାଇଛି। ରଥ ନିର୍ମାଣକାରୀଙ୍କୁ ସଙ୍ଗରୋଧରେ ରଖିବାଠୁ ଆରମ୍ଭ କରି ପ୍ରତିଦିନ ସେମାନଙ୍କର ସ୍କ୍ରିନିଂ କରାଯାଉଛି। ରଥଖଳାକୁ ସାନିଟାଇଜ କରାଯିବା ସହ ସେବକମାନେ କିପରି ସାମାଜିକ ଦୂରତା ରକ୍ଷା କରିବେ, ମାସ୍କ ପିନ୍ଧିବେ ଏବଂ ହାତ ଭଲ ଭାବେ ସଫା ରଖିବେ ସେ ନେଇ ସଚେତନ କରାଯାଉଛି। ରଥ ନିର୍ମାଣ କରୁଥିବା ସେବକମାନେ ଯେପରି ଶେଷ ପର୍ଯ୍ୟନ୍ତ ସୁସ୍ଥ ଏବଂ କରୋନା ସଂକ୍ରମଣମୁକ୍ତ ରହିବେ ସେଥିଲାଗି ସେମାନଙ୍କୁ କୋଭିଡ଼ ଟେଷ୍ଟ ବି କରାଯାଉଛି। ବୁଧବାରଠାରୁ ରଥ ନିର୍ମାଣକାରୀଙ୍କ କୋଭିଡ଼ ପରୀକ୍ଷା ପାଇଁ ସ୍ୱାବ ସଂଗ୍ରହ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୫୫ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇଛି।

ବର୍ତ୍ତମାନ ରଥଖଳାରେ ମହାରଣା, ଭୋଇ, ରୂପକାର ଏବଂ କମାର ସେବକ କାମ କରୁଛନ୍ତି। ୧୭୫ଜଣ ସେବକଙ୍କ ଉପସ୍ଥାନ ପଡୁଛି। ସେମାନେ ଭକ୍ତନିବାସରେ ସଙ୍ଗରୋଧରେ ରହୁଥିବାବେଳେ ମନ୍ଦିର ପ୍ରଶାସନ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିଛି। ବୁଧବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ଏକ ପ୍ରକୋଷ୍ଠରେ ରଥ ନିର୍ମାଣକାରୀଙ୍କ ସ୍ୱାବ ସଂଗ୍ରହ କରାଯାଇଥିଲା। ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡା. ବିରଜା ଶଙ୍କର ରଥ ଏବଂ ଏଡିଏମ୍‌ଓ (ପରିବାର କଲ୍ୟାଣ) ଡା. ଦେବୀ ପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍ ସେବକମାନଙ୍କଠାରୁ ସ୍ୱାବ ସଂଗ୍ରହ କରିଥିଲେ। ପ୍ରଥମ ଦିନରେ ୫୫ଜଣ ସେବକଙ୍କ ସ୍ୱାବ ସଂଗ୍ରହ ହୋଇଛି। ୨/୩ ଦିନ ମଧ୍ୟରେ ସମସ୍ତ ସେବାୟତଙ୍କ ସ୍ୱାବ୍ ସଂଗ୍ରହ କରାଯିବ। ଯେଉଁ ପ୍ରକୋଷ୍ଠରେ ସ୍ୱାବ ସଂଗ୍ରହ ହେଉଛି, ପ୍ରତିଦିନ ତାହାକୁ ବିଶୋଧନ କରାଯାଉଛି ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟରେ ସହକାରୀ ପ୍ରଶାସକ ଅଟଳ ବିହାରୀ ସ୍ୱାଇଁ ଏବଂ ଲ୍ୟାଣ୍ଡ ଅଫିସର ଲକ୍ଷ୍ମଣ ସ୍ୱାଇଁ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ଗୁରୁବାର, ୧୪ ମେ, ୨୦୨୦

## ଖୋଲିଲା ମୁଗ ମଣ୍ଡି

କାକଟପୁର,୧୩।୫(ଡି.ଏନ.ଏ): କାକଟପୁର ବ୍ଲକ ଅନ୍ତର୍ଗତ ସୁହାଗପୁର ସେବା ସମବାୟ ସମିତିରେ କାକଟପୁର ଓ ଅସ୍ତରଙ୍ଗ ବ୍ଲକର ଚାଷୀଙ୍କ ପାଇଁ ମୁଗ ମଣ୍ଡି ବୁଧବାର ଖୋଲାଯାଇଛି। ସରକାରୀ ଧାର୍ଯ୍ୟଦର କୁଇଣ୍ଟାଲ ପିଛା ୭୦୫୦ ଟଙ୍କାରେ ମୁଗ ସଂଗ୍ରହ ଆରମ୍ଭ କରାଯାଇଛି। ଏମ ଆଇ ସି ଭାରପ୍ରାପ୍ତ ଅଧିକାରୀ ସୁକାନ୍ତ କୁମାର ଖୁଣ୍ଟିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଷୀମାନେ ମୁଗ ଦେଇଥିଲେ। କରୋନା ଲକଡାଉନ ପ୍ରଭାବରେ ବୁଧବାର ସୁଦ୍ଧା ମୋଟ ୧୦୪ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବା ସୋସାଇଟି ସମ୍ପାଦକ ରମେଶ ଚନ୍ଦ୍ର ରାଉତ କହିଛନ୍ତି।



## ସଂକ୍ଷେପରେ

### ନିର୍ଦ୍ଧାରିତ ଦରଠାରୁ ଆସୁଛି ଅଧିକ ବିଲ୍

କଟକ ଅଫିସ,୧୩।୫: କରୋନା ଯୋଗୁ ସାଧାରଣ ଲୋକମାନେ ଆର୍ଥିକ ଅନଗ୍ରସର ମଧରେ ଗତି କରୁଛନ୍ତି। ଆର୍ଥିକ ସ୍ଥିତିକୁ ସଜାଡ଼ିବା ପାଇଁ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଅନ୍ୟପକ୍ଷରେ ସେସୁ ବିଦ୍ୟୁତ୍ ଦରଠାରୁ ଅଧିକ ବିଲ ଆଦାୟ କରୁଛି ବୋଲି ଓଡିଶା ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ବୁଧବାର ସେସୁ ପକ୍ଷରୁ ମାର୍ଚ୍ଚ ଏବଂ ଏପ୍ରିଲ ମାସର ବିଜୁଳି ଦେୟ ପୈଠ କରିବାକୁ ବିଲ କଟାଯାଇଛି। ଏକା ସହ ଦୁଇ ମାସର ମିଟର ରିଡିଂ ନେବା ଫଳରେ ବିଦ୍ୟୁତ୍ ଦର ହିସାବ କରାଯିବାବେଳ ନିର୍ଦ୍ଧାରିତ ସ୍ଲାବରେ ଅଧିକ ଟଙ୍କା ଆସୁଥିବା ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ସଙ୍ଗଠନ ପକ୍ଷରୁ ଏଭଳି ତ୍ରୁଟିପୂର୍ଣ୍ଣ ବିଲକୁ ସଂଶୋଧନ କରିବାକୁ ବିଦ୍ୟୁତ ବିଭାଗ ନିକଟରେ ଦାବି କରାଯାଇଛି ।

### ବିଶୋଧନ ହେଲା ରେଭେନ୍ସା ପରିସର

କଟକ ଅଫିସ, ୧୩।୫: ରେଭେନଶା ବିଶ୍ୱବିଦ୍ୟାଳୟ ପରିସରକୁ ବୁଧବାର ବିଶୋଧନ କରାଯାଇଛି। ସାମାଜିକ ସଙ୍ଗଠନ ବସୁମାତା ତରଫରୁ ବିଶ୍ୱବିଦ୍ୟାଳୟରେ ଥିବା ପ୍ରଶାସନିକ ବ୍ଲକ, ଏକାଡେମିକ ବ୍ଲକ, ସେଭେନ ପିଲାରସ କୁଳପତିଙ୍କ କାର୍ଯ୍ୟାଳୟ ଆଦି ସ୍ଥାନକୁ ବିଶୋଧନ କରାଯାଇଥିଲା। ସଙ୍ଗଠନର ସମ୍ପାଦକ ଗୟାଧର ମହାନ୍ତି ଓ ସଦସ୍ୟ ସୁରେଶ କୁମାର ଜେନା, ଭୀମସେନ ରାଉତରାୟ ଏବଂ ବିଶ୍ୱବିଦ୍ୟାଳୟର କୋଭିଡ-୧୯ କ୍ୟାମ୍ପସ ଚିଫ୍ ଡ. ପୂର୍ଣ୍ଣେନ୍ଦୁ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### କରୋନା ଯୋଦ୍ଧା ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୧୩।୫(ବ୍ୟୁରୋ): ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ ପକ୍ଷର କରୋନା ଯୁଦ୍ଧରେ କାର୍ଯ୍ୟ କରୁଥିବା ଖବରଦାତାଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଆସୋସିଏଶନ ସଭାପତି ପ୍ରକାଶ ଚନ୍ଦ୍ର ବିଜୁଳି, ସାଧାରଣ ସମ୍ପାଦକ ସରୋଜ କାନ୍ତ ମଲ୍ଲିକ, ଉପଦେଷ୍ଟା ଦାମୋଦର ପ୍ରଧାନୀ, କୋଷାଧକ୍ଷ ଅଭୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ କରୋନା ମୁକାବିଲା ପାଇଁ ଆସୋସିଏଶନ ପକ୍ଷରୁ ଖୋର୍ଦ୍ଧା ଜିଲାପାଳ ସିତାଂଶୁ କୁମାର ରାଉତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି।

### ପ୍ରବାସୀଙ୍କୁ ଗନ୍ତବ୍ୟସ୍ଥଳକୁ ପଠାଇଲା ପ୍ରଶାସନ

ଚୌଦ୍ୱାର,୧୩।୫(ଡି.ଏନ୍.ଏ.): କରୋନା ସଂକ୍ରମଣ ଭୟରେ ବାହାର ଲୋକଙ୍କୁ ସାହାଯ୍ୟ କରିବାକୁ କୁଣ୍ଠାବୋଧ କରୁଛନ୍ତି। ବୁଧବାର ଏଭଳି ଦଳଦଳ କରି ଚୌଦ୍ୱାର ଅଞ୍ଚଳରେ ପ୍ରବେଶକୁ ଗ୍ରାମବାସୀଙ୍କ ମନରେ ଭୟ ସୃଷ୍ଟି କରିଥିଲା। ଖବରପାଇ ଚୌଦ୍ୱାର ପୋଲିସ ପହଞ୍ଚି ହାଇଦ୍ରାବାଦ୍, ଛତିଶଗଡ ଅଞ୍ଚଳରୁ ଆସିଥିବା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ପୌର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ସ୍ଥାନୀୟ ଗାନ୍ଧିଛକସ୍ଥିତ କ୍ୱାରାଣ୍ଟାଇନରେ ରଖିଥିଲେ। ଏହାସହ ସେମାନଙ୍କର ଖାଦ୍ୟପେୟ ବୁଝି କିପରି ସୁବିଧାରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବେ ସେ ବ୍ୟବସ୍ଥା ପୌରନିର୍ବାହୀ ଅଧିକାରୀ ପବିତ୍ର ବେହେରା କରିଥିଲେ। ଆଗକୁ ଏହି ରାଜ୍ୟ ଫେରନ୍ତାଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇ ସେମାନେ କିପରି ସୁବିଧାରେ ନିଜ ଅଞ୍ଚଳରେ ପହଂଚିବେ ସେଥିପ୍ରତି ବ୍ୟବସ୍ଥା ଜାରି ରହିବ ବୋଲି ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି।

### ସଚ୍ଚି ରାଉତରାୟଙ୍କ ଜୟନ୍ତୀ

କଟକ ଅଫିସ,୧୩।୫: ସାରଳା ସାହିତ୍ୟ ସଂସଦ ପକ୍ଷରୁ ବୁଧବାର ସ୍ଥାନୀୟ ଶାରଳା ଭବନରେ ସଚ୍ଚି ରାଉତରାୟଙ୍କ ୧୦୪ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଂସଦର ପ୍ରତିଷ୍ଠାତା ତଥା ସଭାପତି ଡ. ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରି ଓଡ଼ିଆ ସାହିତ୍ୟର ବୈପ୍ଳବିକ ପରିବର୍ତ୍ତନରେ ସଚ୍ଚି ରାଉତରାୟ ଅନ୍ୟତମ ସାରସ୍ୱତ ସାଧକ ଥିଲେ ବୋଲି କହିଛନ୍ତି। ମୁଖ୍ୟ ଅତିଥି ଭାବେ ଡ. ମହେଶ୍ୱର ମହାନ୍ତି, ମୁଖ୍ୟବକ୍ତା ଭାବେ ଡ. ସୁଲୋଚନା ଦାସ ଯୋଗଦେଇଥିଲେ। ସଂସଦ ସମ୍ପାଦକ ନିରଞ୍ଜନ ତ୍ରିପାଠୀ, ପ୍ରଫେସର ନିମାଇଁ ଚରଣ ପରିଡା, ପ୍ରଫେସର ନିରଦ କୁମାର ଗୋଛାୟତ, ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ, ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ହିତାଧିକାରୀଙ୍କୁ ମିଳୁନି ଡାଲି

**ନିଶ୍ଚିନ୍ତକୋଇଲି ବ୍ଲକ**
- ଆବଣ୍ଟନ ନିର୍ଦ୍ଦେଶକୁ ମାସେରୁ ଉର୍ଦ୍ଧ୍ୱ ବିତିଛି
- ଏପ୍ରିଲ ୨୮ ସୁଦ୍ଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଥିଲା।
- ଷ୍ଟକ୍ ପଏଣ୍ଟରେ ପହଞ୍ଚି ନାହିଁ ଡାଲି

ନିଶ୍ଚିନ୍ତକୋଇଲି,୧୩।୫(ସ୍ୱ.ପ୍ର.)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏପ୍ରିଲ, ମେ ଓ ଜୁନରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନକାର୍ଡ ହିତାଧିକାରୀଙ୍କୁ ଚାଉଳ ଓ ଡାଲି ବଣ୍ଟନ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଏକ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ କଟକ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକ ସମେତ ସାଲେପୁର ଓ ମାହାଙ୍ଗାରେ ଏପର୍ଯ୍ୟନ୍ତ ଡାଲି ଯୋଗାଣ ହୋଇ ନ ଥିବା ଅଭିଯୋଗ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯୁଗ୍ମ ସଚିବଙ୍କ ପତ୍ର (ନଂ.୬୯୮୨/୧୧-୪-୨୦) ଅନୁଯାୟୀ, ପ୍ରତ୍ୟେକ ରାଶନ କାର୍ଡ ହିତାଧିକାରୀଙ୍କୁ ୧ କିଲୋ ଲେଖାଏ ହରଡ ଡାଲି ୩ ମାସ ପର୍ଯ୍ୟନ୍ତ ମାଗଣାରେ ଦେବାକୁ କଟକ ଜିଲାପାଳ ଭବାନୀଶଙ୍କର ଚୟିନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାପାଳ ଚୟିନୀ ଡାଲି ବଣ୍ଟନ କରିବାକୁ ଜିଲା ଯୋଗାଣ ଅଧିକାରୀଙ୍କୁ କହିଥିଲେ। ଏହାସତ୍ତ୍ୱେ ଏସବୁ ବ୍ଲକରେ ଡାଲି ଯୋଗାଣ ହୋଇପାରିନାହିଁ। ଏପରିକି ସାଲେପୁର ଷ୍ଟକ୍ ପଏଣ୍ଟକୁ ଡାଲି ପହଞ୍ଚି ନ ଥିବା ନିଶ୍ଚିନ୍ତକୋଇଲି ବ୍ଲକ ଯୋଗାଣ ଅଧିକାରୀ ପ୍ରୀତମ ଦାସ କହିଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକରେ ୪୩ ହଜାର ୧୯୫ ଜଣ ରାଶନକାର୍ଡ ହିତାଧିକାରୀ ଅଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେଏହି ବ୍ଲକରେ ୩ ମାସରେ ୩ କିଲୋ ହିସାବରେ ୧୨୯୫.୮୫ କୁଇଣ୍ଟାଲ ଡାଲି ହିତାଧିକାରୀଙ୍କୁ ମିଳିବା କଥା। ମାତ୍ର ଏପର୍ଯ୍ୟନ୍ତ ଏହା ଦିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପ୍ରିଲ ୨୮ ତାରିଖ ସୁଦ୍ଧା ଡାଲି ଯୋଗାଇଦେବାକୁ ସରକାରୀ ନିର୍ଦ୍ଦେଶ ଥିବା ବେଳେ ଏପର୍ଯ୍ୟନ୍ତ ନ ମିଳିଥିବାରୁ ପ୍ରଶାସନିକ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।

ଏ ନେଇ ସାମାଜିକ କର୍ମୀ ରମେଶଚନ୍ଦ୍ର ସ୍ୱାଇଁ କୁହନ୍ତି, ଲକ୍‌ଡାଉନ ପାଇଁ ବହୁ ଗରିବ ଭୋକ ଉପାସରେ ଡହଳବିକଳ ହେଉଛନ୍ତି। ଏଭଳି ପରିସ୍ଥିତିରେ ସରକାରଙ୍କ ପକ୍ଷରୁ ମିଳୁଥିବା ଡାଲି ହିତାଧିକାରୀଙ୍କ ନିକଟରେ ପହଞ୍ଚି ନ ପାରିବା ଦୁଃଖର ବିଷୟ। ଏନେଇ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆଇନର ଆଶ୍ରୟ ନିଆଯିବ।

ଏ ସମ୍ପର୍କରେ କଟକ ଜିଲାଯୋଗାଣ ଅଧିକାରୀ ଅମର ମହାପାତ୍ର କହିଛନ୍ତି,ଜିଲାର ଅଦ୍ୟାବଧି ୩ଟି ବ୍ଲକରେ ଡାଲି ଯୋଗାଣ କରାଯାଇଛି। ଯେହେତୁ ଭୁବନେଶ୍ୱର ମଞ୍ଚେଶ୍ୱର ପଏଣ୍ଟରୁ ୮ଟି ଜିଲାକୁ ଡାଲି ଯୋଗାଣ କରାଯାଉଛି। ତେଣୁ ଯୋଗାଣରେ ବିଳମ୍ବ ହେଉଛି। ଖୁବ୍‌ଶୀଘ୍ର ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଆଦି ବ୍ଲକ ପାଇଁ ସାଲେପୁର ଷ୍ଟକ୍ ପଏଣ୍ଟରୁ ଡାଲି ଯୋଗାଇ ଦିଆଯିବ।

## କଟକରେ କରୋନା ପର୍ଯ୍ୟବେକ୍ଷକ



ଜିଲାପାଳ ଭବନୀ ଶଙ୍କର ଚୟନୀଙ୍କ ସହ ଅନ୍ୟ ଅଧିକାରୀମାନେ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର ବୁଲି ଦେଖୁଛନ୍ତି।

**କଟକ ଅଫିସ୍,୧୩।୫:** କଟକ ଜିଲା କୋଭିଡ-୧୯ ଗ୍ରାମାଞ୍ଚଳ ପର୍ଯ୍ୟବେକ୍ଷକ ସୁଶାନ୍ତ କୁମାର ମହାପାତ୍ର ବୁଧବାର ଜିଲାଗସ୍ତରେ ଆସିଥିଲେ। ଜିଲାପାଳ ଭବନୀ ଶଙ୍କର ଚୟନୀଙ୍କ ସହ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତର କୁଆଁପାଳ ଏବଂ ଶ୍ରୀକୃଷ୍ଣପୁର ପଞ୍ଚାୟତଠାରେ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର ବୁଲି ଦେଖିଥିଲେ। ଏଥିସହିତ ଚାହାପଡ଼ାସ୍ଥିତ ସାମୟିକ ସ୍ୱାସ୍ଥ୍ୟ ସେବା ଶିବିର ପରିଦର୍ଶନ କରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଓ ସ୍ଥିତି ଅନୁଧ୍ୟାନ କରଥିଲେ। ସରକାରଙ୍କ ନିୟମାବଳୀ ଅନୁଯାୟୀ ମାସ୍କ ଓ ସାମାଜିକ ଦୂରତା ଅବଲମ୍ବନ କରାଯାଉଥିବା ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ସହ ଆଲୋଚନା ମାଧ୍ୟମରେ ଜିଲାରେ ଅନ୍ୟାନ୍ୟ ଗ୍ରାମାଞ୍ଚଳରେ କରାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିରଗୁଡିକରେ ଏହିଭଳି ସୁବ୍ୟବସ୍ଥା ପ୍ରତି ଆସ୍ଥା ପ୍ରକଷ୍ଟ କରିଥିଲେ। ପରିଦର୍ଶନ ସମୟରେ ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ସ୍ଥାନୀୟ ବିଡିଓ ନିହାର ରଞ୍ଜନ ମଲ୍ଲିକ, ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କଟକଣା କୋହଳ ହେବା ପରେ ଓଡ଼ିଶାରେ ଫସି ରହିଥିବା ଅନ୍ୟ ରାଜ୍ୟର ଶ୍ରମିକମାନେ ଜାତୀୟ ରାଜପଥରେ ଚାଲିଚାଲି ନିଜ ଗ୍ରାମକୁ ଯାଉଛନ୍ତି।

## ଅସହାୟଙ୍କୁ ଖାଦ୍ୟ ବାଣ୍ଟି ମାନବିକତା ଦେଖାଇଲେ

ଭୁବନେଶ୍ୱର,୧୩।୫(ବ୍ୟୁରୋ)

ସମଗ୍ର ଦେଶରେ ଲକ୍‌ଡାଉନ ଜାରି ରହିଥିବା ବେଳେ ଅସହାୟଙ୍କୁ ବିଭିନ୍ନ ସମାଜିକ ଅନୁଷ୍ଠାନ ତରଫରୁ ସହଯୋଗ କରାଯାଉଛି। ବୁଧବାର ଶହୀଦନଗର ୱାର୍ଡ ନମ୍ବର ୩୦ଅଞ୍ଚଳରେ ମଧ ନିର୍ବାଚନ ମଣ୍ଡଳୀର ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସହଯୋଗରେ ଅସହାୟଙ୍କୁ ରାସନ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ମଙ୍ଗଳବାର ଶହୀଦନଗର ୟୁଥ ଆସୋସିଏଶନର ସଦସ୍ୟମାନେ ସମାଜିକ କର୍ମୀ ଦୀପକ ବେହେରାଙ୍କ ନେତୃତ୍ୱରେ ଭୋକିଲାମାନଙ୍କ ମୁହଁରେ ହସ ଫୁଟାଇଥିଲେ। ଶହୀଦନଗରସ୍ଥିତ ଭବାନୀ ମଲ୍ ଓ ହାଟ ଅଞ୍ଚଳରେ ଦୟନୀୟ ଅବସ୍ଥାରେ ରହିଥିବା ଉଠାଦୋକାନୀଙ୍କ ପରିବାର ଲୋକଙ୍କୁ ରାଶନ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ସେହିପରି ମଙ୍ଗଳବାର ମୁଣ୍ଡାସାହି ଅଞ୍ଚଳରେ ଶତାଧିକ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ରାସନ ବଣ୍ଟନ କରାଯାଇଥିଲା। ଏହି ସହାୟତା କାର୍ଯ୍ୟକ୍ରମରେ ରାଜ୍ୟକ୍ଷୁଦ୍ରଶିଳ୍ପ ନିଗମ ଅଧକ୍ଷ ଚିନ୍ମୟ ସାହୁ, ଶହୀଦନଗର ୱାର୍ଡ ସଭାପତି ଜଗନ୍ନାଥ ମହାପାତ୍ର, ଜୟକିରଣ ଟ୍ରଷ୍ଟ ସମ୍ପାଦିକା ସୁମିତ୍ରା ଜେନା, ଯୁବ ନେତା ତନ୍ମୟ ସ୍ୱାଇଁ ପ୍ରମୁଖ ସହଯୋଗର ହାତ ବଢ଼ାଇଥିଲେ।

## ସଙ୍ଗରୋଧ କେନ୍ଦ୍ରକୁ ଗଲେ ୫୯ ପ୍ରବାସୀ

କଣ୍ଟାପଡା,୧୩।୫(ଡି.ଏନ୍.ଏ.): କରୋନା ପ୍ରଭାବ ଯୋଗୁ ତାମିଲନାଡ୍ରୁ, ମହାରାଷ୍ଟ୍ର ଓ କୋଲକାତାରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ୫୯ଜଣ ପ୍ରବାସୀ କଣ୍ଟାପଡା ବ୍ଲକକୁ ବୁଧବାର ଆସିଛନ୍ତି। ସନ୍ଧ୍ୟାରେ ତାମିଲନାଡୁରୁ ୫୫ଜଣ ଓ ଅନ୍ୟ ରାଜ୍ୟରୁ ୪ଜଣ ଶ୍ରମିକ ପହଞ୍ଚିବା ପରେ କଣ୍ଟାପଡା ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରକୁ ପଠାଇ ଦିଆଯାଇଛି।

## କୋଭିଡ୍ ତାଲିମ କେନ୍ଦ୍ରରେ ମକ୍ ଡ୍ରିଲ

କଟକ ଅଫିସ୍,୧୩।୫

ଅନେକ ସମୟରେ କରୋନା ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଅସ୍ଥିର ରହିଥାଏ। ଏପରି ରୋଗୀଙ୍କ ଜୀବନ ରକ୍ଷା କରିବା ସ୍ୱାସ୍ଥ୍ୟକର୍ମୀଙ୍କ ନିମନ୍ତେ ଏକ ଆହ୍ୱାନ। ସଙ୍କଟାପନ୍ନ କରୋନା ରୋଗୀଙ୍କ ସଫଳ ଚିକିତ୍ସା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଏସ୍‌ସିବି ମେଡିକାଲ କଲେଜ ପରିସରରେ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି।

ଏଠାରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ଡାକ୍ତର ଓ ନର୍ସମାନଙ୍କୁ କରୋନା ସମ୍ବନ୍ଧୀୟ କ୍ରିଟିକାଲ କେୟାର ତାଲିମ ଦିଆଯାଉଛି। ତଥ୍ୟଭିତ୍ତିକ ପ୍ରଶିକ୍ଷଣ ସହ ସ୍ୱାସ୍ଥ୍ୟକର୍ମୀଙ୍କ ଲାଗି ମକ୍‌ଡ୍ରିଲ ମଧ୍ୟ କରାଯାଉଛି।

## କୃଷକଙ୍କ ଋଣ ଛାଡ଼ ହେଉ



ଜିଲାପାଳଙ୍କୁ ଦାବିପତ୍ର ଦେବାପାଇଁ ଆସିଥିବା ସିପିଆଇ(ଏମ୍)ର କର୍ମକର୍ତ୍ତାମାନେ।

**ଜିଲାପାଳଙ୍କୁ ଦାବିପତ୍ର**

ପୁରୀ ଅଫିସ,୧୩।୫: ମହାମାରୀ କରୋନା ମୁକାବିଲା ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ପୁରୀ ଲୋକାଲ କମିଟି ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସମ୍ପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ରଣଜିତ୍ ନାୟକ, ଚୁନା ନାୟକ, ମନୋରଞ୍ଜନ ମହାରଣା ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, ଲକ୍‌ଡାଉନ ଘୋଷଣା ଯୋଗୁ ଗରିବ ଲୋକେ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି। ଲୋକେ ଜୀବନ ରକ୍ଷାର ଲଢ଼େଇ କରିବାବେଳେ ସେମାନଙ୍କ ଜୀବିକା ବିପନ୍ନ ହୋଇପଡ଼ିଛି। କୋଟି କୋଟି ଲୋକ କାମ ଧନ୍ଦା ହରାଇଛନ୍ତି। ରାଜ୍ୟ ସରକାର କେନ୍ଦ୍ର ପାଖରେ ଆର୍ଥିକ ପ୍ୟାକେଜ, ଜିଏସ୍‌ଟି ଅଂଶଧନ ଓ ଋଣ ପାଇଁ ଦାବି କରିବା ଦରକାର। ଓଡ଼ିଶାର ପ୍ରବାସୀ ଶ୍ରମିକଙ୍କୁ ରାଜ୍ୟକୁ ଫେରାଇ ଆଣିବା ଲାଗି ଅଧିକ ଟ୍ରେନ ବ୍ୟବସ୍ଥା ହେଉ। ଜୀବନ ସହ ଜୀବିକାକୁ ଗୁରୁତ୍ୱ ଦେଇ ଆସନ୍ତା ଦିନ ପାଇଁ ଓଡ଼ିଶାର ସାଢ଼େ ୪କୋଟି ଲୋକଙ୍କ ଖାଦ୍ୟ ଓ କାମର ଯୋଜନା ହେବା ଆବଶ୍ୟକ। ଓଡ଼ିଶାରେ କୃଷି ଓ କୃଷକଙ୍କୁ ଅଗ୍ରାଧିକାର ଦେଇ କୃଷିଭିତ୍ତିକ ଶିଳ୍ପ ଓ ଜଙ୍ଗଲଜାତ ଦ୍ରବ୍ୟର ଶିଳ୍ପମାନ ଗଢ଼ିଉଠିବା ଦରକାର। ଏତଦ୍‌ବ୍ୟତୀତ ରାଶନକାର୍ଡ ନ ଥିବା ବ୍ୟକ୍ତିଙ୍କୁ ୬ ମାସ ପର୍ଯ୍ୟନ୍ତ ୧୦ କେଜି ଲେଖାଏ ଖାଦ୍ୟ ଶସ୍ୟ ଦେବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୦ ଦିନର କାମ ଓ ଦୈନିକ ୩୦୦ ଟଙ୍କା ଦେଇ ମେଶିନ ନିଷିଦ୍ଧ କରିବା, ଛୋଟ ଦୋକାନୀ ଓ ଠେଲା ବ୍ୟବସାୟୀଙ୍କୁ ସହାୟତା, କ୍ଷୁଦ୍ର ଶିଳ୍ପ ଓ କୁଟୀର ଶିଳ୍ପ ପାଇଁ ଯୋଜନା ପ୍ରସ୍ତୁତ, କୃଷକଙ୍କ ଋଣ ଛାଡ଼ ଏବଂ ସୁଧମୁକ୍ତ ଋଣ ପ୍ରଦାନ ଆଦି ୯ ଦଫା ଦାବି କରିଛି ପାର୍ଟି।

## କିରୋସିନ ବଣ୍ଟନ ଅନିୟମିତତାର ତଦନ୍ତ

ଗୋପ,୧୩।୫(ଡି.ଏନ.ଏ.)

ଗୋପ ବ୍ଲକ ଅଧୀନ ଗଡ଼ଭିଙ୍ଗୁରା ପଞ୍ଚାୟତରେ କିରୋସିନ ବଣ୍ଟନରେ ଅନିୟମିତତା ହୋଇଥିବା ସହ ହିତାଧିକାରୀଙ୍କୁ ଠିକ ଭାବେ କିରୋସିନି ନ ମିଳିବା ନେଇ ଅଭିଯୋଗ ଆସିଥିଲା। ଏ ନେଇ ବୁଧବାର ଗୋପ ବ୍ଲକ ଯୋଗାଣ ନିରୀକ୍ଷକ ସମୀତା ସାହୁ ଗଡ଼ଭିଙ୍ଗୁରା ପଞ୍ଚାୟତରେ ପହଞ୍ଚି ତଦନ୍ତ କରିଛନ୍ତି। ତଦନ୍ତ ସମୟରେ ପଞ୍ଚାୟତର ସରପଞ୍ଚ ଶୁଭଶ୍ରୀ ନାୟକ, ସମିତି ସଭ୍ୟ ଅମ୍ଳାନ ପାଣି, ପଞ୍ଚାୟତର ଯୁବନେତା ରଞ୍ଜିତ ନାୟକ, ନୋଡାଲ ଅଫିସର ପ୍ରକାଶ କୁମାର ଜେନାଙ୍କ ସହିତ ଶତାଧିକ ହିତାଧିକାରୀଙ୍କ ଉପସ୍ଥିତିରେ ତଦନ୍ତ କରାଯାଇଥିଲା। ପଞ୍ଚାୟତରେ କିରୋସିନ ବଣ୍ଟନ ବ୍ୟବସ୍ଥା ଦାୟିତ୍ୱ ନେଇଥିବା ଡିଲର ବନମାଳୀ ମଲ୍ଲିକଙ୍କ ସମସ୍ତ କାଗଜପତ୍ରକୁ ଯୋଗାଣ ନିରୀକ୍ଷକ ଦେଖିବା ସହ ହିତାଧିକାରୀଙ୍କୁ କିରୋସିନି ଠିକ ଭାବେ ଦିଆଯାଇଛି କି ନାହିଁ ପଚାରି ବୁଝିଥିଲେ। ରାଶନ କାର୍ଡ ପିଛା ଆସୁଥିବା କିରୋସିନ ବଣ୍ଟନ କରାଯାଇଛି ବୋଲି ଡିଲର କହିବା ପରେ ହିତାଧିକାରୀମାନେ ମଧ ସବୁ ଯୋଗାଣ ନିରୀକ୍ଷିକଙ୍କୁ ଜଣାଇଥିଲେ। ଏହାସହ ଚାଉଳ, ଗହମ ଠିକ ଭାବରେ ମିଳୁଛି କି ନାହିଁ ବୋଲି ମଧ ତଦନ୍ତ କରାଯାଇଥିଲା। ବୁଧବାର ସରକାରଙ୍କ ପକ୍ଷରୁ ଆସିଥିବା ଡାଲି, ଚାଉଳ, କିରୋସିନ ଯୋଗାଣ ନିରୀକ୍ଷକଙ୍କ ସମ୍ମୁଖରେ ବଣ୍ଟନ କରାଯାଇଥିଲା। ଏ ସମ୍ପର୍କରେ ଯୋଗାଣ ନିରୀକ୍ଷକସାହୁକୁହନ୍ତି,ଅଭିଯୋଗ ଅନୁଯାୟୀ ତଦନ୍ତ କରାଯାଇଥିଲା କିନ୍ତୁ ସେଭଳି କିଛି ଅନିୟମିତତା ମିଳି ନ ଥିଲା। ପରେ ଯଦି ଲିଖିତ ଅଭିଯୋଗ ଆସେ ତା' ହେଲେ ପୁଣି ତଦନ୍ତ କରାଯିବ ବୋଲି କହିଛନ୍ତି।

## ପିତାଙ୍କ ଏକାଦଶାହ ଟଙ୍କା ଦାନ କଲେ ପୁତ୍ର

**ନିଶ୍ଚିନ୍ତକୋଇଲି,୧୩।୫(ସ୍ୱ.ପ୍ର.):** କରୋନା ମହାମାରୀ ସମୟରେ ଦେଶ ଓ ରାଜ୍ୟ ଆର୍ଥିକ ଅନଟନ ଦେଇ ଗତି କରୁଥିବାବେଳେ ପିତାଙ୍କ ଏକାଦଶାହ ଟଙ୍କାକୁ ପୁଅମାନେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଫୋଗଳ ପଞ୍ଚାୟତର ସ୍ୱର୍ଗତ ଅକ୍ଷୟ କୁମାର ମହାପାତ୍ରଙ୍କ ୪ ପୁତ୍ର ଏଭଳି ମହତ କାର୍ଯ୍ୟ କରି ଲୋକଙ୍କ ମଧ୍ୟରେ ଉଦାହରଣ ସୃଷ୍ଟି କରିଛନ୍ତି। ଗତ ୨ ତାରିଖରେ ଅକ୍ଷୟଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ତାଙ୍କ ଏକାଦଶାହ କର୍ମ ଥିଲା। ତାଙ୍କ ପୁତ୍ରମାନେ ଏହି କର୍ମକୁ କେବଳ ପାରମ୍ପରିକଭାବେ ସମ୍ପାଦନ କରିଥିଲେ। ଏହି ସମୟରେ କୌଣସି ଭୋଜିଭାତର ଆୟୋଜନ ନ କରି ବୁଧବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୧ ହଜାର ଟଙ୍କା ଦାନ କରିଛନ୍ତି। ପୂର୍ବାହ୍ନରେ ଅକ୍ଷୟଙ୍କ ୪ ପୁତ୍ର ସ୍ୱୟଂପ୍ରକାଶ, ଓମ୍‌ପ୍ରକାଶ, କ୍ଷିତୀପ୍ରକାଶ ଜ୍ୟୋତିପ୍ରକାଶଙ୍କ ସମେତ ଦାଦା ଅମୂଲ୍ୟ ମହାପାତ୍ର ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ଜିତେନ୍ଦ୍ର ପାତ୍ରଙ୍କୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି।

## କାର୍ଯ୍ୟ ତଦାରଖ ପାଇଁ କମିଟି ଗଠିତ

**ନୟାପଲ୍ଲୀ ଡ୍ରେନ୍ ଭୁଶୁଡ଼ିବା ଘଟଣା**
- ଭାଙ୍ଗିଥିବା ଅଂଶକୁ ନିଜ ଖର୍ଚ୍ଚରେ ମରାମତି କରିବ ଠିକା ସଂସ୍ଥା

ଭୁବନେଶ୍ୱର, ୧୩।୫(ବ୍ୟୁରୋ): ନୟାପଲ୍ଲୀ ୱାର୍ଡ ନଂ ୩୭ରେ ଭୁଶୁଡ଼ି ପଡ଼ିଥିବା ଡ୍ରେନର ଅଂଶକୁ ନିର୍ମାଣକାରୀ ଠିକା ସଂସ୍ଥା ନିଜ ଖର୍ଚ୍ଚରେ କରିବ। ଏଥିପାଇଁ ବିଏମ୍‌ସି କୌଣସି ଟଙ୍କା ଦେବ ନାହିଁ। ଡ୍ରେନ୍ ମରାମତି କାର୍ଯ୍ୟର ତଦାରଖ ଏବେ ନୂଆ କମିଟି କରିବ। ନୟାପଲ୍ଲୀ ଗ୍ରାମର କିଛି ମୁରବୀ, ଲୋକ ପ୍ରତିନିଧି ଓ ବିଏମ୍‌ସି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ ହୋଇଛି। କାର୍ଯ୍ୟ ନ ସରିବା ଯାଏ କମିଟି ନିର୍ମାଣର ଗୁଣବତ୍ତା ଯାଞ୍ଚ କରିବା ସହ ବ୍ୟବହୃତ ସାମଗ୍ରୀକୁ ମଧ ଯାଞ୍ଚ କରିବେ ବୋଲି ବିଏମ୍‌ସି ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ର କହିଛନ୍ତି।

ୱାର୍ଡ ନଂ ୩୭ରେ ଭୁଶୁଡ଼ି ପଡ଼ିଥିବା ଡ୍ରେନର କାର୍ଯ୍ୟ ତଦାରଖ କରିବାକୁ ବୁଧବାର ସିଟି ଇଞ୍ଜିନିୟର ମହାପାତ୍ର ଯାଇଥିବା ସମୟରେ ଏହା ପ୍ରକାଶ କରିଛନ୍ତି। ନୂଆ କରି ଗଢ଼ା ହୋଇଥିବା କମିଟିରେ ସିଟି ଇଞ୍ଜିନିୟର ମହାପାତ୍ରଙ୍କ ବ୍ୟତୀତ ବିଏମ୍‌ସି ଡ୍ରେନଜ୍ ଡିଭିଜନ୍‌ର ଜଣେ ଇଞ୍ଜିନିୟର, ୱାର୍ଡ ନଂ ୩୭ ପୂର୍ବତନ କର୍ପୋରେଟର ନବକିଶୋର ବେହେରା, ଅଶ୍ୱିନୀ ଦେବତା, ସଦାନନ୍ଦ ପାତ୍ର, ଦାସରଥି ବେହେରା, ରଞ୍ଜିତ ସାହୁ, ମନୋରଞ୍ଜନ ମହାନ୍ତି, ମହେଶ୍ୱର ବେହେରା, ସଂଯୁକ୍ତା ପାଣିଗ୍ରାହୀ, ଅର୍ଜୁନ ବେହେରା, ଦୈତାରୀ ବେହେରା ରହିଛନ୍ତି।



## କ୍ୟାମେରା ଲେନ୍ସରେ କରୋନା ତାଲା

**ସରିବାକୁ ବସିଲାଣି ବିବାହ ଋତୁ, ହାତ ବାନ୍ଧି ବସିଛନ୍ତି ଫଟୋଗ୍ରାଫର**

କଟକ ଅଫିସ,୧୩।୫

ଲକ୍‌ଡାଉନ ପାଇଁ ଅନେକ ଲୋକ ନିଜର ବୃତ୍ତି ହରାଇଛନ୍ତି। ମଜୁରିଆ ଶ୍ରେଣୀର ଲୋକଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀ ସମସ୍ତେ କିଭଳି ପରିବାର ଚଳାଇବେ ସେଥିପାଇଁ ଚିନ୍ତିତ। କିଛି ସ୍ଥାନରେ ଲକ୍‌ଡାଉନ କଟକଣା କୋହଳ ହେବା ପରେ ଦୋକାନ ବଜାର ଖୋଲିଲାଣି। ମାତ୍ର ଏବେ ବି ଫଟୋଗ୍ରାଫରମାନେ ହାତବାନ୍ଧି ଘରେ ବସିଛନ୍ତି। ଅନ୍ୟପକ୍ଷେ ବିବାହ ଋତୁ ସରିବାକୁ ବସିଲାଣି। କିନ୍ତୁ ସେମାନଙ୍କ କ୍ୟାମେରା ଲେନ୍ସରେ ଏବେ କରୋନା ତାଲା। କେବେ ପରିସ୍ଥିତି ବଦଳିବ ଆଉ ସେମାନେ ବୃତ୍ତିକୁ ଫେରିବେ ସେଇ କଥା ଭାଳି ହେଉଛନ୍ତି।

ସାଧାରଣତଃ ଫଟୋଗ୍ରାଫରମାନେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଫଟୋ ଉଠାଇ ଓ ଭିଡିଓ ସୁଟିଂ କରି ଜୀବିକା ନିର୍ବାହ କରନ୍ତି। ଏଥିପାଇଁ କେହି ନିଜେ କ୍ୟାମେରା କିଣି ବ୍ୟବସାୟ କରିଥାନ୍ତି ତ କିଏ ଭଡ଼ାରେ ଆଣିଥାନ୍ତି। ଅର୍ଡର ଅନୁଯାୟୀ ଯାହା କିଛି ଟଙ୍କା ରୋଜଗାର ହୁଏ ସେଥିରେ କଷ୍ଟେମଷ୍ଟେ ଚଳିବାକୁ ପଡ଼େ। ଫଗୁଣ ମାସରେ ବିବାହ କାର୍ଯ୍ୟକ୍ରମ ହୋଇଥାଏ। ମାତ୍ର ଏଥର ଲକଡାଉନ ଯୋଗୁ ସବୁ ବନ୍ଦ। ଫଳରେ ଭିଡିଓ ସୁଟିଂ ଓ ଫଟୋ ଉଠାଇବା ପାଇଁ ଆଣିଥିବା ଅଗ୍ରିମ ଟଙ୍କା ଏବେ ଅନେକ ଫଟୋଗ୍ରାଫରଙ୍କୁ ଫେରାଇବାକୁ ପଡୁଛି। ଏପରିକି କିଛି କାମ ମଧ୍ୟ ଅଧାରୁ ବନ୍ଦ ରହିଛି। ଇଏମ୍‌ଆଇ ମାଧ୍ୟମରେ କେତେଜଣ କ୍ୟାମେରା କିଣିଥିବାବେଳେ ଠିକ୍ ସମୟରେ ତାହା ପଇଠ କରିପାରୁନାହାନ୍ତି। ତେଣୁ ସେମାନେ ଚିନ୍ତାରେ ପଡ଼ିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଫଟୋଗ୍ରାଫରମାନେ ନିବେଦନ କରିଛନ୍ତି।

### ସେମାନେ କହନ୍ତି...



ଆମର ଏକ ଟିମ୍ ରହିଛି। ବିବାହ କିମ୍ବା ଅନ୍ୟ କାର୍ଯ୍ୟକ୍ରମରେ ଫଟୋଗ୍ରାଫି ଓ ସୁଟିଂ କରୁ। କରୋନାର ଭୟାବହତା ବଢ଼ିବାରେ ଲାଗିଛି। ଯେଉଁମାନେ ଆଗୁଆ ସୁଟିଂ ପାଇଁ ଟଙ୍କା ଦେଇଥିଲେ ସେମାନଙ୍କୁ କିଭଳି ଟଙ୍କା ଫେରାଇବୁ ସେଇ କଥା ଭାବୁଛୁ।

– ଅମୀୟାଂଶୁ କୁମାର ଦାସ



ମୋ ପରିବାର ରୋଜଗାରର ପନ୍ଥା କହିଲେ ଫଟୋଗ୍ରାଫି। ମୋ ବାପାଙ୍କର ବି ଏକ ଷ୍ଟୁଡିଓ ରହିଛି। ଏବେ ସବୁ କାର୍ଯ୍ୟକ୍ରମ ବନ୍ଦ ଥିବାରୁ କାହାର ବି ରୋଜଗାର ନାହିଁ। ରାଜ୍ୟରେ ସବୁ ଫଟୋଗ୍ରାଫର ବୃତ୍ତି ହରାଇଛନ୍ତି। ଏହିଭଳି ପରିସ୍ଥିତି ଆଉ କିଛିଦିନ ଜାରି ରହିଲେ ଆମମାନଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିବି।

– କ୍ଷେତ୍ରବାସୀ ସାହୁ



ବିଜ୍ଞାପନଠାରୁ ଆରମ୍ଭ କରି ଫେଶନ ସୋ' ଆଦିରେ ମୁଁ ଫଟୋଗ୍ରାଫି କରେ। ଫେବୃଆରୀରେ କରୋନାର ପ୍ରଭାବ ପଡ଼ିଛି। ଯେଉଁମାନେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରନ୍ତି ସେମାନେ ବି ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛନ୍ତି। ଯାହା କିଛି ଅର୍ଡର ଥିଲା ତାହା ସବୁ ବାତିଲ ହୋଇଯାଇଛି। ତେଣୁ ରୋଜଗାର କିଛି ନାହିଁ।

–ମୌସୁମୀ ମହାନ୍ତ



ବର୍ତ୍ତମାନ ସମୟରେ କିଛି ବି ରୋଜଗାର ନାହିଁ। ଘରେ ବସି ବସି ଦିନ କଟୁଛି। ପରିସ୍ଥିତି ବଦଳିବାକୁ ଅନେକ ଦିନ ଲାଗିବ। ଯଦି ବି କାମ ହୁଏ ଲାଭାଂଶରୁ ମାନ କମିଯିବାର ସମ୍ଭାବନା ରହିଛି।

– ଚିନ୍ମୟ ବାରିକ

# ଜଳ ପ୍ରଦୂଷଣକୁ ଆଖି ବୁଜିଦେଇଛି ଏସ୍‌ପିସିବି

ଯାଜପୁର ଅଫିସ,୧୩।୫

କଳିଙ୍ଗନଗର ଶିଳ୍ପାଞ୍ଚଳରେ ରହିଥିବା କେତେକ କାରଖାନା ପରିବେଶ ପ୍ରଦୂଷଣର ସମସ୍ତ ସୀମା ଲଘୁଛନ୍ତି । ଆଉ ଏହାକୁ ଆଖି ବୁଜି ଦେଇଛନ୍ତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି)ର ଅଧିକାରୀମାନେ ବୋଲି କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଅଭିଯୋଗ ହୋଇଛି। ଏହି ମର୍ମରେ ସମିତି ପକ୍ଷରୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି, ଯାହାକି ବିଚାରାଧୀନ ରହିଛି। ତେବେ ଏସପିସିବି ପକ୍ଷରୁ ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରାଯାଇ ମାମଲାକୁ ରଫାଦଫା କରିବାକୁ ଚକ୍ରାନ୍ତ ହେଉଛି ବୋଲି ସମିତି ପକ୍ଷରୁ କୁହାଯାଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ବିଆର୍‌ପିଏଲ୍ ଓ ଭିସା ଷ୍ଟିଲକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏହି ଦୁଇ କାରଖାନାରୁ ବାହାରକୁ ବର୍ଜ୍ୟପାଣି ନିର୍ଗତ ହୋଇ ଲୋକଙ୍କ ସ୍ୱାସ୍ଥ୍ୟ ଓ କୃଷିକ୍ଷେତ୍ରକୁ ପ୍ରଭାବିତ କରୁଛି ବୋଲି ସମିତି ପକ୍ଷରୁ ଅଭିଯୋଗ ହୋଇଛି ।

କାରଖାନା ପ୍ରତିଷ୍ଠା ସମୟରେ ବାହାରକୁ ବୁନ୍ଦାଏ ବି ପାଣି ନ ଛାଡିବାକୁ ସର୍ତ୍ତ ରଖାଯାଉଥିଲେ ହେଁ ତାହା କାଗଜକଲମରେ ସୀମିତ ରହୁଛି। କଳିଙ୍ଗନଗରରେ ପ୍ରତିଷ୍ଠିତ କାରଖାନାର କୋଇଲାଗୁଣ୍ଡ ଓ ବିଭିନ୍ନ ତୈଳଜାତ ପଦାର୍ଥ ମିଶ୍ରିତ ପାଣି ବାହାରକୁ ନିର୍ଗତ ହେଉଛି। ବିଶେଷକରି ଭିସା ଷ୍ଟିଲ କାରଖାନାର ଉଦ୍‌ବୃତ୍ତ ଆବର୍ଜନା ପାଣି ଓ ବିଆରପିଏଲ କାରଖାନାକୁ ଆସୁଥିବା ଲୌହସ୍ଲରୀ ପାଣି ଜନଜୀବନକୁ ବିପଦରେ ପକାଇଛି। ଏହି ପାଣିରୁ ବିଷାକ୍ତ ପ୍ରାଙ୍ଗାରମ୍ଳ ବା ଫେନଲ ଏବଂ ସାୟାନାଇଡ ରହିଥିବା ପୂର୍ବରୁ ହୋଇଥିବା ପରୀକ୍ଷା ରିପୋର୍ଟରେ ସ୍ପଷ୍ଟ ହୋଇଛି। ଏ ନେଇ ପୂର୍ବରୁ ଏକାଧିକ ବାର ଅଭିଯୋଗ ହୋଇଥିଲେ ହେଁ ଏସ୍‌ପିସିବି ସହ ହାତ ମିଳାଇ ଏହି ସମ୍ବେଦନଶୀଳ ଘଟଣାକୁ ଚାପି ଦେବାରେ କାରଖାନା କର୍ତ୍ତୃପକ୍ଷ ସକ୍ଷମ ହେଉଛନ୍ତି। ବିଆର୍‌ପିଏଲ୍ ଗତ ୧୫।୩।୨୦୦୭ରେ ଏକ ଲୌହଧାତୁର ପେଲେଟାଇଜେଶନ କାରଖାନା ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ସରକାରଙ୍କ ସହ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲା। ବାହାରକୁ ବୁନ୍ଦାଏ ବି ପାଣି ନ ଛାଡିବାକୁ ଚୁକ୍ତ ସ୍ୱାକ୍ଷରିତ ହେବା ପରେ ଏସପିସିବି ବିଆରପିଏଲକୁ ପରିଚାଳନା ଅନୁମତି ଦେଇଥିଲା। କିନ୍ତୁ ବଡବିଲଠାରୁ କଳିଙ୍ଗନଗର ବିଆରପିଏଲ ପ୍ଲାଣ୍ଟକୁ ୨୨୦ କିଲୋମିଟର ଦୀର୍ଘ ଲୌହସ୍ଲରୀ ସ୍ଥାନାନ୍ତରଣ ପାଇପ୍ ଲାଇନରେ ଆସୁଥିବା ବର୍ଜ୍ୟଜଳ ଏବେ ବାହାରକୁ ଛଡାଯାଉଛି। ପୂର୍ବରୁ ଏହି ପାଣିକୁ ମେସ୍କୋ କାରଖାନାକୁ ଯୋଗାଣ ହେଉଥିଲା। କିନ୍ତୁ ମେସ୍କୋ କାରଖାନା ବନ୍ଦ ହୋଇଯିବା ପରେ ୬ଟି ଅଣ୍ଡରଗ୍ରାଉଣ୍ଡ ପାଇପଲାଇନରେ ଏହି ବର୍ଜ୍ୟ ଜଳ କାରଖାନା ବାହାରକୁ ଅହରହ ବୋହୁଛି। ଫଳରେ ଘଣ୍ଟା ପ୍ରତି ପ୍ରାୟ ୫୦୦ ଘନମିଟର ବର୍ଜ୍ୟପାଣି ବାହାରକୁ ଛଡାଯାଉଥିବାରୁ ଗଣ୍ଡନାଳା ସମେତ ଆଖପାଖ ଅଞ୍ଚଳ ଜଳ ପ୍ରଦୂଷଣରେ ଉତ୍କଟ ହେଉଛି। ଏହାର ପ୍ରତିବାଦରେ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ୨୦୧୭ରେ ଏନ୍‌ଜିଟିରେ ଏକ ମାମଲା ରୁଜୁ ହୋଇଛି। ଏହାକୁ ବିଆରପିଏଲ କାରଖାନା କର୍ତ୍ତୃପକ୍ଷ ଓ ଏସପିସିବି ଅଧିକାରୀ ଯେନତେନ ପ୍ରକାରେ ରିପୋର୍ଟ ପ୍ରଦାନ କରି ମାମଲାକୁ ଗଡ଼ାଇବାରେ ସକ୍ଷମ ହୋଇଛନ୍ତି। ଏ ସଂକ୍ରାନ୍ତରେ ଏସପିସିବିର ସଦସ୍ୟ ସଚିବ ଦେବଦତ୍ତ ବିଶ୍ୱାଳଙ୍କୁ ପଚାରିବାରେ ସେ କହିଛନ୍ତି ଭିସା କାରଖାନାରୁ ବାହାରୁଥିବା ପାଣି ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା। ରିପୋର୍ଟରେ ସେହି ପାଣି ଅନୁଜ୍ଞେୟ(ପରମିସିବୁଲ) ବୋଲି ଜଣାପଡିଛି। ତେବେ ବିଆରପିଏଲର ଲୌହସ୍ଲରୀ ପାଣି ବାହାରକୁ ଛଡ଼ାଯାଉଥିବା ନେଇ ତାଙ୍କ ପାଖରେ ଖବର ନାହିଁ। ଏ ନେଇ ଆବଶ୍ୟକ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ତେବେ କାରଖାନାରୁ ବୁନ୍ଦାଏ ପାଣି ବାହାରକୁ ନ ଛାଡିବାକୁ ଚୁକ୍ତିପତ୍ରରେ ସର୍ତ୍ତ ରଖାଯାଇଥିବାବେଳେ କେମିତି ତାହା ବାହାରକୁ ନିର୍ଗତ ହୋଇ ସଚରାଚରକୁ ଦୂଷିତ କରୁଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



- ବଡବିଲରୁ ଫେରୁନି ଲୌହସ୍ଲରୀ ପାଣି
- ମିଥ୍ୟା ରିପୋର୍ଟ ଦେଇ ବିପଦକୁ ଆମନ୍ତ୍ରଣ
- ବୁନ୍ଦାଏ ବି ପାଣି ବାହାରକୁ ଯିବନି ଚୁକ୍ତି ନିରର୍ଥକ
- ଜଳନମୁନା ପରୀକ୍ଷା ରିପୋର୍ଟ ଅନୁଜ୍ଞେୟ- ସଦସ୍ୟ ସଚିବ

## ଖଣି, କାରଖାନା ବନ୍ଦ: ଶ୍ରମିକ ହତାଶ

କାଳିଆପାଣି, ୧୩।୫ (ଡି.ଏନ୍.ଏ.)

କୋଭିଡ୍-୧୯ ଭୂତାଣୁ ସଂକ୍ରମଣ ପ୍ରତିହତ କରିବାକୁ ଦେଶବ୍ୟାପୀ ଲକ୍‌ଡାଉନ୍ କରାଯାଇଥିବାରୁ ଯାନବାହନ ଚଳାଚଳ ବନ୍ଦ ରହିଥିବା ବେଳେ କାରଖାନାଗୁଡ଼ିକରେ ଅଳ୍ପ କର୍ମଚାରୀରେ କାମ ହେଉଛି। ଏଥିଯୋଗୁ ଦିନ ମଜୁରିଆ ଓ ବିଭିନ୍ନ କଳ କାରଖାନାରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ହାତବାନ୍ଧି ଘରେ ବସିଛନ୍ତି। ଯେଉଁ ପ୍ରତିଷ୍ଠାନରେ ଅଧିକ କର୍ମଚାରୀ ଓ ଶ୍ରମିକ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ, ସେଗୁଡ଼ିକ ବନ୍ଦ ରହିଥିବାରୁ କର୍ମଚାରୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳ ବନ୍ଦ ହୋଇଯିବାରୁ ସେଠାରେ କାର୍ଯ୍ୟରତ ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଓ ୫ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଘରେ ହାତବାନ୍ଧି ବସିରହିଛନ୍ତି। ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ୍ ବେଳେ ସବୁ କାରଖାନା କର୍ମଚାରୀ ଓ ଶ୍ରମିକଙ୍କୁ ବେତନ ପ୍ରଦାନ କରିଥିବା ବେଳେ ପରବର୍ତ୍ତୀ ସମୟରେ କମ୍ପାନୀ ଓ ସଂସ୍ଥା ମାଲିକମାନେ 'ନୋ ୱାର୍କ ନୋ ପେ' ଘୋଷଣା କରିଛନ୍ତି। ଆଉ କେତେ ଦିନ ଧାର କରଜ କରି ପରିବାର ପ୍ରତିପୋଷଣ କରିବୁ ବୋଲି କିଛି ଶ୍ରମିକ ଅତ୍ୟନ୍ତ ଦୁଃଖର ସହ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଗୋପାଳପୁର ପିଇଓ ନିଲମ୍ବିତ

**ଜଗତ୍‌ସିଂହପୁର ଅଫିସ,୧୩।୫:** ମଧୁବାବୁ ପେନସନ୍ ଯୋଜନାରେ ବେଆଇନଭାବେ ହିତାଧିକାରୀ ଚୟନ ଓ ଭତ୍ତା ପ୍ରଦାନ ଆଦିରେ ଅର୍ଥ ଉଠାଣ କରି ଅଡୁଆରେ ପଡିଛନ୍ତି ତିର୍ତ୍ତୋଲ ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ହିମାଂଶୁ ଭୂଷଣ ନାୟକ। ଏ ସମ୍ପର୍କିତ ଅଭିଯୋଗ ଆସିବା ପରେ ପିଇଓ ନାୟକଙ୍କୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଏଥିସହ ତାଙ୍କୁ ଉପଜିଲାପାଳଙ୍କ ନିୟନ୍ତ୍ରଣରେ ରହିବାକୁ ନିର୍ଦ୍ଦେଶ ହୋଇଛି।

### ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ମକ୍‌ଡ୍ରିଲ

**ନୟାଗଡ଼ ଅଫିସ, ୧୩।୫:** ନୟାଗଡ ଜିଲା ରଣପୁର ବ୍ଲକର ଚାନ୍ଦପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ବୁଧବାର ରାଜ୍ୟ ସରକାରଙ୍କ ପରାମର୍ଶ ଅନୁସାରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ପୋମା ଟୁଡୁଙ୍କ ପରାମର୍ଶ କ୍ରମେ ଏସ୍‌ସିବି ମେଡିକାଲ, ୟୁନିସେଫ, ଡବ୍ଲ୍ୟୁଏଚଓର ଅଧିକୃତ ଡାକ୍ତରୀ ଦଳ ଆସି ଏହି ମକ୍‌ଡ୍ରିଲରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଜିଲାର ୨୭ ଡାକ୍ତରଙ୍କ ସମେତ ପାରାମେଡିକାଲ ଷ୍ଟାଫ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ସିଡିଏମ୍‌ଓ ଶ୍ୱେତ କୁମାର ମହାପାତ୍ର, ଚାନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ବି. ସୂର୍ଯ୍ୟା ରାଓଙ୍କ ତତ୍ତ୍ୱାବଧାନରେ ଏହି ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା।

### ସେନା ଗାଡ଼ିରେ ନିଆଁ

**ନୟାଗଡ଼ ଅଫିସ, ୧୩।୫:** ନୟାଗଡ଼ ଜିଲା ଦଶପଲ୍ଲା ହାଟଛକଠାରେ ବୁଧବାର ଏକ ସେନା ଗାଡିରେ ନିଆଁ ଲାଗିଥିଲା। ଦଶପଲ୍ଲା ଦମକଳ ବିଭାଗ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଜଟଣୀ ବିଏସ୍‌ଏଫ କ୍ୟାମ୍ପର ଦୁଇଟି ଟ୍ରକ ଛତିଶଗଡ ଯାଉଥିଲା। ମାଲ ବୋଝେଇ ଦୁଇଟି ଯାକ ଟ୍ରକରେ ପ୍ରାୟ ୮ଜଣ ସେନା କର୍ମଚାରୀ ଥିଲେ। ଦଶପଲ୍ଲାଠାରେ ହଠାତ୍ ଗୋଟିଏ ଟ୍ରକ ପଛ ପାଖରୁ ଧୂଆଁ ବାହାରି ନିଆଁ ଲାଗିବା ଆରମ୍ଭ କରିଥିଲା। ଟ୍ରକର ବ୍ରେକ ସୁ ଘସି ହୋଇ ଏପରି ହୋଇଥିବା ଜଣାପଡିଛି।

### ନୋଡାଲ ସେଣ୍ଟରକୁ ନେଇ ଅସନ୍ତୋଷ

**ବାଲିକୁଦା,୧୩।୫(ସ୍ୱ.ପ୍ର.):** ବାଲିକୁଦା କଲେଜ ଓ ବୋରିକିନା କଲେଜକୁ କୋଭିଡ୍-୧୯ ନୋଡାଲ ସେଣ୍ଟର କରାଯିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏଠାରେ ପ୍ରବାସୀ ଓଡ଼ିଆଙ୍କ ସ୍ୱାବ ସଂଗ୍ରହ କରା ନ ଯାଇ ରଖାଯାଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏହାକୁ ପଞ୍ଚାୟତର ଟିଏମସି ଭାବେ ନିଆ ଯାଇଥିଲା। ହେଲେ ହଠାତ୍ ନୋଡାଲ କେନ୍ଦ୍ର କରାଯିବା ସହ ପ୍ରବାସୀଙ୍କୁ ଆଣି ରଖିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିବାବେଳେ ସୁରଟ ଓ କଲିକତା ଫେରନ୍ତାଙ୍କୁ ନେଇ ଚିନ୍ତା ବଢୁଛି। ପୂର୍ବରୁ ବାଲିକୁଦା କଲେଜରେ କରାଯାଇଥିବା ଟିଏମସିରେ ୪ ପ୍ରବାସୀ ଥିବାସ୍ଥଳେ ସେମାନଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଛି। ମାତ୍ର ଏହାକୁ ନୋଡାଲ ସେଣ୍ଟର କରାଯିବା ପରେ ଯେଉଁ ୪୨ ପ୍ରବାସୀଙ୍କୁ ରଖାଗଲା ସେମାନଙ୍କ ନମୁନା ସଂଗ୍ରହ କରାଯାଇ ନାହିଁ ବୋଲି ଅଭିଯୋଗ ହୋଇଛି। ବୋରିକିନାଠାରେ କରାଯାଇଥିବା ଟିଏମସିରେ ୭୨ ଜଣ ରହିଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଶ୍ରମିକ ନେତାଙ୍କ ପରଲୋକ

**ନୟାଗଡ଼ ଅଫିସ, ୧୩।୫:** ଶ୍ରମିକ ନେତା ତଥା ନୟାଗଡ଼ ଚିନିକଳ ଆନ୍ଦୋଳନର ପୁରୋଧା ଯୋଗେନ୍ଦ୍ର ଖୁଣ୍ଟିଆ(୬୮)ଙ୍କ ମଙ୍ଗଳବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ଘଟିଛି। ବୁଧବାର ତାଙ୍କ ମୃତଦେହ ନୟାଗଡରେ ପହଞ୍ଚିବା ପରେ ବହୁ ବୁଦ୍ଧିଜୀବୀ, ଶ୍ରମିକ, ଚାଷୀ, ଖବରଦାତା ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୃତଦେହକୁ ଶୋଭାଯାତ୍ରାରେ ନୟାଗଡ ସହର, ଜନ୍ମସ୍ଥାନ ଖଣ୍ଡପଡା ବ୍ଲକର ଶିଖରପୁରରେ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ଖଣ୍ଡପଡା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, କଂଗ୍ରେସ ନେତା ମନୋଜ ସାହୁ, ଭାଜପାର ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇଥିଲେ।

## କରୋନା ଯୋଦ୍ଧାଙ୍କୁ କୃତଜ୍ଞତା ଜଣାଇଲେ ଜିଲାପାଳ

ଯାଜପୁର ଅଫିସ,୧୩।୫

**ସୁସ୍ଥ ହେଉଛନ୍ତି କରୋନା ସଂକ୍ରମିତ**

ଯାଜପୁର ଜିଲାର ବର୍ତ୍ତମାନ ସୁଦ୍ଧା ୩୩ ଜଣ କରୋନା ସଂକ୍ରମିତ ବ୍ୟକ୍ତି ସୁସ୍ଥ ହୋଇ ଫେରିଛନ୍ତି। ଏହା ଏକ ବଡ ସଫଳତା। କରୋନା ଭଳି ଅଦୃଶ୍ୟ ଶତ୍ରୁ ହାତରୁ ଏହି ବ୍ୟକ୍ତିମାନଙ୍କୁ ଫେରାଇ ଆଣିଥିବା ସମସ୍ତ ଡାକ୍ତର, ପାରାମେଡିକାଲ ଷ୍ଟାଫ୍ ଓ ସଫେଇ କର୍ମଚାରୀମାନଙ୍କୁ ଜିଲାପାଳ ରଞ୍ଜନ କୁମାର ଦାସ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି। ସେ କହିଛନ୍ତି, ସମଗ୍ର ବିଶ୍ୱରେ ଆତଙ୍କ ଖେଳେଇଥିବା ମହାମାରୀ କରୋନା ମୁକାବିଲା ପାଇଁ ଉପରୋକ୍ତ ସେବାକାରୀମାନଙ୍କ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ। ଜିଲାରେ ଯେତେବେଳେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବୃଦ୍ଧି ପାଉଥିଲା ଓ ଲୋକମାନେ ଆତଙ୍କିତ ଥିଲେ, କରୋନା ଯୋଦ୍ଧାମାନେ ସେମାନଙ୍କର ଉତ୍ସର୍ଗୀକୃତ ସେବା ମାଧ୍ୟମରେ ଆଶା ସଂଚାର କରି ସେମାନଙ୍କୁ ମୃତ୍ୟୁମୁଖରୁ ଫେରେଇ ଆଣିବାରେ ସହାୟକ ହୋଇଛନ୍ତି। ତେଣୁ ଡାକ୍ତର, ପାରାମେଡିକାଲ, ସଫେଇ କର୍ମଚାରୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ପୋଲିସ, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ଲୋକ ପ୍ରତିନିଧି ଏବଂ ସାଧାରଣ ଜନତାଙ୍କ ସହଯୋଗ ପାଇଁ ଏହା ସମ୍ଭବ ହୋଇ ପାରିଛି ବୋଲି ଜିଲାପାଳ ଦାସ କହିଛନ୍ତି।

## କ୍ୱାରାଣ୍ଟାଇନ ସେଣ୍ଟରରେ ଅବ୍ୟବସ୍ଥା ଅଭିଯୋଗ

**ରତ୍ନଗିରି, ୧୩।୫(ଡି.ଏନ.ଏ):** ବରୀ ବ୍ଲକର ବିଭିନ୍ନ ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅବ୍ୟବସ୍ଥା ନେଇ ଅଭିଯୋଗ ହେଉଛି। ଏ ନେଇ ଭଜପା ନେତା ବିଶ୍ୱରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଡିଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତେବେ କମ୍ ସମୟରେ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଥିବାରୁ କିଛିଟା ଅସୁବିଧା ରହିଛି। ତୁରନ୍ତ ସେଗୁଡ଼ିକର ସମାଧାନ କରାଯିବ ବୋଲି ବିଡିଓ ଶାଶ୍ୱତ ଜେନା କହିଛନ୍ତି। ବ୍ଲକ ଅଧ୍ୟକ୍ଷା ଶୁଭାଷିନୀ ଶର୍ମା ଭାଜପାର ହୋଇଥିବାରୁ ତାଙ୍କୁ କେତେକ ଦାୟିତ୍ୱରୁ ବାଦ ଦିଆଯାଇ ଶାସକ ସମର୍ଥକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଉଛି। ଏଭଳି ମନମୁଖି କାର୍ଯ୍ୟକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି।

## କରୋନାର ସାମ୍ପ୍ରତିକ ସ୍ଥିତି ଉପରେ ସମୀକ୍ଷା

ଯାଜପୁର ଅଫିସ,୧୩।୫



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ।

- ପ୍ରବାସୀ ଓଡିଆଙ୍କ ପାଇଁ ସ୍ୱତନ୍ତ୍ର ପଞ୍ଜୀକରଣ
- ଛତିଆ, ପାଣିକୋଇଲି, ଯାଜପୁର ରୋଡ୍‌ରେ ୩ ଶିବିର

କରୋନାର ସାମ୍ପ୍ରତିକ ସ୍ଥିତି, ପ୍ରବାସୀ ଓଡ଼ିଆଙ୍କ ଯାଜପୁର ଆଗମନ, ସେମାନଙ୍କ ରହିବା ସ୍ଥଳ, ଖାଇବା ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୦ ବ୍ଲକ ଓ ୨ଟି ପୌରାଞ୍ଚଳରେ କରୋନାର ସ୍ଥିତି ସମ୍ପର୍କରେ ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଥିଲେ। ସେ କହିଥିଲେ, ପ୍ରବାସୀ ଓଡ଼ିଆ ଫେରିଲେ ସେମାନଙ୍କ ପଞ୍ଜୀକରଣ ପାଇଁ ବଡଚଣାର ଛତିଆ, ପାଣିକୋଇଲିର ତାରିଣୀ ମହାବିଦ୍ୟାଳୟ ଓ ଯାଜପୁରରୋଡ୍‌ଠାରେ ୩ଟି ଶିବିରର ଆୟୋଜନ କରାଯାଇଛି। ଶିବିରରେ ପଞ୍ଜୀକରଣ ସହିତ ପ୍ରବାସୀମାନଙ୍କ ତଥ୍ୟ ରଖାଯାଇ ସେମାନଙ୍କ ହାତରେ ଷ୍ଟାମ୍ପିଂ ବା ଚିହ୍ନ ଦିଆଯାଉଛି। ସେମାନଙ୍କ ମଧ୍ୟରେ ଭାଇଚାରା ଓ ସମନ୍ୱୟ ପାଇଁ ପ୍ରତ୍ୟେକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମସି)ରେ ଖାଦ୍ୟ, ସାଂସ୍କୃତିକ ଓ ସ୍ୱଚ୍ଛତା କମିଟି ଗଠନ ପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ଟିଏମ୍‌ସି ପରିସରକୁ ଅନ୍ତେବାସୀମାନେ ସଫାସୁତୁରା, କାନ୍ଥରେ ରଙ୍ଗ ଦେବାଠାରୁ ଆରମ୍ଭକରି ଅନ୍ୟାନ୍ୟ କାର୍ଯ୍ୟରେ ସହଯୋଗ କରିପାରିବେ। ଏଥିପାଇଁ ଦୈନିକ ୧୫୦ ଟଙ୍କାର ପାରିଶ୍ରମିକ ସର୍ବାଧିକ ୧୦ ଦିନ ପାଇଁ ପାଇ ପାରିବେ। କିନ୍ତୁ ସବୁଥିରେ ସାମାଜିକ ଦୂରତା ବଜାୟ ରଖିବା ସହ ମାସ୍କ ଲଗାଇବା ଜରୁରୀ ବୋଲି ଜିଲାପାଳ ଦାସ ସୂଚନା ଦେଇଛନ୍ତି। ଟିଏମ୍‌ସିରେ ରହଣିକୁ ସେମାନେ ବନ୍ଦୀ ଜୀବନ ବୋଲି ନ ଭାବି ଶୃଙ୍ଖଳା ଓ ନିଜ ପ୍ରତିଭାର ପ୍ରଦର୍ଶନର ସ୍ଥଳ ଭାବେ ବିବେଚନା କଲେ ତାହା ତାଙ୍କ ଜୀବନଶୈଳୀକୁ ସକାରାତ୍ମକ କରିବ ବୋଲି ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ପ୍ରବାସୀମାନଙ୍କୁ କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଏମ୍‌ପି ସେଠୀ ଯାଜପୁର ବ୍ଲକର କେତେକ ଟିଏମ୍‌ସିକୁ ଅନୁଧ୍ୟାନ କରିଥିଲେ।

## ଫେରୁଛନ୍ତି ପ୍ରବାସୀ: ଆର୍ଥିକ ଦୁରବସ୍ଥା ଦେଖାଦେବା ଆଶଙ୍କା

କେନ୍ଦ୍ରାପଡ଼ା ଅଫିସ, ୧୩।୫

ମହାମାରୀ କରୋନା ପାଇଁ ମେ ୩ ସୁଦ୍ଧା ଦେଶ ବିଦେଶରୁ ୨୪ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ କେନ୍ଦ୍ରାପଡ଼ା ଜିଲାକୁ ଫେରିଛନ୍ତି। ସେହିପରି ଗତ ୪ ତାରିଖରୁ ଅଦ୍ୟାବଧି ନାମ ପଞ୍ଜୀକରଣ କରିଥିବା ୧ଲକ୍ଷ ୩ ହଜାର ଲୋକଙ୍କ ମଧ୍ୟରୁ ୫୨୧୨ ଜଣ ଯାନବାହନରେ ଆସି ସଙ୍ଗରୋଧ କେନ୍ଦ୍ରରେ ଅଛନ୍ତି। ତେବେ ଜିଲାର ୧୫ ଲକ୍ଷ ଲୋକଙ୍କ ମଧ୍ୟରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦେଶ ବିଦେଶରେ କର୍ମ ଅନ୍ୱେଷଣରେ ସ୍ଥାନାନ୍ତର ହୋଇଥିବା ଏକ ବେସରକାରୀ ସଂସ୍ଥା ଆକଳନ କରିଛି। କର୍ମ କ୍ଷେତ୍ରରେ ତାଲାବନ୍ଦ ଯୋଗୁ ଏହି ଶ୍ରମିକମାନେ ଗ୍ରାମକୁ ଫେରୁଥିବାରୁ ଏହା ଆଗାମୀ ଦିନରେ ଆର୍ଥିକ ଦୁରବସ୍ଥା ସୃଷ୍ଟି କରିପାରେ ବୋଲି ବୁଦ୍ଧିଜୀବୀ ଓ ଶ୍ରମିକନେତା ଆକଳନ କରିଛନ୍ତି। ସେମାନଙ୍କ ମତରେ ଜିଲାରେ କର୍ମସଂସ୍ଥାନ ପାଇଁ ବ୍ୟବସ୍ଥା ନ ହେଲେ ପରିସ୍ଥିତି କରୋନାଠାରୁ ଆହୁରି ଭୟାବହ ହେବ।

ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, କେନ୍ଦ୍ରାପଡାର ଅର୍ଥନୀତି କୃଷିଭିତ୍ତିକ। ତେବେ କୃଷି କ୍ଷେତ୍ରରୁ ହେଉଥିବା ଆୟ ସାମାଜିକ ଚଳଣି ପାଇଁ ଯଥେଷ୍ଟ ହେଉନାହିଁ। ଏଠାରେ ଶିଳ୍ପ ନ ଥିବାରୁ ଶ୍ରମିକ ଶ୍ରେଣୀର ଲୋକ ଦେଶବିଦେଶରେ କର୍ମସଂସ୍ଥାନ ଯୋଗାଡ କରିଛନ୍ତି। ଜିଲାର ୮୬ ପ୍ରତିଶତ ଲୋକ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ଅର୍ଥନୀତି ବିପର୍ଯ୍ୟସ୍ତର ସୂଚନା ଦେଉଛି। ତାଲାବନ୍ଦ ପାଇଁ କର୍ମ ନିଯୋଜନ ସମ୍ଭବ ହେଉ ନ ଥିବାରୁ ମିଳିଥିବା ଖାଦ୍ୟ ସାମଗ୍ରୀ ଶେଷ ହେବାକୁ ଯାଉଛି। ଆଗାମୀ ଦିନରେ ଜିଲାବାସୀ ଆର୍ଥିକ ଦୁରବସ୍ଥାର ଶିକାର ହେବାକୁ ଯାଉଥିବା ସେ ପ୍ରକାଶ କରିଛନ୍ତି। ଶ୍ରମିକଙ୍କ ଦୁରବସ୍ଥା ପାଇଁ ଶ୍ରମିକ ନେତା ଗୟାଧର ଧଳ ସରକାରଙ୍କ ନୀତିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର ଶ୍ରମିକଙ୍କ ସୁରକ୍ଷା ପ୍ରତି ଏହି ତାଲାବନ୍ଦ ସମୟରେ ଧ୍ୟାନ ଦେଇନାହାନ୍ତି। ଜିଲାର ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏବେ କର୍ମନିଯୁକ୍ତି ହରାଇଛମନ୍ତି। ପ୍ରବାସୀଙ୍କୁ ଜିଲାକୁ ଫେରାଇ ଆଣିବାକୁ ବ୍ୟବସ୍ଥା କରିନାହାନ୍ତି। ସେହିପରି କୃଷିରଣ ଛାଡ ଓ ସୁଧମୁକ୍ତ ଋଣ ପ୍ରଦାନକୁ ଅଗ୍ରାଧିକାର ଦିଆ ନ ଗଲେ ଜିଲାରେ ଆର୍ଥିକ ବିପର୍ଯ୍ୟସ୍ତର ସମ୍ଭାବନା ଅଛି। ରୋଜଗାର ମାଧ୍ୟମ ଖୋଜା ନ ଗଲେ ପ୍ରବାସୀଙ୍କ ପରିବାର ଖାଦ୍ୟାଭାବର ଶିକାର ହେବା ଆଶଙ୍କା ରହିଛି। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କୁହନ୍ତି, ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରୀ ହେଉଛି। ଏଥିସହିତ ତାଲାବନ୍ଦର ସମୟ ଅବଧି କୋହଳ ଦ୍ୱାରା ବ୍ୟବସାୟ ବୃଦ୍ଧି ହୋଇଛି। ଖାଦ୍ୟ ସୁରକ୍ଷା ଯୋଜନା, ଭତ୍ତା ହିତାଧିକାରୀଙ୍କୁ ଖାଦ୍ୟ ସାମଗ୍ରୀ ଓ ଅର୍ଥ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଜିଲା ପ୍ରଶାସନ କାର୍ଯ୍ୟ କରିବ।

## ପ୍ରବାସୀ ଓଡ଼ିଆଙ୍କୁ ରଖିବା ଚିନ୍ତା
### ମରାମତି ହେବ ୯ ବହୁମୁଖୀ ଆଶ୍ରୟସ୍ଥଳ

**ଏରସମା,୧୩।୫(ସ୍ୱ.ପ୍ର.):** ଏରସମା ବ୍ଲକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏଠାରେ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିଥାଏ। ତେଣୁ ଲୋକଙ୍କ ନିରାପତ୍ତା ପାଇଁ ଏହି ବ୍ଲକରେ ୧୬ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି। ମାତ୍ର ମରାମତି ଅଭାବରୁ ସେଗୁଡିକ ଅସୁରକ୍ଷିତ ହୋଇପଡିଥିଲା। ଏବେ ପ୍ରବାସୀ ଓଡ଼ିଆଙ୍କ ପାଇଁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଯିବା ସହିତ ବିପନ୍ନଙ୍କୁ ଆଶ୍ରୟ ଦେବା ଲକ୍ଷ୍ୟରେ ସେଗୁଡିକୁ ମରାମତି ପାଇଁ ଟେଣ୍ଡର ହୋଇଛି। ଏଥିରେ ଗୋଡା ପଞ୍ଚାୟତର ଭଜାଖିଆ ପାଇଁ ୪ ଲକ୍ଷ ୪୨ ହଜାର, ଗଡହରିଶପୁରର ନୋଳିଆସାହି ପାଇଁ ୩ ଲକ୍ଷ ୯ ହଜାର, ଭିତର ଅନ୍ଧାରୀ ପଞ୍ଚାୟତର ଗୁଆମଣ୍ଡା ପାଇଁ ୩ଲକ୍ଷ ୮୯ ହଜାର, ପଦ୍ମପୁରର ସାହାଡାବେଦୀ ପାଇଁ ୪ଲକ୍ଷ ୪୨ ହଜାର, ଆମ୍ବିକିର କାଙ୍କଣ ପାଇଁ ୪ଲକ୍ଷ ୪୨ ହଜାର, ବାଘାଡି ପାଇଁ ୩ଲକ୍ଷ ୩୫ ହଜାର, ନରଦିଆର ନରଦିଆ ପାଇଁ ୩ଲକ୍ଷ ୯୮ ହଜାର, ଜପାର ଦହିବର ପାଇଁ ୪ଲକ୍ଷ ୨୪ ହଜାର ଓ ଢଙ୍କିଆର ଗୋବିନ୍ଦପୁର ଆଶ୍ରୟସ୍ଥଳ ମରାମତି ପାଇଁ ୪ଲକ୍ଷ ୩୭ ହଜାର ଅର୍ଥ ମଞ୍ଜୁର କରାଯାଇଥିବା ସୂଚନା ମିଳିଛି।

## ରାଶନ ସାମଗ୍ରୀ ହଡ଼ପ, ଧାରଣା ଦେବେ ହିତାଧିକାରୀ

**ରତ୍ନଗିରି, ୧୩।୫ (ଡି.ଏନ.ଏ):** ବରୀ ବ୍ଲକ ଅଧୀନ ଅମଠପୁର ପଞ୍ଚାୟତରେ ରାଶନ କାର୍ଡ ହିତାଧିକାରୀଙ୍କୁ ୫ କି.ଗ୍ରା. ବଦଳରେ କମ୍ ଚାଉଳ ମିଳିଥିବା ନେଇ ବିଡିଓଙ୍କୁ ଅଭିଯୋଗ ହୋଇଥିଲା। ଇତିମଧ୍ୟରେ ଅଭିଯୋଗକୁ ସପ୍ତାହେ ପୂରିଥିବା ବେଳେ ତଦନ୍ତ କରାଯାଇ ନ ଥିବାରୁ ହିତାଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଆସନ୍ତା ୧୮ ତାରିଖରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି କହିଛନ୍ତି।ଏ ନେଇ ହିତାଧିକାରୀ ଜିଲାପାଳ, ବିଡିଓ, ତହସିଲଦାର, ଥାନାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ଲକ୍‌ଡାଉନ ଯୋଗୁ ରାଜସ୍ଥାନର ମାଲିକ ଛାଡ଼ି ପଳାଇବାରୁ ପାରାଦୀପରେ ଏକ ଓଟ ଜୀବନ ବଞ୍ଚାଇବା ପାଇଁ ସହରସାରା ଘୂରି ବୁଲୁଛି। (ଫଟୋ: ଶରତ)

## ଅନ୍ତେବାସୀଙ୍କୁ ମିଳୁନି ଆବଶ୍ୟକ ସୁବିଧା

ରସୁଲପୁର, ୧୩।୫ (ଡି.ଏନ୍.ଏ.)

**କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅବ୍ୟବସ୍ଥା ନେଇ ଅସନ୍ତୋଷ**

- ବିଦ୍ୟୁତ୍ କାଟ ପରେ ମୋବାଇଲ ଟର୍ଚ୍ଚ ଲଗାଇ ଚଳୁଛନ୍ତି ସନ୍ଦିଗ୍ଧ
- ଲୌହ ଯୁକ୍ତ ପାଣି ପିଉଛନ୍ତି ଅନ୍ତେବାସୀ, ଆକ୍ୱାଗାର୍ଡ ଲାଗିନି
- କେତେକ ସେଣ୍ଟରରେ ଏଭଳି ଅସୁବିଧା ରହିଥିବା ଅଭିଯୋଗ ହୋଇଛି। ତୁରନ୍ତ ସେଗୁଡ଼ିକ ସମାଧାନ କରାଯିବ: ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ

ବାହାର ରାଜ୍ୟରୁ ଆସିଥିବା ପ୍ରବାସୀ ଶ୍ରମିକମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯିବା ସହ ସେଠାରେ ସେମାନଙ୍କ ସୁବିଧା ପାଇଁ ବ୍ୟବସ୍ଥା କରିବାକୁ ପ୍ରତି ପଞ୍ଚାୟତକୁ ସରକାର ଅର୍ଥ ଯୋଗାଇ ଦେଇଛନ୍ତି। ଏହି କ୍ରମରେ ଯାଜପୁର ଜିଲା ରସୁଲପୁର ବ୍ଲକର ୨୮ଟି ପଞ୍ଚାୟତରେ ୧୦୦ କ୍ୱାରାଣ୍ଟାଇନ ସେଣ୍ଟର ଖୋଲାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୦ଟି କେନ୍ଦ୍ରରେ ପ୍ରବାସୀ ଶ୍ରମିକମାନଙ୍କୁ ରଖାଯାଇଛି। ଅବଶିଷ୍ଟ ୭୦ଟିରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଛି। ରସୁଲପୁର ବ୍ଲକ ଅଧୀନରେ ଥିବା କେତେକ କ୍ୱାରାଣ୍ଟାଇନ ସେଣ୍ଟରରେ ଅନ୍ତେବାସୀଙ୍କୁ ପାନୀୟ ଜଳ ସୁବିଧା ମିଳୁ ନ ଥିବା ବେଳେ ଜେନେରେଟର ଲଗାଯାଇନାହିଁ। ଏହାଛଡ଼ା କେତେକ ସେଣ୍ଟରକୁ ଠିକ୍ ଭାବେ ସାନିଟାଇଜ୍ କରାଯାଉ ନ ଥିବା ଅନ୍ତେବାସୀ ଅଭିଯୋଗ କରିଛନ୍ତି। ପ୍ରବାସୀ ଶ୍ରମିକଙ୍କୁ ଜାତୀୟ ରାଜପଥ ପାର୍ଶ୍ୱସ୍ଥ କ୍ୱାରାଣ୍ଟାଇନ ସେଣ୍ଟରଗୁଡିକରେ ରଖିବା ଉପରେ ପ୍ରାଥମିକତା ଦିଆଯାଉଛି। ଫଳରେ ପ୍ରାରମ୍ଭିକ ପର୍ଯ୍ୟାୟରେ ବାରବାଟି ୟୁଜିଏମ୍‌ଇ ବିଦ୍ୟାଳୟ(ଶିକ୍ଷା ସଙ୍ଗମ), ସୁଆସାହିସ୍ଥିତ ଆଶ୍ରମ ବିଦ୍ୟାଳୟ, ସିଂହାପୁର ପଞ୍ଚାୟତର ଗୁରୁକୁଳ ହାଇସ୍କୁଲ, ମୁଗୁପାଳ କଲେଜର କ୍ୱାରାଣ୍ଟାଇନ ସେଣ୍ଟରରେ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ରଖାଯାଇଛି। ମାତ୍ର ଉକ୍ତ କେନ୍ଦ୍ରଗୁଡ଼ିକରେ ଆଲୋକ, ପିଇବା ପାଣି ବ୍ୟବସ୍ଥା କରାଯାଉ ନ ଥିବା ବେଳେ ବିଶୋଧନ ପ୍ରକ୍ରିୟା ଠିକ୍ ଭାବେ କରାଯାଉନାହିଁ ବୋଲି ପ୍ରବାସୀ ଶ୍ରମିକମାନେ ନିଜ ନିଜ ପଞ୍ଚାୟତର ସରପଞ୍ଚଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

ବାରବାଟି ୟୁଜିଏମ୍‌ଇ ବିଦ୍ୟାଳୟରେ ୩୨ଜଣ ପ୍ରବାସୀ ଓଡ଼ିଆ ରହୁଛନ୍ତି। ସେହି କେନ୍ଦ୍ରରେ ଜେନେରେଟର ବ୍ୟବସ୍ଥା କରାଯାଇ ନ ଥିବାରୁ ବିଦ୍ୟୁତ୍ କାଟ ହେବା ପରେ ଅନ୍ତେବାସୀ ମୋବାଇଲ ଟର୍ଚ୍ଚ ଲଗାଇ ଚଳୁଛନ୍ତି। ଏତଦ୍‌ବ୍ୟତୀତ ସ୍କୁଲ ପରିସରରେ ଥିବା ନଳକୂପରୁ ଲୌହଯୁକ୍ତ ପାଣି ବାହାରୁ ଥିବା ବେଳେ ପ୍ରବାସୀଙ୍କ ପିଇବା ପାଇଁ ଆକ୍ୱାଗାର୍ଡ ଲଗାଯାଇନାହିଁ। କ୍ୱାରାଣ୍ଟାଇନ ସେଣ୍ଟରକୁ ଦିନରେ ୨ ଥର ବିଶୋଧିତ କରିବାର ନିୟମ ରହିଥିଲେ ବି ତାହା କରାଯାଉନାହିଁ। ଏହାଛଡ଼ା କ୍ୱାରାଣ୍ଟାଇନ ସେଣ୍ଟର ଆଖପାଖରେ ଥିବା ଦୋକାନ ବଜାର ଓ ଘରଗୁଡ଼ିକୁ ସାନିଟାଇଜ୍ କରାଯିବା ଉପରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହିଭଳି ସ୍ଥିତି ବ୍ଲକ ଅଞ୍ଚଳର ବହୁ କେନ୍ଦ୍ରରେ ରହିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ପଚାରିବାରେ କେତେକ ସେଣ୍ଟରରେ ଏଭଳି ଅସୁବିଧା ରହିଥିବା ଅଭିଯୋଗ ହୋଇଛି। ମାତ୍ର ସେଗୁଡ଼ିକର ସମାଧାନ କରାଯିବା ଦିଗରେ ଧ୍ୟାନ ଦିଆଯାଉଛି। ତୁରନ୍ତ ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ଅନ୍ୟ ଜିଲାରୁ ଫେରିଥିବା ଶ୍ରମିକଙ୍କୁ ଅଣଦେଖା

■ ଗାଁରେ ପୂରାଇ ଦେଉ ନାହାନ୍ତି ଲୋକେ
■ ଘରକୁ ନ ଯାଇ ସ୍କୁଲରେ ରହୁଛନ୍ତି
■ ମିଳୁନି ସହାୟତା

ବାରିପଦା ଅଫିସ/ ରାସଗୋବିନ୍ଦପୁର, ୧୩।୫ (ଡି.ଏନ୍.ଏ.)

ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଚାଲୁ ରହିଥିବା ବେଳେ ବିଭିନ୍ନ ରାଜ୍ୟରେ ଫସି ରହିଥିବା ଶ୍ରମିକ ଓ ପ୍ରବାସୀମାନଙ୍କୁ ରାଜ୍ୟ ସରକାର ଟ୍ରେନ୍ ଯୋଗେ ଓଡ଼ିଶାକୁ ଫେରାଇ ଆଣୁଛନ୍ତି। ସେମାନଙ୍କ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ବିଭିନ୍ନ ସଙ୍ଗରୋଧ ଗୃହରେ ରଖାଯାଉଛି। ମାତ୍ର ରାଜ୍ୟ ଭିତରେ ଥିବା ଶ୍ରମିକମାନେ ଗାଁକୁ ଫେରି ଗ୍ରାମବାସୀଙ୍କ ବିରୋଧର ଶିକାର ହେବା ସହ ଦୁର୍ଦ୍ଦଶା ଭୋଗୁଛନ୍ତି। ପ୍ରଶାସନ ସେମାନଙ୍କୁ ଅଣଦେଖା କରୁଥିବାରୁ ଭାଗ୍ୟକୁ ଆଦରି ସେମାନେ ବିଭିନ୍ନ ସ୍ଥାନରେ ପଡ଼ି ରହୁଛନ୍ତି। ମୟୂରଭଞ୍ଜ ଜିଲାରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି।

ଜିଲାର ଅନେକ ଶ୍ରମିକ ବାଲେଶ୍ୱର, ଯାଜପୁର, ଭଦ୍ରକ ଆଦି ଅଞ୍ଚଳକୁ କାମ କରିବାକୁ ଯାଇଥିଲେ। ଲକ୍‌ଡାଉନ ଯୋଗୁଁ କାର୍ଯ୍ୟ ବନ୍ଦ ହେବା ପରେ କିଏ ଚାଲି ଚାଲି ତ ଆଉ କିଏ ସାଇକେଲରେ ଫେରି ଆସୁଛନ୍ତି। ସରକାର ରାଜ୍ୟ ଭିତରେ ଥିବା ଶ୍ରମିକମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରି ନ ଥିବାରୁ ଗ୍ରାମକୁ ଆସିଲା ପରେ ଗ୍ରାମବାସୀ ସେମାନଙ୍କୁ ଗାଁରେ ପୂରାଇ ଦେଉ ନାହାନ୍ତି। ଜିଲାର ରାସଗୋବିନ୍ଦପୁର ବ୍ଲକ ଅଧୀନ ନଳଗଜା ପଞ୍ଚାୟତ ପୋଡ଼ାପୋଡ଼ା ଗ୍ରାମର ୧୬ ଜଣ ବ୍ୟକ୍ତି ଯାଜପୁର ଜିଲା ଚଣ୍ଡିଖୋଲଠାରେ ଇଟାଭାଟିରେ କାର୍ଯ୍ୟ କରୁଥିଲେ। ସେମାନଙ୍କ ମଧ୍ୟରେ ୧୧ ଜଣ ପୁରୁଷ ଓ ୫ ଜଣ ମହିଳା ଅଛନ୍ତି। ଲକ୍‌ଡାଉନ ଯୋଗୁ ଇଟାଭାଟି ବନ୍ଦ ହୋଇ ଯିବାରୁ ସେମାନେ ଚାଲି ଚାଲି ଯାଜପୁରରୁ (ପ୍ରାୟ ୨୦୦ କି.ମି.) ପୋଡ଼ାପୋଡ଼ା ଗ୍ରାମକୁ ପଳାଇ ଆସିଥିଲେ। ଗତ ଗୁରୁବାର ଗ୍ରାମକୁ ଆସିବା ପରେ କରୋନା ଭୟରେ ଗ୍ରାମବାସୀ ସେମାନଙ୍କୁ ଗାଁରେ ପୂରାଇ ଦେଇ ନ ଥିଲେ। ଗୋଟିଏ ରାତି ବାହାରେ ରହିବା ପରେ ସ୍ଥାନୀୟ ସରପଞ୍ଚ ସେମାନଙ୍କୁ ନେଇ ନିକଟସ୍ଥ ବିଦ୍ୟାଳୟରେ ରଖିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ସେଠାରେ ସେମାନେ ବହୁ ଅସୁବିଧାରେ ରହୁଛନ୍ତି। ଗ୍ରାମରେ ରହୁଥିବା ପରିବାର ଲୋକେ ତାଙ୍କ ପାଇଁ ରନ୍ଧା ଖାଦ୍ୟ ଆଣି ଦେଉଛନ୍ତି। ଯାହାକୁ ନେଇ ଗ୍ରାମବାସୀ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି।



ବିଦ୍ୟାଳୟରେ ଥିବା ଶ୍ରମିକମାନେ।

ରାଜ୍ୟ ଭିତରୁ ଶ୍ରମିକ ଆସିଲେ ସେମାନଙ୍କୁ ଘରେ ସଙ୍ଗରୋଧରେ ରହିବା ପାଇଁ କୁହାଯାଇଛି, ମାତ୍ର ବାହାର ଜିଲାରୁ ଆସୁଥିବା ଏହି ଭଳି ଶ୍ରମିକମାନଙ୍କୁ ଜିଲାର ବିଭିନ୍ନ ଗ୍ରାମର ଲୋକେ ଗାଁରେ ପୂରାଇ ଦେଉ ନ ଥିବାରୁ ସେମାନେ ସ୍କୁଲ ବାରଣ୍ଡା ନ ହେଲେ ଗଛମୂଳେ ରହୁଛନ୍ତି। କେବଳ ରାସଗୋବିନ୍ଦପୁର ବ୍ଲକର ପୋଡ଼ାପୋଡ଼ା ଗ୍ରାମ ନୁହେଁ ବାଙ୍ଗିରିପୋଷି ଅଞ୍ଚଳରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ପୋଡ଼ାପୋଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାରଠାରୁ ୧୬ ଜଣ ଶ୍ରମିକ ରହୁଥିବା ବେଳେ ଅଦ୍ୟାବଧି ପ୍ରଶାସନ ପକ୍ଷରୁ ସେମାନଙ୍କ ସ୍ୱାବ ଟେଷ୍ଟ କରାଯାଇ ନାହିଁ। ତୁରନ୍ତ ସ୍ୱାବ ଟେଷ୍ଟ କରାଯାଇ ରିପୋର୍ଟ ଆସିଲା ପରେ ସେମାନଙ୍କୁ ଘରକୁ ଛାଡ଼ିବା ପାଇଁ ଏହି ଶ୍ରମିକମାନେ ଦାବି କରିଛନ୍ତି। ଏ ନେଇ ରାସଗୋବିନ୍ଦପୁର ବିଡିଓ ଅରୁଣ କୁମାର ଖଣ୍ଡାଙ୍କୁ ପଚାରିବାରୁ ଲୋକେ ସେମାନଙ୍କୁ ଗ୍ରାମରେ ପୂରାଇ ନ ଦେବାରୁ ଆମେ ତାଙ୍କୁ ବିଦ୍ୟାଳୟରେ ରଖିଛୁ। ଘରକୁ ଯଦି ସେମାନଙ୍କୁ ଛାଡ଼ିବୁ ତାହେଲେ ଗ୍ରାମରେ ଅଶାନ୍ତି ସୃଷ୍ଟି ହେବ। ବିଦ୍ୟାଳୟରେ ଥିବା ଏହି ଶ୍ରମିକମାନଙ୍କୁ ଯଦି କେହି ହଇରାଣ କରିବେ ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୨ଗ୍ରାମକୁ ଆବଦ୍ଧାଞ୍ଚଳ ଘୋଷଣା

ଖଇରା, ୧୩।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁଣ୍ଡିରା ପଞ୍ଚାୟତର ପୂର୍ବପଡା ଗ୍ରାମରୁ ଜଣେ ୩୮ ବର୍ଷୀୟ ଅଟୋ ଚାଳକ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ପୂର୍ବପଡା ଓ ସୁଣ୍ଡିରା ୨ଗ୍ରାମକୁ ଆବଦ୍ଧାଞ୍ଚଳ ଗ୍ରାମ ଭାବେ ପ୍ରଶାସନ ତରଫରୁ ଘୋଷଣା କରାଯାଇଛି। ୧୨ ତାରିଖ ଠାରୁ ଗ୍ରାମ ଭିତରକୁ ଯିବା ଓ ବାହାରକୁ ଆସିବା ଉପରେ କଟକଣା ଲଗାଯାଇଛି। ଏଥିସହ ଖଇରା ପୋଲିସ ଗ୍ରାମରେ ପହଞ୍ଚି ପୂର୍ବପଡା ଗ୍ରାମରାସ୍ତା, ସୁଣ୍ଡିରା ହନୁମାନ ରାସ୍ତା, ମୁନିପଦା ରାସ୍ତା, କମାରସାହି ଛକ, ଦାସସାହି ଛକ, ସୁଣ୍ଡିରା ବଜାର ଛକ ସମେତ ମୋଟ ୭ଟି ରାସ୍ତାକୁ ସିଲ କରିଛି। ସେହିଭଳି ଅଗ୍ନିଶମ ବିଭାଗ ତରଫରୁ ଗ୍ରାମ ୨ଟିକୁ ବିଶୋଧନ କରାଯାଇଥିବା ସହ ମେଡିକାଲ ଟିମ ତରଫରୁ ୪୨ଜଣଙ୍କ ସ୍ୱାବ ନମୂନା ସଂଗ୍ରହ କରାଯାଇଛି । ପ୍ରଶାସନ ତରଫରୁ ଅତ୍ୟାବଶ୍ୟକୀୟ ଖାଉଟି ସାମଗ୍ରୀ ଯୋଗାଇ ଦିଆଯାଉଛି ।

### ବାଲି ଚୋରା ଚାଲାଣ: ୨୦ ଟ୍ରକ୍, ୨ ଜେସିବି ଜବତ

ହାଟଡିହୀ, ୧୩।୫(ଡି.ଏନ.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସମଣା ବୈତରଣୀ ନଦୀ ଶଯ୍ୟାରୁ ବାଲି ଚୋରାଚାଲାଣ ବେଳେ ୨୦ ଟ୍ରକ୍ ସହ ୨ଟି ଜେସିବି ଜବତ ହୋଇଛି। ସେଥିମଧ୍ୟରୁ ଭଦ୍ରକର ୭ଟି, ବାଲେଶ୍ୱରର ୩ଟି, କେନ୍ଦୁଝରର ୭ଟି, ବଡ଼ବିଲ, କଟକ ଓ ଚଣ୍ଡିଖୋଲର ଗୋଟିଏ ଲେଖାଏ ଟ୍ରକ୍ ଜବତ ହୋଇଛି। ସମ୍ପୃକ୍ତ ଟ୍ରକ୍‌ଗୁଡିକର ସମସ୍ତ ଡ୍ରାଇଭର ଫେରାର ହେବାରେ ସକ୍ଷମ ହୋଇଛନ୍ତି। ଏହି ସ୍ଥାନ ତହସିଲ ତରଫରୁ ଲିଜ୍ ହୋଇ ନ ଥିବା ବେଳେ ଚୋରାରେ ବାଲି ଚାଲାଣ କରାଯାଉଥିଲା। ଜିଲାପାଳ ଆଶିଷ ଠାକ୍‌ରେ ଓ ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ଚଢ଼ାଉ ହୋଇଥିଲା। ପରେ ନନ୍ଦିପଦା ପୋଲିସ ଏକ ମାମଲା( ନଂ .୪୯/୨୦) ରୁଜୁ କରିଛି। ଘଟଣାସ୍ଥଳରେ ପୋଲିସ ଅନୁସନ୍ଧାନ ଚଳାଇଥିବା ବେଳେ ଜବତ ଗାଡିଗୁଡିକୁ ପୋଲିସ ଫୋର୍ସ ଜଗି ରହିଛନ୍ତି।

### ବାଲି ଡିପୋରେ ରାଜସ୍ୱ ବିଭାଗର ଚଢ଼ାଉ

ଯୋଡ଼ା, ୧୩।୫(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡା ବ୍ଲକ ଜଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବନ୍ଧୁଆବେଡାଠାରେ ଚୋରାରେ ଗଚ୍ଛିତ ଥିବା ଲକ୍ଷାଧିକ ଟଙ୍କାର ବାଲି ଡିପୋ ଉପରେ ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ବନ୍ଧୁଆବେଡା ନିକଟସ୍ଥ ବୈତରଣୀ ନଦୀ ବାଲି ଘାଟରୁ ବେଆଇନ୍ ବାଲି ଆଣି ବିଭିନ୍ନ ଗୁପ୍ତ ସ୍ଥାନରେ ଡିପୋ କରି ବାଲି ମାଫିଆମାନେ ବାହାର ଅଞ୍ଚଳକୁ ଅଧିକ ଦାମ୍‌ରେ ଚୋରା ଚାଲାଣ କରୁଥିବା ଖବର ପାଇ ଯୋଡା ରାଜସ୍ୱ ନିରୀକ୍ଷକ



ବୁଧବାର ସକାଳ ୯ଟା ସମୟରେ ଚଢାଉ କରି ୪ଟି ବାଲି ଡିପୋ ଠାବ କରିଥିଲେ। ଠାବ ହୋଇଥିବା ବାଲିର ପରିମାଣ ୧ ଟ୍ରାକ୍ଟର ହିସାବରେ ପ୍ରାୟ ୪୦୦ ଟ୍ରିପ୍ (ପ୍ରାୟ ୧ହଜାରକ୍ୟୁବିକ୍ ମିଟର) ହେବ ବୋଲି ରାଜସ୍ୱ ନିରୀକ୍ଷକ ଅବନି ମହାନ୍ତ ସୂଚନା ଦେଇଛନ୍ତି। ଏହି ବାଲି ଡିପୋ ଗୁଡିକୁ ଉକ୍ତ ସ୍ଥାନରୁ ଖୁବ୍ ଶୀଘ୍ର ହଟା ଯିବ ବୋଲି ରାଜସ୍ୱ ନିରୀକ୍ଷକ କହିଥିଲେ ।

# ବାଲେଶ୍ୱର ଦ୍ୱିତୀୟ ସର୍ବାଧିକ ସଂକ୍ରମିତ ଜିଲା

■ ଗୋଟିଏ ଦିନରେ ୩୩ ପଜିଟିଭ୍ ଚିହ୍ନଟ
■ ୯୦ରେ ପହଞ୍ଚିଲା ଆକ୍ରାନ୍ତଙ୍କ ସଂଖ୍ୟା

ବାଲେଶ୍ୱର ଅଫିସ/ବାହାନଗା, ୧୩।୫(ଡି.ଏନ୍.ଏ.)

ବାଲେଶ୍ୱର ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁହୁ ହୋଇ ବଢ଼ି ଚାଲିଛି। ବୁଧବାର ଗୋଟିଏ ଦିନରେ ୩୩ ଆକ୍ରାନ୍ତ ଚିହ୍ନଟ ହେବାପରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୦ରେ ପହଞ୍ଚିଛି। ଗଞ୍ଜାମ ୨୧୦ ସଂକ୍ରମିତ ସହ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଯାଜପୁର(୭୧ ସଂକ୍ରମିତ)କୁ ପଛରେ ପକାଇ ବାଲେଶ୍ୱର ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି। ଜିଲାରେ ୧୧ ଜଣ ଆରୋଗ୍ୟ ହୋଇ ଥିବା ବେଳେ ୭୯ ଜଣ ଚିକିତ୍ସିତ ହେଉଛନ୍ତି। ବୁଧବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ବାହାନଗା ବ୍ଲକର ୨୫ ଏବଂ ଔପଦା ବ୍ଲକର ୮ ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩ କୋଲକାତା, ୨୪ ସୁରଟ, ୨ ବାଙ୍ଗାଲୋରରୁ ଫେରିଛନ୍ତି। ଜଣେ କଣ୍ଟେନ୍‌ମେଣ୍ଟ ଜୋନର, ଏବଂ ୩ ଜଣ ସ୍ଥାନୀୟ ଲୋକେ ବୋଲି ଜଣାପଡ଼ିଛି। ସମସ୍ତେ ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ଜିଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତିକରି ଚିକିତ୍ସା କରାଯିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

ବାହାନଗା ବ୍ଲକର କୁରୁଡା, ଚିତ୍ତଳ, ବରିପଦା, ଆରୁହାବାଡ଼ ଓ ଅଭଣା ପ୍ରଭୃତି ୫ଟି ପଞ୍ଚାୟତର କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ପ୍ରବାସୀ ଓଡ଼ିଆଙ୍କ ମଧ୍ୟରୁ ୨୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଚିତ୍ତଳ ପଞ୍ଚାୟତର ପୋରାଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟରରେ ପ୍ରବାସୀ ଓଡ଼ିଆଙ୍କୁ ରୋଷେଇ କରି ଦେଉଥିବା ରୋଷେୟା ଓ ହେଲପର ମଧ୍ୟ ଆକ୍ରାନ୍ତ ହୋଇଛନ୍ତି। ଫଳରେ ଚିତ୍ତଳ ଗ୍ରାମର ୬ଟି ସାହିକୁ ପ୍ରଶାସନ ୭ ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛି। ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର ଓ ବିଡିଓ ରଘୁନାଥ ପାଣିଗ୍ରାହୀ କରୋନା ପଜେଟିଭ୍ ବାହାରିଥିବା କ୍ୱାରାଣ୍ଟାଇନ ସେଣ୍ଟରକୁ ଯାଇ ସଂକ୍ରମିତଙ୍କ ସଂସ୍ପର୍ଶରେ ଆଉ କେହି ଆସିଛନ୍ତି କି ନାହିଁ ସେ ବାବଦରେ ବୁଝାବୁଝା କରିଥିଲେ ।

# କରୋନା ଆକ୍ରାନ୍ତ ଚିହ୍ନଟ ପରେ ରାସ୍ତା ସିଲ୍



ପୋଲିସ ପ୍ରଶାସନ ପକ୍ଷରୁ ରାସ୍ତା ସିଲ୍ କରାଯାଉଛି।

ହାଟଡିହୀ, ୧୩।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ପୁଣି ଦୁଇ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ଆକ୍ରାନ୍ତ ଦୁଇ ବ୍ୟକ୍ତି ସୁରଟରୁ ଫେରି ପଞ୍ଚାୟତ କ୍ୱାରାଣ୍ଟାଇନ୍‌ରେ ଥିଲେ। ଜିଲାପାଳ ଆଶିଷ ଠାକ୍‌ରେଙ୍କ ନିର୍ଦ୍ଦେଶରେ ଢେଙ୍କା ଓ ଧନୁର୍ଜୟପୁର ପଞ୍ଚାୟତର ବିଭିନ୍ନ ରାସ୍ତାକୁ ସିଲ୍ କରାଯାଇଛି। ଦମକଳବାହିନୀ ମଧ୍ୟ ବିଭିନ୍ନ ସ୍ଥାନକୁ ସାନିଟାଇଜ୍ କରିଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱାବ୍ ସଂଗ୍ରହ ଚାଲିଛି। ବିଭିନ୍ନ ସରକାରୀ ଅଧିକାରୀ ଉପସ୍ଥିତ ଅଛନ୍ତି। ପୂର୍ବରୁ ପଞ୍ଚୁଗୋଛିଆ ପଞ୍ଚାୟତ ହୀରାପୁର ଗ୍ରାମରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।

# ୩ ପଞ୍ଚାୟତରୁ ହଟିଲା କଣ୍ଟେନ୍‌ମେଣ୍ଟ ଜୋନ୍

ଭଦ୍ରକ ଅଫିସ/ବନ୍ତ, ୧୩।୫(ସ୍ୱ.ପ୍ର.):

କରୋନା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଲାର ବିଭିନ୍ନ ପଞ୍ଚାୟତରେ କଣ୍ଟେନମେଣ୍ଟ କଟକଣା ଜାରି କରାଯାଇଥିଲା। ବୁଧବାର ଠାରୁ ୩ଟି ପଞ୍ଚାୟତରୁ କଣ୍ଟେନମେଣ୍ଟ ଜୋନ୍ କଟକଣା ପ୍ରତ୍ୟାହାର କରାଯାଇଛି। ବାସୁଦେବପୁର ବ୍ଲକର ଚୁଡ଼ାମଣି, କିସ୍ମତକୃଷ୍ଣପୁର ଓ ବନ୍ତ ବ୍ଲକର ଚାରିଗାଁ ପଞ୍ଚାୟତରୁ ବୁଧବାର ଏହି କଟକଣା ପ୍ରତ୍ୟାହାର କରି ନିଆଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଗତ ଏପ୍ରିଲ ୨୮ରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନ ବନ୍ତ ବ୍ଲକ ଚାରିଗାଁ ଗ୍ରାମର ସମସ୍ତ ପ୍ରବେଶ ପଥକୁ ସିଲ୍ କରିବା ସହିତ ଉକ୍ତ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଥିଲା। ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଗାଁରେ ପହଞ୍ଚି ଉକ୍ତ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ତାଙ୍କ ପରିବାର ସଦସ୍ୟଙ୍କ ସମେତ ୬୧ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିଲେ। ପଜିଟିଭ୍ ବାହାରିଥିବା ଯୁବକ ଗତ ମାର୍ଚ୍ଚ ୩୧ରେ କୋଲକାତାରୁ ଆସି ଗାଁରେ ପହଞ୍ଚି ଥିଲେ। ପଜିଟିଭ୍ ଜଣାପଡ଼ିବା ପରେ ତାଙ୍କୁ କଟକ ଅଶ୍ୱିନୀ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଥିଲା। ଗତ ୧୧ ତାରିଖରୁ ସେ ଅଶ୍ୱିନୀ ହସ୍ପିଟାଲରୁ ଆସି ଭଦ୍ରକ ସାଳନ୍ଦୀ ହସ୍‌ପିଟାଲରେ ୭ ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରହିଥିବା ସରପଞ୍ଚ ବନମାଳୀ ବେହେରା ସୂଚନା ଦେଇଛନ୍ତି।

# ଡାହାଣୀ ସନ୍ଦେହରେ ଶାଶୁଙ୍କୁ ହତ୍ୟା ପରେ ପୋଡ଼ି ଦେଇଥିଲେ

■ ସମ୍ପର୍କୀୟ ବୋହୂ ଗିରଫ
■ ରକ୍ତରଞ୍ଜିତ ଦାଇଲି, ଲୁଗା ଜବତ

ବଡ଼ବିଲ, ୧୩।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ବଳିତା ଗାଁ ନିକଟ ଜଙ୍ଗଲରୁ ରବିବାର ପୂର୍ବାହ୍ନରେ ଯୋଡ଼ା ଥାନା ଲହଣ୍ଡା ମୁଣ୍ଡାସାହିର ୭୦ ବର୍ଷୀୟା ବୁଦ୍ଧୁନି ମୁଣ୍ଡାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ କରିଛି ବଡ଼ବିଲ ପୋଲିସ। ଡାହାଣୀ ସନ୍ଦେହରେ ଶାଶୁ ବୁଦ୍ଧୁନିଙ୍କୁ ହତ୍ୟା ପରେ ପୋଡ଼ି ଦେଇଥିବା ଅଭିଯୋଗରେ ପୋଲିସ ତାଙ୍କ ସମ୍ପର୍କୀୟ ବୋହୂ ସବିତା ମୁଣ୍ଡାଙ୍କୁ ବୁଧବାର ସକାଳେ ଗିରଫ ପରେ କୋର୍ଟଚାଲାଣ କରିଛି। ହତ୍ୟାରେ ବ୍ୟବହୃତ ଏକ ରକ୍ତରଞ୍ଜିତ ଦାଇଲି ଓ ଲୁଗା ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ରବିବାର ସକାଳେ ବଡ଼ବିଲ ଥାନା ଅଧୀନ ଏକ ବଳିତା ଜଙ୍ଗଲରୁ ବୁଦ୍ଧୁନିଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ଓ ଏହି ଘଟଣାରେ ସମ୍ପର୍କୀୟ ବୋହୂ ସବିତାଙ୍କ ସମ୍ପୃକ୍ତି ନେଇ ବୁଦ୍ଧୁନିଙ୍କ ପୁଅ ସାହେବ ମୁଣ୍ଡା ଅଭିଯୋଗ କରିଥିଲେ। ଏ ନେଇ ବଡ଼ବିଲ ପୋଲିସ ଏକ ମାମଲା (ନଂ.୭୫/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ପର ଠାରୁ ସବିତା ଫେରାର ଥିବାରୁ ତାଙ୍କ ଉପରେ ପୋଲିସର ସନ୍ଦେହ ଘନୀଭୂତ ହୋଇଥିଲା। ଜଙ୍ଗଲରେ ଲୁଚି ରହିଥିବା ସବିତାଙ୍କୁ ପୋଲିସ ବୁଧବାର ଗିରଫ କରି ପଚରା ଉଚରା କରିବାରୁ ଡାହାଣୀ ସନ୍ଦେହରେ ସେ ଶାଶୁ ବୁଦ୍ଧୁନିଙ୍କୁ ହତ୍ୟା ପରେ ପୋଡ଼ି ଦେଇଥିବା ସ୍ୱୀକାର କରିଥିବା ପୋଲିସ କହିଛି।

# ପ୍ରଦୂଷଣକୁ ନେଇ ତାତିଲେ ଗ୍ରାମବାସୀ


ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ମଳଦା ଗ୍ରାମବାସୀ।

କେନ୍ଦୁଝର, ୧୩।୫(ସ୍ୱ.ପ୍ର.)

ବାଂଶପାଳ ବ୍ଲକ ଫୁଲଝର ଗ୍ରାମରେ ଥିବା ଏକ ପିଲେଟ କାରଖାନା ବିରୋଧରେ ଅସନ୍ତୋଷ ତେଜିଛି। ବୁଧବାର ମଳଦା ପଞ୍ଚାୟତର ଗ୍ରାମବାସୀ ପ୍ରଦୂଷଣ ରୋକିବା ସହ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ଦାବିରେ ସାମାଜିକ ଦୂରତ୍ୱ ରକ୍ଷା କରି ଓ ମାସ୍କ ପିନ୍ଧି ଜିଲାପ୍ରଶାସନ ନିକଟରେ ଦାବିପତ୍ର ଦେଇଛନ୍ତି। ଫୁଲଝର ପଞ୍ଚାୟତରେ ଏହି କାରଖାନା ସ୍ଥାପିତ ହୋଇଥିଲେ ହେଁ ଏହାକୁ ଲାଗି ଥିବା ମଳଦା ପଞ୍ଚାୟତର ମଳଦା ଗ୍ରାମ ଦେଇ କାରଖାନାର କଞ୍ଚାମାଲ ଓ ପିଲେଟ ପରିବହନ ହେଉଛି। ଏଣୁ ରାସ୍ତା ଅସୁରକ୍ଷିତ ହୋଇପଡିବା ସହ ଧୂଳିଧୂଆଁ ପ୍ରଦୂଷଣ ହେଉଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ବହୁ ସଂଖ୍ୟାରେ ଲୁହାପଥର ଓ ପିଲେଟ ବୋଝେଇ ଟ୍ରକ୍ ଚଳାଚଳ କରୁଥିବାରୁ ଅନ୍ଧାରୀଖମଣ, ଗୋଡୁଆଟୋପା, ମଳଦା ଆଦି ଗ୍ରାମବାସୀ ଧୂଳିଧୂଆଁରେ ହଇରାଣ ହେଉଥିବା କହିଛନ୍ତି। ସେହିପରି ରାସ୍ତାରେ ପିଲେଟ ଏଣେତେଣେ ପଡୁଥିବାରୁ ଦୁର୍ଘଟଣାର କାରଣ ହେଉଛି। କାରଖାନାର ଧୂଆଁ ଓ ବହୁ ସଂଖ୍ୟାରେ କାରଖାନାକୁ ଟ୍ରକ୍ ଚଳାଚଳ ଯୋଗୁ ଧୂଆଁ ଉଡି ଗ୍ରାମ ବାଡିବଗିଚା, ଜଳାଶୟ ତଥା ଘର ଉପରେ ପଡି ପ୍ରଦୂଷଣ ହେଉଥିବାରୁ ଏନେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସରପଞ୍ଚଙ୍କ ୪୮ ଘଣ୍ଟିଆ ଶଟ୍‌ଡାଉନ୍

ଖଇରା/ବସ୍ତା/ ସିମୁଳିଆ, ୧୩।୫(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ଖଇରା, ବସ୍ତା ବ୍ଲକର ଇଡ଼ଦା ଓ ସିମୁଳିଆ ବ୍ଲକର ମାର୍କୋଣା ପଞ୍ଚାୟତକୁ ୪୮ଘଣ୍ଟିଆ ଶଟଡାଉନ୍ କରାଯାଇଛି। ଖଇରା ପଞ୍ଚାୟତରେ ବୁଧବାର ସଟ୍ ଡାଉନ୍‌ର ଦ୍ୱିତୀୟ ଦିବସ ଥିଲା ବେଳେ ଇଡ଼ଦା ପଞ୍ଚାୟତରେ ଥିଲା ପ୍ରଥମ ଦିନ। ଖଇରାରେ ଔଷଧ ଦୋକାନ ବ୍ୟତୀତ ଅନ୍ୟ କୌଣସୀ ଦୋକାନ ଖୋଲା ନ ଥିଲା। ଏହି ଅଞ୍ଚଳଗୁଡ଼ିକୁ ସୁରଟ,କୋଲକାତା, ବାଙ୍ଗାଲୋର, ମୁମ୍ବାଇ, ହାଇଦ୍ରାବାଦରେ ଥିବା ପ୍ରବାସୀ ଓଡ଼ିଆମାନେ ଏବେ ଟ୍ରେନ ଯୋଗେ ଫେରୁ ଥିବାରୁ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ଓ ପ୍ରଶାସନ ସହ ଆଲୋଚନା ପରେ ଖଇରା ସରପଞ୍ଚ ସୁଦର୍ଶନ ସେଠୀ ଜିଲାପାଳଙ୍କ କ୍ଷମତା



ଶଟ୍‌ଡାଉନ ପରେ ଖଇରା ବଜାରକୁ ସରପଞ୍ଚ ଯାଞ୍ଚ କରୁଛନ୍ତି ।

ପ୍ରୟୋଗ କରି ମଙ୍ଗଳବାର ସକାଳ ୬ଟାରୁ ଗୁରୁବାର ସକାଳ ୬ଟା ପର୍ଯ୍ୟନ୍ତ ୪୮ଘଣ୍ଟିଆ ସଟଡାଉନ ଘୋଷଣା କରିଥିଲେ। ସେହିପରି ଇଡ଼ଦା ସରପଞ୍ଚ ଦେବୀ ପ୍ରସାଦ ଭଞ୍ଜ ବୁଧବାର ସକାଳ ୬ଟାରୁ ଶୁକ୍ରବାର ସକାଳ ୬ଟା ପର୍ଯ୍ୟନ୍ତ ପଞ୍ଚାୟତକୁ ସମ୍ପୂର୍ଣ୍ଣ ଭାବେ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ସଟଡାଉନ ଯୋଗୁ ଖଇରାରେ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ ଖଇରା ବଜାର ସଂଲଗ୍ନ ଗ୍ରାମ ଗୁଡିକରୁ କୌଣସୀ ଗ୍ରାମବାସୀ ମଧ୍ୟ ବାହାରକୁ ବାହାରି ନ ଥିବା ଦେଖିବାକୁ ମିଳିଥିଲା। ମାର୍କୋଣା ବଜାରରେ କେବଳ ଔଷଧ ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ ବୋଲି ସରପଞ୍ଚ ପ୍ରଦୀପ କୁମାର ବେହେରା ଘୋଷଣା କରିଛନ୍ତି।

# ୧୨ ଘଣ୍ଟା ବଢ଼ିଲା କର୍ଫ୍ୟୁ କଟକଣା

ଭଦ୍ରକ ଅଫିସ, ୧୩।୫

ଭଦ୍ରକ ଷ୍ଟେଶନ ଠାରୁ ୫୦୦ ମିଟର ଅବଧି ମଧ୍ୟରେ ଜାରି ହୋଇଥିବା ୨୪ ଘଣ୍ଟିଆ କର୍ଫ୍ୟୁ କଟକଣାକୁ ଆଉ ୧୨ ଘଣ୍ଟା ବଢ଼ାଇ ଦିଆଯାଇଛି। ବୁଧବାର ଅପରାହ୍ନ ୨ ଟାଠାରୁ ଗୁରୁବାର ସକାଳ ୭ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ବୋଲି ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଟୁଇଟର୍ ଯୋଗେ ସୂଚନା ଦେଇଛନ୍ତି। ସୂଚନା ଥାଉକି ,ମଙ୍ଗଳବାର ଅପରାହ୍ନ ୨ଟାଠାରୁ ବୁଧବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ କଟକଣା ଜାରି ହୋଇଥିଲା। କିନ୍ତୁ ଏହି ଅବଧି ବଢ଼ାଇ ଦିଆଯାଇ ଗୁରୁବାର ସକାଳ ୭ଟା ପର୍ଯ୍ୟନ୍ତ କଟକଣା ଜାରି କରାଯାଇଛି। ପ୍ରବାସୀ ଓଡ଼ିଆମାନେ ବିଭିନ୍ନ ଅଞ୍ଚଳରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ଆସି ଷ୍ଟେଶନରେ ଓହ୍ଲାଉଥିବାରୁ ଏହି ଅଞ୍ଚଳରେ ଲୋକଙ୍କ ସୁରକ୍ଷା କାରଣରୁ କର୍ଫ୍ୟୁ ଜାରି କରାଯାଇଥିବା କୁହାଯାଇଛି।

# 'ଉପଯୁକ୍ତ ହିତାଧିକାରୀ ଚୟନ ହେଉ'

ଭଦ୍ରକ ଅଫିସ, ୧୩।୫

ରାଶନ କାର୍ଡ଼ ଚୟନରେ ଉପଯୁକ୍ତ ହିତାଧିକାରୀଙ୍କୁ ତାଲିକାଭୁକ୍ତ କରାଯାଉ। ଉପଯୁକ୍ତ ପ୍ରକ୍ରିୟା ଅନୁଯାୟୀ ଜିଲା ପ୍ରଶାସନ ଚୟନ ନ କଲେ ଜିଲା ଭାଜପା ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ହେମନ୍ତ କୁମାର ପାଢ଼ୀ ସୂଚନା ଦେଇଛନ୍ତି । ବିରୋଧୀ ଦଳ ଉପନେତା ତଥା ବିଧାୟକ ବିଷ୍ଣୁ ସେଠୀ ଯୋଗ ଦେଇ ରାଶନ କାର୍ଡ ଅବ୍ୟବସ୍ଥା ହୋଇଥିବା ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉପଯୁକ୍ତ ହିତାଧିକାରୀଙ୍କୁ ତାଲିକାଭୁକ୍ତ କରିବା ପାଇଁ ଦାବି କରିଥିଲେ।

# ପଞ୍ଚାୟତ ଅଫିସରେ ତାଲା ପକାଇଲେ

ଚିତ୍ରଡା, ୧୩।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଚିତ୍ରଡା ପଞ୍ଚାୟତ ଅଫିସରେ ବୁଧବାର ବିଭିନ୍ନ ସମସ୍ୟାକୁ ଲୋକେ ତାଲା ପକାଇଥିଲେ। ଶ୍ରମିକମାନଙ୍କୁ ସହାୟତା ଟଙ୍କା ମିଳି ନ ଥିବାରୁ ସେମାନେ ଦରଖାସ୍ତ ଦେବା ନିମନ୍ତେ ପଞ୍ଚାୟତ ଅଫିସକୁ ଆସିଥିଲେ। ଏତଦ୍‌ବ୍ୟତୀତ ଜଣେ ଯୁବକ ଗତ ୧୧ ତାରିଖ ରାତିରେ ଝାରସୁଗୁଡାରୁ ଆସି ନିଜ ଘର ଚିତ୍ରଡାରେ ରହିଥିଲେ। ଗାଁ ଲୋକେ ଏହା ଜାଣିପାରି ତାଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରକୁ ନେଇଯିବା ନିମନ୍ତେ ସରପଞ୍ଚଙ୍କୁ ଜଣାଇଥିଲେ। କିନ୍ତୁ ସରପଞ୍ଚ କିଛି ନ ବୁଝିବାରୁ ଗ୍ରାମବାସୀ ଏକତ୍ରିତ ହୋଇ ପଞ୍ଚାୟତ ଅଫିସରେ ତାଲା ପକାଇଥିଲେ। ଏନେଇ ମୋରଡା ଜିପିଓ ସୁଶାନ୍ତ କୁମାର ରାଉଳଙ୍କୁ ପଚାରିବାରୁ ଉକ୍ତ ଯୁବକଙ୍କ ବିଷୟରେ ସରପଞ୍ଚଙ୍କୁ ଯୋଗାଯୋଗ କରିଛନ୍ତି। ତାଙ୍କୁ ଚିତ୍ରଡା ପ୍ରାଇମେରୀ ସ୍କୁଲରେ ରଖାଯିବ ବୋଲି କହିଛନ୍ତି।


ଗାଁ ଲୋକେ ପଞ୍ଚାୟତ ଅଫିସ୍‌ରେ ତାଲା ପକାଇଛନ୍ତି।

# ବନ ବିଭାଗକୁ ନାକେଦମ କଲେଣି ୧୮ ହାତୀ

ଚମ୍ପୁଆ, ୧୩।୫(ଡି.ନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ହାତୀପଲ ଉତ୍ପାତ ଚଳାଇଛନ୍ତି। ଏହି ପଲରେ ଥିବା ୧୮ହାତୀ ଯୋଡା ସେକ୍ସନରୁ ଚମ୍ପୁଆ ସେକ୍ସନରେ ପଶି ବ୍ୟାପକ କ୍ଷୟକ୍ଷତି କରିବା ସହ ବନବିଭାଗକୁ ନାକେଦମ କଲେଣି। ବନବିଭାଗର ହାତୀ ଘଉଡାଇବା କୌଶଳ ଫେଲ ମାରିଥିବା ବେଳେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ପୂର୍ବରୁ ବନବିଭାଗକୁ ଏହି ହାତୀ ଘଉଡାଇବା କାର୍ଯ୍ୟରେ ଗ୍ରାମବାସୀ ସହଯୋଗ କରୁଥିବା ବେଳେ ବର୍ତ୍ତମାନ ଆଉ ସହଯୋଗ କରୁ ନାହାନ୍ତି।


ଆତଙ୍କ ଖେଳାଇଥିବା ହାତୀ ପଲ।

ସୂଚନା ଅନୁସାରେ ୩ଦିନ ତଳେ ୧୮ଟି ହାତୀ ବାଲିବନ୍ଧ ଦେଇ ରାମଚନ୍ଦ୍ରପୁର ଜଙ୍ଗଲରେ ପ୍ରବେଶ କରିବାରୁ ସ୍ଥାନୀୟ ଲୋକ ବନବିଭାଗକୁ ଖବର ଦେଇଥିଲେ। ପରେ ଏହି ହାତୀପଲ ସୁନାପଶି ଜଙ୍ଗଲ ଦେଇ ମୟୂରଭଞ୍ଜ ଯିବାକୁ ମୁହାଁଉଥିବା ବେଳେ ବନବିଭାଗ ସେମାନଙ୍କୁ ଘଉଡାଇବାକୁ ସକ୍ଷମ ହୋଇ ନ ଥିଲା। ଏହି ହାତୀପଲ ଦୁଇ ଭାଗରେ ବିଭକ୍ତ ହୋଇଯିବାରୁ ପୁଣି ଏମାନେ କୋଦଗାଡିଆ ଜଙ୍ଗଲ ମଧ୍ୟକୁ ପ୍ରବେଶ କରି ସାତହଳିଆ ଦେଇ ରାତି ୨ଟା ବେଳେ ବୈତରଣୀ ନଦୀ ସେପାଖ ପୁଟୁଗାଁକୁ ପଳାଇଥିଲେ। ବର୍ତ୍ତମାନ ଚାଷବାଷ ନ ଥିବାରୁ ପୂର୍ବଭଳି ହାତୀପଲ ଘରଦ୍ୱାର ଭାଙ୍ଗିବାର ସମ୍ଭାବନା ଅଧିକ ରହିଛି। ଏନେଇ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି।

# ୩ ରାଜ୍ୟରୁ ଟ୍ରେନ୍‌ରେ ଆସିଲେ ପ୍ରବାସୀ

ଛତ୍ରପୁର,୧୩।୫(ଡି.ଏନ.ଏ.)

ପ୍ରବାସୀ ଓଡ଼ିଆଙ୍କୁ ନେଇ ବିଭିନ୍ନ ରାଜ୍ୟରୁ ଓଡ଼ିଶାକୁ ଟ୍ରେନ୍ ଆସିବା ଜାରି ରହିଛି। ବୁଧବାର ୩ ରାଜ୍ୟ ଯଥା ମହାରାଷ୍ଟ୍ର, ତାମିଲନାଡୁ ଓ ଗୁଜରାଟରୁ ୩ଟି ଟ୍ରେନରେ ଆସିଥିବା ପ୍ରବାସୀ ଓଡ଼ିଆ ଗଞ୍ଜାମ ଜିଲା ଜଗନ୍ନାଥପୁର ଷ୍ଟେଶନରେ ଓହ୍ଲାଇଛନ୍ତି। ମହାରାଷ୍ଟ୍ରର ଥାନେରୁ ଆସିଥିବା ଟ୍ରେନ୍ ସକାଳ ୫ଟାରେ ପହଞ୍ଚିଥିଲା । ଏଥିରେ ଆସିଥିବା ପ୍ରବାସୀଙ୍କ ମଧ୍ୟରୁ ୪୪୩ ଜଣ ଓହ୍ଲାଇଥିଲେ। ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାର ୧୫୪ ଜଣ ରହିଥିବା ବେଳେ ବଲାଙ୍ଗୀର ଜିଲାର ୯୦, ଢେଙ୍କାନାଳ ଜିଲାର ଜଣେ, ଗଜପତି ଜିଲାର ୩୧, ଖୋର୍ଦ୍ଧା ଜିଲାର ୫, କଳାହାଣ୍ଡି ଜିଲାର ୯୯, କନ୍ଧମାଳ ଜିଲାର ୩ ଜଣ, କୋରାପୁଟ ଜିଲାର ୬ ଜଣ, ନୂଆପଡା ଜିଲାର ୪୧ ଓ ରାୟଗଡା ଜିଲାର ୧୩ ଜଣ ଆସିଥିଲେ । ସେହିପରି ଦ୍ୱିତୀୟ ଟ୍ରେନ୍ ତାମିଲନାଡୁ ରାଜ୍ୟ କୋଇମ୍ବତୁରରୁ ଆସି ପୂର୍ବାହ୍ନ ୧୧ ଟା ୨୦ମିନିଟ୍‌ରେ ପହଞ୍ଚିଥିଲା। ଏଥିରେ ୭୬୩ ଜଣ ପ୍ରବାସୀ ଓଡ଼ିଆ ଆସିଥିଲେ । ସେମାନଙ୍କ ମଧ୍ୟରେ ବ୍ରହ୍ମପୁର ମହାନଗର ନିଗମ ସମେତ ଗଞ୍ଜାମ ଜିଲାର ୨୧ ବ୍ଲକ ଅଞ୍ଚଳର ୫୯୬ ଜଣ ରହିଥିଲେ। ବୌଦ୍ଧ ଜିଲାର ୧୮, ବଲାଙ୍ଗୀର ଜିଲାର ୨, ଗଜପତି ଜିଲାର ୪୮, କେନ୍ଦୁଝର ଜିଲାର ୩୦, କଳାହାଣ୍ଡି ଜିଲାର ୧୬, କନ୍ଧମାଳ ଜିଲାର ୧୭, କୋରାପୁଟ ଜିଲାର ୭, ନବରଙ୍ଗପୁରର ୩, ନୂଆପଡାର ଜଣେ, ରାୟଗଡାର ୨୫ ଜଣ ପ୍ରବାସୀ ଜଗନ୍ନାଥପୁର ଷ୍ଟେଶନରେ ଓହ୍ଲାଇଥିଲେ । ଅନ୍ୟପକ୍ଷରେ ସୁରଟରୁ ଆସିଥିବା ଟ୍ରେନ୍‌ଟି ଅପରାହ୍ନ ୪ ଟା ୩୪ରେ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା। ଏଥିରେ ୧୭୧୭ ଜଣ ପ୍ରବାସୀ ଆସିଥିବାବେଳେ କେବଳ ଗଞ୍ଜାମ ଜିଲାର ୧୬୭୨ ଜଣ । ଅନ୍ୟ ୪୫ ଜଣଙ୍କ ମଧ୍ୟରେ ବଲାଙ୍ଗୀର ଜିଲାର ଜଣେ, କଟକ ଜିଲାର ୨ ଜଣ, ଗଜପତି ଜିଲାର ୩ ଜଣ, ଜଗତସିଂହପୁରର ଜଣେ, ଖୋର୍ଦ୍ଧାର ୧୯ ଜଣ, ନୟାଗଡର ୧୫ ଜଣ ଓ ପୁରୀର ୪ଜଣ ବୋଲି ସୂଚନା ମିଳିଛି। ଜଗନ୍ନାଥପୁର ଷ୍ଟେଶନରେ ଗଞ୍ଜାମ ଏସ୍‌ପି ବିଜେଶ କୁମାର ରାୟ ଅନୁଧ୍ୟାନ କରିଥିଲେ। ସମସ୍ତ ପ୍ରବାସୀଙ୍କର ଥର୍ମାଲ ସ୍କ୍ରିନିଂ ପରେ ସ୍ୱତନ୍ତ୍ର ବସ୍ ଯୋଗେ ନିଜ ନିଜ ଅଞ୍ଚଳର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଥିଲା ।


ଗଞ୍ଜାମ ଏସପି ଅନୁଧ୍ୟାନ କରୁଛନ୍ତି ।

## ସଂକ୍ଷେପରେ

### କ୍ୱାରାଣ୍ଟାଇନ୍ ସେଣ୍ଟରରେ ସ୍ୱାସ୍ଥ୍ୟକର୍ମୀ ତାଲିମ
### ଗଞ୍ଜାମ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା




ଛତ୍ରପୁର,୧୩।୫(ଡି.ଏନ୍.ଏ.)- ଗଞ୍ଜାମ ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ପ୍ରବାସୀ ଶ୍ରମିକମାନଙ୍କୁ ପ୍ରଶାସନ ପକ୍ଷରୁ କମ୍ୟୁନିଟି ସ୍ୱାସ୍ଥ୍ୟକର୍ମୀ ତାଲିମ ପ୍ରଦାନ କରାଯାଉଛି। କ୍ୱାରାଣ୍ଟାଇନ୍ ଅବଧି ସରିବା ପରେ ତାଲିମପ୍ରାପ୍ତ ଏହି ସ୍ୱାସ୍ଥ୍ୟକର୍ମୀମାନେ କରୋନା ମୁକାବିଲାରେ ସାମିଲ ହୋଇପାରିବେ। ଗଞ୍ଜାମ ଜିଲା ପ୍ରଶାସନର ଏହି କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ପ୍ରଶଂସା କରିଛନ୍ତି। କ୍ୱାରାଣ୍ଟାଇନ୍‌ରେ ରହି ପ୍ରବାସୀ ଶ୍ରମିକ ଓ ତାଙ୍କ ପରିବାର ଲୋକେ ବ୍ୟାୟାମ ଓ ଯୋଗ କରୁଛନ୍ତି। ଏହାଫଳରେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବଢିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

### ଔଷଧ ଦୋକାନୀଙ୍କ ମୃତଦେହ ଉଦ୍ଧାର

ଆସିକା,୧୩।୫(ଡି.ଏନ୍.ଏ.)- ଆସିକା ବାଣୀବିହାର ଡାକ୍ତରଖାନା ପଛରେ ଥିବା ଔଷଧ ଦୋକାନରୁ ଦୋକାନୀଙ୍କ ଝୁଲନ୍ତା ମୃତଦେହ ପୋଲିସ ବୁଧବାର ସକାଳେ ଉଦ୍ଧାର କରିଛି। ମୃତକ ହେଲେ ପବିତ୍ର ମୋହନ ଜେନା । ମୃତଦେହ ଜବତ ପରେ ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ନଂ.୯/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ବୁଧବାର ସକାଳେ ପବିତ୍ରଙ୍କ ଦୋକାନ କବାଟ ଖୋଲା ନ ଥିଲା। ଔଷଧ ନେବାକୁ ଆସିଥିବା ଜଣେ ବ୍ୟକ୍ତି ବାରମ୍ବାର ଡାକିବା ପରେ ମଧ କବାଟ ଖୋଲି ନ ଥିଲା। ପବିତ୍ରଙ୍କ ସ୍ତ୍ରୀ ଆସିବାରେ ମୃତଦେହ ଫ୍ୟାନରେ ଝୁଲୁଥିବା ଦେଖି ସ୍ୱାମୀ ଆତ୍ମହତ୍ୟା କରିଥିବା ଥାନାରେ ଜଣାଇଥିଲେ। ତେବେ ପବିତ୍ରଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ ।

### ୧୭ ଚୋରା ବାଇକ୍ ଜବତ, ୨ ଗିରଫ

ଆର.ଉଦୟଗିରି/ ପାରଳାଖେମୁଣ୍ଡି, ୧୩।୫ (ଡି.ଏନ.ଏ./ସ୍ୱ.ପ୍ର.)- ଅଡବା ପୋଲିସ ଏକ ବାଇକ ଚୋର ରାକେଟ୍‌ର ପର୍ଦ୍ଦାଫାଶ କରିବା ସହ ୧୭ ଚୋରା ବାଇକ ଜବତ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିରିକୋଟ ଗ୍ରାମ ଖ୍ରୀଷ୍ଟିୟାନ ସାହିର ସଲ୍‌ମନ ନାୟକ, ତ୍ରିନାଥ ରେଡ୍ଡୀ। ଅଡବା ଥାନା ଭାରପ୍ରାପ୍ତ ଅଧିକାରୀ ଆଲୋକ ରଞ୍ଜନ ଜଗଦଲାଙ୍କ ସୂଚନା ଅନୁଯାୟୀ, ୧୨ ତାରିଖରେ ପେଟ୍ରୋଲିଂବେଳେ ସଲ୍‌ମନ୍ ଯାଉଥିବା ବାଇକକୁ ଅଟକାଇ ଯାଞ୍ଚ କରିଥିଲେ। କାଗଜପତ୍ର ନ ଥିବାରୁ ଥାନାକୁ ଆଣି ପଚରାଉଚରା ପରେ ତାଙ୍କ ବାରିପଟୁ ୯ଟି ଚୋରା ବାଇକ ଜବତ ହୋଇଥିଲା। ସଲ୍‌ମନ୍‌ଙ୍କ ସୂଚନା ଆଧାରରେ ଉକ୍ତ ସାହିର ତ୍ରିନାଥ ରେଡ୍ଡୀଙ୍କ ଠାରୁ ମଧ ୮ ଚୋରା ବାଇକ ଜବତ ହୋଇଥିଲା। ଉକ୍ତ ଗାଡି ଗୁଡିକ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା ଓ ଭୁବନେଶ୍ୱରରୁ ଚୋରି ହୋଇଥିବା ପୋଲିସ କହିଛି। ମୁଖ୍ୟ ଅଭିଯୁକ୍ତ ବ୍ରହ୍ମପୁରର, ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆର୍.ଉଦୟଗିରି ଏସ୍‌ଡିପିଓ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ନଂ.୩୩/୨୦ରେ ମାମଲା ରୁଜୁକରି ସଲ୍‌ମନ୍ ଓ ତ୍ରିନାଥଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସଙ୍ଗରୋଧରେ ଥିବା ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ପାଟପୁର,୧୩।୫-ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଅଞ୍ଚଳର ଜଣେ ଯୁବକ ଡାକ୍ତରଖାନା ପରିସର ଷ୍ଟାଫ୍ କ୍ୱାର୍ଟର୍ସରେ ସଙ୍ଗରୋଧରେ ଥିବା ବେଳେ ମଙ୍ଗଳବାର ରାତିରେ କୌଣସି କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବୁଧବାର ତାଙ୍କୁ ଶିତଳାପଲ୍ଲୀ କୋଭିଡ୍ ହସ୍‌ପିଟାଲକୁ ପଠାଯାଇଛି। ସୂଚନାଯୋଗ୍ୟ, ସମ୍ପୃକ୍ତ ଯୁବକ ଅନ୍ୟ ୨ ଜଣଙ୍କ ସହ ଆନ୍ଧ୍ରପ୍ରଦେଶରୁ ଚାଲି ଚାଲି ଆସି ଗତ ୧୦ ତାରିଖରେ ଗାଁରେ ପହଞ୍ଚିଥିଲେ।

# ସୁସ୍ଥ ହୋଇ ଫେରିଲେ ୨ କରୋନା ଆକ୍ରାନ୍ତ

ଛତ୍ରପୁର,୧୩।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ୨ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବୁଧବାର ସନ୍ଧ୍ୟା ୬ଟାରେ ଶିତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲରୁ ଉଭୟଙ୍କୁ ଡିସଚାର୍ଜ କରାଯାଇଛି । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ଫୁଲତୋଡ଼ା ଦିଆଯାଇ ସେମାନଙ୍କ ନିଜ ନିଜ ଘରକୁ ପଠାଯାଇଛି। ସୁସ୍ଥ ହୋଇଥିଲେ ମଧ ଏମାନେ ୭ ଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବେ । ସ୍ୱାସ୍ଥ୍ୟ ଟିମ୍ ନିୟମିତ ଘରକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିବେ ବୋଲି ଜିଲାପାଳ ଟୁଇଟ୍ କରି ଜଣାଇଛନ୍ତି। ଜିଲା ପାଇଁ ଏକ ଭଲ ଖବର ଆରମ୍ଭ ହେଲା। ଏଥିପାଇଁ ଡାକ୍ତର ଓ ଟିମ୍ ଗଞ୍ଜାମକୁ ଜିଲାପାଳ ଧନ୍ୟବାଦ ଜଣାଇଛନ୍ତି।

# ସଙ୍ଗରୋଧ ଗୃହରେ ଯୋଗ କଲେ ପ୍ରବାସୀ

ପାଟପୁର,୧୩।୫

ସାନଖେମୁଣ୍ଡି ବ୍ଲକ ବିଭିନ୍ନ ସଙ୍ଗରୋଧ ଗୃହରେ ୨୦୫୩ ଜଣ ସୁରଟ ଫେରନ୍ତା ରହିଛନ୍ତି। ତେବେ ଅନ୍ୟ ବ୍ଲକ ଅଞ୍ଚଳର ସଙ୍ଗରୋଧ କେନ୍ଦ୍ରମାନଙ୍କରେ ଯୁବକମାନେ ପାଟିତୁଣ୍ଡ ସହ ବିଶୃଙ୍ଖଳା କରୁଥିବାବେଳେ ସାନଖେମୁଣ୍ଡି ବ୍ଲକ ଏସ୍.ଗୋପାଳପୁର କେନ୍ଦ୍ରରେ ଥିବା ୫୯ ଅନ୍ତେବାସୀ ସକାଳୁ ସାମାଜିକ ଦୂରତା ରଖି ଯୋଗ, ପ୍ରାଣାୟମ କରୁଛନ୍ତି। ଏହା ସହ ସରକାରୀ ନୀତିନିୟମ ମାନି ରହିବାକୁ ମଧ ଅନ୍ୟ କେନ୍ଦ୍ରର ପ୍ରବାସୀ ଓଡ଼ିଆଙ୍କୁ ଅନୁରୋଧ କରିଛନ୍ତି।


ସଙ୍ଗରୋଧ ଗୃହରେ ଯୋଗ କରୁଛନ୍ତି ପ୍ରବାସୀ।

# ଆଜି ଅପରାହ୍ନ ୧.୩୦ ସୁଦ୍ଧା ଆମ୍ବ ବିକ୍ରି ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୧୩।୫

- ବ୍ୟବସାୟୀଙ୍କୁ ମିଳିଲା ଗୋଟିଏ ଦିନର ଅନୁମତି
- ଆମ୍ବମାର୍କେଟ ଦୋକାନଙ୍କୁ ବିଏମ୍‌ସିର ନୋଟିସ

ବ୍ରହ୍ମପୁର ଅନ୍ଧପସରା ରୋଡ ନିକଟସ୍ଥ ଆମ୍ବମାର୍କେଟକୁ ଗୁରୁବାର ଗୋଟିଏ ଦିନ ପାଇଁ ଖୋଲିବାକୁ ବ୍ରହ୍ମପୁର ମହାନଗର ନିଗମ ଅନୁମତି ଦେଇଛି । ଆମ୍ବ ମାର୍କେଟ ଆସୋସିଏଶନର ନିବେଦନ କ୍ରମେ ବିଏମ୍‌ସି ପକ୍ଷରୁ ବୁଧବାର ଏନେଇ ନୋଟିସ ଜାରି କରାଯାଇଛି। ବ୍ୟବସାୟୀମାନେ ଗୁରୁବାର ଭୋର ୪ଟାରୁ ଅପରାହ୍ନ ୧.୩୦ ମଧ୍ୟରେ ୪ ପର୍ଯ୍ୟାୟରେ ଆମ୍ବ ବିକ୍ରି କରିବା ସହ ପ୍ରତ୍ୟେକ ବ୍ୟବସାୟୀ ସର୍ବାଧିକ ୩ ଜଣଙ୍କୁ କାର୍ଯ୍ୟରେ ନିୟୋଜିତ କରିବାକୁ ବିଏମ୍‌ସି ନୋଟିସ୍‌ରେ ଦର୍ଶାଇଛି । ଏଥିସହ ମାର୍କେଟର ପ୍ରବେଶ ଓ ପ୍ରସ୍ଥାନ ପଥ ଦେଇ ବାହାରୁ ଥିବା ସମସ୍ତ ବ୍ୟବସାୟୀ, ଶ୍ରମିକଙ୍କ ତଥ୍ୟ ରେକର୍ଡ କରିବାକୁ ମଧ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଏହାକୁ ଖିଲାପକଲେ ଆଇନ ଅନୁସାରେ ବ୍ୟବସାୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନୋଟିସରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ସାମାଜିକ ଦୂରତା ନିୟମ ଉଲ୍ଲଂଘନ ଅଭିଯୋଗରେ ଗତ ସୋମବାରରୁ ବିଏମ୍‌ସି ପକ୍ଷରୁ ଆମ୍ବ ମାର୍କେଟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଇଥିଲା ।

## ନବଜାତ ଶିଶୁପୁତ୍ର ମୃତଦେହ ଉଦ୍ଧାର

ଦାରିଙ୍ଗବାଡ଼ି,୧୩।୫(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ବ୍ଲକ ବୁଡାଗୁଡ଼ା ପଞ୍ଚାୟତ ନେଡିପାଙ୍ଗା ଗ୍ରାମର କାଡ଼ଗି ନାଳ ନିକଟରୁ ଏକ ନବଜାତ ଶିଶୁପୁତ୍ରର ମୃତଦେହ ବାଲିଗୁଡ଼ା ପୋଲିସ ମଙ୍ଗଳବାର ରାତିରେ ଉଦ୍ଧାର କରିଥିଲା। ବାଲିଗୁଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ବ୍ୟବଚ୍ଛେଦ ପରେ ନଂ.୭/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ବାଲିଗୁଡ଼ା ଆଇଆଇସି ପ୍ରଶାନ୍ତ କୁମାର ବେହେରା କହିଛନ୍ତି। ଡିଏସ୍‌ପି ମନୋଜ କୁମାର ପୂଜାରୀ ଏହାର ତଦନ୍ତ କରୁଛନ୍ତି।

ପ୍ରକାଶ ଯେ, ନାଳରେ ଶିଶୁ ମୃତଦେହ ପଡିଥିବା ସୋସିଆଲ ମିଡିଆରେ ଫଟୋ ଭାଇରାଲ ପରେ ରାତି ପ୍ରାୟ ୧୧ଟାରେ ପୋଲିସ ପହଞ୍ଚି ଉଦ୍ଧାର କରିଥିଲା।

## ପୁଣି ଅଲୋଡ଼ା ଶିଶୁକନ୍ୟା

ଜଗନ୍ନାଥପ୍ରସାଦ,୧୩।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ କଣ୍ଡରସିଂ ଗାଁ ନିକଟ ନାଳ ପାଖରୁ ବୁଧବାର ସକାଳେ ଏକ ନବଜାତ ଶିଶୁକନ୍ୟାକୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ଜନ୍ମ ପରେ ଶିଶୁକନ୍ୟାକୁ କେହି ଜଙ୍ଗଲରେ ଫିଙ୍ଗି ପଳାଇଥିବା ସନ୍ଦେହ କରାଯାଉଛି। ନାଳ ନିକଟରେ ଶିଶୁ କାନ୍ଦୁଥିବା ଦେଖି ଜଣେ ନାବାଳକ ଗାଁରେ ଜଣାଇଥିଲେ। ଗ୍ରାମର କେତେଜଣ ଲୋକ ପହଞ୍ଚି ତାକୁ ଉଦ୍ଧାର କରିଥିଲେ। ମାଟି କାଦୁଅ ଲାଗିଥିବାରୁ ମହିଳାମାନେ ହଳଦୀ ପାଣିରେ ଗାଧୋଇ ସ୍ଥାନୀୟ ପ୍ରଶାସନକୁ ଖବର ଦେଇଥିଲେ। ପରେ ଆଶା, ଅଙ୍ଗନୱାଡି କର୍ମୀ, ସୁପରଭାଇଜର ଓ ସିଡିପିଓଙ୍କ ଉପସ୍ଥିତିରେ ଶିଶୁକନ୍ୟାଟିକୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଯାଇଥିଲା। ସେ ସୁସ୍ଥ ଥିବା ଡାକ୍ତର କହିଛନ୍ତି।

## ତେଲଙ୍ଗାନାରୁ ଆସି ଭୁବନେଶ୍ୱରରେ ଫସିଛନ୍ତି ୪ ଶ୍ରମିକ

ଫୁଲବାଣୀ ଅଫିସ, ୧୩।୫

ତେଲଙ୍ଗାନାରୁ ୩ ଦିନ ତଳେ ଟ୍ରେନରେ ବ୍ରହ୍ମପୁର ଆସି କନ୍ଧମାଳର ୪ ଶ୍ରମିକ ଭୁଲବଶତଃ ବସ୍‌ରେ ଭୁବନେଶ୍ୱର ଚାଲିଯାଇ ସେଠାରେ ଫସି ରହିଛନ୍ତି। ସେମାନଙ୍କ ନିକଟରେ ପଇସା ନାହିଁ। ଭୋକ ଉପାସରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ୨ ଦିନ ହେଲା ପଡି ରହିଛନ୍ତି। ଏ ସମ୍ପର୍କରେ ସେମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ପକ୍ଷରୁ ବୁଧବାର ଜିଲାପାଳଙ୍କୁ ଭେଟି ସେମାନଙ୍କୁ ଫେରାଇ ଆଣିବାରେ ସହାୟତା କରିବାକୁ ନିବେଦନ କରିଛନ୍ତି। ଫୁଲବାଣୀ ଜିରିଙ୍ଗିପଡା ଅଞ୍ଚଳର ଏହି ୪ ଯୁବକ ତେଲଙ୍ଗାନାର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଲକ୍‌ଡାଉନ୍ ଯୋଗୁ କମ୍ପାନୀ ବନ୍ଦ ହେବାରୁ ବହୁ ଅସୁବିଧା ଭୋଗିଥିଲେ। ପରେ ଶ୍ରମିକ ଟ୍ରେନରେ ସେମାନେ ବ୍ରହ୍ମପୁର ଆସିଥିଲେ। ହାତରେ ପ୍ରଶାସନ ପକ୍ଷରୁ ସିଲ୍ ଦିଆ ଯାଇଥିଲା। ହେଲେ ସେମାନେ ଫୁଲବାଣୀ ଆସିବା ବଦଳରେ ଭୁବନେଶ୍ୱର ପଳାଇ ସେଠାରେ ଫସି ରହିଛନ୍ତି।

## ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିପାରିବେ ଗର୍ଭବତୀ, ଶିଶୁ, ବୟସ୍କ

ଫୁଲବାଣୀ ଅଫିସ, ୧୩।୫

ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ଲୋକମାନଙ୍କ ମଧ୍ୟରୁ ଗର୍ଭବତୀ, ପ୍ରସୂତି, ୬୦ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଓ ୫ ବର୍ଷରୁ କମ୍ ଶିଶୁ ଯେଉଁମାନଙ୍କର ସ୍ୱାବ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିବ ସେମାନେ ହୋମ୍ କ୍ୱାରାଣ୍ଟାଇନରେ ରହି ପାରିବେ । ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ସେହି ବ୍ୟକ୍ତିମାନେ ନିଜ ଇଚ୍ଛାରେ ଏକ ଚୁକ୍ତିନାମା ଦେଇ ଘରକୁ ଯାଇ କ୍ୱାରାଣ୍ଟାଇନ୍‌ରେ ରହିପାରିବେ। ତେବେ ହୋମ୍ କ୍ୱାରାଣ୍ଟାଇନରେ ରହିବା ସମୟରେ ସରକାରଙ୍କ ପକ୍ଷରୁ କୋଭଡ୍-୧୯ରେ ସମସ୍ତ ନିୟମକାନୁନ୍‌କୁ ମାନି ଚଳିବାକୁ ପଡ଼ିବ। ଯଦି ଏହି ସମୟରେ କରୋନାର କିଛି ଲକ୍ଷଣ ଦେଖାଯାଏ, ତା'ହାଲେ ସେମାନେ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗକୁ ଖବର ଦେବାକୁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ମାଷ୍ଟରମାଇଣ୍ଡ ଫେରାର, ୪ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୩।୫

**ହତ୍ୟା ମାମଲାର ସାକ୍ଷୀଙ୍କୁ ଆକ୍ରମଣ ଘଟଣା**

ଏକ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ପୂର୍ଣ୍ଣ ଜେନାଙ୍କୁ ଗତ ୧୦ ତାରିଖରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ହତ୍ୟା ଉଦ୍ୟମ ଘଟଣାର ୪ ଅଭିଯୁକ୍ତଙ୍କୁ ବୁଧବାର ସଦର ଥାନା ପୋଲିସ ମାମଲା ନଂ.୧୩୧/୨୦ ରେ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରୋହିଗାଁର ପ୍ରଭାକର ଜେନା, ଟୁଲୁ ଜେନା, ଭିକା ଓରଫ ଭିକାରୀ ଜେନା ଓ ଟୁନା ସେଠୀ। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ବଶିଷ୍ଠ ଜେନା ଫେରାର ରହିଥିବା ପୋଲିସ କହିଛି।

ପ୍ରକାଶ ଯେ,୨୦୧୫ ସେପ୍ଟେମ୍ବର ୭ ରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପୂର୍ଣ୍ଣଙ୍କୁ ବଶିଷ୍ଠ ଓ ତାଙ୍କ ସହଯୋଗୀ ହତ୍ୟା ଉଦ୍ୟମ କରି ଗିରଫ ହୋଇଥିଲେ। ଏପରିକି ୨୦୧୭ ମାର୍ଚ୍ଚ ୧୮ରେ ପୂର୍ଣ୍ଣଙ୍କ ଭାଇ ଅଶୋକଙ୍କୁ ମଧ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବଶିଷ୍ଠ ଓ ତାଙ୍କ ସହଯୋଗୀମାନେ ହତ୍ୟାକରି ଜେଲ ଯାଇଥିଲେ। ଏହି ମାମଲାରେ ପୂର୍ଣ୍ଣ ମୁଖ୍ୟ ସାକ୍ଷୀ ଥିଲେ। ଜେଲରୁ ବଶିଷ୍ଠ ଓ ତାଙ୍କ ସହଯୋଗୀମାନେ ଜାମିନରେ ଆସିବା ପରେ ପୁଣି ଥରେ ଅଞ୍ଚଳରେ ଗଣ୍ଡଗୋଳ ଆରମ୍ଭ କରିଥିଲେ। ଗତ ୧୦ ତାରିଖରେ ପୂର୍ଣ୍ଣଙ୍କୁ ବଶିଷ୍ଠ ଓ ତାଙ୍କ ସହଯୋଗୀମାନେ କୋର୍ଟରେ ସାକ୍ଷୀ ନ ଦେବାକୁ ଧମକ ଦେବା ସହ ବିଭିନ୍ନ ମାରଣାସ୍ତ୍ରରେ ହତ୍ୟା ଉଦ୍ୟମ କରିଥିଲେ। ବର୍ତ୍ତମାନ ବଶିଷ୍ଠ ଫେରାର ହୋଇଯାଇଛନ୍ତି।

# ପ୍ରତି ବ୍ଲକରେ ହେବ କୋଭିଡ୍ କେୟାର ସେଣ୍ଟର

ଭଞ୍ଜନଗର,୧୩।୪(ଡି.ଏନ.ଏ)

ଗଞ୍ଜାମ ଜିଲାରେ କରୋନା ପଜିଟିଭ ସଂଖ୍ୟା ବୃଦ୍ଧି ପାଉଥିବାବେଳେ କୋଭିଡ୍ କେୟାର ସେଣ୍ଟର ସଂଖ୍ୟା ମଧ ବଢୁଛି। ଭଞ୍ଜନଗରରେ ଗୋଟିଏ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ହେଉଛି। ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ହଷ୍ଟେଲରେ ୬୦ ଶଯ୍ୟା ଓ ନିକଟରେ ଥିବା ସିଟି ସ୍କୁଲ ହଷ୍ଟେଲରେ ୪୦ ଶଯ୍ୟା ରହିଛି। ଭଞ୍ଜନଗର ଅଞ୍ଚଳର ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା ଅନ୍ତେବାସୀ ଅସୁସ୍ଥ ହେଲେ ଏଠାରେ ଚିକିତ୍ସିତ ହେବେ। ଭଞ୍ଜନଗର କୋଭିଡ୍ କେୟାର ସେଣ୍ଟର ପାଇଁ ୯ଜଣ ଡ଼ାକ୍ତର, ୬ ନର୍ସ, ୨ ଫାର୍ମାସିଷ୍ଟ ସମେତ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ହୋଇଛନ୍ତି। ମେଡ଼ିକାଲ କର୍ମଚାରୀଙ୍କୁ କେଏସ୍‌ୟୁବି କଲେଜରେ କ୍ୱାରାଣ୍ଟାଇନ୍‌ରେ ରଖାଯିବ।


ଜିଲାପାଳ କୋଭିଡ୍ କେୟାର ସେଣ୍ଟର ପରିଦର୍ଶନ କରୁଛନ୍ତି।

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଅପରାହ୍ନରେ ଭଞ୍ଜନଗର ଗସ୍ତରେ ଆସି କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ରୋଗୀ ସଂଖ୍ୟା ବୃଦ୍ଧି ଓ ଆଗକୁ ବହୁ ପ୍ରବାସୀ ଫେରିବାକୁ ଥିବାରୁ ପ୍ରତି ବ୍ଲକରେ ଗୋଟିଏ ଲେଖାଏ କୋଭିଡ୍ କେୟାର ସେଣ୍ଟର କରିବାକୁ ଯୋଜନା ରହିଥିବା ସେ କହିଥିଲେ। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବିଡ଼ିଓ ଅନିଲ କୁମାର ସେଠୀ, ତହସିଲଦାର ଆଲୋକ ପ୍ରଧାନ, ଏନଏସି ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ, ମେଡ଼ିକାଲ ଅଧିକ୍ଷକ ଡ଼. ସିତାଂଶୁ ଶେଖର ଶତପଥୀ ପ୍ରମୁଖ ଜିଲାପାଳଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ ବ୍ରହ୍ମପୁର ଉପଜିଲାପାଳଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ,୧୩।୫

**ସିପିଆଇ(ଏମ୍)ର ପ୍ରତିବାଦ ଦିବସ**

ସିପିଆଇ (ଏମ୍) ଗଞ୍ଜାମ ଜିଲା ବ୍ରହ୍ମପୁର ଶାଖା ପକ୍ଷରୁ ବୁଧବାର ବିଭିନ୍ନ ବ୍ଲକରେ ଦାବି ପୂରଣ ନେଇ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। ସମସ୍ତ ପ୍ରବାସୀଙ୍କୁ ସୁରକ୍ଷିତ ଭାବେ ଓଡିଶା ଆଣିବା ବ୍ୟବସ୍ଥା କରିବା, ଆୟକର ଦେଉ ନ ଥିବା ପରିବାରଙ୍କୁ ମାସିକ ୭୫୦୦ ଆଗାମୀ ୩ ମାସ ପର୍ଯ୍ୟନ୍ତ ପ୍ରଦାନ କରିବା, ରାଶନ କାର୍ଡ ନ ଥିବା ପରିବାରଗୁଡିକୁ ମାସିକ ୧୦ କେଜି ଚାଉଳ ଆଗାମୀ ୬ ମାସ ପର୍ଯ୍ୟନ୍ତ ପ୍ରଦାନ କରାଯିବା, କୃଷକଙ୍କ ଋଣ ଛାଡ, ମଣ୍ଡି ଖୋଲି ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କ୍ରୟ ବ୍ୟବସ୍ଥା କରିବା, ସମସ୍ତଙ୍କ ପାଇଁ ଖାଦ୍ୟ ସୁରକ୍ଷା କରିବା ସହିତ ସ୍ୱାସ୍ଥ୍ୟ ସୁରକ୍ଷା, ସମସ୍ତଙ୍କୁ ରୋଜଗାର ପ୍ରଦାନ, ଛାତ୍ରୀଛାତ୍ରଙ୍କ ପାଠପଢାକୁ ସୁନିଶ୍ଚିତ କରିବା ନେଇ ଦୂରଦର୍ଶନ ଓଡିଆ ଚ୍ୟାନେଲକୁ ବ୍ୟବହାର କରିବା, କୋଭିଡ୍-୧୯ ମହାମାରୀ ଓ ପ୍ରାକୃତିକ ବିପର୍ଯ୍ୟୟ ଜନିତ ସମସ୍ତ ଫସଲ କ୍ଷତି ପୂରଣର ସହାୟତା ପ୍ରଦାନ ନେଇ ସିପିଆଇ(ଏମ) ପକ୍ଷରୁ ଦାବି କରାଯାଇଛି।

ବ୍ରହ୍ମପୁରରେ ସିପିଆଇ(ଏମ୍) ଜିଲା ସଂଯୋଜକ ମଣ୍ଡଳୀ ସଭ୍ୟ ବସନ୍ତ ନାୟକ, ଯୁଧିଷ୍ଠିର ବେହେରାଙ୍କ ନେତୃତ୍ୱରେ ପ୍ରତିବାଦ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ବ୍ରହ୍ମପୁର ଆଞ୍ଚଳିକ କମିଟି ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ସେହିପରି ଗଞ୍ଜାମ, ସୋରଡା, ଦିଗପହଣ୍ଡି ଓ କୁକୁଡାଖଣ୍ଡି ପ୍ରମୁଖ ବ୍ଲକ ଅଞ୍ଚଳରେ ଏହି ପ୍ରତିବାଦ ଦିବସ ପାଳନ ଅବସରରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ବଜାରରେ ମାନୁନାହାନ୍ତି ସାମାଜିକ ଦୂରତ୍ୱ

ବୁଗୁଡ଼ା,୧୩।୫(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ବର୍ତ୍ତମାନ କରୋନା ପଜିଟିଭ ସଂଖ୍ୟା ୨ଶହ ଟପିଛି। ମାତ୍ର ଏବେବି ଲୋକେ ସଚେତନ ହେଉନାହନ୍ତି। ସାମାଜିକ ଦୂରତା ସହ ମାସ୍କ ବ୍ୟବହାର ପାଇଁ ପ୍ରଶାସନ ବାରମ୍ବାର ସଚେତନ କରୁଥିଲେ ମଧ ଲୋକେ ମାନୁନାହାନ୍ତି। ବୁଗୁଡ଼ା ବ୍ଲକ ୨ ସଙ୍ଗରୋଧ କେନ୍ଦ୍ରରେ ଥିବା ୬ ଅନ୍ତେବାସୀ କରୋନା ପଜିଟିଭ ବାହାରିବା ପରେ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବରୁ ପ୍ରଶାସନ ସକ୍ରିୟ ଥାଇ ଡାକବାଜି ଯନ୍ତ୍ର ଦ୍ୱାରା ବ୍ୟାପକ ପ୍ରଚାର କରୁଥିବା ବେଳେ ବର୍ତ୍ତମାନ ସେପରି ତତ୍ପରତା ପ୍ରକାଶ ପାଉନାହିଁ କିମ୍ବା ଧରପଗଡ ହେଉନାହିଁ। ସହରର ବିଭିନ୍ନ ଦୋକାନ, ବ୍ୟାଙ୍କରେ ଲୋକେ ସାମାଜିକ ଦୂରତ୍ୱ ମାନୁ ନ ଥିବା ଦେଖାଯାଉଛି।


ବୁଗୁଡାରେ ଲୋକେ ସାମାଜିକ ଦୂରତ୍ୱ ନ ମାନି ସାମଗ୍ରୀ କିଣୁଛନ୍ତି ।

# ନିୟମ ନ ମାନିଲେ ଦୋକାନ ସିଲ୍, ୧ ହଜାର ଜରିମାନା

ଛତ୍ରପୁର,୧୩।୫(ଡି.ଏନ୍.ଏ.)

- ଦୋକାନୀ ଗ୍ରାହକଙ୍କ ତଥ୍ୟ ରଖିବେ, ସାମାଜିକ ଦୂରତା, ମାସ୍କ ବାଧ୍ୟତାମୂଳକ
- କଡ଼ା ସୁରକ୍ଷାରେ କ୍ୱାରାଣ୍ଟାଇନ୍ ସେଣ୍ଟର, ଲାଗିଲା ସିସି କ୍ୟାମେରା

ଗଞ୍ଜାମ ଜିଲାରେ ବୁଧବାର କରୋନା ପଜିଟିଭଙ୍କ ସଂଖ୍ୟା ୨୦୦ରୁ ଊର୍ଦ୍ଧ୍ୱକୁ ଟପିଛି। ପ୍ରାୟ ସମସ୍ତ ଆକ୍ରାନ୍ତ ସୁରଟ ଫେରନ୍ତା। ସେମାନେ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଜିଲାରେ ଯେପରି ସଂକ୍ରମଣ ନ ବ୍ୟାପିବ ସେ ନେଇ ପ୍ରଶାସନ ପଦକ୍ଷେପ ନେଉଛି।

ଜିଲାର ସମସ୍ତ ଦୋକାନୀ ସାମାଜିକ ଦୂରତ୍ୱ ନିୟମ ପାଳନ କରିବେ। ଦୋକାନ ସମ୍ମୁଖରେ ୨ ମିଟର ଦୂରତାରେ ଗୋଲେଇ ଚିହ୍ନ କରିବାକୁ ପଡିବ। 'ନୋ ମାସ୍କ ନୋ ଗୁଡ଼ସ୍' ବୋର୍ଡ଼ ଦୋକାନ ସମ୍ମୁଖରେ ରହିବ। ଗ୍ରାହକମାନେ ମାସ୍କ, ଗ୍ଲୋବ୍ସ, ସାନିଟାଇଜର ବ୍ୟବହାର କରିବେ। ଦୋକାନୀମାନେ ଗ୍ରାହକଙ୍କ ତଥ୍ୟ ରଖିବେ। ସେମାନଙ୍କ ଫୋନ ନମ୍ବର ରଖିବା ବାଧ୍ୟତାମୂଳକ ହୋଇଛି। ଏ ସବୁ ଉଲ୍ଲଂଘନ କଲେ ଦୋକାନ ସିଲ୍ ସହ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ବୁଧବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ଜଣାଇଛନ୍ତି। ଅନ୍ୟପକ୍ଷରେ ହିଞ୍ଜିଳି ମ୍ୟୁନିସିପାଲଟିରେ ଥିବା କ୍ୱାରାଣ୍ଟାଇନ ସେଣ୍ଟର ବାହାରେ ସିସି କ୍ୟାମେରା ଲଗାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଅନ୍ତେବାସୀଙ୍କୁ ସ୍ୱାସ୍ଥ୍ୟକର୍ମୀ ତାଲିମ, ନୈତିକ ଶିକ୍ଷା ପ୍ରଦାନ କରାଯାଉଛି। କ୍ୱାରାଣ୍ଟାଇନ୍ ସେଣ୍ଟର ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବା ସହ ନଜର ରଖାଯାଉଥିବା ଏସ୍‌ପି ବ୍ରିଜେଶ କୁମାର ରାୟ କହିଛନ୍ତି।


କ୍ୱାରାଣ୍ଟାଇନ୍ ସେଣ୍ଟର ବାହାରେ ମୁତୟନ ହୋଇଥିବା ସୁରକ୍ଷା କର୍ମୀ।

## ସଂକ୍ଷେପରେ

### କଣ୍ଟେନମେଣ୍ଟ ଜୋନ୍‌ରେ ୭ ପଜିଟିଭ ଚିହ୍ନଟ

**ରାଉରକେଲା ଅଫିସ,୧୩।୫:** କରୋନା ସଂକ୍ରମଣକୁ ନେଇ ଷ୍ଟିଲ୍‌ସିଟି ରାଉରକେଲାବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି। କଣ୍ଟେନମେଣ୍ଟ ଅଞ୍ଚଳରେ ବୁଧବାର ପୁଣି ୭ ସଂକ୍ରମିତ ବାହାରିବା ପରେ ସାଧାରଣରେ ଭୟ ସୃଷ୍ଟି ହୋଇଛି। ଏମାନଙ୍କ ମଧ୍ୟରେ ୪ଜଣ ପୁରୁଷ ଓ ୩ ମହିଳା ଅଛନ୍ତି। ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତି କରାଯାଇଛି। ତେବେ ଏ ନେଇ ରାଉରକେଲା ମହାନଗର ନିଗମ ସଭାଗୃହରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ ଜିଲାପାଳ ନିଖିଲ ପୱନ କଲ୍ୟାଣ ସୂଚନା ଦେଇ କହିଛନ୍ତି ଯେ, ନୂଆ ସଂକ୍ରମିତଙ୍କୁ ନେଇ ଭୟଭୀତ ହେବାର କାରଣ ନାହିଁ। ଲୋକେ କିନ୍ତୁ ଅଧିକ ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

### ଧଣ୍ଡାମୁଣ୍ଡା ପଞ୍ଚାୟତ ଶଟ୍‌ଡାଉନ୍: ଦୋକାନ ବଜାର ବନ୍ଦ

**ଖପ୍ରାଖୋଲ, ୧୩।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳକୁ ରାଜ୍ୟ ବାହାରୁ ଅନେକ ପ୍ରବାସୀ ଶ୍ରମିକ ଫେରିଛନ୍ତି। ସଂକ୍ରମଣ ଭୟରେ ବ୍ଲକ ଅନ୍ତର୍ଗତ ଧଣ୍ଡାମୁଣ୍ଡା ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀ କୁମ୍ଭାର ୧୨ଘଣ୍ଟା ପାଇଁ ପଞ୍ଚାୟତକୁ ସଟ୍ ଡାଉନ୍ ଘୋଷଣା କରିଥିଲେ। ଫଳରେ ବୁଧବାର ଯାନବାହାନ ଚଳାଚଳ ସହ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ସରପଞ୍ଚ ଲକ୍ଷ୍ମୀ କୁମ୍ଭାରଙ୍କ କହିବାନୁସାରେ ଧଣ୍ଡାମୁଣ୍ଡା ବ୍ଲକର ଅନ୍ୟତମ ପ୍ରମୁଖ ବ୍ୟବସାୟୀସ୍ଥଳ। ଏଠାରେ ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ୍ ଥିବାରୁ ଲୋକଙ୍କ ଭିଡ ହେଉଛି। ପୁନଶ୍ଚ ବୁଧବାର ଥିଲା ଧଣ୍ଡାମୁଣ୍ଡା ସାପ୍ତାହିକ ବଜାର। କିଛିଦିନ ମଧ୍ୟରେ ଅଞ୍ଚଳକୁ ରାଜ୍ୟ ଭିତରୁ ଅନେକ ପ୍ରବାସୀ ଫେରି ହୋମ କ୍ୱାରାଣ୍ଟାଇନରେ ଅଛନ୍ତି। ଏଥିଯୋଗୁ ସରକାରଙ୍କ ଘୋଷିତ ନିର୍ଦ୍ଦେଶ ବଳରେ ସେ ଏହି ପଞ୍ଚାୟତ ଅଞ୍ଚଳକୁ ସଟ୍ ଡାଉନ୍ ଘୋଷଣା କରିଥିଲେ।

### ମହିଳାଙ୍କୁ ହତ୍ୟା କରି ପୋଡ଼ିଦେଲେ

**ଟିକ୍ରାପଡା, ୧୩।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ଥାନା ତଥା ଟିକ୍ରାପଡା ଫାଣ୍ଡି ଅଧୀନ ଟିକ୍ରାପଡାରେ ମଙ୍ଗଳବାର ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ଏହି ମହିଳା ଜଣକ ହେଲେ ସୁରେଖା ରାଜପାଲିଆ (୩୫)। ଶ୍ୱଶୁର ଘର ପକ୍ଷରୁ ରାତାରାତି ମୃତଦେହ ଦାହ କରି ଦିଆଯାଇଛି। ବୁଧବାର ମହିଳାଙ୍କ ଭାଇ ବେଲପଡା ବ୍ଲକ ଅଧୀନ ରାଏଖାଲ ଗ୍ରାମର ଯଶୋବନ୍ତ ବାଗ ଟିକ୍ରାପଡା ଫାଣ୍ଡିରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ମହିଳାଙ୍କ ସ୍ୱାମୀ ତ୍ରିଲୋଚନ ରାଜପଲିଆ (୪୫) ଓ ଶ୍ୱଶୁର ନର୍ଭେରାମ ରାଜପଲିଆ (୭୦)ଙ୍କୁ ଗିରଫ କରିଛି । ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍, ଡଗ୍ ସ୍କ୍ୱାଡ୍ ପହଞ୍ଚି ତଦନ୍ତ କରିଛି। ଏକ ଟାଙ୍ଗିଆ, ରକ୍ତ ଭିଜା ଲୁଙ୍ଗି ଓ ଅନ୍ୟାନ୍ୟ ସାମଗ୍ରୀକୁ ପୋଲିସ ଜବତ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ୍ ଶ୍ମଶାନରୁ ଅସ୍ଥି ଓ ପାଉଁଶ ସଂଗ୍ରହ କରିଛି। ଏ ନେଇ ସଇଁତଲା ଥାନାରେ ଏକ ମାମଲା (ନଂ.୧୨୩/୨୦)ରୁଜୁ ହୋଇଛି।

# ଦୁର୍ବିଷହ ହୋଇଛି ପ୍ରବାସୀ ଶ୍ରମିକଙ୍କ ଜୀବନ

କରୋନା(କୋଭିଡ୍-୧୯) ଭୂତାଣୁ ସଂକ୍ରମଣକୁ ପ୍ରତିହତ ପାଇଁ ଦେଶବ୍ୟାପୀ ଜାରି ରହିଛି ଲକ୍‌ଡାଉନ୍। ଏହି ସମୟରେ ପ୍ରବାସୀ ଶ୍ରମିକଙ୍କ ଜୀବନ ଜୀବିକା ଦୁର୍ବିଷହ ହୋଇପଡ଼ିଛି। ଲକ୍‌ଡାଉନ୍ ଅବଧି ଯେଭଳି ବୃଦ୍ଧି ପାଉଛି, ସେମାନଙ୍କ ଦୁଃଖ ଅନୁରୂପଭାବେ ବଢ଼ିବାରେ ଲାଗିଛି। ରୋଜଗାର ଆଶାରେ ଭିଟାମାଟି ଛାଡ଼ି ସେମାନେ ଜିଲା ତଥା ରାଜ୍ୟ ବାହାରକୁ ଯାଇଥିଲେ। ରୋଜଗାର ତ ଦୂରର କଥା ଏବେ ଘରକୁ ଫେରିବା ମଧ୍ୟ ମୁସ୍କିଲ ହୋଇ ପଡ଼ିଛି। କେହି ଚାଲି ତ, ଆଉ କାହାକୁ ସାଇକେଲ ଯୋଗେ ଦୂର ଦୂରାନ୍ତରୁ ଫେରିବାକୁ ପଡୁଛି। ଭୋକ, ଉପାସରେ ରାସ୍ତାକଡ଼ ଗଛମୂଳେ, ଖୋଲା ଆକାଶତଳେ ସେମାନଙ୍କ ଜୀବନ ବିତୁଛି । ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଉତ୍ତରପ୍ରଦେଶର ବନାରସକୁ ସାଇକେଲ ଯୋଗେ ଫେରୁଥିବା କେତେକ ଶ୍ରମିକଙ୍କୁ ବୁଧବାର ଆମେ ବରଗଡ଼ ହଲଦୀପାଲି ଛକରେ ଭେଟିଥିଲୁ। ଲକ୍‌ଡାଉନ୍ ଯୋଗୁ ବାଟେଘାଟେ ଜୀବନ ବିତାଉଥିବା ସେହି ପ୍ରବାସୀ ଶ୍ରମିକଙ୍କ ମନର ବେଦନାକୁ ନେଇ ଏକ ଉପସ୍ଥାପନା....।

ରିପୋର୍ଟ- ପ୍ରେମାନନ୍ଦ ଖମାରୀ, ବରଗଡ଼



ବନାରସର ପ୍ରବାସୀ ଶ୍ରମିକ ସାଇକେଲ ଯୋଗେ ବରଗଡ଼ ହଲଦୀପାଲି ଛକରେ ପହଞ୍ଚିଛନ୍ତି ।

### ରୋଜଗାର ଆଶା ମଉଳି ଗଲା

ଜମିବାଡ଼ି କିଛି ନାହିଁ। ଗତ ୫ବର୍ଷ ହେଲା ଗାଁର କେତେଜଣ ପିଲାଙ୍କ ସହ ବିଶାଖାପାଟଣାର ଏକ ଠିକା ସଂସ୍ଥା ଅଧୀନରେ ଶ୍ରମିକଭାବେ କାମ କରୁଥିଲି। ସେଠାରେ ନିର୍ମାଣାଧୀନ ଏକ ମେଡ଼ିସିନ୍ କମ୍ପାନୀର ପାଇପ୍ ଲାଇନ ବିଛା କାମରେ ନିୟୋଜିତ ହୋଇଥିଲି। ହେଲେ ଏବେ ନିରାଶରେ ଘରକୁ ଫେରିବାକୁ ପଡୁଛି ।

–ସୁନୀଲ କୁମାର

### ଖାଲିହାତରେ ଘରବାହୁଡ଼ା

୪ମାସ ତଳେ ରୋଜଗାର ପାଇଁ ଯାଇଥିଲୁ। କାମକୁ ଅଢ଼େଇ ମାସ ପୂରି ନ ଥିଲା । ଲକ୍‌ଡାଉନ ଯୋଗୁ କାମ ବନ୍ଦ କରି ଘରକୁ ଯିବା ପାଇଁ ଠିକାଦାର କହିଲେ। ଯାହା ରୋଜଗାର ଟଙ୍କା ପାଖରେ ଥିଲା, ସେଥିରେ ସାଇକେଲ ଖଣ୍ଡିଏ ଲେଖାଏଁ କିଣିଲୁ । ଏବେ ଖାଲିହାତରେ ଘରକୁ ଫେରୁଛୁ ।

– ରାଜାରାମ

### ରାସ୍ତାକଡ଼ ଗଛମୂଳରେ ଆଶ୍ରୟ

୫ବର୍ଷ ହେଲା ଏକ ଠିକାଦାରି ସଂସ୍ଥା ଅଧୀନରେ କାମ କରି ଆସୁଛୁ। କେବେ ଏଭଳି ଅସୁବିଧାରେ ପଡ଼ି ନ ଥିଲୁ। ହେଲେ ଏବେ ଘରକୁ ପହଞ୍ଚିବା ଚିନ୍ତା ଘାରିଛି। ଖାଇବା କଥା ଛାଡ଼ନ୍ତୁ, ଫେରିବା ବାଟରେ ରହିବା ପାଇଁ ଭଲ ଜାଗାଟିଏ ମଧ୍ୟ ମିଳୁ ନାହିଁ। ଥକି ପଡ଼ିଲେ ରାସ୍ତାକଡ଼ ଗଛମୂଳେ ଆଶ୍ରୟ ନେଉଛୁ ।

–ଯୋଗୀନ୍ଦ୍ର ପ୍ରସାଦ

### ଭୋକ, ଉପାସରେ କଟୁଛି ଦିନ

ଗାଁ ଛାଡ଼ି ବାହାରକୁ କାମ କରିବାକୁ ଗଲେ ଏଭଳି ଅସୁବିଧାରେ ପଡ଼ିବି ବୋଲି କେବେ ସୁଦ୍ଧା ଭାବି ନ ଥିଲି । ଏବେ ଗାଁକୁ ଫେରୁଛୁ ଯେ ବାଟେଘାଟେ ନାନାଦି ଅସୁବିଧା ଭୋଗିବାକୁ ପଡୁଛି । କେହି ଅଟକାଇ ଖାଇବାକୁ ଦେଲେ ଖାଉଛୁ, ନ ହେଲେ ସେଭଳି ଭୋକ ଉପାସରେ ଘରକୁ ଫେରୁଛି।

–ସତ୍ୟନାରାୟଣ କୁମାର

# ଭିମ୍‌ସାରରେ ୧ହଜାର ସ୍ୱାବ୍ ଟେଷ୍ଟ ହେବ

**ସମ୍ବଲପୁର,୧୩।୫ (ବ୍ୟୁରୋ)**

ବୁର୍ଲା ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇସେନ୍ସ ଆଣ୍ଡ ରିସର୍ଚ୍ଚ ( ଭିମ୍‌ସାର)ରେ କରୋନା ରୋଗୀ ଚିହ୍ନଟ ପାଇଁ ସ୍ୱାବ୍ ଟେଷ୍ଟ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ର ଏପ୍ରିଲ ୧୯ରୁ କାର୍ଯ୍ୟ ଆରମ୍ଭ କରିଛି । ପ୍ରତିଦିନି ପ୍ରାୟ ୧ ଶହ ସ୍ୱାବ୍ ନମୁନା ପରୀକ୍ଷା କରାଯାଉଛି। ଏହି ସଂଖ୍ୟାକୁ ୧ ହଜାରକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏଥିପାଇଁ ଆବଶ୍ୟକ ମେଶିନ ସହ ଅନ୍ୟାନ୍ୟ ଯନ୍ତ୍ରପାତି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ମିଳିଛି। ଆବଶ୍ୟକ ଭିତ୍ତିଭୂମି ପ୍ରତିଷ୍ଠା ସହ ଡାକ୍ତର,ନର୍ସ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଯୁକ୍ତ କରିବା ପାଇଁ ନିର୍ଦ୍ଦେଶ ଆସିଛି ବୋଲି ଉକ୍ତ କେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ବେଣୁଧର ପାଣ୍ଡେ କହିଛନ୍ତି।

ଏବେ ଭୀମସାରରେ ପ୍ରତିଦିନ ୧ ଶହ ସ୍ୱାବ୍ ଟେଷ୍ଟ କରାଯାଉଛି । ଏଥିପାଇଁ ମାଇକ୍ରୋବାୟୋଲୋଜି ବିଭାଗର ୩୦, ବାୟୋଟେକ୍‌ନୋଲୋଜିରେ ୫ ଓ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବାୟୋଟେକ୍‌ନୋଲୋଜିର ୨ ବିଶେଷଜ୍ଞ କାର୍ଯ୍ୟ କରୁଛନ୍ତି । ପ୍ରତିଦିନ ୧ ହଜାର ସ୍ୱାବ୍ ନମୁନା ଟେଷ୍ଟ ପାଇଁ କୌଣସି ସମସ୍ୟା ନାହିଁ । ଆବଶ୍ୟକ ମେଶିନ ଆସିବା ପରେ ଭୀମସାର ପାଥୋଲୋଜି ଓ ବାୟୋକେମିଷ୍ଟ ବିଭାଗ କର୍ମଚାରୀଙ୍କୁ ଏହି କେନ୍ଦ୍ରରେ ନିୟୋଜିତ କରାଯିବ ବୋଲି ଡାକ୍ତର ପାଣ୍ଡେ କହିଛନ୍ତି ।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲାକୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଆସିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି । ସେଭଳି ପଡୋଶୀ ଜିଲାକୁ ମଧ୍ୟ ପ୍ରବାସୀ ଶ୍ରମିକ ଓ ଅନ୍ୟ ପ୍ରବାସୀମାନେ ଆସିବା ଆରମ୍ଭ କରିଛନ୍ତି। ଗତ ମଙ୍ଗଳବାର ଜିଲାକୁ ୫୩୦ ଶ୍ରମିକ ରାଜ୍ୟ ବାହାରୁ ଆସିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଭିମ୍‌ସାରରେ ସ୍ୱାବ୍ ନମୁନା ଟେଷ୍ଟ ବୃଦ୍ଧି କରାଯିବ ବୋଲି ପଦକ୍ଷେପ ନିଆଯାଇଛି।

# ୨୯ରେ ଦେବଦମ୍ପତିଙ୍କ ନଗର ପରିକ୍ରମା



ବୁଧବାର ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ ଚାଲିଛି ।

- ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟି ନେଲା ନିଷ୍ପତ୍ତି
- କରୋନା କଟକଣା, ସାମାଜିକ ଦୂରତ୍ୱକୁ ଗୁରୁତ୍ୱ
- ନିଦାବିଷ୍ଣୁ ସାଜିଛି ଜିଲା ପ୍ରଶାସନ

**ସମ୍ବଲପୁର, ୧୩।୫ (ବ୍ୟୁରୋ)**

ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଲାଗି ପ୍ରସ୍ତୁତି ଚାଲିଛି। କରୋନା କଟକଣା ଯୋଗୁ ଚଳିତ ବର୍ଷ ମୁଖ୍ୟ ଶୋଭାଯାତ୍ରା ତଥା ଦେବଦମ୍ପତିଙ୍କ ନଗର ପରିକ୍ରମାକୁ ନେଇ ଅନିଶ୍ଚିତତା ରହିଥିଲା। କିନ୍ତୁ ଆସନ୍ତା ୨୯ରେ ଦେବଦମ୍ପତି ନଗର ପରିକ୍ରମା କରିବେ ବୋଲି ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟି ସ୍ଥିର କରିଛି।

କମିଟିର କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ବୁଧବାର ଝାଡୁଆପଡାଠାରେ ଅନୁଷ୍ଠିତ ହୋଇଥିଲା। ନନ୍ଦପଡା, ଝାଡୁଆପଡା ଓ ମୁଦିପଡା ଯାତ୍ରା କମିଟି କର୍ମକର୍ତ୍ତାମାନେ ଯୋଗଦେଇ ପତରପେଡ଼ିଁ(ନିର୍ବନ୍ଧ), ନୃସିଂହ ନିଉତା, ଗୁଆଗୁଣ୍ଡା, ଶିବଙ୍କ ବରାତି, ଶିବପାର୍ବତୀଙ୍କ ବିବାହ ଓ ଦେବଦମ୍ପତିଙ୍କ ନଗର ପରିକ୍ରମାକୁ ନେଇ ଆଲୋଚନା ହୋଇଥିଲା। ଚଳିତ ମାସ ୨୯ ତାରିଖ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦେବଦମ୍ପତି ଶୋଭାଯାତ୍ରାରେ ବାହାରି ଭକ୍ତଙ୍କୁ ଦର୍ଶନ ଦେବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। କରୋନା କଟକଣା ଯୋଗୁ ସରକାରଙ୍କ ବିଭିନ୍ନ ନିୟମ ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯିବ ବୋଲି ସଭ୍ୟମାନେ କହିଛନ୍ତି।

ଫଣିଭୂଷଣ ମିଶ୍ର, ସମୀର ରଞ୍ଜନ ବାବୁ, ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ସୁନୀଲ ଦାଶ, ହିମାଂଶୁ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟପକ୍ଷେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାକୁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଛି। ଏପର୍ଯ୍ୟନ୍ତ ଯାତ୍ରା ପ୍ରସ୍ତୁତିକୁ ନେଇ କୌଣସି ଆଲୋଚନା କରାଯାଇନାହିଁ। କୋଭିଡ-୧୯କୁ ଆଧାର କରି ଜିଲା ପ୍ରଶାସନ ନିଦାବିଷ୍ଣୁ ସାଜିଛି। ଅନ୍ୟପକ୍ଷେ ୨୦୧୯ ଶୀତଳଷଷ୍ଠୀ ଯାତ୍ରା ପାଇଁ ସରକାରୀ ଅନୁଦାନ ଏପର୍ଯ୍ୟନ୍ତ ମିଳି ନ ଥିବାରୁ ଯାତ୍ରା କମିଟି କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଛନ୍ତି ।

## ଫଟୋରେ ଖବର..



ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଲାଗି ଶିଳ୍ପୀମାନେ କାର୍ଯ୍ୟରେ ଲାଗିଛନ୍ତି ।

### ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

**ସମ୍ବଲପୁର, ୧୩।୫ (ବ୍ୟୁରୋ)**

ସମ୍ବଲପୁର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଶୁଭମ୍ ସକସେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ମୋହନ ଦାଶ, ରହିଥିଲେ । ସେହିପରି ହୀରାକୁଦ ଡ୍ୟାମ୍ ପରିଚାଳନା ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ।

# ଉପଜିଲାପାଳଙ୍କ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ବଲାଙ୍ଗୀର ଅଫିସ, ୧୩।୫**

### ମହୀମୁଣ୍ଡା ପଞ୍ଚାୟତରେ ଚାଉଳ ଦୁର୍ନୀତି

କରୋନା ମହାମାରୀ ଜିଲାରେ ଚାଲିଥିବା ଚାଉଳ ଦୁର୍ନୀତିକୁ ପଦାରେ ପକାଇଛି। ସରପଞ୍ଚଙ୍କ ଅଭିଯୋଗ ପରେ ଆଳୁଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ମହୀମୁଣ୍ଡା ପଞ୍ଚାୟତର ଏକ ବଡଧରଣର ଚାଉଳ ଦୁର୍ନୀତି ଧରାପଡିଛି। ଏଭଳି ଅଭିଯୋଗର ତଦନ୍ତ କରି ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଅଭିଯୁକ୍ତ ପଞ୍ଚାୟତ ଓ ବ୍ଲକ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହୀମୁଣ୍ଡା ସରପଞ୍ଚ ଅନନ୍ତ ନାରାୟଣ ପ୍ରଧାନ ଗତ ଏପ୍ରିଲ ମାସରେ ନିଜ ପଞ୍ଚାୟତର ଯୋଗାଣ ସହାୟକ ନିରଞ୍ଜନ ସାହୁଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଥିଲେ। ଏହି ଯୋଗାଣ ସହାୟକ ସାହୁ ଗତ ୧ ବର୍ଷରୁ ଅଧିକ ହେବ ହିତାଧିକାରୀଙ୍କ ଚାଉଳ ବଣ୍ଟନ, ସେମାନଙ୍କ ରାଶନ କାର୍ଡ ହେରଫେର, ମୃତ ବ୍ୟକ୍ତିଙ୍କ ନାମରେ ଚାଉଳ ଉଠାଣ କରୁଥିବା ଅଭିଯୋଗ ଆଣିଥିଲେ । ଏ ନେଇ ପୁଇଁତଲା ବିଡିଓଙ୍କୁ ଲିଖିତ ଜଣାଇ ଏହା ତଦନ୍ତ କରିବା ସହ ତୁରନ୍ତ ଯୋଗାଣ ସହାୟକଙ୍କୁ ବହିଷ୍କୃତ କରିବାକୁ ଦାବି କରିଥିଲେ । ଏହି ଅଭିଯୋଗର ଏକକିତା ନକଲ ଜିଲାପାଳଙ୍କୁ ଅବଗତ କରି ଟ୍ୱିଟ୍ ଜରିଆରେ ସ୍ଥାନୀୟ ବିଧାୟକ ଡ ମୁକେଶ ମହାଲିଙ୍ଗ, ଓଡିଶା ସିଏମ୍‌ଓ ଏବଂ ପଞ୍ଚାୟତିରାଜ ବିଭାଗକୁ ଜଣାଇଥିଲେ । ଅଭିଯୋଗର ତଦନ୍ତ କରି ଉପଜିଲାପାଳ ମିଶ୍ର ମହୀମୁଣ୍ଡା ପଞ୍ଚାୟତର ଯୋଗାଣ ସହାୟକ ନିରଞ୍ଜନ ସାହୁଙ୍କୁ ବହିଷ୍କାର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୁଗଳ ମେହେରଙ୍କ ବିରୋଧରେ ଡ୍ରାଫ୍ଟଚାର୍ଜ କରିବା ଓ ପୁଇଁତଲା ବ୍ଲକ୍ ଯୋଗାଣ ନିରୀକ୍ଷକ ପ୍ରଶାନ୍ତ ପ୍ରଧାନଙ୍କ ଗୋଟିଏ ମାସର ଦରମା ବନ୍ଦ କରିବାକୁ ପୁଇଁତଲା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ରବିନାରାୟଣ ଆଚାର୍ଯ୍ୟ ଉପଜିଲାପାଳଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଏ ସଂକ୍ରାନ୍ତରେ ମହୀମୁଣ୍ଡା ସରପଞ୍ଚ ପ୍ରଧାନଙ୍କୁ ଚିଠି କରିଥିବା ସୂଚନା ଦେଇଛନ୍ତି ।

### ସମୀକ୍ଷା କରିବ ରାଜ୍ୟସ୍ତରୀୟ ଅଡିଟ୍ ସ୍କ୍ୱାଡ

ମହୀମୁଣ୍ଡା ଗ୍ରାମପଞ୍ଚାୟତର ଚାଉଳ ଦୁର୍ନୀତିର ଆମୁଳଚୂଳ ତଦନ୍ତ ଓ ସମୀକ୍ଷା କରିବା ପାଇଁ ଏକ ରାଜ୍ୟସ୍ତରୀୟ ଅଡିଟ୍ ସ୍କ୍ୱାଡ ମହୀମୁଣ୍ଡା ଆସିବେ। ଉପଜିଲାପାଳ ସଞ୍ଜୟ କୁମାର ଏ ନେଇ ସୂଚନା ଦେଇଛନ୍ତି। ଏହି ସ୍କ୍ୱାଡ ମହୀମୁଣ୍ଡା ପଞ୍ଚାୟତରେ ପ୍ରକୃତରେ କ’ଣ ସବୁ ହୋଇଛି ଓ କେତେ ଦିନରୁ ଏଭଳି ଦୁର୍ନୀତି ଚାଲିଥିଲା ତାହା ତଦାରଖ କରିବେ ବୋଲି ଜଣାପଡିଛି ।

# ଲୋକଙ୍କ ଘର ନିକଟରୁ ସଂଗ୍ରହ ହେବ ବନଜାତ ଦ୍ରବ୍ୟ

**ନୂଆପଡା ଅଫିସ,୧୩।୫**

ନୂଆପଡ଼ା ଜିଲାରେ ଲୋକଙ୍କଠାରୁ ଜିଲା ପ୍ରଶାସନ ବନଜାତ ଦ୍ରବ୍ୟ ସଂଗ୍ରହ କରିବ। ବୁଧବାର ଏଥିପାଇଁ ଜିଲାପାଳ ମଧୁସ୍ମିତା ସାହୁ ପତାକା ଦେଖାଇ ୨ଟି ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କଠାରୁ ବନଜାତ ଦ୍ରବ୍ୟ ସଂଗ୍ରହ କରିବ। ଲୋକେ ଯେଭଳି କୌଣସି ଦ୍ୱନ୍ଦ୍ୱରେ ନ ପଡ଼ିବେ ସେଥିପାଇଁ ମୋଟ ୪୯ଟି ବନଜାତ ଦ୍ରବ୍ୟର ମୂଲ୍ୟ ତାଲିକା ଏହି ରଥରେ ଝୁଲା ଯାଇଛି ବୋଲି କୁହାଯାଇଛି।

# ନିଲମ୍ବିତ ସରପଞ୍ଚଙ୍କୁ ଉଠେଇ ନେଲେ

**ନୂଆଗାଁ, ୧୩।୫ (ଡି.ଏନ.ଏ.)**

- ପିଏଲ୍‌ଏଫ୍‌ଆଇଙ୍କ ସମ୍ପୃକ୍ତିକୁ ନେଇ ଚର୍ଚ୍ଚା
- ୧୦ ଖୋକା,୨ ଗୁଳି ଜବତ

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ କର୍କଟନାସା ପଞ୍ଚାୟତର ନିଲମ୍ବିତ ସରପଞ୍ଚ ଆଗ୍ନେସିୟୁସ ହୋର(୫୦)ଙ୍କୁ ମଙ୍ଗଳବାର ରାତିରେ ତାଙ୍କ ଜାମଦାରା ଘରୁ ୪ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଉଠାଇ ନେଇଥିଲେ । ପରେ ସେମାନେ ତାଙ୍କୁ ନିକଟସ୍ଥ ଜଙ୍ଗଲକୁ ନେଇଯାଇ ୩ଲକ୍ଷ ଟଙ୍କା ମାଗିଥିଲେ। ଅକ୍ଷମତା ପ୍ରକାଶ କରିବାରୁ ସେମାନେ ତାଙ୍କୁ ମାଡ ମାରିବା ସହ ହତ୍ୟା ଧମକ ଦେଇଥିଲେ। ଯେତେଶୀଘ୍ର ୩ ଲକ୍ଷ ଟଙ୍କା ଯୋଗାଡ କରି ଦେବାକୁ କହି ତାଙ୍କୁ ସେଠାରେ ଛାଡ଼ି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ହାତୀବାରି ଥାନା ପୋଲିସ ବିଳମ୍ବିତ ରାତିରେ ତନାଘନା ଆରମ୍ଭ କରିଛି । ଆଗ୍ନେସିୟୁସଙ୍କୁ ପୋଲିସ ହାତୀବାରି ଥାନାକୁ ଆଣି ପଚରାଉଚୁରା କରିଛି। ଏଥିରେ ପିଏଲ୍‌ଏଫ୍‌ଆଇର ହାତ ଥିବା ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି ।

ସମ୍ପୃକ୍ତ ୪ ଯୁବକ ଏକ ବାଇକ୍‌ରେ ଆସିଥିଲେ । ସେମାନେ ଆଗ୍ନେସିୟୁସଙ୍କ ଛାତିରେ ବନ୍ଧୁକ ଲଗାଇ ତାଙ୍କ ସହିତ ଯିବାକୁ କହିଥିଲେ । ଆଗ୍ନେସିୟୁସଙ୍କୁ ଦୁର୍ବୃତ୍ତମାନେ ଠେଲାପେଲା କରିଥିଲେ। ପରେ ସେମାନେ ତାଙ୍କୁ ଜଙ୍ଗଲକୁ ନେଇଯାଇଥିଲେ। କର୍କଟନାସା ପଞ୍ଚାୟତର ପୋଟବ ଗ୍ରାମରେ ଜଳଯୋଗାଣ ପ୍ରକଳ୍ପ କାମ ଚୁମେ କରିଛ। ସେଥିପାଇଁ ଆମକୁ ଟଙ୍କା ଦିଅ ବୋଲି ସେମାନେ କହିଥିଲେ । ଆଗ୍ନେସିୟୁସ ସେହି କାମ କରି ନ ଥିବା କହିବାରୁ ସେମାନେ ତାଙ୍କୁ ମାଡ ମାରି ପୋଟବ ଗ୍ରାମସ୍ଥିତ ପାଣି ଟାଙ୍କି ପାଖକୁ ନେଇ ଆସିଥିଲେ। ସେଠାରେ ଦୁର୍ବୃତ୍ତମାନେ ପାଣି ଟାଙ୍କି ଉପରକୁ ୧୨ରାଉଣ୍ଡ ଗୁଳି ମାରିଥିଲେ। ସେଥିରୁ ୧୦ଟି ଗୁଳି ଫୁଟିଥିବା ବେଳେ ୨ଟି ଫୁଟି ନ ଥିଲା । ସୋଲାର ଲାଇଟ୍ ଦୁର୍ନୀତି ଅଭିଯୋଗରେ ଆଗ୍ନେସିୟୁସଙ୍କୁ ସରପଞ୍ଚ ପଦବୀରୁ ଜିଲା ପ୍ରଶାସନ ଗତ ୪ମାସ ତଳେ ନିଲମ୍ବିତ କରିଥିଲା ।

# ଭିନ୍ନକ୍ଷମ ପୁଅର ବୋଝ ବୋହି ବାଟ ଚାଲୁଛନ୍ତି କାନ୍ତା

**ବିନିକା,୧୩।୫(ଡି.ଏନ୍.ଏ.)**

କାନ୍ତା ଅଗ୍ରୱାଲ। ବୟସ ୬୨। ଜୀବନର ସାୟାହ୍ନରେ ଉପନୀତ ହେଲେ ମଧ୍ୟ ଜୀବନ ଯୁଦ୍ଧରେ ସେ ହାରିନାହାନ୍ତି । ଏବେ ବି ପରଘରେ କାମ କରି ନିଜର ଏକମାତ୍ର ଭିନ୍ନକ୍ଷମ ପୁଅକୁ ଧରି ଅଣ୍ଟା ସଳଖି ବାଟ ଚାଲୁଛନ୍ତି । ସରକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ଏହି ବୃଦ୍ଧା ଜଣକ ବର୍ତ୍ତମାନ ଲକ୍‌ଡାଉନ୍ ସମୟରେ ନିଜ ଭାଗ୍ୟକୁ ଆଦରି ପଡି ରହିଛନ୍ତି । କାନ୍ତାଙ୍କ ଘର ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗାଁ ହାଇସ୍କୁଲ ଛକରେ । ଏକ ଚାଳ ଛପର ଘରେ ଉଭୟ ମା’ ଓ ପୁଅ ରୁହନ୍ତି । ଦିନ ଥିଲା ଏହି ଘରେ କାନ୍ତା ସ୍ୱାମୀ ଶଙ୍କରଲାଲ ଅଗ୍ରୱାଲଙ୍କ ସହ ରହୁଥିଲେ। ସ୍ୱାମୀ ବ୍ୟବସାୟ କରୁଥିଲେ। ହସଖୁସିରେ ତେଲଲୁଣର ସଂସାର ଚାଲିଥିଲା । ସେମାନଙ୍କ କୋଳ ମଣ୍ଡନ କରି ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ଯାହାଙ୍କ ନାମ ବଜରଙ୍ଗ । ହେଲେ ପୁଅ ଜନ୍ମ ହେବା ଖୁସି ବେଶି ଦିନ ରହିଲାନି। ତା’ର ଶାରୀରିକ ଗଠନକୁ ନେଇ ଲୋକେ



ଭିନ୍ନକ୍ଷମ ପୁଅ ସହ କାନ୍ତା।

### ଭତ୍ତା, ରାଶନ କାର୍ଡ ସାତସପନ

ଟାହିଟାପରା କରିବା ଆରମ୍ଭ କଲେ । ଶଙ୍କରଙ୍କୁ ଏହା ହତୋତ୍ସାହିତ କରି ଦେଇଥିଲା। ଭିନ୍ନକ୍ଷମ ପୁଅର ଭବିଷ୍ୟତ ବିଷୟରେ ଭାବି ଭାବି ସେ ପରପାରିକୁ ଚାଲିଗଲେ। କିଛି ଦିନ ସ୍ୱାମୀଙ୍କ ମୃତ୍ୟୁରେ କାନ୍ତା ଭାଙ୍ଗି ପଡିଥିଲେ। ମାତ୍ର ପୁଅ ମୁହଁକୁ ଚାହିଁ ସେ ନିଜକୁ ଦୃଢ଼ କରି ନେଇଥିଲେ। ଏବେ ବଜରଙ୍ଗଙ୍କୁ ୩୫ ବର୍ଷ।

ନିଃସହାୟ ମା’ ପୁଅଙ୍କର ନିଜର ବୋଲି ଦୁନିଆରେ କେହି ନାହାନ୍ତି । କୁହାଯାଏ ମା’ ସୃଷ୍ଟିକର୍ତ୍ତାଙ୍କ ଏମିତି ଏକ ସର୍ଜନା, ଯାହାର ମମତା ଆଗରେ ସଂସାରର ସବୁ ସୁଖ ତୁଚ୍ଛ । ନିଜ ପିଲା ସୁନ୍ଦର ହେଉ କି ଅସୁନ୍ଦର, ସକ୍ଷମ ଥାଉ କିମ୍ବା ଭିନ୍ନକ୍ଷମ ନିଜ ସନ୍ତାନର ମୁହଁରେ ହସ ଟିକିଏ ଦେଖିବା ପାଇଁ ସେ ତା’ ଜୀବନର ସବୁ ସୁଖକୁ ବଳି ଦେବାକୁ ପଛାଇ ନ ଥାଏ । ଯାହା ଯୁଗେ ଯୁଗେ ପ୍ରମାଣିତ ହୋଇଛି । ବଜରଙ୍ଗ ଜନ୍ମରୁ ଭିନ୍ନକ୍ଷମ । ହାତଗୋଡ଼ ଅଚଳ । ମୁଣ୍ଡ ଶରୀର ଗଠନ ତୁଳନାରେ ବଡ଼ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ୯୦ ପ୍ରତିଶତ ଭିନ୍ନକ୍ଷମ ଦର୍ଶାଯାଇଛି । କାନ୍ତା ପୁଅକୁ ଛୋଟ ପିଲା ପରି ସେବା କରିବାରେ କେବେ ବି କାର୍ପଣ୍ୟ କରିନାହାନ୍ତି । ବର୍ଷେ କି ଦୁଇବର୍ଷ ନୁହେଁ ଆଜକୁ ୩୫ ବର୍ଷ ହେଲା ସେ ତାଙ୍କର ଦେଖାଚାହାଁ କରି ଆସୁଛନ୍ତି। ତାଙ୍କର ଜମିବାଡି କିଛି ନାହିଁ । ସ୍ୱାମୀ ଚାଲିଯିବାର ୧୫ ବର୍ଷ ବିତିଲାଣି । ତଥାପି ସେ ଥକି ପଡିନାହାନ୍ତି। ଭିନ୍ନକ୍ଷମ ପୁଅକୁ ନେଇ କେବେ ମଧ୍ୟ ମନ ଊଣା କରିନାହାନ୍ତି । ନିଜ ପାଖ ପଡ଼ୋଶୀ ଲୋକଙ୍କର ଚାଉଳ, ମସଲା ପ୍ରଭୃତି ପେଷି ଯାହା ରୋଜଗାର କରନ୍ତି ସେଥିରେ ଅଭାବୀ ସଂସାର ଚଳାଇ ନିଅନ୍ତି । ଦେଶବ୍ୟାପୀ କରୋନାକୁ ନେଇ ଲକ୍‌ଡାଉନ୍ ଯୋଗୁ କାନ୍ତାଙ୍କୁ ଦୈନିକ କାମ ମିଳିବା ବନ୍ଦ ହୋଇଯାଇଛି । ଫଳରେ ପେଟପାଟଣାକୁ ନେଇ ଚିନ୍ତା ବଢିଯାଇଛି ତାଙ୍କର । ପରିତାପର ବିଷୟ ଏ ପର୍ଯ୍ୟନ୍ତ ଏହି ପରିବାରକୁ ରାଶନ କାର୍ଡ ଖଣ୍ଡେ ମିଳି ପାରିନାହିଁ । ବିଧବା ଭତ୍ତା ପାଇବା ପାଇଁ ବ୍ଲକ ଅଫିସକୁ ଦୌଡି ନିରାଶ ହେବାକୁ ପଡିଛି । ତୁରନ୍ତ ବିନିକା ବ୍ଲକ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ସଂକ୍ଷେପରେ

### ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ଆନ୍ଦୋଳନ ନିଷ୍ପତ୍ତି

**ଢେଙ୍କାନାଳ ଅଫିସ, ୧୩।୫:** ସେସୁର ନୀତିହୀନ ନିଷ୍ପତ୍ତି ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଢେଙ୍କାନାଳ ଠିକା ବିଦ୍ୟୁତ୍ କର୍ମଚାରୀ। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି, ଢେଙ୍କାନାଳ ବିଦ୍ୟୁତ୍ ଡିଭିଜନ ଏବଂ ଏନ୍‌ଜେନ୍ ଅଧୀନରେ ପ୍ରାୟ ୧୨୦୦ ଠିକା କର୍ମଚାରୀ କାମ କରୁଛନ୍ତି। ସେମାନେ ନିୟମିତ ଭାବେ ବିଦ୍ୟୁତ୍ ଦେୟ ଆଦାୟ, ମିଟର ରିଡିଂ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ହେଲେ ସେସୁ କର୍ତ୍ତୃପକ୍ଷ ୫୦୦ ଠିକା କର୍ମଚାରୀଙ୍କୁ ବହିଷ୍କାର କରି ସେମାନଙ୍କ ସ୍ଥାନରେ ଏସ୍‌ଏଚ୍‌ଜିକୁ ଦାୟିତ୍ୱ ଦେବାକୁ ଚକ୍ରାନ୍ତ ଚଳାଇଛନ୍ତି। ଏହାକୁ ନେଇ କର୍ମଚାରୀମାନେ ଆଶାଆଶଙ୍କାରେ ଥିବାବେଳେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିବା ସଂଘ ସଭାପତି ପ୍ରଭାକର ଦାସ, ସାଧାରଣ ସମ୍ପାଦକ ପ୍ରଶାନ୍ତ ମିଶ୍ର, ଡିଭିଜନ ସମ୍ପାଦକ ଅମରେନ୍ଦ୍ର ରାଉତ ପ୍ରମୁଖ ଜଣାଇଛନ୍ତି। ଏ ସମ୍ପର୍କରେ ଜିଲାପାଳ, ବିଦ୍ୟୁତ୍ ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ ସେସୁ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଅବଗତ କରାଯାଇଛି।

### ଦୋକାନ ଜଳିଗଲା

**ଭୁବନ, ୧୩।୫(ଡି.ଏନ.ଏ.):** ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ବିଶ୍ୱନାଥ ମଲ୍ଲିକଙ୍କ ତେଜରାତି ଦୋକାନ ମଙ୍ଗଳବାର ବିଳମ୍ବିତ ରାତିରେ ଜଳିଯାଇଛି। ଦୋକାନରେ ଥିବା ସମସ୍ତ ଉପକରଣ ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଭୁବନ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାର୍ଥାପୁର ଆର୍‌ଆଇ ଘଟଣାର ତଦନ୍ତ କରିଛନ୍ତି।

### ମହିଳାଙ୍କୁ କରତ ଚୋଟ

**ଭୁବନ, ୧୩।୫(ଡି.ଏନ.ଏ.):** ବାକିରେ ସାମଗ୍ରୀ ଦେବାକୁ ମନା କରିବାରୁ ଭୁବନ ଥାନା ଗୋବିନ୍ଦପୁର ଗ୍ରାମର ମହିଳା ତେଜରାତି ଦୋକାନୀ ନମିତା ମଲ୍ଲିକ (୩୦)ଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଗ୍ରାମର ହେମନ୍ତ ସେଠୀ (୨୮) ତାଙ୍କୁ କରତରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ନମିତାଙ୍କୁ ଦୁଇ ହାତ ସମେତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ସହାୟତା ଦେଲେ ଗ୍ରାମବାସୀ



**ବଇଣ୍ଡା, ୧୩।୫(ଡି.ଏନ.ଏ.):** କରୋନା ମୁକାବିଲା ପାଇଁ ବୁଧବାର କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ଖୋଲଡଙ୍ଗିଆଣି ଓ ମଣ୍ଡାମ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରିଛନ୍ତି। ଗ୍ରାମର ପ୍ରକାଶ ମାଝି, ମଦନ ପ୍ରଧାନ, ଦିଲୀପ ପ୍ରଧାନ, ଜେନାମଣି ପ୍ରଧାନ ପୁଡାପଦର ଗ୍ରାମକୁ ଯାଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କୁ ମଣ୍ଡାମ ଗ୍ରାମ ପକ୍ଷରୁ ୫ ହଜାର ୫ ଟଙ୍କା, ଖୋଲଡଙ୍ଗିଆଣି ଗ୍ରାମ ପକ୍ଷରୁ ୫ ହଜାର ୧୬୧ ଟଙ୍କା ପ୍ରଦାନ କରିଥିଲେ।

### ୨୮ ଲିଟର ମଦ ଜବତ

**ବଇଣ୍ଡା, ୧୩।୫(ଡି.ଏନ.ଏ.):** ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମରେ ଚଢ଼ାଉ କରାଯାଇ ବିଜୟ୍ କୁମାର ସାହୁ, ବିଷ୍ଣୁ ଚରଣ ସ୍ୱାଇଁ, ବଡହୁଲା ଗ୍ରାମର ପ୍ରସନ୍ନ ବେହେରାଙ୍କ ଘରୁ ୨୮ ଲିଟର ମଦ ଜବତ କରାଯାଇଛି। ଏଥିସହ ସେମାନଙ୍କୁ ଗିରଫ କରାଯିବା ପରେ ନୋଟିସରେ ଛାଡିଦିଆଯାଇଛି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀ ଚଢ଼ାଉ କରିଥିଲେ।

### ସୁପରଭାଇଜରଙ୍କ ସନ୍ଦେହଜନକ ମୃତ୍ୟୁ

**ପାଲଲହଡ଼ା, ୧୩।୫(ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟ ପରିସରରେ ନିର୍ମାଣାଧୀନ ନୂତନ ଶିଶୁଭବନ କୋଠାରେ କାର୍ଯ୍ୟରତ ଏକ ଘରୋଇ ଠିକାସଂସ୍ଥାର ସୁପରଭାଇଜରଙ୍କ ବୁଧବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ରାଜୁ ଦାସ, ଘର ଭଦ୍ରକ ଜିଲାରେ ବୋଲି ଜଣାପଡିଛି। ତାଙ୍କ ସହକର୍ମୀଙ୍କ କହିବା ଅନୁଯାୟୀ, ସକାଳୁ ରାଜୁ ହଠାତ୍ ଅସୁସ୍ଥ ଯୋଗୁ ସଂଜ୍ଞାହୀନ ହୋଇପଡିଥିଲେ। ତାଙ୍କୁ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡିନାହିଁ। ପାଲଲହଡ଼ା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଏସିଆର ବଡ଼ ଗାଁକୁ କରୋନା ଡର

**ଭୁବନ, ୧୩।୫(ଡି.ଏନ.ଏ.)**



ଭୁବନ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଛି।

- ଚିନ୍ତା ବଢ଼ାଇଛନ୍ତି ଅମାନିଆ
- ପ୍ରତିରୋଧ ଲାଗି ନୂଆ ରଣନୀତି
- ସୀମାନ୍ତ ଯାଜପୁର ଉପରେ ନଜର
- ପୋଲିସ ପକ୍ଷରୁ ୩ ସ୍କ୍ୱାଡ୍ ଗଠିତ
- ମୁଖ୍ୟରାସ୍ତାରେ ପାଟ୍ରୋଲିଂ କଡ଼ାକଡ଼ି

ଏସିଆ ମହାଦେଶ ସର୍ବବୃହତ୍ ଗାଁ ଭୁବନକୁ ଗୋଡ଼ାଉଛି କରୋନା ଡର। ସୀମାନ୍ତ ଯାଜପୁର ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟାବୃଦ୍ଧି ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇଛି। ଅନ୍ୟପଟେ ଅଞ୍ଚଳକୁ ପ୍ରବାସୀ ଓଡ଼ିଆଙ୍କ ଆଗମନ ପରେ ସଂକ୍ରମଣ ରୋକିବା ପ୍ରଶାସନ ଲାଗି ଚ୍ୟାଲେଞ୍ଜ ପାଲଟିଛି। ଏଭଳି ସ୍ଥିତିରେ ଅଞ୍ଚଳକୁ କୋଭିଡ୍ କବଳରୁ ରକ୍ଷା କରିବାକୁ ପୋଲିସ, ପ୍ରଶାସନ ପକ୍ଷରୁ ନୂତନ ରଣନୀତି ପ୍ରସ୍ତୁତ କରାଯାଇଛି। ଭୁବନରୁ ଯାଜପୁରକୁ ସଂଯୋଗ କରୁଥିବା ରାସ୍ତାକୁ ସିଲ୍ କରାଯାଇଛି। ସୀମାନ୍ତ ଅଞ୍ଚଳରେ ପାଟ୍ରୋଲିଂ ବଢ଼ାଇ ଦିଆଯାଇଥିବାବେଳେ ଅମାନିଆଙ୍କ ଉପରେ ଅଧିକ କଠୋର ହେଉଛି ପୋଲିସ।

୨୨ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟାକୁ ନେଇ ସମୃଦ୍ଧ ଭୁବନ କଂସାବାସନ ସାମଗ୍ରୀ ଲାଗି ପ୍ରସିଦ୍ଧ। କଂସା କାରିଗରଙ୍କୁ ବାଦ୍‌ଦେଲେ ଆଖପାଖ ଅଞ୍ଚଳର ହଜାର ହଜାର ବ୍ୟବସାୟୀ ପେଟ ପାଟଣା ଚିନ୍ତାରେ ପ୍ରତିଦିନ ଏଠାକୁ ଆସିଥାନ୍ତି। ନୂଆବଜାର, କାଳୀବଜାର, ଗଣେଶ ବଜାର, ଦୁର୍ଗା ବଜାର, ଗୁଜୁରୀହାଟ, ନୂଆ ଭୁବନ ବଜାର, ବଡ଼ହାଟରେ ଶତାଧିକ ଦୋକାନ ରହିଛି। ଏହା ବ୍ୟତୀତ ଏକମାତ୍ର ପରିବା ମାର୍କେଟ ୨୦୦ରୁ ଉର୍ଦ୍ଧ ବ୍ୟବସାୟୀ ପରିବା ବିକ୍ରି କରିଥାନ୍ତି। ତେବେ ଜନସଂଖ୍ୟା ଦୃଷ୍ଟିରୁ ବୃହତ୍ ଭୁବନ ଗାଁର ଭୌଗୋଳିକ ସୀମାରେଖା ବଡ଼ ନୁହେଁ। କ୍ଷୁଦ୍ର ଅଞ୍ଚଳ ମଧ୍ୟରେ ଏତେସଂଖ୍ୟାରେ ଲୋକ ବସବାସ କରୁଛନ୍ତି। ତେଣୁ ସାମାଜିକ ଦୂରତ୍ୱ ରକ୍ଷା କରିବା ଅସମ୍ଭବ ବ୍ୟାପାର ହୋଇପଡୁଛି। ଲୋକମାନେ ନିୟମ ଭଙ୍ଗ କରି ଦୋକାନ, ବ୍ୟାଙ୍କ, ବଜାରରେ ହାଉଯାଉ ହେଉଛନ୍ତି। ପୋଲିସ, ଏନ୍‌ଏସି ପ୍ରଶାସନ ପକ୍ଷରୁ ବ୍ୟାପକ ଉଦ୍ୟମ ସତ୍ତ୍ୱେ ଲୋକେ କଟକଣା ମାନୁନାହାନ୍ତି, ଯାହା ସଂକ୍ରମଣ ଆଶଙ୍କା ବଢ଼ାଉଛି। ଜନଗହଳି ଅଞ୍ଚଳରେ ସାମାଜିକ ଦୂରତା ରକ୍ଷା କରିବାକୁ ଏନ୍‌ଏସି ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। ଏନ୍‌ଏସିକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ଅବରୋଧ କରାଯାଉଛି। ପୋଲିସ ପକ୍ଷରୁ ୩ ସ୍କ୍ୱାଡ୍ ଗଠନ କରାଯାଇ ପାଟ୍ରୋଲିଂ ଉପରେ ଗୁରୁତ୍ୱ ଦିଆଯାଇଛି। ଦୋକାନ ଖୋଲିବା ନିୟମ ମାନିବାକୁ ବ୍ୟବସାୟୀଙ୍କୁ କୁହାଯାଉଛି। ସେହିପରି ଏନ୍‌ଏସି ପକ୍ଷରୁ ୩ଟି ସ୍ଥାନରେ କ୍ୱାରାଣ୍ଟାଇନ୍ ସେଣ୍ଟର କରାଯାଇଛି। ଭୁବନକୁ ୨୩୬ଜଣ ପ୍ରବାସୀ ଆସିବାକୁ ନାମ ପଞ୍ଜୀକରଣ କରିଛନ୍ତି। ସ୍ଥାନୀୟ ମହିଳା କଲେଜ ସଙ୍ଗରୋଧ ଗୃହରେ ୪ଜଣ ପ୍ରବାସୀ ଅଛନ୍ତି।

ଏ ନେଇ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ କୁହନ୍ତି, ଢେଙ୍କାନାଳ ଜିଲାର ଏକମାତ୍ର କରୋନା ରୋଗୀ ସୁସ୍ଥ ହୋଇ ଫେରିବା ପରେ ଆପାତତଃ ଜିଲା କୋଭିଡ୍ ସଂକ୍ରମଣରୁ ମୁକ୍ତ ରହିଛି। ଲୋକମାନେ ବିଶେଷ କରି ଯୁବଗୋଷ୍ଠୀ ସତର୍କ ଏବଂ ସଚେତନ ରହିଲେ କରୋନା ଉପରେ ବିଜୟ ସମ୍ଭବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଛନ୍ତି। ତହସିଲଦାର ଶକ୍ତିକାନ୍ତ ରାଏ କୁହନ୍ତି, ଅଞ୍ଚଳର ବ୍ୟବସାୟୀ, ଜନସାଧାରଣ ସହଯୋଗ କରୁଛନ୍ତି। କେତେକ ସ୍ଥାନରେ କଟକଣା ଭଙ୍ଗ ହେଉଥିବା ନଜରକୁ ଆସିଛି। ଶତ ପ୍ରତିଶତ ଲୋକଙ୍କ ସହଯୋଗ ନ ମିଳିଲେ କରୋନାକୁ ରୋକିବା ସମ୍ଭବ ହେବନାହିଁ।

# ବେଙ୍ଗାଲୁରୁରୁ ଆସିଲେ ୩୨ ପ୍ରବାସୀ

**ଭୁବନ, ୧୩।୫(ଡି.ଏନ.ଏ.)**

**ବସ୍ ଭଡ଼ା ୧.୬୦ ଲକ୍ଷ**

ବେଙ୍ଗାଲୁରୁରୁ ୧ଲକ୍ଷ ୬୦ ହଜାର ଟଙ୍କା ବସ୍‌ଭଡ଼ା ଦେଇ ୩୨ ଜଣ ପ୍ରବାସୀ ଓଡ଼ିଶା ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଢେଙ୍କାନାଳ ଜିଲା ଭୁବନ ବ୍ଲକ ସୁରପ୍ରତାପପୁର ପଞ୍ଚାୟତର ୨୬ ଏବଂ କେନ୍ଦ୍ରାପଡ଼ା ଜିଲାର ୬ଜଣ ଅଛନ୍ତି। ସମ୍ପୃକ୍ତ ପ୍ରବାସୀମାନେ ଗତ ୧୧ ତାରିଖ ରାତି ୧୦ଟାରେ ବେଙ୍ଗାଲୁରୁରୁ ବାହାରିଥିଲେ। ବସ୍ ଭୁବନେଶ୍ୱର ଦେଇ କେନ୍ଦ୍ରାପଡ଼ାରେ ପହଞ୍ଚିଥିଲା। ସେଠାରେ ୬ଜଣ ପ୍ରବାସୀଙ୍କୁ ଛାଡ଼ି ମଙ୍ଗଳବାର ରାତିରେ ଉକ୍ତ ବସ୍ ସୁରପ୍ରତାପପୁରରେ ପହଞ୍ଚିଥିଲା। ୨୬ ପ୍ରବାସୀଙ୍କୁ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ସରକାରୀ ହାଇସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ସୁରପ୍ରତାପପୁର ପଞ୍ଚାୟତର ୧୮୭ଜଣ ପ୍ରବାସୀ ଘରକୁ ଫେରିବାକୁ ନାମ ପଞ୍ଜୀକରଣ କରିଛନ୍ତି। ଏଥିପୂର୍ବରୁ ୬ଜଣ ଆସି ପହଞ୍ଚି ସାରିଛନ୍ତି। ବୁଧବାର ରାତିରେ ବେଙ୍ଗାଲୁରୁରୁ ଅନ୍ୟ ଏକ ବସ୍‌ରେ ୨୫ଜଣଙ୍କୁ ନେଇ ବାହାରିବ ବୋଲି ବିଶେଷସୂତ୍ରରୁ ଜଣାପଡ଼ିଛି।

ଏ ନେଇ ବିଡିଓ ଆଶୀର୍ବାଦ ପରିଡ଼ା କୁହନ୍ତି, ବେଙ୍ଗାଲୁରୁ ପ୍ରବାସୀ ନିଜସ୍ୱ ଖର୍ଚ୍ଚରେ ଓଡ଼ିଶା ଆସିଛନ୍ତି। ସେମାନଙ୍କ ରହିବା, ଖାଇବା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ପଞ୍ଚାୟତର ସରପଞ୍ଚ ଏବଂ ଅଧିକାରୀଙ୍କୁ କେନ୍ଦ୍ର ପରିଚାଳନା କରିବାକୁ ଦାୟିତ୍ୱ ବଣ୍ଟନ କରାଯାଇଛି।



ପ୍ରବାସୀମାନଙ୍କୁ ଧରି ଆସିଥିବା ବସ୍।

# ମିଳୁନି ସଂକ୍ରମିତଙ୍କ ଗସ୍ତ ବିବରଣୀ

**ଅନୁଗୋଳ ଅଫିସ, ୧୩।୫**

ଅନୁଗୋଳରେ ୧୫ ଜଣ କରୋନା ଆକ୍ରାନ୍ତ ରବିବାର ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅନୁଗୋଳ ପୌରପାଳିକା ଅଞ୍ଚଳର ଜଣେ ୩୭ ବର୍ଷୀୟ ଯୁବକଙ୍କ ଗସ୍ତ ବିବରଣୀ ବା ଟ୍ରାଭେଲ ହିଷ୍ଟ୍ରି ବାବଦରେ ପ୍ରଶାସନକୁ ଏ ପର୍ଯ୍ୟନ୍ତ ତଥ୍ୟ ମିଳିପାରି ନ ଥିବା ଜଣାପଡିଛି। ସମ୍ପୃକ୍ତ ଯୁବକ ଭୁବନେଶ୍ୱରରୁ ଆସିଥିବା ନେଇ ପ୍ରଶାସନ ଜାଣିଥିବାବେଳେ ଚିହ୍ନଟ ହେବା ପୂର୍ବରୁ ସେ କେଉଁଠିକୁ ଯାଇଥିଲେ ଓ କାହା ସହ ମିଶିଥିଲେ ସେ ନେଇ କୌଣସି ସୂଚନା ଏ ଯାଏ ଜଣାପଡିନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଆଶଙ୍କାରେ ଅଛନ୍ତି। ୪ ଦିନ ପରେ ଏ ବାବଦରେ ତଥ୍ୟ ମିଳିପାରି ନ ଥିବାରୁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଉ ନ ଥିବା ଅଭିଯୋଗ ହେଉଛି। ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ଭୁବନେଶ୍ୱରରୁ ଯୁବକ ଜଣଙ୍କ ଫେରିଛନ୍ତି। ଅନୁଗୋଳରେ କାହା ସହ ସେ ମିଶିଛନ୍ତି ତାହାର ଅନୁଧ୍ୟାନ ଚାଲିଛି।

# ନିଜ ଜିଲାକୁ ଗଲେ ୫୨ ଶ୍ରମିକ

**ଅନୁଗୋଳ ଅଫିସ, ୧୩।୫**

ଅନୁଗୋଳରେ କ୍ୱାରାଣ୍ଟାଇନ୍‌ରେ ଥିବା ବିଭିନ୍ନ ଜିଲାର ୫୨ ଶ୍ରମିକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସେମାନଙ୍କ ଘରକୁ ପଠାଯାଇଛି। ଗୋଟିଏ ବସ୍ ଓ ଗୋଟିଏ ଟାଟା ୱିଙ୍ଗର୍ ଯୋଗେ କଳାହାଣ୍ଡିର ୧୪ ଜଣ, ବଲାଙ୍ଗୀରର ୨୫ ଓ ନୂଆପଡ଼ାର ୧୩ ଜଣଙ୍କୁ ପଠାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲା କରୋନା ନୋଡାଲ ଅଫିସର୍ ଅତୁଲ୍ୟ କୁମାର ଚମ୍ପତିରାୟ, ଡେପୁଟି କଲେକ୍ଟର ବଇତୁରା ଦୀପ୍, ଏପିଡି ଅବିନାଶ ମହାନ୍ତି ଓ ଏପିଡି ରାକେଶ କୁମାର କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ସହରରେ ବୁଲୁଛନ୍ତି ବାହାର ଶ୍ରମିକ

**କାମାକ୍ଷାନଗର, ୧୩।୫(ଡି.ଏନ.ଏ.)**

- ୧୮ଜଣଙ୍କୁ ଉଦ୍ଧାର କଲେ ସ୍ୱେଚ୍ଛାସେବୀ
- ପୋଲିସ ଢିଲା, ସଂକ୍ରମଣ ଆଶଙ୍କା ବଢୁଛି

ପୋଲିସ ପଇଁତରା ସତ୍ତ୍ୱେ ସହରକୁ ପଶୁଛନ୍ତି ବାହାର ଶ୍ରମିକ। ଏହାକୁ ନେଇ ଢେଙ୍କାନାଳ ଜିଲା କାମାକ୍ଷାନଗରରେ ସୃଷ୍ଟି ହୋଇଛି ଭୟର ବାତାବରଣ। ବୁଧବାର ସହରରେ ଇତସ୍ତତଃ ଭାବେ ବୁଲୁଥିବା ୧୮ଜଣ ଶ୍ରମିକଙ୍କୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଉଦ୍ଧାର କରି ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି। ପୋଲିସର ଢିଲାପଣ କରୋନା ସଂକ୍ରମଣ ଆଶଙ୍କା ବଢ଼ାଉଥିବାବେଳେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

ଆନ୍ଧ୍ରପ୍ରଦେଶରେ କାମ କରୁଥିବା କଙ୍କଡ଼ାହାଡ଼ ଅଞ୍ଚଳର ୧୨ ଶ୍ରମିକ ବୁଧବାର କାମାକ୍ଷାନଗରରେ ବୁଲୁଥିବାବେଳେ ସ୍ୱେଚ୍ଛାସେବୀଙ୍କ ନଜର ପଡ଼ିଥିଲା। ଶ୍ରମିକମାନେ ବିଜୟୱାଡାଠାରୁ ୬୦ କିମି ଦୂର ଲସରପେଟା ଅଞ୍ଚଳରେ ମାର୍ବଲ କାମ କରୁଥିଲେ। ଲକ୍‌ଡାଉନ ପରେ କାମ ବନ୍ଦ ହୋଇଯିବାରୁ ପଇସା ସରିଯାଇଥିଲା। ଏହାପରେ ସେମାନେ ଘରକୁ ଫେରିବାକୁ ଚିନ୍ତା କରିଥିଲେ। ଏଥିଲାଗି ଜଣକା ୨ହଜାର ଟଙ୍କା ଖର୍ଚ୍ଚ କରି ଏକ ବସ୍‌ରେ ଓଡ଼ିଶା ସୀମାରେ ପହଞ୍ଚିଥିଲେ। ସେଠାରୁ ଚାଲି ଚାଲି ସୋମବାର ବ୍ରହ୍ମପୁର ଯାଏ ଆସିଥିଲେ। ଟ୍ରକ୍‌ରେ ଲିଫ୍ଟ ମାଗି ଏବଂ ଚାଲିଚାଲି ୩ଦିନରେ କାମାକ୍ଷାନଗରରେ ପହଞ୍ଚିଥିଲେ। ଉଦ୍ଧାର ଶ୍ରମିକଙ୍କୁ ଖାଇବା ପିଇବାକୁ ଦେବା ପରେ କଙ୍କଡ଼ାହାଡ଼ ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ବିଡିଓ ଖଗେଶ୍ୱର ପାତ୍ର କୁହନ୍ତି, ସମସ୍ତଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ଆବଶ୍ୟକ ପଡ଼ିଲେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ସେହିପରି କଟକରୁ ଚାଲିଚାଲି ଝାଡ଼ଖଣ୍ଡ ଯାଉଥିବା ୬ଜଣ ଶ୍ରମିକଙ୍କୁ କେତେଜଣ ସାମାଜିକ କର୍ମୀ ଉଦ୍ଧାର କରି ଖାଇବା ପିଇବାକୁ ଦେଇଥିଲେ। ସେମାନଙ୍କୁ ମଧ୍ୟ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି।

ବିଭିନ୍ନ ସ୍ଥାନରେ ଯାଞ୍ଚ କଡ଼ାକଡ଼ି କରାଯାଉଥିବାବେଳେ ଶ୍ରମିକମାନେ ସହରକୁ ପଶିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ କୁହନ୍ତି, ଯେଉଁ ଶ୍ରମିକମାନେ ନଜରକୁ ଆସୁଛନ୍ତି ସେମାନଙ୍କୁ ଉଦ୍ଧାର କରି ରଖାଯାଉଛି। ହେଲେ କେତେକ ଶ୍ରମିକ ଗଳାବାଟ ଦେଇ ସହରକୁ ଆସୁଥିବା ନଜରକୁ ଆସିଛି। ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ବଢୁଛି ଚୋରା ମଦ କାରବାର

**ମାର୍ଶାଘାଇ, ୧୩।୫(ଡି.ଏନ୍.ଏ)**

**ପଡୁନି ଲକ୍‌ଡାଉନ୍ ପ୍ରଭାବ**

କରୋନା ଭୟାବହତାକୁ ଦୃଷ୍ଟିରେ ରଖି ସରକାର ଲକ୍‌ଡାଉନ୍ ଜାରି କରିଛନ୍ତି। ଏହି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଛି। ଏନେଇ କେନ୍ଦ୍ରାପଡା ଜିଲାରେ କେବଳ ଜରୁରୀ ସାମଗ୍ରୀ ଦୋକାନଗୁଡିକ ଖୋଲା ରହିଛି। ସାମାଜିକ ଦୂରତ୍ୱ ରକ୍ଷା କରିବା ପାଇଁ ଏଠାରେ ଥିବା ସରକାରୀ ମଦ ଦୋକାନଗୁଡିକୁ ସିଲ୍ କରି ଦିଆଯାଇଛି। ମାତ୍ର ଏହି ସମୟରେ ଜିଲାର ମାର୍ଶାଘାଇ ବ୍ଲକରେ ଚୋରା ମଦ କାରବାର ବଢ଼ିଥିବା ସୂଚନା ମିଳିଛି। ଏନେଇ ପୋଲିସ ପକ୍ଷରୁ ବାରମ୍ବାର କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲେ ମଧ୍ୟ ଚୋରା ମଦ ବ୍ୟବସାୟୀଙ୍କ ଉପରେ କୌଣସି ପ୍ରଭାବ ପଡୁନାହିଁ।

### ଚଢ଼ା ଦରରେ ବିକ୍ରିହେଉଛି ଅବକାରୀ ସାମଗ୍ରୀ

ଲକ୍‌ଡାଉନ ସମୟରେ ଅନେକ ବ୍ୟବସାୟୀ କାରବାର ବନ୍ଦ କରି ଛଟପଟ ହେଉଥିବା ବେଳେ ଚୋରା ମଦ ବ୍ୟବସାୟୀ ଏହାର ଭରପୂର ଫାଇଦା ଉଠାଉଛନ୍ତି। ଏହି ସମୟରେ ମଦଗୁଡିକୁ ୫ଗୁଣା ଅଧିକ ଦରରେ ବିକ୍ରି କରାଯାଉଥିବା ସୂଚନା ମିଳିଛି। କେବଳ ମଦ ନୁହେଁ ବିଭିନ୍ନ ଅବକାରୀ ସାମଗ୍ରୀ ମଧ୍ୟ ବଜାରରେ ଚଢ଼ାଦରରେ ବିକ୍ରି କରାଯାଉଛି।

### ରାତିରେ ଚାଲାଣ ହେଉଛି ଚୋରା ମଦ

ଅଙ୍ଗୁଳାଇ, ଓସ୍ତରହାଟ, ଟିକରପଙ୍ଗା ଆଦି ସ୍ଥାନରେ ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ବ୍ୟବସାୟୀମାନେ ରାତିରେ ଦୋକାନଗୁଡିକ ସିଲ୍ ଭାଙ୍ଗି ସେଠାରେ ଗଚ୍ଛିତ ମଦକୁ ଚାଲାଣ କରୁଥିବା ନେଇ ଅଭିଯୋଗ ହୋଇଛି। ସେହିପରି ଅନ୍ୟ କିଛି ସ୍ଥାନରେ ଦେଶୀ ମଦ ପ୍ରସ୍ତୁତି କରାଯାଉଥିବା ସୂଚନା ମିଳିଛି।

### ୨ ମାସରେ ୮ ମଦ ବ୍ୟବସାୟୀ ଗିରଫ

ଗତ ମାର୍ଚ୍ଚ ଓ ଏପ୍ରିଲରେ ମାର୍ଶାଘାଇ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮ ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ବିପୁଳ ପରିମାଣର ମଦ ଜବତ ହୋଇଛି। ସେଗୁଡିକ ମଧ୍ୟରେ ଆସ୍କା ୪୦, ହ୍ୱିସ୍କି ଓ ରମ୍ ଆଦି ରହିଛି। ଆଗାମୀ ଦିନରେ ଏଭଳି ଚଢ଼ାଉ ଅଧିକ କରାଯିବ ବୋଲି ବୋଲି ମାର୍ଶାଘାଇ ଥାନା ଏସ୍‌ଆଇ ଦେବାଶିଷ ପଣ୍ଡା କହିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟିଦେଇ ଚୋରାମଦ ବ୍ୟବସାୟଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।



ଫଳ ଦୋକାନୀଙ୍କ ସହ ନିର୍ବାହୀ ଅଧିକାରୀ ଆଲୋଚନା କରୁଛନ୍ତି।

# ବସ୍‌ଷ୍ଟାଣ୍ଡରେ ବନ୍ଦ ହେଲା ଫଳ ଦୋକାନ

**ଅନୁଗୋଳ ଅଫିସ, ୧୩।୫**

ଅନୁଗୋଳ ସହରର ବସ୍‌ଷ୍ଟାଣ୍ଡଠାରେ ଥିବା ଫଳ ଦୋକାନୀଙ୍କୁ ଅନୁଗୋଳ ଷ୍ଟାଡିୟମକୁ ସ୍ଥାନାନ୍ତର କରିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ହେଁ ସେମାନେ ଏହାକୁ ମାନି ନ ଥିବା ଜଣାପଡିଛି। ଏହାକୁ ନେଇ ପ୍ରଶାସନ ସହ ଆଲୋଚନା ବିଫଳ ପରେ ବ୍ୟବସାୟୀଙ୍କୁ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଫଳ ବ୍ୟବସାୟୀଙ୍କୁ ଷ୍ଟାଡିୟମରେ ବ୍ୟବସାୟ କରିବାକୁ କୁହାଯାଇଥିଲା। କିନ୍ତୁ ସେମାନେ ନମାନି ପୂର୍ବ ସ୍ଥାନରେ ବ୍ୟବସାୟ କରୁଥିବାରୁ ପୌରପାଳିକା ଓ ପୋଲିସ ପକ୍ଷରୁ ମଙ୍ଗଳବାର ଦୋକାନ ବନ୍ଦ କରିବା ପାଇଁ କୁହାଯାଇଥିଲା। ବ୍ୟବସାୟୀମାନେ ଆଲୋଚନା ପାଇଁ ଆସିଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। କେବଳ ଷ୍ଟାଡିୟମରେ ଦୋକାନ ଖୋଲାଯାଇପାରିବ, ନଚେତ ସାମାଜିକ ଦୂରତା ରଖି ଦୋକାନ ଖୋଲିବାକୁ ପରାମର୍ଶ ଦିଆଯାଇଥିଲା। ହେଲେ ବ୍ୟବସାୟୀମାନେ ରାଜି ନ ହେବାରୁ ଫଳ ଦୋକାନ ନ ଖୋଲିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

# ପର ଭଳି ବ୍ୟବହାର ଦେଖାଇଲେ ପରିବାର

**ଅନୁଗୋଳ ଅଫିସ, ୧୩।୫**

- ଭୁବନେଶ୍ୱରରୁ ଫେରିଥିବାରୁ ନାବାଳିକାଙ୍କୁ ଘରେ ପୂରାଇଲେନି
- ୩ ଘଣ୍ଟା ବାହାରେ ବସାଇ ଜଣାଇଲେ ପ୍ରଶାସନକୁ
- ବୁଝାଶୁଝା ପରେ ରାତିରେ ରହିଲେ ହୋମ୍ କ୍ୱାରାଣ୍ଟାଇନ୍‌ରେ

ରକ୍ତ ସମ୍ପର୍କରେ ସନ୍ଦେହ ଭରିଛି କରୋନା ଭୟ। ଖାସ୍ ଏହି କାରଣରୁ ଭୁବନେଶ୍ୱରରୁ ଫେରିଥିବା ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ନିଜ ପରିବାର ଲୋକଙ୍କଠାରୁ ପରଭଳି ବ୍ୟବହାର ସହିବାକୁ ପଡ଼ିଛି। ଭିଣୋଇଙ୍କ ସାଙ୍ଗ ବାଇକ୍‌ରେ ଆଣି ହଠାତ୍ ଘରପାଖରେ ଛାଡ଼ିଦେଇ ଯିବା ପରେ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଭଲମନ୍ଦ ପଚାରି ବୁଝିବା ପରିବର୍ତ୍ତେ ରାସ୍ତାକଡ଼ରେ ୩ ଘଣ୍ଟା ବସାଇ ବାହାରେ କ୍ୱାରାଣ୍ଟାଇନ୍‌ରେ ରଖିବା କିମ୍ବା କୋଭିଡ୍ ଟେଷ୍ଟ ପାଇଁ ପ୍ରଶାସନକୁ ଜଣାଇବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ବୁଧବାର ସନ୍ଧ୍ୟାରେ ଅନୁଗୋଳ ସହରସ୍ଥିତ ରାଧାରମଣପଡ଼ାରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତେବେ ପରିବାର ଲୋକଙ୍କୁ ବୁଝାଶୁଝା କରି ରାତି ପ୍ରାୟ ୯ଟାରେ ପ୍ରଶାସନ ନାବାଳିକାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖିଥିବା ଖବର ମିଳିଛି।

ସୂଚନା ଅନୁଯାୟୀ, ଗର୍ଭବତୀ ଥିବା ବଡ଼ଭଉଣୀଙ୍କୁ ସହଯୋଗ କରିବାକୁ ଦୁଇମାସ ତଳେ ଭିଣୋଇ ସମ୍ପୃକ୍ତା ନାବାଳିକାଙ୍କୁ ଭୁବନେଶ୍ୱର ନେଇଯାଇଥିଲେ। ହେଲେ ବୁଧବାର ଅପରାହ୍ନରେ କାହାକୁ କିଛି ନ ଜଣାଇ ଭିଣୋଇ ଜଣେ ସାଙ୍ଗଙ୍କ ସହ ବାଇକ୍‌ରେ ତାଙ୍କୁ ଅନୁଗୋଳସ୍ଥିତ ଘରକୁ ପଠାଇ ଦେଇଥିଲେ। ନାବାଳିକା ଜଣକ ଭୁବନେଶ୍ୱରରୁ ଫେରିଥିବା ଦେଖି କରୋନା ସନ୍ଦେହରେ ଭୟଭୀତ ପରିବାର ଲୋକେ ତାଙ୍କୁ ଘରକୁ ଯିବାକୁ ବାରଣ କରିଥିଲେ। ଏଥିସହ ରାସ୍ତା କଡ଼ରେ ବସାଇ ରଖି ବାହାରେ କେଉଁଠି ସଙ୍ଗରୋଧରେ ରଖାଯିବା ନଚେତ କୋଭିଡ୍ ଟେଷ୍ଟ କରିବାକୁ ସେମାନେ ପୌର ପ୍ରଶାସନକୁ କହିଥିଲେ। କିନ୍ତୁ ଏତେ ଛୋଟ ପିଲାକୁ ନେଇ କ୍ୱାରାଣ୍ଟାଇନ୍‌ରେ ରଖି ହେବ ନାହିଁ ବୋଲି ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିବା ପରେ ପରିବାର ଲୋକେ ଉପଜିଲାପାଳ ବାସୁଦେବ ଶତପଥୀଙ୍କୁ ଯୋଗାଯୋଗ କରିଥିଲେ। ଉପଜିଲାପାଳଙ୍କଠାରୁ ନିର୍ଦ୍ଦେଶ ପାଇ ପୌର ନିର୍ବାହୀ ଅଧିକାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ପରିବାର ଲୋକଙ୍କୁ ବୁଝାଶୁଝା କରି ନାବାଳିକାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଇଥିଲେ। ଖବରପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ମଧ୍ୟ ସେଠାରେ ପହଞ୍ଚିଥିବା ସୂଚନା ମିଳିଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି, ରାଜ୍ୟ ବାହାରୁ ଫେରୁଥିବା ଲୋକଙ୍କୁ ବିଭିନ୍ନ ସ୍ଥାନରେ କ୍ୱାରାଣ୍ଟାଇନ୍‌ରେ ରଖାଯାଉଛି। କିନ୍ତୁ ୧୨ ବର୍ଷର ଝିଅଟିକୁ ନେଇ ଅନ୍ୟକେଉଁଠି ସଙ୍ଗରୋଧରେ ରଖାଯିବା ସମ୍ଭବ ନୁହେଁ ବୋଲି ବୁଝାଶୁଝା ପରେ ସମସ୍ୟାର ସମାଧାନ ହୋଇଥିଲା। ଘଟଣା ସମ୍ପର୍କରେ ନାବାଳିକାଙ୍କ ଜେଜେ କହିଛନ୍ତି, ଗୋଟିଏ ବଖରାରେ ପରିବାରର ସମସ୍ତେ ରହୁଛନ୍ତି। ତେଣୁ ଭୁବନେଶ୍ୱରରୁ ଫେରିଥିବା ନାତୁଣୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖିବାରେ ଅସୁବିଧା ହେବ ବୋଲି ଅନୁଭବ କରି କିଛି ଭିନ୍ନ ବ୍ୟବସ୍ଥା କରିବାକୁ ପ୍ରଶାସନକୁ ଜଣାଯାଇଥିଲା।

## ସଂକ୍ଷେପରେ

### ଛତୁଆ, ଚାଉଳ, ଅଣ୍ଡା ବଣ୍ଟନରେ ଅନିୟମିତତା ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଜୟପୁର,୧୩ା୫(ନି.ପ୍ର.)-ଛତୁଆ, ଚାଉଳ ଓ ଅଣ୍ଡା ବଣ୍ଟନରେ ଅନିୟମିତତା କରାଯାଇଥିବା ବୋରିଗୁମ୍ମା ବ୍ଲକ ଶଶାହାଣ୍ଡି ଗ୍ରାମବାସୀ କୋରାପୁଟ ଜିଲା ଜୟପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଲକ୍‌ଡାଉନ୍ ସମୟରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଗର୍ଭବତୀ ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବାପାଇଁ ସରକାର ଘୋଷଣା କରିଥିଲେ। କିନ୍ତୁ ବୋରିଗୁମ୍ମା ବ୍ଲକ ଶଶାହାଣ୍ଡି ଗ୍ରାମର ଅଙ୍ଗନୱାଡି କେନ୍ଦ୍ର -୧ରେ ୪ ମାସ ହେବ ଗର୍ଭବତୀ ଓ ଶିଶୁମାନଙ୍କୁ ଛତୁଆ, ଚାଉଳ ଓ ଅଣ୍ଡା ଦିଆ ଯାଇ ନ ଥିବା ଉପଜିଲାପାଳଙ୍କୁ ଗ୍ରାମବାସୀ ଲିଖିତ ଭାବେ ଜଣାଇଛନ୍ତି। ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମର ପଦ୍ମିନୀ ହରିଜନ, ଅନତି ହରିଜନ,ଜୟନ୍ତୀ ହରିଜନ ପ୍ରମୁଖ ଦାବି କରିଛନ୍ତି ।

### ଗୁଜବ ପରେ ଲୁଣର କଳାବଜାର

ଡାବୁଗାଁ,୧୩ା୫( ଡି.ଏନ୍.ଏ.)-ଲୁଣ ଆଉ ମିଳିବ ନାହିଁ ଏପରି ଏକ ଗୁଜବ ପରେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍‌ରେ ଲୁଣର କଳାବଜାର ହେଉଛି। ଧାର୍ଯ୍ୟ ଦରଠାରୁ ବହୁ ଅଧିକ ଦରରେ ଲୁଣ ବିକ୍ରି ହେଉଛି। ୫ଟଙ୍କିଆ ପ୍ୟାକେଟ ଲୁଣକୁ ୧୫ଟଙ୍କା ଓ ୧୦ ଟଙ୍କିଆ ପ୍ୟାକେଟ ଲୁଣକୁ ୨୦ ଟଙ୍କାରେ ଲୋକମାନେ କିଣୁଥିବା ଦେଖିବାକୁ ମିଳିଛି। ୫ଟଙ୍କିଆ ଲୁଣ ପ୍ୟାକେଟ ବସ୍ତା ୧୬୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ଡାବୁଗାଁ ବଜାରରେ ସେହି ବସ୍ତା ୪୦୦ଟଙ୍କାରେ ବିକ୍ରି ହେଉଛି। ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଦାବି ହେଉଛି।

### ଯୋଗାଣ ସହାୟକଙ୍କ ବିରୋଧରେ ବିଡିଓଙ୍କୁ ଅଭିଯୋଗ

ନବରଙ୍ଗପୁର,୧୩ା୫(ବି.ପ୍ର.)-ଜଣେ ଯୋଗାଣ ସହାୟକଙ୍କ ବିରୋଧରେ ପାପଡାହାଣ୍ଡି ବ୍ଲକ ଧବେଳେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଛି। ଯୋଗାଣ ସହାୟକ ଜଣକ ଟଙ୍କା ମାଗୁଥିବା ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଛି। ଚନ୍ଦ୍ରପୁର ସଙ୍ଗରୋଧ କେନ୍ଦ୍ର ପାଇଁ ରନ୍ଧାଖାଦ୍ୟ ଯୋଗାଇବାକୁ ଚନ୍ଦ୍ରପୁର ପଞ୍ଚାୟତର ଧବେଳେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପଞ୍ଚାୟତ ପକ୍ଷରୁ ଅନୁମତି ମିଳିଛି । ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫ ହଜାରଟଙ୍କା ଯୋଗାଣ ସହାୟକ ମାଗିଥିଲେ । ଟଙ୍କା ଦେଇ ନପାରିଲେ ରନ୍ଧାଖାଦ୍ୟ ଯୋଗାଇବାକୁ ମନା କରିଦିଆଯିବ ବୋଲି ଯୋଗାଣ ସହାୟକ କହିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବୁଧବାର ବିଡିଓ ରଞ୍ଜିତା ମଲ୍ଲିକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରିବାକୁ ଗୋଷ୍ଠୀର ସଭାପତି ଧନମତି ମାଝୀ, ଶାନ୍ତି ମାଝୀ, ବୁଦାଇ ମାଝୀ, ବୁଦରୀ ମାଝୀ, ଇଛାବତୀ ସମାରୀ ପ୍ରମୁଖ ଜଣାଇଛନ୍ତି।

### ଗାଜୁଲୁମାମୁଡ଼ି ପଞ୍ଚାୟତବାସୀ ଦେଲେ ଦାବିପତ୍ର

ଚିତ୍ରକୋଣ୍ଡା,୧୩ା୫(ଡି.ଏନ୍.ଏ.)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳ ଗାଜୁଲୁମାମୁଡ଼ି ପଞ୍ଚାୟତବାସୀ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଲରିମନ ଖରସେଲଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଗାଜୁଲୁମାମୁଡ଼ି ପଞ୍ଚାୟତର ୧୯୦ ପରିବାର ଏଯାଏ ରାଶନ କାର୍ଡ ପାଇନାହାନ୍ତି। ପିଇବା ପାଣି ନାହିଁ, ଏମଜିଏନଆରଜିଏସର କାମ ମିଳୁନାହିଁ, ବିହନ ମିଳୁନାହିଁ। ଦାବିପତ୍ର ପ୍ରଦାନ ବେଳେ ସେମାନଙ୍କ ସମସ୍ୟା ସମ୍ପର୍କରେ ବିଡିଓଙ୍କ ସହ ଆଲୋଚନା କରିଥିଲେ। ଗାଜୁଲୁମାମୁଡ଼ି ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛନ୍ତି ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

### ଆଇନଜୀବୀ ସଂଘ କମିଟିରୁ ରବୀନ୍ଦ୍ର ପାତ୍ରଙ୍କ ଇସ୍ତଫା

ଜୟପୁର,୧୩ା୫(ଡି.ଏନ୍.ଏ.)-କୋରାପୁଟ ଜିଲା ଜୟପୁରସ୍ଥିତ ଆଇନଜୀବୀ ସଂଘର ମଧ୍ୟବର୍ତ୍ତିକାଳୀନ କମିଟିର ସଦସ୍ୟ ରବୀନ୍ଦ୍ର ପାତ୍ର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। କମିଟିର ଅଧ୍ୟକ୍ଷଙ୍କୁ ସେ ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । କମିଟିର ଅଧ୍ୟକ୍ଷ ସରୋଜ ଦାଶ କହିଛନ୍ତି ଯେ, କୌଣସି ନିୟମର ଉଲ୍ଲଂଘନ କରାଯାଇନାହିଁ । ତେଣୁ ତାଙ୍କର ଇସ୍ତଫାପତ୍ର ଗ୍ରହଣ କରା ଯାଇନାହିଁ । ତାଙ୍କ ସହ ଆଲୋଚନା ଚାଲିଛି ।

# ଅନ୍‌ଲାଇନ ଶିକ୍ଷାରୁ ବଞ୍ଚିତ ଉପାନ୍ତ ଅଞ୍ଚଳ ବିଦ୍ୟାର୍ଥୀ

ଦଶମନ୍ତପୁର,୧୩ା୫( ଡି.ଏନ୍.ଏ. )

- ସରକାରଙ୍କ ଲକ୍ଷ୍ୟ ୧୦୦ ପ୍ରତିଶତ, ଶିକ୍ଷା ପାଇବେ ୧୬.୯୯ ପ୍ରତିଶତ
- ୧୪ ସ୍କୁଲରେ ୯୫୩ ବିଦ୍ୟାର୍ଥୀ, ୧୬୨ ଜଣଙ୍କ ନିକଟରେ ଅଛି ଆଣ୍ଡ୍ରଏଡ୍ ମୋବାଇଲ

କରୋନା ସଂକ୍ରମଣରୁ ରକ୍ଷା ପାଇଁ ସରକାର ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ସ୍କୁଲ ଛୁଟି ଯୋଗୁ ଶିକ୍ଷା ବ୍ୟବସ୍ଥା ମଧ୍ୟ ବେଶ୍ ପ୍ରଭାବିତ ହୋଇଛି। ତେବେ ସଂକ୍ରମଣ ବଢୁଥିବାବେଳେ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ଅନ୍‌ଲାଇନ ଶିକ୍ଷା ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏ ନେଇ କେତେଜଣ ଶିକ୍ଷା ବିଭାଗୀୟ ଅଧିକାରୀଙ୍କୁ ନେଇ ଗ୍ରୁପ୍ ପ୍ରସ୍ତୁତ କରାଯାଇଛି। ଏହି ଗ୍ରୁପ୍ ମାଧ୍ୟମରେ ୨ୟରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ବିଦ୍ୟାର୍ଥୀ ଘରେ ବସି ଆଣ୍ଡ୍ରଏଡ୍ ମୋବାଇଲ ମାଧ୍ୟମରେ ଶିକ୍ଷା ଗ୍ରହଣ କରିପାରିବେ। ତେବେ ଏହି ଅନ୍‌ଲାଇନ ଶିକ୍ଷା ବ୍ୟବସ୍ଥା ସହରାଞ୍ଚଳରେ ସମ୍ଭବ ହେଉଥିଲେ ମଧ୍ୟ ଗ୍ରାମାଞ୍ଚଳରେ ସଫଳ ହୋଇପାରୁନାହିଁ। ଉପାନ୍ତ କୋରାପୁଟ ଜିଲାରେ ଦେଖିବାକୁ ମିଳିଛି ଏହାର ସ୍ପଷ୍ଟ ଚିତ୍ର।

ଜିଲାର ଦଶମନ୍ତପୁର ବ୍ଲକ୍‌ରେ ଅନେକ ପରିବାରର ଆର୍ଥିକ ସ୍ଥିତି ଭଲ ନାହିଁ। ତେଣୁ ଆଣ୍ଡ୍ରଏଡ୍ ମୋବାଇଲ କିଣିବା ଏମାନଙ୍କ ପାଇଁ ସହଜ ନୁହେଁ। ଏଭଳି ପରିସ୍ଥିତିରେ ଏଠାରେ ସରକାରଙ୍କ ଅନ୍‌ଲାଇନ ଶିକ୍ଷା ଅପହଞ୍ଚ ହୋଇଥିବା ଜଣାପଡ଼ିଛି। ବ୍ଲକ୍‌ରେ ଥିବା ୧୪ଟି ପିୟୁପିଏସ୍, ପିଏସ୍, ୟୁପିଏସ୍‌କୁ ନେଇ ଦଶମନ୍ତପୁର କ୍ଲଷ୍ଟର ଗଠିତ। ୧୦୦ ପ୍ରତିଶତ ପିଲାଙ୍କ ନିକଟରେ ଅନ୍‌ଲାଇନ ଶିକ୍ଷା ପହଞ୍ଚାଇବା ଲକ୍ଷ୍ୟନେଇ ପ୍ରତ୍ୟେକ ଶିକ୍ଷା ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଗ୍ରୁପ୍ ଗଠନ କରି କେତେ ପ୍ରତିଶତ ପିଲା ଏହି ଯୋଜନାରେ ସାମିଲ ହୋଇ ଶିକ୍ଷାର ଲାଭ ଉଠାଇପାରିବେ, ସେ ନେଇ ତାଲିକା ମଧ୍ୟ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ତେବେ ଦଶମନ୍ତପୁର କ୍ଲଷ୍ଟର ଅଧୀନ ୧୪ ବିଦ୍ୟାଳୟର ୯୫୩ ବିଦ୍ୟାର୍ଥୀଙ୍କ ମଧ୍ୟରୁ ମାତ୍ର ୧୬୨ ଜଣଙ୍କ ନିକଟରେ ଆଣ୍ଡ୍ରଏଡ୍ ମୋବାଇଲ ରହିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ତଥ୍ୟରୁ ସ୍ପଷ୍ଟ ଯେ, ୧୦୦ ପ୍ରତିଶତ ବଦଳରେ କେବଳ ୧୬.୯୯ ପ୍ରତିଶତ ପିଲାଙ୍କ ପାଖରେ ହିଁ ଅନ୍‌ଲାଇନ ଶିକ୍ଷା ପହଞ୍ଚିପାରିବ। ତେବେ ସରକାରଙ୍କ ଅନ୍‌ଲାଇନ ଶିକ୍ଷାରୁ ବଞ୍ଚିତ ହେଉଥିବା ବିଦ୍ୟାର୍ଥୀ କିପରି ଶିକ୍ଷାଲାଭ କରିବେ, ତାହା ଏବେ ଅଭିଭାବକଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ମୋବାଇଲ ସମସ୍ୟା ନୁହେଁ, ଏହି ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ମଧ୍ୟ ବାଧା ସୃଷ୍ଟି କରୁଛି। ସେହିପରି ୧ମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ନାମ ପଞ୍ଜୀକରଣ ହୋଇ ନ ଥିବା ଜଣାପଡ଼ିଛି। ଏ ନେଇ ବିଇଓ ଅର୍ପିତା ପ୍ରଧାନ କହିଛନ୍ତି, ପିଲାମାନେ ଅନ୍‌ଲାଇନ ବ୍ୟବସ୍ଥାରେ ଘରେ ରହି ଶିକ୍ଷା ଲାଭ କରିପାରିବେ। ଏହା ହିଁ ସରକାରଙ୍କ ଉଦ୍ଦେଶ୍ୟ।

## ପଠାପଢ଼ାରୁ ବଞ୍ଚିତ ହେଉଛନ୍ତି ଗରିବ ଛାତ୍ରୀଛାତ୍ର

ଜୟପୁର,୧୩ା୫(ନି.ପ୍ର.):

**ଉପାନ୍ତ ଅଞ୍ଚଳରେ ମୋବାଇଲ, ନେଟ୍‌ୱର୍କ ସମସ୍ୟା**

କରୋନା କେବଳ ଶ୍ରମିକ, ଚାଷୀ, ବ୍ୟବସାୟୀ କିମ୍ବା ଚାକିରିଆଙ୍କ ପାଇଁ ସମସ୍ୟା ଆଣିନି, ପିଲାଙ୍କ ଶିକ୍ଷା ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରିଛି। ଲକ୍‌ଡାଉନ ଯୋଗୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବାରୁ ଅନ୍‌ଲାଇନ ପାଠପଢ଼ା ଆରମ୍ଭ ହୋଇଛି। ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ପକ୍ଷରୁ ମଧ୍ୟ ପିଲାଙ୍କୁ ଅନ୍‌ଲାଇନରେ ପାଠ ପଢ଼ାଉଛନ୍ତି। ତେବେ ଏଥିରେ ଛାତ୍ରୀଛାତ୍ର ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ବିଶେଷକରି ଉପାନ୍ତ ଅଞ୍ଚଳରେ ଏପରି ସମସ୍ୟା ଅଧିକ ଦେଖିବାକୁ ମିଳୁଛି। ଅନେକ ଛାତ୍ରୀଛାତ୍ରଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନାହିଁ। ଅନେକ ଛାତ୍ରୀଛାତ୍ରଙ୍କ ନିକଟରେ ଆଣ୍ଡ୍ରଏଡ୍ ମୋବାଇଲ ତଥା ସ୍ମାର୍ଟଫୋନ୍ ନାହିଁ। ଫଳରେ ସେମାନେ ଅନ୍‌ଲାଇନରେ ପାଠ ପଢ଼ିବାରେ ଅସୁବିଧା ହେଉଛି। ସେହିପରି ଆଉ କେତେଜଣଙ୍କ ନିକଟରେ ସ୍ମାର୍ଟ ଫୋନ୍ ଥିଲେ ମଧ୍ୟ ନେଟ୍‌ୱର୍କ ସମସ୍ୟା ଯୋଗୁ ପାଠ ପଢ଼ିପାରୁ ନାହାନ୍ତି। ଅନ୍ୟପକ୍ଷରେ ସାମାଜିକ ଦୂରତା ରଖି କୋଚିଂ ସେଣ୍ଟରଗୁଡ଼ିକ ଖୋଲିବାକୁ ଅନୁମତି ଦେବା ପାଇଁ ଜୟପୁର ସହରର ବିଭିନ୍ନ କୋଚିଂ ସେଣ୍ଟର ପରିଚାଳନା କର୍ତ୍ତୃପକ୍ଷ ଉପଜିଲାପାଳଙ୍କୁ ଭେଟି ଦାବି କରିଛନ୍ତି। ଏହାଦ୍ୱାରା ଆଣ୍ଡ୍ରଏଡ୍ ଫୋନ୍ ନ ଥିବା ପିଲାମାନଙ୍କୁ ଚୟନ କରାଯାଇ ପଢ଼ାଯାଇପାରିବ ବୋଲି ସେମାନେ କହିଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ଅନେକ ଶିକ୍ଷାବିତ୍ ମତ ଦେଇଛନ୍ତି।

# ଆଜି ଫେରୁଛନ୍ତି ୨୦୦ ପ୍ରବାସୀ

ରାୟଗଡ଼ା ଅଫିସ,୧୩ା୫:

ଓଡ଼ିଆ ଶ୍ରମିକଙ୍କୁ ନେଇ ଦକ୍ଷିଣ ଭାରତରୁ ବାହାରିଥିବା ଏକ ସ୍ୱତନ୍ତ୍ର ଟ୍ରେନ୍ ଗୁରୁବାର ସକାଳେ ରାୟଗଡ଼ାରେ ପହଞ୍ଚିବ। ଦକ୍ଷିଣ ଭାରତରେ କରୋନା କାୟାବିସ୍ତାର କରିଛି। ତେଣୁ ଜିଲାରେ ସଂକ୍ରମଣ ବ୍ୟାପିବା ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ସହରର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ୧୪୪ ଧାରା ଜାରି କରିଛନ୍ତି। ପିତାମହଲ-ଜେକେପୁର ରୋଡ, ରେଳ ଷ୍ଟେଶନ ଅଞ୍ଚଳ, ଜେସକୋ କୋଲନୀ-ନୂଆ ବସ୍‌ଷ୍ଟାଣ୍ଡ, ଜାତୀୟ ରାଜପଥଠାରୁ ବ୍ଲକ୍ ଅଫିସ ଲାଇନ୍ ଜିଲାପାଳଙ୍କ ବାସଭବନ ରୋଡ ଅଞ୍ଚଳରେ

**ସହରର ନିର୍ଦ୍ଦିଷ୍ଟ ଅଞ୍ଚଳରେ ୧୪୪ ଧାରା ଜାରି**

ବୁଧବାର ମଧ୍ୟରାତ୍ରୀରୁ ଗୁରୁବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ଧାରା ବଳବତ୍ତର ରହିବ। ରାୟଗଡ଼ା ଷ୍ଟେଶନରେ ପ୍ରବାସୀ ଶ୍ରମିକମାନେ ପହଞ୍ଚିବା ପରେ ଜିଲାର ବିଭିନ୍ନ ବ୍ଲକ୍ ସମେତ ଗଞ୍ଜାମ, ଗଜପତି, ନବରଙ୍ଗପୁର, କନ୍ଧମାଳ ଓ କୋରାପୁଟ ଜିଲାକୁ ସ୍ୱତନ୍ତ୍ର ବସ୍ ଯୋଗେ ଯିବେ। ତେଣୁ ଏହି ସମୟରେ ଲୋକେ ଷ୍ଟେଶନ ଏବଂ ଶ୍ରମିକଙ୍କ ବସ୍ ଯାଉଥିବା ଅଞ୍ଚଳରେ ଯେପରି ଭିଡ଼ ନ କରିନ୍ତି, ସେଥିପାଇଁ ଏଭଳି ସତର୍କତାମୂଳକ ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ତେଣୁ ନିଷେଧାଞ୍ଚଳକୁ କେହି ଜନସାଧାରଣ ନ ଯିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ୧୩ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଚନ୍ଦାହାଣ୍ଡି,୧୩ା୫(ଡି.ଏନ.ଏ)



ମହାରାଷ୍ଟ୍ରରୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଖପରାଡିହି ଗ୍ରାମରେ ୧୩ ଶ୍ରମିକ ସକାଳେ ପହଞ୍ଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ବିଡିଓ ଧର୍ମରାଜ ମାଝୀଙ୍କ ତତ୍ତ୍ୱାବଧାନରେ ଏମଏଚୟୁ ଡାକ୍ତର ବସନ୍ତ କୁମାର ଷଡଙ୍ଗୀ, ସ୍ୱାସ୍ଥ୍ୟ ସୁପରଭାଇଜର ପ୍ରଦୀପ କୁମାର ପତି ଆସି ଶ୍ରମିକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ପରେ ଶ୍ରମିକଙ୍କୁ ବନ୍ଧକଣା ସଙ୍ଗରୋଧ କେନ୍ଦ୍ରକୁ ପଠାଯାଇଥିଲା। ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀ ସୁକାନ୍ତ କୁମାର ଶତପଥୀଙ୍କ ନେତୃତ୍ୱରେ ଏକ ସ୍ୱାସ୍ଥ୍ୟ ଟିମ ବନ୍ଧକଣା ଓ ଗମ୍ଭାରିଗୁଡା ସଙ୍ଗରୋଧ କେନ୍ଦ୍ରରେ ପହଞ୍ଚି ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟପେୟ ଯାଞ୍ଚ କରିବା ସହ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଶ୍ରମିକମାନଙ୍କୁ ସାମାଜିକ ଦୂରତା ରଖିବା ସହ ଯୋଗାସନ, ସୂର୍ଯ୍ୟ ନମସ୍କାର କରାଯାଉଥିବା ଜାଣି ସନ୍ତୋଷ ପ୍ରକାଶ କରିଥିଲେ। ଟିମରେ ଡାକ୍ତର କଲ୍ପେସ ସୁନା, ଡାକ୍ତର ଷଡଙ୍ଗୀ, ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଗୌରୀଶଙ୍କର ବେଶ୍ରା, ବିପିଓ ସୁଦୀପ୍ତ ରଞ୍ଜନ ରାଉତ, ପ୍ରଦୀପ କୁମାର ପତି, ପିଇଓ ନିମାଇଁ ସରକାର ଉପସ୍ଥିତ ଥିଲେ।

# ଶିକ୍ଷୟିତ୍ରୀଙ୍କୁ ପର୍ସ ଫେରାଇଲେ ବ୍ୟବସାୟୀ

ନବରଙ୍ଗପୁର,୧୩ା୫(ବି.ପ୍ର.)

**ମହିଳା ପରିବା ବ୍ୟବସାୟୀଙ୍କ ମାନବିକତା**



ପୋଲିସଙ୍କୁ ସନମତି ଭତରା ପର୍ସ ଫେରାଉଛନ୍ତି ।

ଅଧିକାଂଶ ସମୟରେ ଲୋକମାନେ ପାଇଥିବା ସାମଗ୍ରୀ ଫେରାଇ ନ ଥାନ୍ତି। ଲୋଭରେ ଏହାକୁ ନିଜ ପାଖରେ ରଖିଥାନ୍ତି। କିନ୍ତୁ ଏଭଳି ଲୋଭର ବଶବର୍ତ୍ତୀ ନ ହୋଇ ଜଣେ ମହିଳା ପରିବା ବ୍ୟବସାୟୀ ପାଇଥିବା ପର୍ସ ଶିକ୍ଷୟିତ୍ରୀଙ୍କୁ ଫେରାଇ ନିଜର ମାନବିକତା ଦେଖାଇଛନ୍ତି। ନବରଙ୍ଗପୁର ଆର.କେ. କଲୋନୀରେ ରହୁଥିବା ଲୋପାମୁଦ୍ରା ଦାଶ ସ୍କୁଟିରେ ପରିବା ମାର୍କେଟକୁ ଯାଇଥିଲେ । ତାଙ୍କ ପର୍ସ ଅଜାଣତରେ ଖସି ତଳେ ପଡି ଯାଇଥିଲା । ପରିବା ବିକ୍ରି କରୁଥିବା ପରସଲା ଗାଁର ସନମତି ଭତରା ଏହା ପାଇଥିଲେ । ପର୍ସ ଭିତରେ ଏକ ମୋବାଇଲ, ବିଭିନ୍ନ କାର୍ଡ, ଟଙ୍କା ମଧ୍ୟ ରହିଥିଲା । ସନମତି ପର୍ସ ଖୋଲି ଦେଖିନଥିଲେ ଏବଂ ମୋବାଇଲ ବ୍ୟବହାର ଜାଣି ନ ଥିବାରୁ ଶିକ୍ଷୟିତ୍ରୀଙ୍କ ପରିଚୟ ଜାଣି ପାରି ନ ଥିଲେ । । ଏ ସମ୍ପର୍କରେ ଶିକ୍ଷୟିତ୍ରୀ ଦାଶ ଥାନାକୁ ଆସି ଜଣାଇଥିଲେ । ପୋଲିସ ଶିକ୍ଷୟିତ୍ରୀଙ୍କ ମୋବାଇଲକୁ ଫୋନ କରିବା ପରେ ସନମତିଙ୍କ ନାତି ଫୋନ ରିସିଭ କରିଥିଲେ । ପର୍ସ ପାଇଥିବା ଓ ତାହା ସୁରକ୍ଷିତ ଭାବେ ରହିଥିବା ଜଣାଇଥିଲେ । ଏସଆଇ ନିଳିମା ପାଣିଗ୍ରାହୀ, କନଷ୍ଟେବଳ ଅନିଲ କୁମାର ପୃଷ୍ଟି ସନମତିଙ୍କ ଘରେ ପହଞ୍ଚିଥିଲେ। ସନମତି ପର୍ସ ଫେରାଇଥିଲେ। ଉକ୍ତ ପର୍ସକୁ ପୋଲିସ ଶିକ୍ଷୟିତ୍ରୀଙ୍କୁ ଦେଇଥିଲେ।

## କାଳବୈଶାଖୀରେ ଭାଙ୍ଗିଲା ଘର, ଉଡ଼ିଲା ଛପର

କାଲିମେଳା,୧୩ା୫(ଡି.ଏନ.ଏ.):

କାଲିମେଳା ବ୍ଲକ୍ ଅଞ୍ଚଳରେ ମଙ୍ଗଳବାର କାଳବୈଶାଖୀ ତାଣ୍ଡବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ନାଲାଗୁଣ୍ଡି ପଞ୍ଚାୟତର ଏମ୍‌ପିଭି-୩୬ ଗ୍ରାମରେ ଲୋକଙ୍କ ଘର ଉପରେ ବଡ଼ ବଡ଼ ଗଛ ପଡ଼ିବା ଯୋଗୁ କାହାର ଘର ଭାଙ୍ଗିଥିବାବେଳେ ଆଉ କାହାର ଛପର ଉଡ଼ିଯାଇଛି। ଗ୍ରାମର ୧୨ଜଣଙ୍କ ଘର ଭାଙ୍ଗିଯାଇଥିବା ଜଣାପଡ଼ିଛି। ସେହିପରି ଟିଣ, ଛପର ଉଡ଼ିଯାଇଥିବାରୁ ଘରର ଆସବାପତ୍ର ମଧ୍ୟ ନଷ୍ଟ ହୋଇଛି। ଖବରପାଇ ଆର୍‌ଆଇ ପହଞ୍ଚି କେତେଜଣଙ୍କୁ ପଲିଥିନ ପ୍ରଦାନ କରିଥିବାବେଳେ ଅନ୍ୟମାନଙ୍କୁ ମିଳିନାହିଁ । ତଥ୍ୟ ସଂଗ୍ରହକରି ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଦାବିପତ୍ର



ଚିତ୍ରକୋଣ୍ଡା/ମାଲକାନଗିରି, ୧୩ା୫(ଡି.ଏନ.ଏ.)

ବୁଧବାର ମାଲକାନଗିରି ଜିଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୨୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଚିତ୍ରକୋଣ୍ଡା ସ୍ଥିଲ୍‌ୱେରୁ ସଙ୍ଗଠନର ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ସାମାଜିକ ଦୂରତା ରକ୍ଷାକରି ପ୍ଲାକାର୍ଡ, ଲିଫ୍‌ଲେଟ୍ ଧରି ପଦଯାତ୍ରାରେ ଆସି ବିଡିଓ ଲାରମନ ଖରସେଲଙ୍କୁ ଦାବିପତ୍ର ଦେଇଥିଲେ। ସେହିପରି ମାଲକାନଗିରିରେ ମଧ୍ୟ ଦଳର ବ୍ରଜ ମାଝିଙ୍କ ନେତୃତ୍ୱରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ହାଇଦ୍ରାବାଦରୁ ଚାଲିଚାଲି ଫେରିଥିବା ୭ ଯୁବକଙ୍କୁ ରେଢ଼ାଖୋଲ ପଠାଗଲା

ନବରଙ୍ଗପୁର,୧୩ା୫(ବି.ପ୍ର.)

ହାଇଦ୍ରାବାଦରୁ ଚାଲି ଚାଲି ନବରଙ୍ଗପୁରରେ ୭ ଜଣ ଯୁବକ ପହଞ୍ଚିବା ପରେ ସେମାନଙ୍କୁ ରେଢ଼ାଖୋଲ ପଠାଯାଇଛି। ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ ଓ ଏଏସ୍‌ଆଇ ଅଶୋକ ଦେଓ ଅନୁମତିପତ୍ର ସହ ଗାଡ଼ି ବ୍ୟବସ୍ଥା କରି ରେଢ଼ାଖୋଲ ପଠାଇଛନ୍ତି । ତେଲଙ୍ଗାନାର ନାଲ୍‌ଗୋଣ୍ଡା ନିକଟ ମାର୍କେଟପଲି ଠାରେ ରହି ବିଭିନ୍ନ ସଂସ୍ଥାରେ ୭ ଯୁବକ କାମ କରୁଥିଲେ । ଲକ୍‌ଡାଉନ ଲାଗି ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏନେଇ ହାଇଦ୍ରାବାଦରୁ ସୋମବାର ଚାଲିଚାଲି ବାହାରିଥିଲେ । ରାସ୍ତାରେ କିଛି ଟ୍ରକ୍ ଓ ଅନ୍ୟର ସହାୟତାରେ କିଛି ଦୂର ପହଞ୍ଚିବା ପରେ ଓଡ଼ିଶା ସୀମାରୁ ଚାଲିଚାଲି ନବରଙ୍ଗପୁର ପହଞ୍ଚିଥିଲେ । ନବରଙ୍ଗପୁର ଜିଲାର ପ୍ରବେଶ ପଥ ପୋଲିସ ଚେକ୍‌ପୋଷ୍ଟ ନିକଟରେ ପୋଲିସ ସେମାନଙ୍କୁ ପଚରାଉଚରା କରିଥିଲା । ସ୍ୱାସ୍ଥ୍ୟ ପରୀକ୍ଷା ପରେ ପ୍ରଥମେ ଥାନା ଅଧିକାରୀ ଅହମ୍ମଦ ଓ ଏଏସ୍‌ଆଇ ଦେଓ ଖାଇବାକୁ ଦେଇଥିଲେ । କଳାହାଣ୍ଡି ସୀମାଠାରେ ଛାଡ଼ିଦେଲେ ଯାଇପାରିବେକି ବୋଲି ପୋଲିସ ପଚାରିଥିଲା । ତେବେ ସମସ୍ତ ଯୁବକ ରେଢ଼ାଖୋଲଠାରେ ଛାଡ଼ିଦେଲେ ଘରକୁ ଯାଇପାରିବୁ ବୋଲି କହିଥିଲେ। ପରେ ଉପଜିଲାପାଳଙ୍କଠାରୁ ଥାନା ଅଧିକାରୀ ଏକ ଅନୁମତିପତ୍ର କରାଇ ଗାଡି ବ୍ୟବସ୍ଥା କରି ରେଢ଼ାଖୋଲ ପଠାଇଛନ୍ତି ।

# ଭିଜିଲାନ୍ସରେ ଅଭିଯୋଗ କଲା ଜିଲା ଯୁବ ସଙ୍ଗଠନ

ଜୟପୁର, ୧୩ା୫(ଡି.ଏନ.ଏ )

**କୃଷି ବିଭାଗର ଟେଣ୍ଡର ଫିକ୍ସିଂ**

କୋରାପୁଟ ଜିଲା ଜୟପୁରସ୍ଥିତ କୃଷି ବିଭାଗ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ପାଚେରି ନିର୍ମାଣରେ ଟେଣ୍ଡର ଫିକ୍ସିଂ ହୋଇଥିବା ଜିଲା ଯୁବ ସଙ୍ଗଠନ ଅଭିଯୋଗ କରିଛି। ଏନେଇ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଜୟପୁର ଭିଜିଲାନ୍ସ ଏସ୍‌ପିଙ୍କୁ ଅବଗତ କରାଯାଇଛି। ଏହାର ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଙ୍ଗଠନ ଦାବି କରିଛି । ସଙ୍ଗଠନର ଆବାହକ ରବୀନ୍ଦ୍ର ମହାପାତ୍ରଙ୍କ ସମେତ ସଦସ୍ୟମାନେ ପୂର୍ବାହ୍ନରେ ଭିଜିଲାନ୍ସ ଏସ୍‌ପି ଶଶିଶେଖର ମହାପାତ୍ରଙ୍କୁ ସାକ୍ଷାତକରି ଏନେଇ ଦାବିପତ୍ର ଦେଇଥିଲେ। ଅଭିଯୋଗରୁ ଜଣାପଡିଛି ଗତ ଫେବୃୟାରୀ ୧୮ରେ କୃଷି ବିଭାଗର ବୋରିଗୁମ୍ମାସ୍ଥିତ କୃଷି ଫାର୍ମର ପାଚେରି ନିର୍ମାଣ ଲାଗି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଜୟପୁର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଟେଣ୍ଡର ହୋଇଥିଲା। ଏଥିପାଇଁ ୨୪ଲକ୍ଷ ୫୫ ହଜାର ୯୦୬ ବ୍ୟୟ ଅଟକଳ କରାଯାଇଥିଲା। ଏହି କାର୍ଯ୍ୟ ପାଇଁ ୧୬ଜଣ ଠିକାଦାର ଟେଣ୍ଡର ଦାଖଲ କରିଥିଲେ। ବିଭିନ୍ନ କାରଣ ଦର୍ଶାଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ୧୨ଜଣଙ୍କ ଆବେଦନ ଖାରଜ କରି ଦେଇଥିଲେ। ୨ଟି ଠିକାସଂସ୍ଥା ମଧୁସ୍ମିତା ଭଟ୍ଟ ଏବଂ ପର୍ଶୁରାମ ମାଝିଙ୍କ ଟେଣ୍ଡରକୁ ଗ୍ରହଣ କରିଥିଲେ । ପାଚେରି ନିର୍ମାଣ କାର୍ଯ୍ୟରେ ଅଭିଜ୍ଞତା ବଦଳରେ ଟେଣ୍ଡର ପାଇଁ ମନୋନୀତ ୨ ଠିକାଦାର ଅନ୍ୟ କାର୍ଯ୍ୟର ଅଭିଜ୍ଞତା ସାର୍ଟିଫିକେଟ ଦାଖଲ କରିଥିଲେ। ଏହାକୁ ଭିତ୍ତିକରି ସେମାନଙ୍କୁ ଟେଣ୍ଡର ପାଇଁ ମନୋନୀତ କରାଯାଇଥିଲା। ଏହା ନିୟମ ବିରୁଦ୍ଧ। ଏ କ୍ଷେତ୍ରରେ ଟେଣ୍ଡର ଫିକ୍ସିଂ ହୋଇଛି ବୋଲି ସଙ୍ଗଠନ ଅଭିଯୋଗ କରିଛି। ଅନ୍ୟ ପକ୍ଷରେ ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଧାଂଶୁ କରଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଅସ୍ୱୀକାର କରିଥିଲେ। ସେ କହିଥିଲେ ଯେ, ମୋ ଜାଣିବାରେ ଟେଣ୍ଡରରେ କୌଣସି ଫିକ୍ସିଂ ହୋଇନାହିଁ। ଭିଜିଲାନ୍ସରେ ଅଭିଯୋଗ ହୋଇଥିବାରୁ ତଦନ୍ତ ବେଳେ ଭିଜିଲାନ୍ସ ପକ୍ଷରୁ ମୋତେ ପଚରାଗଲେ ତା'ର ଉତ୍ତର ଦେବି।

## କୋରାପୁଟ ଜିଲା କରୋନା ଆକ୍ରାନ୍ତ ଯୁବକ ସୁସ୍ଥ

ଜୟପୁର,୧୩ା୫(ଡି.ଏନ୍.ଏ.)

କୋରାପୁଟ ଜିଲାର ଏକମାତ୍ର କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଭୁବନେଶ୍ୱରରୁ ଘରକୁ ଫେରୁଛନ୍ତି। କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ଗ୍ରାମର ଯୁବକ ଜଣକ ଏପ୍ରିଲ ୨୭ ତାରିଖରେ କରୋନା ଭୂତାଣୁରେ ସଂକ୍ରମିତ ହୋଇଥିଲେ। ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର କିମସ୍ କୋଭିଡ୍ ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ୧୬ ଦିନର ଚିକିତ୍ସା ପରେ ସେ ସୁସ୍ଥ ହୋଇଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସୁସ୍ଥ ହୋଇଥିବା ଯୁବକଙ୍କୁ ନିଜ ଗ୍ରାମକୁ ଅଣାଯାଉଛି। ଘରକୁ ଯୁବକ ଜଣକ ଫେରିବା ପରେ ହୋମ୍ କ୍ୱାରାଣ୍ଟାଇନରେ ୧୪ଦିନ ରଖାଯିବାର ବ୍ୟବସ୍ଥା କରାଯାଇଛି। କୋଭିଡ୍ ଚିକିତ୍ସାଳୟ ନିମନ୍ତେ ପୁରୁଷ ନର୍ସ ଭାବେ ଉକ୍ତ ଯୁବକ ମନୋନୀତ ହୋଇଛନ୍ତି । ଏଥିନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ। ତାଙ୍କୁ ନିଯୁକ୍ତି ଦିଆଯିବ ବୋଲି ସିଡିଏମ୍‌ଓ ମକରନ୍ଦ ବେଉରା ପ୍ରକାଶ କରିଛନ୍ତି । ଏପ୍ରିଲ ୧୪ ରେ ସେ କୋଲକାତାରୁ ଫେରିଥିଲେ। ସେଠାରେ ଏକ ଘରୋଇ ଚିକିତ୍ସାଳୟରେ ପୁରୁଷ ନର୍ସ ଭାବେ କାର୍ଯ୍ୟରତ ଥିଲେ । ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ ଚିକିତ୍ସାଳୟ ନିମନ୍ତେ କର୍ମଚାରୀ ଆବଶ୍ୟକତା ଆବେଦନ ଅନୁଯାୟୀ ତାଙ୍କୁ ମନୋନୀତ କରାଯାଇଥିଲା।

# ଜିଲାରେ ୪୦୫ ଶିକ୍ଷୟିତ୍ରୀ ଶିକ୍ଷକ ଅନୁପସ୍ଥିତ

ଖଇରପୁଟ,୧୩ା୫(ଡି.ଏନ୍.ଏ.)

- କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଜିଲା ପ୍ରଶାସନ
- ହେଡ୍‌କ୍ୱାର୍ଟର୍ସ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଥିଲା

ମାଲକାନଗିରି ଜିଲାକୁ କରୋନା କବଳରୁ ମୁକ୍ତ ପାଇଁ ପୋଲିସ, ପ୍ରଶାସନିକ ଅଧିକାରୀଙ୍କ ସମେତ ଅନ୍ୟ କେତେଜଣ କର୍ମଚାରୀ ରାତିଦିନ ସଂଗ୍ରାମ କରୁଥିବା ବେଳେ କେତେଜଣ ଶିକ୍ଷକ ଏଥିରୁ ନିଜକୁ ଦୂରେଇ ରଖିଛନ୍ତି। ସେମାନେ ପ୍ରଶାସନର ନିର୍ଦ୍ଦେଶକୁ ଅବମାନନାକରି ନିଜ ଗ୍ରାମକୁ ଚାଲିଯାଇଛନ୍ତି। ସରକାର କରୋନାଠାରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟଗୁଡ଼ିକ ଛୁଟି ପରେ ଅନ୍ୟାଦେଶ ପର୍ଯ୍ୟନ୍ତ ଶିକ୍ଷକମାନେ ହେଡ୍‌କ୍ୱାର୍ଟର୍ସ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ଏହାକୁ ନ ମାନି ଜିଲାର ୪୦୫ ଜଣ ଶିକ୍ଷକ ଅନୁପସ୍ଥିତ ଅଛନ୍ତି । ଅଳ୍ପସଂଖ୍ୟକ ଶିକ୍ଷକଙ୍କ ଦ୍ୱାରା ପିଲାଙ୍କୁ ପାଠ୍ୟପୁସ୍ତକ,ଚାଉଳ ବଣ୍ଟନ ସହ ଅନ୍ୟ କେତେକ କାର୍ଯ୍ୟ କରାଯାଉଛି। ଶିକ୍ଷା ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ଅନ୍‌ଲାଇନରେ ଶିକ୍ଷା ସଂଯୋଗ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଆଗ୍ରହୀ ପିଲାମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ମାଲକାନଗିରି ବ୍ଲକରେ ୫୭,କାଲିମେଳ ୯୩, ପଡ଼ିଆ ୩୨,କୋରକୋଣ୍ଡା ୪୬, ମାଥିଲ ୯୧, କୁଦୁମୁଲୁଗୁମ୍ମା ୬୨ ଓ ଖାଇରପୁଟ ବ୍ଲକରେ ୨୪ ଜଣ ଶିକ୍ଷକ ଅନୁପସ୍ଥିତ ଅଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସଚେତନ ନ ହେଲେ ଜୀବନ ଯିବ

ମାଲକାନଗିରି,୧୩ା୫ (ଡି.ଏନ୍.ଏ.)

କରୋନା ରୋଗ ସମ୍ପର୍କରେ ଜାଣିବା ସହ ଏହି ରୋଗ କିପରି ବ୍ୟାପେ, ଏନେଇ କ'ଣ ପ୍ରତିଶେଧକ ବ୍ୟବସ୍ଥା କରାଯିବା ଆବଶ୍ୟକ ସେ ସମ୍ପର୍କରେ ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି। ସଚେତନ ନ ହେଲେ ଜୀବନ ଯିବ ବୋଲି ମାଲକାନଗିରି ଜିଲା କାଲିମେଳା ବ୍ଲକର ପାହାଡ ତଳେ ଥିବା କୋୟା ଆଦିବାସୀ ଗ୍ରାମ ତୁଳସୀଗୁଡାରେ ଗ୍ରାମବାସୀଙ୍କୁ ସଚେତନ କରିଛନ୍ତି କାଲିମେଳା ବିଡିଓ ଉମାଶଙ୍କର ଦଳେଇ। ସଚେତନ ନ ହେଲେ ଆମର ଜୀବନ ଯିବା ସୁନିଶ୍ଚିତ ବୋଲି ବୁଝାଇ ଗ୍ରାମର ଇଷ୍ଟଦେବାଦେବୀଙ୍କ ନାମରେ ସମସ୍ତଙ୍କୁ ଶପଥ ପାଠ କରାଇଛନ୍ତି। ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିଲା।

# ନିର୍ଭୟରେ ନିଜ ରାଜ୍ୟକୁ ଚାଲିଚାଲି ଯାଉଛନ୍ତି ଶ୍ରମିକ

**ବର୍ଡରରେ ହେଉନି ଚେକିଂ**

ଜୟପୁର,୧୩ା୫ (ନି.ପ୍ର.)



ଚାଲିଚାଲି ଆସିଥିବା ଶ୍ରମିକମାନେ ବିଶ୍ରାମ ନେଉଛନ୍ତି ।

ବୁଧବାର ଅନେକ ଶ୍ରମିକ ଚାଲିଚାଲି ଆନ୍ଧ୍ରପ୍ରଦେଶରୁ ଉତ୍ତରପ୍ରଦେଶ ଅଭିମୁଖେ ଯାଉଥିବା ଜୟପୁର ସହରରେ ଦେଖିବାକୁ ମିଳିଥିଲା। କରୋନା ଲକ୍‌ଡାଉନ ଯୋଗୁ ଆନ୍ଧ୍ର ଓ ବାଙ୍ଗାଲୋରରେ ବିଭିନ୍ନ କଳକାରଖାନାରେ କାମ ନ ମିଳିବାରୁ ସେମାନେ ନିଜ ରାଜ୍ୟ ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଚାଲି ଚାଲି ଯାଉଥିବା ଜଣାପଡ଼ିଛି। ଆନ୍ଧ୍ର ଓ ବାଙ୍ଗାଲୋରର ଏହି ଶ୍ରମିକଙ୍କୁ ଆନ୍ଧ୍ର ବର୍ଡରରେ ନ ଅଟକାଇ ଛଡ଼ାଯାଉଛି। ଫଳରେ ସେମାନେ ଆନ୍ଧ୍ରର ଆଉକୁ ଦେଇ ଲମତାପୁଟ ହୋଇ ଜୟପୁର ପଟେ ନିଜ ରାଜ୍ୟକୁ ଯାଉଛନ୍ତି। ବୁଧବାର ସକାଳୁ ୪୦ଜଣ ଶ୍ରମିକ ଛତିଶଗଡ଼, ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡ ଯିବା ପାଇଁ ବର୍ଡର ପାରହୋଇ ଜୟପୁରରେ ପହଞ୍ଚି ଏକ ଗଛ ତଳେ ବିଶ୍ରାମ ନେଉଥିଲେ। ଏ ସମ୍ପର୍କରେ ସ୍ଥାନୀୟ ପୋଲିସ ଜାଣିବା ପରେ ସେମାନଙ୍କୁ କିଛି ଖାଇବା ପାଇଁ ଦେଇ ଗାଡ଼ି ବ୍ୟବସ୍ଥା କରି ସେମାନଙ୍କ ଗ୍ରାମକୁ ପଠାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୯ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ମେ ୧୪/୨୦୨୦ Thursday, May 14/2020

# ଅର୍ଥ ବ୍ୟବସ୍ଥା ଲାଗି ବୁଷ୍ଟର

**ନୂଆଦିଲ୍ଲୀ,୧୩।୫:** ଦେଶର ଅର୍ଥବ୍ୟବସ୍ଥା ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ କରୋନା ଜନିତ ଲକ୍‌ଡାଉନ ପାଇଁ ଅର୍ଥ ବ୍ୟବସ୍ଥାକୁ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିବାକୁ ପଡିଛି। ଏବେ ଗତ କିଛି ସପ୍ତାହ ଧରି ଦେଶରେ ଲକ୍‌ଡାଉନ ପାଇଁ ଆର୍ଥିକ କାର୍ଯ୍ୟକଳାପ ବନ୍ଦ ହୋଇ ପଡିଥିବାରୁ ଅନେକ ଲୋକ ନିଯୁକ୍ତି ହରାଇଛନ୍ତି। ଦେଶର ଅର୍ଥ ବ୍ୟବସ୍ଥା ବେହାଲ ହୋଇଛି। ଏମ୍‌ଏସ୍‌ଏମ୍‌ଇଗୁଡିକର ଅଣ୍ଟା ଭାଙ୍ଗି ଯାଇଛି । ବେକାରି ହାର ବଢ଼ି ବଢ଼ି ଚାଲିଛି। ଅର୍ଥ ବ୍ୟବସ୍ଥାକୁ ଗତି ପ୍ରଦାନ କରିବା ଲାଗି ସରକାର ପ୍ୟାକେଜ ଘୋଷଣା କରନ୍ତୁ ବୋଲି ବିଭିନ୍ନ ଅଂଶୀଦାରଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦ ଲକ୍ଷ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପ୍ୟାକେଜ ସମ୍ପର୍କରେ ପ୍ୟାକେଜ ନେଇ ବିସ୍ତୃତ ବିବୃତି ରଖିଛନ୍ତି । ଏହି ପ୍ୟାକେଜ ଅର୍ଥ ବ୍ୟବସ୍ଥା ଲାଗି ବୁଷ୍ଟର ହେବ ବୋଲି ଅଂଶୀଦାର ମତ ପ୍ରକାଶ କରିଛନ୍ତି। ହେଲେ ଏହାର ପ୍ରକୃତ ଫାଇଦା କ'ଣ ହେଉଛି ତାହା ମଧ୍ୟ ଦେଖିବାକୁ ବାକି ରହିଲା ବୋଲି ଅଂଶୀଦାର କହିଛନ୍ତି।



ଗଣମାଧ୍ୟମକୁ ସୂଚନା ଦେଉଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଓ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର।

## ଆଇସିସିର ପ୍ରଶଂସା

ଏମ୍‌ଏସ୍‌ଏମ୍‌ଇର ବିକାଶ ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଥିବା ପଦକ୍ଷେପକୁ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ପ୍ରଶଂସା କରାଯାଇଛି। ଏମ୍‌ଏସ୍‌ଏମ୍‌ଇ ସଂଜ୍ଞା ନିର୍ଦ୍ଧାରଣ କରିବା ଲାଗି କାରବାର ସୀମାକୁ ବିଚାର କରିବା ନେଇ ଅନେକ ଦିନ ଧରି ଦାବି ହୋଇ ଆସୁଥିଲା। ଏହାକୁ ସରକାର ଲାଗୁ କରାଇଥିବାରୁ ସରକାରଙ୍କ ସଂଘ ଧନ୍ୟବାଦ ଜଣାଇଛି। ଏହାଦ୍ୱାରା ଅନେକ କମ୍ପାନୀ ଲାଭବାନ ହେବେ ବୋଲି କୁହାଯାଇଛି। ସରକାରଙ୍କ ୩ ଲକ୍ଷ କୋଟି ଟଙ୍କାର ଋଣ ସହାୟତା କ୍ଷେତ୍ର ଲାଗି ବେଶ୍ ଉପକାରୀ ସାବ୍ୟସ୍ତ ହେବ। ଏହା କ୍ଷେତ୍ରକୁ ଦୃଢ଼ କରିବା ଦିଗରେ ସହାୟକ ହେବ। ଏହାଦ୍ୱାରା ୫୦ ଲକ୍ଷ କମ୍ପାନୀ ଲାଭବାନ ହୋଇପାରିବେ। ଚାପରେ ରହିଥିବା କମ୍ପାନୀଙ୍କ ଲାଗି ୨୦ ହଜାର କୋଟି ଟଙ୍କାର ପାଣ୍ଠି, ଏନ୍‌ବିଏଫ୍‌ସି ଲାଗି ୩୦ ହଜାର କୋଟି, ଏମ୍‌ଏସ୍‌ଏମ୍‌ଇ ଲାଗି ୫୦ ହଜାର କୋଟି ଟଙ୍କାର ଇକ୍ୱିଟି ପୁଞ୍ଜି ଯୋଗାଣ ଏଗୁଡିକର ଅଭିବୃଦ୍ଧିରେ ସହାୟତା କରିବ। ଭବିଷ୍ୟନିଧି ପାଣ୍ଠି କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ କମ୍ପାନୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ସଙ୍କଟରେ ରହିଥିବା ବିଦ୍ୟୁତ୍ ବିତରଣ କମ୍ପାନୀଙ୍କ ଲାଗି ସହାୟତା, ଠିକାଦାରଙ୍କ ଲାଗି କଣ୍ଟ୍ରାକ୍ଟ ସୀମାରେ ସମ୍ପ୍ରସାରଣ ବେଶ୍ ଭଲ ପଦକ୍ଷେପ ବୋଲି ଆଇସିସି କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ଅନ୍ତର୍ଗତ ବିଭିନ୍ନ ଘୋଷଣା କରାଯାଇଥିବାରୁ ଅର୍ଥମନ୍ତ୍ରୀଙ୍କୁ ଆଇସିସି ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି।

## ଆୟକର ରିଟର୍ନ ଅବଧି ବଢ଼ିଲା




ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ସରକାର ଆୟକର ରିଟର୍ନ ପ୍ରଦାନ କରିବା ସୀମାକୁ ଚଳିତ ବର୍ଷ ୩୦ ନଭେମ୍ବର ଯାଏ ବୃଦ୍ଧି କରିଛନ୍ତି। ବର୍ତ୍ତମାନ ଦେଶର ଅର୍ଥ ବ୍ୟବସ୍ଥା ପ୍ରଭାବିତ ସ୍ଥିତିରେ ରହିଥିବାରୁ ଉଭୟ ବାଣିଜ୍ୟ ଏବଂ ବ୍ୟକ୍ତି ବିଶେଷଙ୍କୁ ଫାଇଦା ଦେବା ଲାଗି ଅର୍ଥମନ୍ତ୍ରୀ ବିଭିନ୍ନ ଘୋଷଣା କରିଛନ୍ତି। ଟ୍ୟାକ୍ସ ଡିଡକସନ ଆଟ୍ ସୋର୍ସ(ଟିଡିଏସ୍) ଏବଂ ଟ୍ୟାକ୍ସ କଲେକଟେଡ୍ ଆଟ୍ ସୋର୍ସ(ଟିସିଏସ୍)୨୫% ହ୍ରାସ କରାଯାଇଛି। ନନ୍ ସାଲାରି ପେମେଣ୍ଟ ଟୁ ରେସିଡେଣ୍ଟ କ୍ଷେତ୍ରରେ ଏହା ଲାଗୁ ହେବ। କଣ୍ଟ୍ରାକ୍ଟ, ଇଣ୍ଟରେଷ୍ଟ, ଡିଭିଡେଣ୍ଡ, କିମଶନ ଏବଂ ବ୍ରୋକ୍‌ରେଜ ଭଳି କ୍ଷେତ୍ରରେ ୨୫% ଟିଡିଏସ୍ ହ୍ରାସ ହେବ ବୋଲି ଜଣାପଡ଼ିଛି। ଏଭଳି ପଦକ୍ଷେପ ଦ୍ୱାରା ଲୋକଙ୍କ ନିକଟକୁ ପ୍ରାୟ ୫୦ ହଜାର କୋଟି ଟଙ୍କାର ନଗଦ ଅର୍ଥ ଆସିପାରିବ। ଟିକସ ସମାଧାନ ସ୍କିମ୍ ବିବାଦ ସେ ବିଶ୍ୱାସର ଅବଧିକୁ ଚଳିତ ବର୍ଷ ଡିସେମ୍ବର ୩୧ ଯାଏ ବୃଦ୍ଧି କରାଯାଇଛି। ସୀତାରାମନ କହିଛନ୍ତି ଯେ, ଆୟକର ବିଭାଗ ପଡି ରହିଥିବା ଟିକସ ରିଫଣ୍ଡକୁ ତୁରନ୍ତ ସମାଧାନ କରିବ। ଏହି ଧାରାରେ ଦାତବ୍ୟ ଅନୁଷ୍ଠାନ, ଏଲ୍‌ଏଲ୍‌ପି, ଅଣ କର୍ପୋରେଟ ବାଣିଜ୍ୟ, ସ୍ୱତ୍ୱାଧିକାରୀ ଫାର୍ମ ଏବଂ ଅନ୍ୟ ସଂସ୍ଥାଗୁଡିକ ଲାଭବାନ ହୋଇପାରିବେ। ଏହି ସମୟ ମଧ୍ୟରେ ଆୟକର ବିଭାଗ ପକ୍ଷରୁ ୧୮,୦୦୦ କୋଟି ଟଙ୍କାର ରିଫଣ୍ଡ ଜାରି କରାଯାଇଛି। ଅଣ ବେତନ ପେମେଣ୍ଟରେ ଟିସିଏସ୍, ଟିଡିଏସ୍ ୨୫% ହ୍ରାସ ହେବା ଦ୍ୱାରା ଭେଣ୍ଡରଙ୍କ ନିକଟକୁ ଅଧିକ ଅର୍ଥ ଆସିପାରିବ। ଲୋକଙ୍କ ନିକଟକୁ ଲିକ୍ୟୁଡିଟି ଆସିବା ଦ୍ୱାରା ଅର୍ଥ ବ୍ୟବସ୍ଥାକୁ ଏହା ସହାୟତା କରିବ ବୋଲି ନାଙ୍ଗିଆ ଆଣ୍ଡରସନ ଏଲ୍‌ଏଲ୍‌ପିର ନିର୍ଦ୍ଦେଶକ ସନ୍ଦୀପ ଝୁନ୍‌ଝୁନ୍‌ୱାଲା କହିଛନ୍ତି।

## ଏନ୍‌ବିଏଫ୍‌ସିକୁ ୩୦ ହଜାର କୋଟି

**କ୍ରେଡିଟ ଗ୍ୟାରେଣ୍ଟିରେ ୪୫ ହଜାର କୋଟି**




ଦେଶର ଅଣ ବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି)ଗୁଡିକ ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୩୦ ହଜାର କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ସଂସ୍ଥାଗୁଡିକୁ ନଗଦ ସହାୟତା ପ୍ରଦାନ ଲାଗି ସରକାର ଏଭଳି ଯୋଜନା ହାତକୁ ନେଇଛନ୍ତି। ଏନ୍‌ବିଏଫ୍‌ସି, ହାଉସିଂ ଫାଇନାନ୍ସ କମ୍ପାନୀ, ମାଇକ୍ରୋ ଫାଇନାନ୍ସ କମ୍ପାନୀଗୁଡିକ ଲାଗି ପୁନଶ୍ଚ କ୍ରେଡିଟ ଗ୍ୟାରେଣ୍ଟି ଭାବେ ସରକାର ୪୫ ହଜାର କୋଟି ଟଙ୍କା ଯୋଗାଇଦେବେ। ଏହି ସହାୟତା ଦ୍ୱାରା ଏମ୍‌ଏସ୍‌ଏମ୍‌ଇ ଏବଂ ବ୍ୟକ୍ତିବିଶେଷଙ୍କୁ ଋଣ ଯୋଗାଇଦେବା ଲାଗି ସୁବିଧା ହେବ। ଏନ୍‌ବିଏଫ୍‌ସିଗୁଡିକୁ ସରକାର ପ୍ରତିଭୂତି ଗ୍ୟାରେଣ୍ଟି ପ୍ରଦାନ କରିବେ। ବଜାରର ଆତ୍ମବିଶ୍ୱାସ ଫେରାଇ ଆଣିବା ଲାଗି ସରକାର ମ୍ୟୁଚୁଆଲ ଫଣ୍ଡ ଏବଂ ମାଇକ୍ରୋ ଫାଇନାନ୍ସ ଅନୁଷ୍ଠାନଗୁଡିକୁ ସହାୟତା ଯୋଗାଇ ଦେବେ ବୋଲି ସୀତାରାମନ କହିଛନ୍ତି। ଏହି ଅନୁଷ୍ଠାନଗୁଡିକ ଡେଟ୍ ମାର୍କେଟରୁ ଅର୍ଥ ଉଠାଣ ବେଳେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଅଧୀନରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ନିର୍ମଳା କହିଛନ୍ତି।

## ଇପିଏଫ୍ ଯୋଗଦାନରେ ସହାୟତା



ସବୁ କମ୍ପାନୀଙ୍କ ଲାଗି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍)ର ଷ୍ଟାଚୁଟୋରି ଦେୟକୁ ୧୨%ରୁ ୧୦%କୁ ହ୍ରାସ କରାଯାଇଛି। ଏହା ଦ୍ୱାରା କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କୁ ଆଗାମୀ ୩ ମାସ ମଧ୍ୟରେ ୬,୭୦୦ କୋଟି ଟଙ୍କାର ନଗଦ ସହାୟତା ପ୍ରଦାନ କରିବ। ସେହିଭଳି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜରେ ସରକାର କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କ ଲାଗି ୧୨% ଲେଖାଏ ଇପିଏଫ୍ ଦେୟ ଯୋଗଦାନ ମାର୍ଚ୍ଚ, ଏପ୍ରିଲ ଏବଂ ମେ ମାସ ଯାଏ ପ୍ରଦାନ କରିଥିଲେ। ଏହାକୁ ଚଳିତ ବର୍ଷ ଜୁନ୍, ଜୁଲାଇ ଏବଂ ଅଗଷ୍ଟ ମାସ ଲାଗି ମଧ୍ୟ ପ୍ରଦାନ କରାଯିବ ବୋଲି ସରକାର କହିଛନ୍ତି।

## ନୂଆ ସହାୟତା ପ୍ରାୟ ୧୩ ଲକ୍ଷ କୋଟି



କରୋନା ଭାଇରସ୍ ବିରୋଧରେ ଲଢ଼ିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ଏହା ମଧ୍ୟରେ ନୂଆ ସହାୟତା ପ୍ରାୟ ୬୦% ବା ୧୨ରୁ ୧୩ ଲକ୍ଷ କୋଟି ଟଙ୍କା ହେବ ବୋଲି ଜଣାପଡିଛି। ସରକାର ପୂର୍ବରୁ କିଛି ଆର୍ଥିକ ଏବଂ ବିତ୍ତୀୟ ସହାୟତା ଘୋଷଣା କରିଛନ୍ତି। ଏହା ମଧ୍ୟରେ ରିଜର୍ଭ ବ୍ୟାଙ୍କର ବିଭିନ୍ନ ଘୋଷଣା ସାମିଲ ରହିଛି। ସରକାର ମାର୍ଚ୍ଚରେ ୧.୭ ଲକ୍ଷ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଥିଲେ। ସେହିଭଳି ରିଜର୍ଭ ବ୍ୟାଙ୍କ ନଗଦ ସହାୟତା ଭାବେ ମାର୍ଚ୍ଚରେ ୩.୭ ଲକ୍ଷ କୋଟି ଏବଂ ଏପ୍ରିଲରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲା। ଏଥିରେ ମଧ୍ୟ ଯଦି ରିଜର୍ଭ ବ୍ୟାଙ୍କର ପଦକ୍ଷେପକୁ ଘୋଷଣା କରାଯାଏ ତେବେ ଏହା ୧୦ ଲକ୍ଷ କୋଟି ଟଙ୍କାକୁ ଖସିବ ବୋଲି ଡିସିବି ବ୍ୟାଙ୍କର ଅର୍ଥନୀତିଜ୍ଞ ରାଧିକା ରାଓ କହିଛନ୍ତି। ବର୍ତ୍ତମାନ ମାନ୍ଦାବସ୍ଥା ଲାଗି ରହିଥିବାରୁ ଏହାର ପ୍ରଭାବ ଲୋକଙ୍କ ଆୟ, ନିଯୁକ୍ତି ଏବଂ ବାଣିଜ୍ୟର ସ୍ଥିରତା ଉପରେ ପଡିଛି। ରିପୋର୍ଟରେ କୁହାଯାଇଛି ଯେ, ସରକାରଙ୍କ ରାଜସ୍ୱ ଏବେ କମିଛି। ବଜେଟରେ ବିତ୍ତୀୟ ନିଅଣ୍ଟ ୩.୫% ଧାର୍ଯ୍ୟ କରାଯାଇଥିବା ବେଳେ ଏହା ୫.୫% ଛୁଇଁବ ବୋଲି କୁହାଯାଉଛି। ନୂଆ ଘୋଷଣା ଦ୍ୱାରା ବିତ୍ତୀୟ ନିଅଣ୍ଟ ଆହୁରି ବଢ଼ିଯିବ।

## ରିୟଲ ଇଷ୍ଟେଟ ଲାଗି ୬ ମାସ ସମୟ



ଅର୍ଥମନ୍ତ୍ରୀଙ୍କ ଘୋଷଣାରୁ ରିୟଲ ଇଷ୍ଟେଟ କ୍ଷେତ୍ରକୁ ଆଶ୍ୱସ୍ତି ମିଳିଛି। ଏହି କ୍ଷେତ୍ରର ବିଭିନ୍ନ ପରିଯୋଜନାକୁ ସମ୍ପୂର୍ଣ୍ଣ କରିବା ଲାଗି ସରକାର ଅତିରିକ୍ତ ୬ ମାସ ସମୟ ଦେଇଛନ୍ତି। ଏହା ଦ୍ୱାରା ବିଲ୍‌ଡରଙ୍କ ଯୋଜନା ପୂରା କରିବା ଲାଗି ସମୟ ମିଳିବ । କରେନା ଯୋଗୁ ବର୍ତ୍ତମାନ ସବୁ ଲକ୍‌ଡାଉନ ହୋଇପଡିଥିବାରୁ ପ୍ରକଳ୍ପ ଶେଷ ନ କରିବା କ୍ଷେତ୍ରରେ ବିଲ୍‌ଡରଙ୍କ ଲାଗି ରେରା ଅଧୀନରେ ବିଭିନ୍ନ ଅସୁବିଧା ରହିଛି। ଅଧିକ ସମୟ ଦିଆଗଲେ ସେମାନେ ନିୟାମକ ଦୃଷ୍ଟିକୋଣରୁ ଆଉ ସମସ୍ୟାରେ ପଡିବେ ନାହିଁ। ୨୫ ମାର୍ଚ୍ଚରେ ଅବଧି ଶେଷ ହେଉଥିବା କ୍ଷେତ୍ରରେ ଏହି ନିୟମ କାର୍ଯ୍ୟକାରୀ ହେବ। ଉକ୍ତ କ୍ଷେତ୍ରରେ ସମୟସୀମା ବଢ଼ାଇବା ଲାଗି ସରକାରଙ୍କ ନିକଟରେ ଦାବି ହୋଇ ଆସୁଥିଲା। ଏ ନେଇ କେନ୍ଦ୍ର ପକ୍ଷରୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକୁ ଆଡଭାଇଜରି ଜାରି କରାଯାଇଛି। କୋଭିଡ୍‌କୁ ଆକସ୍ମିକ ଦୁର୍ଘଟଣା ଭାବେ ବିଚାରକରି ରେରା ଅଧୀନରେ କିଛି କୋହଳ ବ୍ୟବସ୍ଥା କରିବାକୁ ଏଥିରେ କୁହାଯାଇଛି।

## ଶିଳ୍ପଜଗତରେ ଖୁସିର ଲହରି

**ନୂଆଦିଲ୍ଲୀ,୧୩।୫:** ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଘୋଷଣାକୁ ନେଇ ଦେଶର ଶିଳ୍ପଜଗତରେ ଖୁସିର ଲହରି ଖେଳିଯାଇଛି। ଏମ୍‌ଏସ୍‌ଏମ୍‌ଇ, ବିଦ୍ୟୁତ୍ ବିତରଣ କମ୍ପାନୀ ଏବଂ ରିୟଲ ଇଷ୍ଟେଟ କ୍ଷେତ୍ର ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପକୁ ଶିଳ୍ପ ଜଗତ ପକ୍ଷରୁ ପ୍ରଶଂସା କରାଯାଇଛି। ପ୍ୟାକେଜ ୨.୦ କରୋନାର ପ୍ରଭାବକୁ କମ୍ କରିବାରେ ସହାୟକ ହେବ ବୋଲି ଏହା କହିଛି। ସରକାରଙ୍କ ଦ୍ୱାରା ବଜାରକୁ ଅଧିକ ପରିମାଣର ନଗଦ ଆସିବାରେ ସହାୟକ ହେବ। ଏହା ଏମ୍‌ଏସ୍‌ଏମ୍‌ଇଗୁଡିକ ନୂଆ ଜୀବନରେଖା ହେବ ବୋଲି କୁହାଯାଉଛି। ଏମ୍‌ଏସ୍‌ଏମ୍‌ଇ ଲାଗି ସରକାର ବନ୍ଧକମୁକ୍ତ ଋଣ ପ୍ରଦାନ ସମ୍ପର୍କରେ ଘୋଷଣା କରିଛନ୍ତି। ଅଣ ବେତନ ପେମେଣ୍ଟ ଉପରେ ଟିକସ ହାର ହ୍ରାସ, ଅଣ ବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନଗୁଡିକ ଲାଗି ସହାୟତା ବଜାର ଲାଗି ଲାଭକାରୀ ହେବ ବୋଲି ଶିଳ୍ପଜଗତ ମତ ରଖିଛି। ଆୟକର ରିଟର୍ନ ସୀମାରେ ବୃଦ୍ଧି, ଏମ୍‌ଏସ୍‌ଏମ୍‌ଇ ସଂଜ୍ଞାରେ ପରିବର୍ତ୍ତନ ଭଳି ପଦକ୍ଷେପ ଯୁଗାନ୍ତକାରୀ ବୋଲି ସିଆଇଆଇ ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ କହିଛନ୍ତି।

### ବିତରଣ କମ୍ପାନୀକୁ ୯୦ ହଜାର କୋଟି



ସରକାର କ୍ଷତିରେ ଚାଲୁଥିବା ଦେଶର ବିଦ୍ୟୁତ୍ ବିତରଣ କମ୍ପାନୀଗୁଡିକ ଲାଗି ୯୦ ହଜାର କୋଟି ଟଙ୍କାର ନଗଦ ସହାୟତା ସମ୍ପର୍କରେ ଘୋଷଣା କରିଛନ୍ତି। ସରକାରଙ୍କ ମେଗା ପ୍ୟାକେଜ ଅଧୀନରେ ଏହି ରାଶି ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ କମ୍ପାନୀଗୁଡିକ କ୍ଷତିରେ ଚାଲୁଥିବାରୁ ଏଭଳି ସହାୟତା ରାଶି କମ୍ପାନୀଗୁଡିକର ବିକାଶ କ୍ଷେତ୍ରରେ ସହାୟକ ହେବ ବୋଲି କୁହାଯାଉଛି।

# ବଦଳିଲା ଏମ୍‌ଏସ୍‌ଏମ୍‌ଇର ପରିଭାଷା

**ନୂଆଦିଲ୍ଲୀ,୧୩।୫**

ନୋଭେଲ କରୋନା ଭାଇରସ୍ ମୁକାବିଲା ପାଇଁ ଜାରି ଲକ୍‌ଡାଉନ୍ ଯୋଗୁ ଦେଶର ଅର୍ଥନୀତି ବହୁଳ ଭାବେ ପ୍ରଭାବିତ ହୋଇଛି। ଅର୍ଥନୀତିକୁ ଟ୍ରାକ୍‌କୁ ଆଣି ଆର୍ଥିକ ଗତିବିଧି ସ୍ୱାଭାବିକ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ୨୦ ଲକ୍ଷ କୋଟି ଟଙ୍କାର ରିଲିଫ୍ ପ୍ୟାକେଜ ଘୋଷଣା କରିଥିଲେ। ଏହି ଅର୍ଥରୁ କେଉଁ କ୍ଷେତ୍ରରେ କେତେ ଖର୍ଚ୍ଚ କରାଯିବ ସେନେଇ ବୁଧବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଏହି କ୍ରମରେ ଦେଶର

**ବଢ଼ିଲା ନିବେଶ ସୀମା**

ବିଜିନେସ ସେକ୍ଟରକୁ ଫାଇଦା ଦେବା ପାଇଁ କେନ୍ଦ୍ର ସରକାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର ପରିଭାଷା ବଦଳାଇଛନ୍ତି। ଏହାସହ ମାନୁଫେକ୍ଚରିଂ ଓ ସର୍ଭିସ୍ ଏଣ୍ଟରପ୍ରାଇଜ୍‌ର ପୁଞ୍ଜିନିବେଶ ସୀମାକୁ ବଢ଼ାଇ ଦେଇଛନ୍ତି। ଏମ୍‌ଏସ୍‌ଏମ୍‌ଇର ନୂଆ ସଂଜ୍ଞା ଅନୁସାରେ ୧ କୋଟି ପର୍ଯ୍ୟନ୍ତ ନିବେଶ ହୋଇଥିବା ଓ ୫ କୋଟି ଟଙ୍କାର ଟର୍ନଓଭର ଥିବା କମ୍ପାନୀଗୁଡ଼ିକ ଏବେ ମାଇକ୍ରୋ କମ୍ପାନୀ ଭାବେ ପରିଗଣିତ ହେବ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ମଜଭୁତ କରିବା ପାଇଁ ୩ ଲକ୍ଷ କୋଟି ଟଙ୍କାର କୋଲେଟରାଲ ଫ୍ରି ଅଟୋମେଟିକ୍ ଋଣ ଦେବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୁଧବାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ପ୍ରୋତ୍ସାହନ ଦେବା ପାଇଁ ୬ଟି ନୂଆ ପଦକ୍ଷେପ ନିଆଯାଇଛି। ଏହି କ୍ଷେତ୍ର ପାଇଁ ୪ ହଜାର କୋଟି ଟଙ୍କାର କ୍ରେଡିଟ୍ ଗ୍ୟାରେଣ୍ଟି ଦିଆଯିବ। ଏଥିରୁ ୨ ଲକ୍ଷ କମ୍ପାନୀ ଲାଭବାନ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଘୋଷଣା କରିଥିବା ଆତ୍ମନିର୍ଭର ଭାରତ ଅଭିଯାନ ଆର୍ଥିକ ପ୍ୟାକେଜର ଏହା ଏକ ଅଂଶ ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି।



### ୧. ଏମ୍‌ଏସ୍‌ଏମ୍‌ଇ ଏବଂ ବିଜନେସ ପାଇଁ ୩ କ୍ଷ କୋଟି ଟଙ୍କାର

### କୋଲେଟରାଲ ଫ୍ରି ଲୋନ

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, କୁଟୀର ଉଦ୍ୟୋଗ ଓ ଗୃହ ଉଦ୍ୟୋଗ ମିଶି ୧୨ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ରୋଜଗାର ଦେଇଥାନ୍ତି। ଏହି ଉଦ୍ୟୋଗଗୁଡ଼ିକ ପାଇଁ ୩ ଲକ୍ଷ କୋଟି ଟଙ୍କାର କୋଲେଟରାଲ ଫ୍ରି ଅଟୋମେଟିକ୍ ଲୋନର ବ୍ୟବସ୍ଥା କରାଯାଇଛି। କାହାକୁ ନିଜଆଡୁ କୌଣସି ପ୍ରକାର ଗ୍ୟାରେଣ୍ଟି ଦେବାର ଆବଶ୍ୟକତା ନାହିଁ। ଏହାର ସମୟସୀମା ମଧ୍ୟ ୪ ବର୍ଷ ରହିବ। ପ୍ରଥମ ୧ ବର୍ଷରେ ମୂଳଧନ ଫେରସ୍ତ କରିବାକୁ ପଡ଼ିବ ନାହିଁ। ୩୧ ଅକ୍ଟୋବର ୨୦୨୦ ରୁ ଏହି ସ୍କିମ୍‌ର ଲାଭ ମିଳିପାରିବ। ଏହି ଯୋଜନାର ଫାଇଦା ନେଇ ୪୫ ଲକ୍ଷ ୟୁନିଟ ବିଜନେସ୍ ଇକ୍ୱିଟି ପୁଣିଥରେ ଆରମ୍ଭ କରିପାରିବେ ଏବଂ ସେମାନଙ୍କ ନିଯୁକ୍ତିକୁ ସୁରକ୍ଷିତ ରଖିପାରିବେ।

### ୨. ଏମ୍‌ଏସ୍‌ଏମ୍‌ଇ ପାଇଁ ୨୦ ହଜାର କୋଟି ଟଙ୍କାର ସବ୍‌ଅର୍ଡିନେଟ୍ ଡେଟ୍

ଏନ୍‌ପିଏ ରହିଥିବା ଓ ଷ୍ଟ୍ରେସ୍ଡ୍ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ୨୦ ହଜାର କୋଟି ଟଙ୍କାର ସବ୍‌ଅର୍ଡିନେଟ୍ ଋଣ ଦିଆଯିବ। ଫଳରେ ୨ ଲକ୍ଷରୁ ଅଧିକ ୟୁନିଟ ଲାଭାନ୍ୱିତ ହେବେ।

### ୩. ଏମ୍‌ଏସ୍‌ଏମ୍‌ଇ ଫଣ୍ଡ ଅଫ୍ ଫଣ୍ଡସ୍ ଜରିଆରେ ୫୦ ହଜାର କୋଟିର ଇକ୍ୱିଟି ଇନ୍‌ଫ୍ୟୁଜନ୍

ଯେଉଁ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଆଗ୍ରହୀ ଓ ବ୍ୟବସାୟ ବିସ୍ତାର କରିବା ପାଇଁ ଚାହୁଁଛନ୍ତି, ନିଜ ଆକାର ଓ କ୍ଷମତା ବଢ଼ାଇବାକୁ ଇଚ୍ଛୁକ ; କିନ୍ତୁ ସେମାନଙ୍କୁ ସୁବିଧା ମିଳିପାରୁ ନାହିଁ ସେମାନଙ୍କ ପାଇଁ ଫଣ୍ଡ ଅଫ୍ ଫଣ୍ଡସ୍ ଜରିଆରେ ଫଣ୍ଡିଂ ମିଳିବ।

### ୪. ଏମ୍‌ଏସ୍‌ଏମ୍‌ଇର ପରିସୀମା ବୃଦ୍ଧି

ଏମ୍‌ଏସ୍‌ଏମ୍‌ଇର ହିତ ଦୃଷ୍ଟିରୁ ଏହି ପରିଭାଷାକୁ ବଦଳାଯାଇଛି। ଏହି ପରିବର୍ତ୍ତନ ଉଭୟ ମାନୁଫାକ୍‌ଚରିଂ ଓ ସର୍ଭିସ୍ ଶିଳ୍ପରେ ଲାଗୁ ହେବ।

- ୧ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ କରି ୫ କୋଟିର ବ୍ୟବସାୟ କରୁଥିବା ଇଣ୍ଡଷ୍ଟ୍ରି ଅଣୁ
- ୧୦ କୋଟି ପର୍ଯ୍ୟନ୍ତ ନିବେଶ କରି ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ କରୁଥିବା ଶିଳ୍ପ କ୍ଷୁଦ୍ର
- ୨୦ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ କରି ୧୦୦ କୋଟି ଟଙ୍କା ଯାଏ ବ୍ୟବସାୟ କରୁଥିବା ଇଣ୍ଡଷ୍ଟ୍ରି ମଧ୍ୟମ ଉଦ୍ୟୋଗ ଭାବେ ବିବେଚିତ ହେବ।

### ୫. ୨୦୦ କୋଟି ଟଙ୍କା ପାଇଁ ଗ୍ଲୋବାଲ ଟେଣ୍ଡରର ଅନୁମତି ମିଳିବ ନାହିଁ

୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ସରକାରୀ ଅଧିଗ୍ରହଣରେ ଗ୍ଲୋବାଲ ଟେଣ୍ଡରକୁ ଅନୁମତି ମିଳିବ ନାହିଁ। ସରକାର ଘରୋଇ କମ୍ପାନୀଗୁଡ଼ିକଠାରୁ ଟେଣ୍ଡର ମଗାଇବା ବାଧ୍ୟତାମୂଳକ ହେବ। ଫଳରେ 'ଭୋକାଲ ଫର୍ ଲୋକାଲ' ମନ୍ତ୍ରକୁ ବଳ ମିଳିବ। ସ୍ଥାନୀୟ ଉତ୍ପାଦ ସେବାଗୁଡ଼ିକୁ ଏଥିରେ ପ୍ରୋତ୍ସାହନ ଦିଆଯିବ।

### ୬. ଅନ୍ୟ ଉପାୟ

- ଏମ୍‌ଏସ୍‌ଏମ୍‌ଇକୁ ଇ-ମାର୍କେଟ ସହ ଯୋଡ଼ାଯିବ।
- ଟ୍ରେଡ୍ ଫେୟାରରେ ସେମାନଙ୍କ ସହଭାଗିତାକୁ ସୁନିଶ୍ଚିତ କରାଯିବ।
- ସରକାରୀ ଓ ସାର୍ବଜନୀନ କ୍ଷେତ୍ରର କମ୍ପାନୀଗୁଡ଼ିକ ପାଖରେ ସେମାନଙ୍କ ବକେୟା ଥିଲେ ପରବର୍ତ୍ତୀ ୪୫ ଦିନରେ ବକେୟା ରାଶି ପଇଠ ପାଇଁ ଉଦ୍ୟମ କରାଯିବ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ